ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଜାନୁୟାରୀ ୨୪/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) Sambalpur, Sunday, January 24/2021 ★★
୧୬ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



### ଜୋ ରୁଟ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଅପରାଜିତ ଅର୍ଦ୍ଧଶତକ ହାସଲ କରିଛନ୍ତି। ୧୬

୧୪

### ବଡ଼ ଏଜେନ୍ସି ସହ ସାଇନ୍ କଲେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ହଲିଉଡ୍‌ର ଏକ ବଡ଼ ଟ୍ୟାଲେଣ୍ଟ ଏଜେନ୍ସି ସହ ଯୋଡ଼ି ହୋଇଥିବାରୁ ଏହାକୁ ନେଇ ସେ ଖୁବ୍ ଖୁସି ଥିବା ଜଣାଇଛନ୍ତି।



# ହଡ଼ବଡ଼େଇଲେ ମମତା

- ପଶ୍ଚିମବଙ୍ଗ ଅସ୍ମିତାକୁ ଉସୁକାଇବା ପାଇଁ ଭାଷଣ ଦେଲେ ନାହିଁ
- କହିଲେ, ମୋତେ ଅପମାନିତ କରାଯାଇଛି
- ନେତାଜୀ ଜୟନ୍ତୀରେ ଭାଜପା କର୍ମୀ ଦେଲେ ଜୟ ଶ୍ରୀରାମ ସ୍ଲୋଗାନ

**କୋଲକାତା,୨୩ା୧**

କେନ୍ଦ୍ର ସରକାରଙ୍କ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଅହି ନକୁଳ ସମ୍ପର୍କ ଶନିବାର ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି। ନେତାଜୀ ଜୟନ୍ତୀ ପାଳନ ଅବସରରେ କୋଲକାତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମମତା ହଡ଼ବଡ଼ାଇ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଉତ୍ସାହିତ ଭାଜପା କର୍ମୀମାନେ 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ମମତା ତାଙ୍କୁ ଅପମାନିତ କରାଯାଇଥିବା ଦର୍ଶାଇ ଭାଷଣ ଦେବାକୁ ମନା କରିଦେଇଥିଲେ। ପଶ୍ଚିମବଙ୍ଗବାସୀଙ୍କ ଅସ୍ମିତାକୁ ଉସୁକାଇବା ପାଇଁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ଏପରି କରିଥିବା କୁହାଯାଉଛି।

ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀକୁ କେନ୍ଦ୍ର ସରକାର ଏଥର ପରାକ୍ରମ ଦିବସ ଭାବେ ପାଳନ କରୁଛନ୍ତି। ଏହି ଅବସରରେ କେନ୍ଦ୍ର ପକ୍ଷରୁ କୋଲକାତାର ଭିକ୍ଟୋରିଆ ମେମୋରିଆଲରେ ଏକ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକର ଓ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଞ୍ଚାସୀନ ଥିଲେ। ମମତାଙ୍କ ଭାଷଣ ଦେବା ପାଳି ଆସିବା ପରେ ସମ୍ବୋଧିତ କରିବା ପାଇଁ ତାଙ୍କୁ ଅନୁରୋଧ କରାଯାଇଥିଲା। ତେବେ ମମତା ଭାଷଣ ଆରମ୍ଭ କରିବା ମାତ୍ରେ ଉପସ୍ଥିତ ଭିଡ଼ ଭିତରୁ କେତେଜଣ ବ୍ୟକ୍ତି 'ଜୟ ଶ୍ରୀରାମ' ସ୍ଲୋଗାନ ଦେଇଥିଲେ। ଆୟୋଜକମାନେ ନୀରବ ରହିବାକୁ ସେମାନଙ୍କୁ ଅନୁରୋଧ କରିଥିଲେ ହେଁ ସେମାନଙ୍କ କଥାକୁ ସ୍ଲୋଗାନ ଦେଉଥିବା ଲୋକେ ଶୁଣି ନ ଥିଲେ। ମମତା ଏଥିରେ କ୍ଷୁବ୍ଧ ହୋଇ କହିଥିଲେ, ତୁମେ ଯଦି ଏକ ସରକାରୀ କାର୍ଯ୍ୟକ୍ରମକୁ ଜଣଙ୍କୁ ନିମନ୍ତ୍ରଣ କରିଛ ତେବେ ତାଙ୍କୁ ଅପମାନିତ କରିବା ଅନୁଚିତ। ସରକାରୀ କାର୍ଯ୍ୟକ୍ରମର ମର୍ଯ୍ୟାଦା ରହିବା କଥା। ମୋତେ ଅପମାନିତ କରନାହିଁ ବୋଲି କହି ସେ ଭାଷଣ ଦେବାକୁ ମନା କରିଦେଇଥିଲେ। ତେବେ ନେତାଜୀ ଜୟନ୍ତୀ କାର୍ଯ୍ୟକ୍ରମର ଆୟୋଜନ କୋଲକାତାରେ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କ ସହ ସଂସ୍କୃତି ମନ୍ତ୍ରଣାଳୟକୁ ମମତା ଧନ୍ୟବାଦ ଦେଇଥିଲେ। ମମତାଙ୍କ ମତରେ ଏହା କୌଣସି ରାଜନୈତିକ କାର୍ଯ୍ୟକ୍ରମ ନୁହେଁ। ସରକାରୀ କାର୍ଯ୍ୟକ୍ରମରେ ସବୁ ଦଳ ଓ ଧର୍ମର ଲୋକେ ସମ୍ପୃକ୍ତ ଥାଆନ୍ତି। ତେଣୁ ଏଭଳି ☞ପୃଷ୍ଠା-୪

# ଏଲ୍‌ଓସିରୁ ଏଲ୍‌ଏସି ଭାରତ ଶକ୍ତ

**କୋଲକାତା,୨୩ା୧**

ନିୟନ୍ତ୍ରଣରେଖା (ଏଲ୍‌ଓସି)ରୁ ନେଇ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ପର୍ଯ୍ୟନ୍ତ ସବୁଠି ଭାରତ ଶକ୍ତିଶାଳୀ ହେବାରେ ଲାଗିଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୀବିତ ଥିଲେ ତାଙ୍କ ପଦାଙ୍କ ଅନୁସରଣ କରି ଏହା ସମ୍ଭବ ହୋଇପାରିଥିବା ଦେଖି ଗର୍ବ ଅନୁଭବ କରିଥାଆନ୍ତେ ବୋଲି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ୋକ୍ତି ବାଢ଼ିଛନ୍ତି।

କୋଲକାତାରେ ନେତାଜୀ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି

**ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପ୍ରଧାନମନ୍ତ୍ରୀ**

ପ୍ରଧାନମନ୍ତ୍ରୀ କହିଥିଲେ, ପାକିସ୍ତାନ ସଂଲଗ୍ନ ଏଲ୍‌ଓସି ଏବଂ ଚାଇନାକୁ ଲାଗି ରହିଥିବା ସୀମା ଏଲ୍‌ଏସି ପର୍ଯ୍ୟନ୍ତ ଭାରତ ନେତାଜୀଙ୍କ ପଥ ଅନୁସରଣ କରୁଛି। ଦୁଇ ସୀମାରେ ଭାରତୀୟ ସେନାର ଶକ୍ତି ବଢ଼ିଛି। ଭାରତର ସାର୍ବଭୌମତ୍ୱ ପ୍ରତି ଯେତେବେଳେ ବି ଆହ୍ୱାନ ସୃଷ୍ଟି ହୋଇଛି ତା'ର ମୁହଁତୋଡ଼ ଜବାବ ଦିଆଯାଇଛି। କରୋନା ମହାମାରୀର ଭାକ୍ସିନ ଭାରତ ଦ୍ୱାରା ବିକଶିତ ହୋଇଛି। ☞ପୃଷ୍ଠା-୪




# ତୈଳ ଦର ଆକାଶଛୁଆଁ

**ନୂଆଦିଲ୍ଲୀ,୨୩ା୧**

ଚଳିତ ବର୍ଷ ଆରମ୍ଭରୁ ତେଲ ଦର ତଳ ଉପର ହୋଇ ବଢ଼ି ଚାଲିଛି। କରୋନା ମହାମାରୀର ମାନ୍ଦାବସ୍ଥାରୁ ଦେଶବାସୀ ବର୍ତ୍ତମାନ ସୁଦ୍ଧା ମୁକୁଳି ପାରିନାହାନ୍ତି। ଏହି ସମୟରେ ତୈଳ ଦର ବୃଦ୍ଧି ସବୁ ବର୍ଗର ଖାଉଟିଙ୍କ ଆର୍ଥିକ ଅବସ୍ଥା ଉପରେ ପ୍ରଭାବ ପକାଉଛି। ସପ୍ତାହ ମଧ୍ୟରେ ୪ ଥର ତେଲ ଦର ବଢ଼ିଲାଣି।

**ଦେଶରେ ମୁମ୍ବାଇ ଓ ରାଜ୍ୟରେ ମାଲକାନଗିରିରେ ଦର ସର୍ବାଧିକ**

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକର ସୂଚନା ଅନୁସାରେ ଶନିବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୬ ପଇସା ଏବଂ ଡିଜେଲ ୨୭ ପଇସା ବଢ଼ିଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଖାଲି ବାହାନା

# ବୀରତ୍ୱର ଗାଥା ଶୁଣାଇବ ନେତାଜୀ ବସ୍ ଟର୍ମିନାଲ

- ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ହେବ
- ୧୧ ହଜାର ବର୍ଗମିଟରରେ ୧୮୦ ବସ୍ ରହିପାରିବ

**ଭୁବନେଶ୍ୱର, ୨୩ା୧ (ବ୍ୟୁରୋ) /କଟକ ଅଫିସ**

ଦେଶ ଓ ଜାତି ପାଇଁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅସୀମ ତ୍ୟାଗକୁ କେହି କେବେ ଭୁଲିପାରିବେ ନାହିଁ। ଭାରତର ସ୍ୱାଧୀନତା ସଂଗ୍ରାମକୁ ଶକ୍ତିଶାଳୀ କରିବାରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ନେତାଜୀଙ୍କ ଦେଶଭକ୍ତି ଓ ସାହସ ଭାରତ ଇତିହାସରେ ଏକ ଗୌରବମୟ ଗାଥା ହୋଇ ରହିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ନେତାଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ସାରା ଦେଶରେ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ଜାନକୀନାଥ ଭବନକୁ ଯାଇ ରାଜ୍ୟବାସୀଙ୍କ ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରି ମହାନ୍ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଟକ ମାଟି ନେତାଜୀଙ୍କୁ ସେବା ଓ ସଂଗ୍ରାମର ମନ୍ତ୍ରରେ ଦୀକ୍ଷିତ କରିଥିଲା। ନେତାଜୀଙ୍କ ୧୨୫ ତମ ଜନ୍ମବାର୍ଷିକୀ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ବର୍ଷତମାମ କାର୍ଯ୍ୟକ୍ରମ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାସହ ଜନ୍ମବାର୍ଷିକୀ ପାଳନର ଅଂଶସ୍ୱରୂପ ମୁଖ୍ୟମନ୍ତ୍ରୀ କଟକ ଖାନ୍‌ନଗରଠାରେ ନେତାଜୀ ବସ୍ ଟର୍ମିନାଲର ଶିଳାନ୍ୟାସ କରିଛନ୍ତି। ଏହା ଦେଶର ଏକ ମଡେଲ ବସ୍ ଟର୍ମିନାଲ ଭାବେ ଗଢ଼ାଯିବ। ଏଠାକୁ ଆସୁଥିବା ସମସ୍ତଙ୍କ ମନରେ ନେତାଜୀଙ୍କ ସ୍ମୃତି ଯେପରି ଜାଗ୍ରତ ହୋଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବ। ତାଙ୍କ ଜୀବନୀ ଓ ସଂଗ୍ରାମର ଝଲକ ଦେଖିବାକୁ ମିଳିବ। ବିଶେଷ କରି ଏହି ବସ୍ ଟର୍ମିନାଲ ବୀରତ୍ୱ ଗାଥା ଶୁଣାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ହେବାକୁ ଯାଉଥିବା ଏହି ନୂତନ ବସ୍ ଟର୍ମିନାଲରେ ଅତ୍ୟାଧୁନିକ ସୁବିଧା ସୁଯୋଗ ରହିବ। ଏଥିରେ ୧୧ ହଜାର ବର୍ଗମିଟର ନିର୍ମିତ ଅଞ୍ଚଳରେ ୧୮୦ଟି ବସ୍ ରହିପାରିବ। ☞ପୃଷ୍ଠା-୪



କରୋନା ମହାମାରୀ ବେଳେ ବିଭିନ୍ନ ଦେଶକୁ କ୍ରମାଗତ ଭାବେ ସହାୟତା ଯୋଗାଇ ଆସିଥିବାରୁ ଭାରତକୁ ପ୍ରଶଂସା କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)। ଏଥିପାଇଁ ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଅଧନମ୍ ଘେବ୍ରେୟସ ଟୁଇଟ୍ କରି ଭାରତ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦକ୍ଷିଣ ଏସୀୟ ପଡ଼ୋଶୀ ଦେଶଗୁଡିକ ସହ ବ୍ରାଜିଲ, ମରୋକ୍କୋକୁ ଭାରତ କରୋନା ଟିକା ପଠାଇଛି। ଏଥିସହ ଦକ୍ଷିଣ ଆଫ୍ରିକା ମଧ ଖୁବଶୀଘ୍ର ଭାକ୍ସିନ ପାଇବ।

## ସଂକ୍ଷେପରେ

### ଫିଲିପାଇନ୍ସରେ ଗୁଳି: ୧୩ ମୃତ

**ମାନିଲା, ୨୩।୧(ଆଇଏଏନ୍‌ଏସ୍):** ଫିଲିପାଇନ୍ସର ମାଗୁଇଣ୍ଡାନାଓ ପ୍ରଦେଶରେ ଶନିବାର ଗୁଳିକାଣ୍ଡ ଘଟି ଜଣେ ପୋଲିସ ଅଫିସରଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ହତ୍ୟା, ଡକାୟତି ଆଦି ଅପରାଧରେ ସମ୍ପୃକ୍ତ ସୁଲତାନ୍ କୁଦ୍‌ରତ୍ ସହରର ଜଣେ କୁଖ୍ୟାତ ଅପରାଧୀଙ୍କୁ ଗିରଫ ପରୱାନା ଜାରି କରିବା ଲାଗି ପୋଲିସ ଯାଉଥିବାବେଳେ ଗୁଳିକାଣ୍ଡ ହୋଇଥିଲା। ଗିରଫରୁ ବର୍ତ୍ତିବା ଲାଗି ଅପରାଧୀ ଓ ତାଙ୍କ ସହଯୋଗୀମାନେ ଗୁଳି ଚଳାଇଥିବା କୁହାଯାଉଛି। ସଂଘର୍ଷ ସ୍ଥଳରୁ ପୋଲିସ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛି।

### ଟକ୍ ଶୋ' ଉପସ୍ଥାପକ ଲାରି କିଙ୍ଗ୍‌ଙ୍କ ପରଲୋକ



**ଲସ୍‌ଏଞ୍ଜେଲ୍ସ, ୨୩।୧:** ବିଶ୍ୱ ନେତା, ବଡ଼ ସେଲିବ୍ରିଟିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନାମୂଳକ ଟକ୍ ଶୋ' ଉପସ୍ଥାପନା କରୁଥିବା ଆମେରିକାର ଲାରି କିଙ୍ଗ୍‌ଙ୍କ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ପୂର୍ବରୁ ସେ କରୋନାରେ ଆକ୍ରାନ୍ତ ହୋଇଥିବା ନେଇ ଜାତୀୟ ଗଣମାଧ୍ୟମ ସିଏନ୍‌ଏନ୍‌ରେ ଖବର ପ୍ରକାଶ ପାଇଥିଲା। ସେଲିବ୍ରିଟିଙ୍କ ସହ ସାକ୍ଷାତକାର, ରାଜନୈତିକ ବ୍ୟକ୍ତିଙ୍କ ସହ ବିତର୍କ ଶୈଳୀ ପାଇଁ ସେ ବେଶ ପରିଚିତ। ୧୯୮୫ରୁ ୨୦୧୦ ପର୍ଯ୍ୟନ୍ତ ସିଏନ୍‌ଏନ୍‌ରେ କାର୍ଯ୍ୟରତ ଥିଲେ। ଦୁଇଟି ପିବଡି ପୁରସ୍କାର, ଏମି ଆୱାର୍ଡ, ୧୦ କେବଲ ଏସିଇ ଆୱାର୍ଡ ମଧ ଏହି ଆମେରିକାର ଟେଲିଭିଜନ, ରେଡିଓ ହୋଷ୍ଟ ଲାରି କିଙ୍ଗ୍ ହାସଲ କରିଛନ୍ତି। ବିଭିନ୍ନ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଦଲାଇ ଲାମା, ଏଲିଜାବେଥ୍ ଟେଲର, ବିଲ୍ ଗେଟ୍‌ସ, ଲେଡି ଗାଗାଙ୍କ ମଧ ସାକ୍ଷାତକାର ନେଇଛନ୍ତି।

### ବ୍ରିଟେନ ଷ୍ଟ୍ରେନ୍‌ରେ ୧୫୦ ସଂକ୍ରମିତ

**ନୂଆଦିଲ୍ଲୀ, ୨୩।୧:** ବ୍ରିଟେନରେ ପ୍ରଥମେ ଦେଖାଦେଇଥିବା କରୋନା ଭୂତାଣୁର ନୂଆ ଷ୍ଟ୍ରେନରେ ଭାରତରେ ୧୫୦ ଜଣ ସଂକ୍ରମିତ ହେଲେଣି। ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଆଇସୋଲେଶନ କେନ୍ଦ୍ରରେ ସେମାନଙ୍କୁ ରଖାଯାଇଛି। ଏଥିସହ ସେମାନଙ୍କ ପରିବାର ଓ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇ କ୍ୱାରାଣ୍ଟାଇନରେ ରଖାଯାଇଛି।

# ସୋମନାଥ ଭାରତୀଙ୍କୁ ୨ ବର୍ଷ ଜେଲ

**ନୂଆଦିଲ୍ଲୀ, ୨୩।୧:** ଏମ୍‌ସ କର୍ମଚାରୀଙ୍କୁ ଆକ୍ରମଣ ମାମଲାରେ ଦିଲ୍ଲୀର ଏକ କୋର୍ଟ ଆମ୍ ଆଦ୍‌ମୀ ପାର୍ଟି ନେତା ସୋମନାଥ ଭାରତୀଙ୍କୁ ୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ନ ଭରିଲେ ତାଙ୍କୁ ଅତିରିକ୍ତ ୧ ମାସ ଜେଲରେ ରହିବାକୁ ପଡିବ। ୨୦୧୬ରେ ସୋମନାଥ ହସ୍ପିଟାଲ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରିଥିବା ଏବଂ ସରକାରୀ ସମ୍ପତ୍ତି ନଷ୍ଟ କରିଥିବା ନେଇ ମାମଲା ରୁଜୁ ହୋଇଥିଲା। ସେ ପ୍ରାୟ ୩ ଶହ ଲୋକଙ୍କୁ ନେଇ ଜେସିବି ଯୋଗେ ଏମ୍ସର ପାଚେରି ଭାଙ୍ଗି ଦେଇଥିବା ଅଭିଯୋଗ ରହିଥିଲା। ଅନ୍ୟପକ୍ଷରେ ପ୍ରମାଣ ଅଭାବରୁ ସୋମନାଥଙ୍କ ୪ ସହଯୋଗୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। କିଛି ଦିନ ପୂର୍ବରୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ମନ୍ତବ୍ୟ ଦେଇ ଗିରଫ ହେବା ପରେ ଜାମିନରେ ମୁକୁଳିଥିଲେ।



# ଧନ୍ୟବାଦ ଦେଲେ ବୋଲସୋନାରୋ

**ବ୍ରାସିଲିଆ, ୨୩।୧:** ଭାରତଠାରୁ ୨ ମିଲିୟନ କୋଭିଡ୍ ଟିକା ପାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି ବ୍ରାଜିଲ ରାଷ୍ଟ୍ରପତି ଜୈର ଏମ୍ ବୋଲସୋନାରୋ। ଏକ ଟୁଇଟ୍‌ରେ ହନୁମାନ ସଞ୍ଜୀବନୀ ନେଇ ଉଡି ଯାଉଥିବାର ଫଟୋ ରଖି ନିଆରା ଢଙ୍ଗରେ ଭାରତକୁ ସେ ଧନ୍ୟବାଦ କହିଛନ୍ତି। କରୋନା ମହାମାରୀ ସହ ଲଢ଼େଇ ପାଇଁ ଭାରତ ଭଳି ବନ୍ଧୁ ମିଳିବା ସୌଭାଗ୍ୟର କଥା।



ଭାରତ ବ୍ରାଜିଲକୁ କୋଭିଡ୍ ଟିକା ପଠାଇଥିବାରୁ ଧନ୍ୟବାଦ ବୋଲି ବୋଲସୋନାରୋ ଟୁଇଟ୍ କରିଛନ୍ତି। ଭାରତରୁ ଭାକ୍ସିନ ନେଇ ଯାଇଥିବା ବିମାନ ସାଓ ପାଓଲୋରେ ଶୁକ୍ରବାର




ପହଞ୍ଚିଥିବା ସେଠାକାର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଆମେରିକା ପରେ କରୋନା ସଂକ୍ରମଣ ମାମଲାରେ ବ୍ରାଜିଲ ଦ୍ୱିତୀୟରେ ରହିଛି।

# ୪ କୃଷକ ନେତାଙ୍କୁ ହତ୍ୟା ଷଡ଼ଯନ୍ତ୍ର

**ନୂଆଦିଲ୍ଲୀ, ୨୩।୧(ପି.ଟି.)**

୪ ଜଣ କୃଷକ ନେତାଙ୍କୁ ହତ୍ୟା କରିବା ସହ ଜାନୁୟାରୀ ୨୬ରେ ଦିଲ୍ଲୀରେ ହେବାକୁ ଥିବା ପ୍ରସ୍ତାବିତ ଟ୍ରାକ୍ଟର ରାଲିକୁ ଭଣ୍ଡୁର କରିବା ନିମନ୍ତେ ଷଡ଼ଯନ୍ତ୍ର ହେଉଥିବା ଶନିବାର ଆନ୍ଦୋଳନରତ ଚାଷୀ ସଂଗଠନର ନେତାମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଦିଲ୍ଲୀ ସିଙ୍ଘୁ ସୀମାର ଆନ୍ଦୋଳନ ସ୍ଥଳରୁ ମାସ୍କ ପିନ୍ଧିଥିବା ଜଣେ ବ୍ୟକ୍ତିଙ୍କୁ ଚାଷୀମାନେ କାବୁ କରିନେଇ ଏକ ଖବରଦାତା ସମ୍ମିଳନୀରେ ହାଜର କରାଇଥିଲେ। କୃଷକ ନେତାଙ୍କୁ ଗୁଳି କରିବା ଲାଗି ତାଙ୍କୁ ନିୟୋଜିତ କରାଯାଇଥିବା ଅଭିଯୋଗ ହୋଇଛି। ଟ୍ରାକ୍ଟର ରାଲି ବେଳେ ତାଙ୍କ ସହଯୋଗୀମାନଙ୍କୁ ପୋଲିସ ପୋଷାକରେ ରହି ଚାଷୀଙ୍କ ଉପରେ ଲାଠିମାଡ଼ କରିବାକୁ କୁହାଯାଇଥିବା ସେ ସ୍ୱୀକାର କରିଥିଲେ। ଯୋଗେଶ ନାମକ



ଅଭିଯୁକ୍ତ ଯୋଗେଶ

ଉକ୍ତ ବ୍ୟକ୍ତିଙ୍କୁ ସୋନେପତ୍ ପୋଲିସ ଗିରଫ କରିଛି। ପରେ ସେ ମତ ବଦଳାଇ ଚାଷୀମାନେ ପ୍ରସ୍ତୁତ କରିଥିବା ଲେଖାକୁ ଗଣମାଧ୍ୟମ ଆଗରେ ପଢ଼ିଥିବା କହିଛନ୍ତି।

୩ କୃଷି ଆଇନ ବିରୋଧରେ ଚାଲିଥିବା ଆନ୍ଦୋଳନକୁ ଭଣ୍ଡୁର କରିବା ଲାଗି ଉଦ୍ୟମ ହେଉଛି ବୋଲି କୃଷକ ନେତା କୁଲୱନ୍ତ ସିଂ ସାନ୍ଧୁ ଅଭିଯୋଗ କରିଛନ୍ତି। ଷଡ଼ଯନ୍ତ୍ର ଅନୁଯାୟୀ ଜାନୁୟାରୀ ୨୬ ଟ୍ରାକ୍ଟର ରାଲି ବେଳେ ଦିଲ୍ଲୀ ପୋଲିସ ଉପରକୁ ଗୁଳି କରାଯିବ। ଫଳରେ ପୋଲିସ ଆନ୍ଦୋଳନରତ ଚାଷୀଙ୍କ ଉପରେ

- ସିଙ୍ଘୁ ସୀମାରେ ଅଭିଯୁକ୍ତଙ୍କୁ କାବୁ କଲେ ଚାଷୀ
- ଟ୍ରାକ୍ଟର ରାଲି ଭଣ୍ଡୁର ପାଇଁ ଚାଲିଛି ଉଦ୍ୟମ

ଜୋର୍‌ଦାର ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସାନ୍ଧୁ କହିଛନ୍ତି। ପଞ୍ଜାବ, ହରିୟାଣା ଓ ପଶ୍ଚିମ ଉତ୍ତରପ୍ରଦେଶର ହଜାର ହଜାର ଚାଷୀ କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନକୁ ବିରୋଧକରି ଗତବର୍ଷ ନଭେମ୍ବର ୨୮ରୁ ଦିଲ୍ଲୀ ସୀମାରେ ଆନ୍ଦୋଳନ ଚଳାଇଛନ୍ତି। ସେମାନେ ୩ ଆଇନ ପ୍ରତ୍ୟାହାର ସହ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଚାହୁଁଛନ୍ତି।



ଭୋପାଳରେ କଂଗ୍ରେସ କର୍ମୀମାନଙ୍କ ଉପରେ ଲାଠିମାଡ଼ କରୁଛି ପୋଲିସ।

## ଟ୍ରାକ୍ଟର ପରେଡକୁ ଅନୁମତି

**ନୂଆଦିଲ୍ଲୀ, ୨୩।୧**

ସାଧାରଣତନ୍ତ୍ର ଦିବସରେ ରାଜଧାନୀ ଦିଲ୍ଲୀରେ ୧୦୦ କିଲୋମିଟର ଟ୍ରାକ୍ଟର ପରେଡ୍ ପାଇଁ ଦିଲ୍ଲୀ ପୋଲିସ ଶନିବାର ଅନୁମତି ଦେଇଥିବା କୃଷକ ନେତାମାନେ ଦାବି କରିଛନ୍ତି। ଦିଲ୍ଲୀର ଗାଜିପୁର, ସିଙ୍ଘୁ ଏବଂ ଟିକ୍ରି ସୀମାରୁ ଏହି ଟ୍ରାକ୍ଟର ପରେଡ୍ ଆରମ୍ଭ ହେବ। ଦିଲ୍ଲୀ ପୋଲିସ ସହ ଚାଷୀ ପ୍ରତିନିଧିମାନଙ୍କ ବୈଠକ ପରେ କୃଷକ ନେତା ଅଭିମନ୍ୟୁ କୋହର ଏହି ସୂଚନା ଦେଇଛନ୍ତି। ଜାନୁୟାରୀ ୨୬

### ସୂଚନାଦେଲେ ଚାଷୀ ନେତା

ଟ୍ରାକ୍ଟର ରାଲିରେ ହଜାର ହଜାର ଚାଷୀ ଭାଗନେବେ। ରାଲି ପାଇଁ ଦିଲ୍ଲୀ ପୋଲିସ ବ୍ୟାରିକେଡ୍‌ଗୁଡ଼ିକୁ ହଟାଇଦେବ। ଟ୍ରାକ୍ଟର ରାଲି ପରେ ଚାଷୀମାନେ ପୁନର୍ବାର ଆନ୍ଦୋଳନ ସ୍ଥଳକୁ ଫେରିଆସିବେ। ଟ୍ରାକ୍ଟର ପରେଡ୍ ଶାନ୍ତିପୂର୍ଣ୍ଣ ହେବ ଏବଂ ସରକାରୀ କାର୍ଯ୍ୟକ୍ରମରେ କୌଣସି ଅସୁବିଧା ହେବନାହିଁ ବୋଲି କୃଷକ ନେତାମାନେ କହିଛନ୍ତି।

# କଂଗ୍ରେସ ରାଲିରେ ଲାଠିମାଡ଼

**ଭୋପାଳ, ୨୩।୧**

ମଧ୍ୟପ୍ରଦେଶ ରାଜଧାନୀ ଭୋପାଳରେ କଂଗ୍ରେସର ଏକ ରାଲି ରାଜଭବନ ଅଭିମୁଖେ ଯାଉଥିବାବେଳେ ପୋଲିସ ପକ୍ଷରୁ ଲୁହବୁହା ବାଷ୍ପ ପ୍ରୟୋଗ ଓ ପାଣିମାଡ଼ ସାଙ୍ଗକୁ ଲାଠିଚାଳନା କରାଯାଇଥିଲା। କୃଷି ଆଇନ ବିରୋଧରେ ଆନ୍ଦୋଳନ ଚଳାଇଥିବା କୃଷକମାନଙ୍କ ସମର୍ଥନରେ ମଧ୍ୟପ୍ରଦେଶ କଂଗ୍ରେସ ପକ୍ଷରୁ ଦୁଇ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଶନିବାର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ନେତୃତ୍ୱରେ ରାଜଭବନ ଅଭିମୁଖେ ଶୋଭାଯାତ୍ରା ବାହାରିଥିଲା। ରାଜଭବନ ନିକଟତର ହେବା ପରେ ପୋଲିସ ସେମାନଙ୍କୁ ଆଗକୁ ନ ବଢ଼ିବା ପାଇଁ କହିଥିଲା। କଂଗ୍ରେସ କର୍ମୀ ବ୍ୟାରିକେଡ୍ ଭାଙ୍ଗି ଆଗକୁ ଯିବା ପାଇଁ ଉଦ୍ୟମ କରିବାରୁ ପୋଲିସ ସେମାନଙ୍କୁ ବାଧା ଦେଇଥିଲା। ଫଳରେ ପୋଲିସ ସହ କଂଗ୍ରେସ କର୍ମୀମାନଙ୍କ ସଂଘର୍ଷ ହୋଇଥିଲା। ପୋଲିସର ବଳ ପ୍ରୟୋଗ ଯୋଗୁ ରାଲି ବନ୍ଦ ହୋଇଯାଇଥିଲା। ସଂଘର୍ଷରେ ଅନେକ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

## ପାଳିରେ ହେଉ ୪ ରାଜଧାନୀ: ମମତା

**କୋଲକାତା, ୨୩।୧**

ଭାରତରେ ପାଳିକରି ୪ଟି ରାଜଧାନୀ ହେବା ଆବଶ୍ୟକ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ନେତାଜୀ ଜୟନ୍ତୀ ପାଳନ ଅବସରରେ ଏକ ସଭାକୁ ସମ୍ବୋଧିତ କରି ମମତା କହିଥିଲେ, ଭାରତରେ ଗୋଟିଏ ନୁହେଁ, ପାଳିକରି ୪ଟି ରାଜଧାନୀ ରହିବା ଆବଶ୍ୟକ। ବ୍ରିଟିଶ ଶାସନ ବେଳେ କୋଲକାତାରୁ ସାରା ଦେଶକୁ ଶାସନ କରାଯାଉଥିଲା। ତେବେ ଦେଶରେ କେବଳ ଗୋଟିଏ ରାଜଧାନୀ ସହର କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ। ମୋଦି ସରକାର ଉଚ୍ଛେଦ କରିଥିବା ଯୋଜନା କମିଶନକୁ ପୁନର୍ବାର ସ୍ଥାପନ କରିବା ଲାଗି ମଧ ସେ ଦାବି କରିଥିଲେ। ନୀତି ଆୟୋଗ ଏବଂ ଯୋଜନା କମିଶନ ଏକତ୍ର ରହିପାରିବ। ନେତାଜୀ ସୁଭାଷ ହିଁ ଯୋଜନା କମିଶନର ଅବଧାରଣା କରିଥିଲେ । ସେହିପରି ନେତାଜୀଙ୍କ ଜୟନ୍ତୀକୁ ଦେଶବ୍ୟାପୀ ଛୁଟିଦିନ ଘୋଷଣା କରିବାକୁ ମମତା ଦାବି କରିଥିଲେ। ନେତାଜୀ ଯେତେବେଳେ ଭାରତୀୟ ଜାତୀୟ ବାହିନୀ ଗଢ଼ିଥିଲେ, ସେତେବେଳେ ଗୁଜରାଟ, ବେଙ୍ଗଲ, ତାମିଲନାଡୁ ସମେତ ସବୁ ଅଞ୍ଚଳରୁ ଲୋକଙ୍କୁ ସେଥିରେ ସାମିଲ କରିଥିଲେ। ସେ ବ୍ରିଟିଶମାନଙ୍କ 'ବିଭାଜନ ଓ ଶାସନ' ନୀତିକୁ ବିରୋଧ କରୁଥିଲେ। କେନ୍ଦ୍ର ସରକାର ପ୍ରତିମୂର୍ତ୍ତି ଓ ନୂଆ ପାର୍ଲାମେଣ୍ଟ କମ୍ପ୍ଲେକ୍ସ ନିର୍ମାଣରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଆମେ ଆଜାଦ ହିନ୍ଦ୍ ସ୍ମାରକୀ ନିର୍ମାଣ କରି ଦେଖାଇଦେବୁ ।

# ଆସାମ ମୂଳ ବାସିନ୍ଦାଙ୍କୁ ଜମିପଟ୍ଟା ଦେଲେ ମୋଦି

**ଶିବସାଗର, ୨୩।୧(ପି.ଟି.):** ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ବିକ୍ଷୋଭ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆସାମ ଗସ୍ତରେ ଯାଇ ଶିବସାଗରଠାରେ ମୂଳ ଅଧିବାସୀମାନଙ୍କୁ ଜମି ପଟ୍ଟା ଏବଂ ମଞ୍ଜୁରୀ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି କାର୍ଯ୍ୟକ୍ରମରେ ୧ ଲକ୍ଷ ହିତାଧିକାରୀ ଉପକୃତ ହେବେ। ସରକାରଙ୍କ ଏହି ପଦକ୍ଷେପ ଉକ୍ତ ପରିବାରଗୁଡ଼ିକୁ ସ୍ୱାଭିମାନ, ସ୍ୱାଧୀନତା ଓ ସୁରକ୍ଷାର ଗ୍ୟାରେଣ୍ଟି ଦେବ ବୋଲି ନିର୍ବାଚନ ହେବାକୁ ଥିବା ଆସାମରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି। ଦୀର୍ଘବର୍ଷ ଧରି ପୂର୍ବ ସରକାରଗୁଡ଼ିକ ଉକ୍ତ ପରିବାରଗୁଡ଼ିକୁ ଜମି ଅଧିକାରରୁ ବଞ୍ଚିତ କରିଥିଲେ। ଇତି ମଧ୍ୟରେ ଦୁଇଲକ୍ଷରୁ ଅଧିକ ପରିବାରକୁ ଜମି ମାଲିକାନା ସାର୍ଟିଫିକେଟ ପ୍ରଦାନ କରାଗଲାଣି। ମୋଦିଙ୍କ ଉଦ୍‌ବୋଧନ ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ସିଏଏ ଏବଂ ଏନ୍‌ଆର୍‌ସି ବିରୋଧୀ ବିକ୍ଷୋଭ କରାଯାଇଥିଲା। ତେବେ ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ କିଛି କହି ନ ଥିଲେ।

କୋଲକାତାର ଭିକ୍ଟୋରିଆ ମେମୋରିଆଲରେ ନେତାଜୀ ଜୟନ୍ତୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ 'ଜୟ ଶ୍ରୀରାମ' ସ୍ଲୋଗାନ ଶୁଣିବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ୍ଷୁବ୍ଧ ହୋଇ ଭାଷଣ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି।





ଇରାନ ଟାର୍ଗେଟରେ ଡୋନାଲ୍ଡ ଟ୍ରମ୍ପ୍

**ଅବସର ନେଉ ନେଉ ମୁଣ୍ଡ ଆକାଶରେ ମୃତ୍ୟୁର ଛାୟା । ଏଭଳି ବିପଦକୁ ସାମ୍ନା କରିପାରନ୍ତି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ । କାରଣ ଇରାନର ତସ୍‌ନିମ ନ୍ୟୁଜ୍ ଏଜେନ୍ସି ଗୁରୁବାର ଟୁଇଟ୍ କରିଛି ଏକ ଧମକପୂର୍ଣ୍ଣ ପୋଷ୍ଟ । ଏଥିରେ ଟ୍ରମ୍ପ୍ ଗଲ୍ଫ ଖେଳୁଥିବାବେଳେ ତାଙ୍କ ଉପରେ ଉଡୁଛି ଏକ ଅମଙ୍ଗଳକାରୀ ଯୁଦ୍ଧବିମାନ । ସନ୍ଦେଶ ଲେଖାଅଛି, 'ରିଭେଞ୍ଜ ଇଚ୍ ଇନ୍‌ଏଭିଟେବୁଲ' ।**

# ପ୍ରତିଶୋଧ ନିଆଯିବ

**ଲଣ୍ଡନ,୨୩।୧**

ଇରାନର ସବୁଠୁ ଶକ୍ତିଶାଳୀ ସାମରିକ ବଳ ହେଉଛି ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ପ୍ସ (ଆଇଆର୍‌ଜିସି)। କାସିମ ସୋଲେମାନି ୧୯୯୮ରୁ ମୃତ୍ୟୁ ପର୍ଯ୍ୟନ୍ତ ଏହାର ମେଜର ଜେନେରାଲ ଥିଲେ। ଏହି ଦୁର୍ଦ୍ଧର୍ଷ କମାଣ୍ଡରଙ୍କୁ ଗତବର୍ଷ ଜାନୁୟାରୀ ୩ରେ ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶକ୍ରମେ ଇରାକ ରାଜଧାନୀ ବାଗଦାଦରେ ଡ୍ରୋନ୍ ଆକ୍ରମଣରେ ହତ୍ୟା କରାଯାଇଥିଲା। ସୋଲେମାନିଙ୍କ ଶେଷକୃତ୍ୟ ୭ ତାରିଖରେ ସମ୍ପନ୍ନ ହେବା ପରେ ଇରାକସ୍ଥିତ ଆମେରିକାର ସେନା ଶିବିରକୁ ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଆଇଆର୍‌ଜିସିର ଦୃଢ଼ ସମର୍ଥକ ନ୍ୟୁଜ୍ ଏଜେନ୍ସି ତସ୍‌ନିମ ପକ୍ଷରୁ ଏହାର ବର୍ଷେ ପରେ ଜାରି ଉକ୍ତ ପୋଷ୍ଟରେ ସୋଲେମାନିଙ୍କ ହତ୍ୟାର ପ୍ରତିଶୋଧ ଅବଶ୍ୟ ନିଆଯିବ ବୋଲି ଟୁଇଟ୍ କରାଯାଇଛି। ଟ୍ରମ୍ପ୍‌ଙ୍କ ୪ ବର୍ଷର ଶାସନ ଶେଷ ହେବା ପରେ ସେ ବୁଧବାର ହ୍ୱାଇଟ୍ ହାଉସ୍ ଛାଡ଼ି ଫ୍ଲୋରିଡା



କାସିମ ସୋଲେମାନି

ଯାଇଥିଲେ। ସେଠାରୁ ଟ୍ରମ୍ପ୍ ପାମ୍ ବିଚ୍‌ସ୍ଥିତ ଇଣ୍ଟରନ୍ୟାଶନାଲ ଗଲ୍ଫ କ୍ଲବ୍ ୱେଷ୍ଟରେ ଗଲ୍ଫ ଖେଳି ସମୟ ବିତାଇଥିଲେ। ତେଣୁ ଟ୍ରମ୍ପ୍ ଗଲ୍ଫ ଖେଳୁଥିବା ବେଳର ଏକ ପ୍ରତୀକାତ୍ମକ ଫଟୋ ସହ ଇରାନ ତାଙ୍କୁ ହତ୍ୟା ପାଇଁ ଏହି ଧମକ ଦେଇଥିବା କୁହାଯାଉଛି। ଇରାନର ସବୁଠୁ କୁଖ୍ୟାତ୍ ସାମରିକ ନେତା ସୋଲେମାନି ମଧ୍ୟପ୍ରାଚ୍ୟରେ ଆମେରିକୀୟ ସୈନ୍ୟଙ୍କ ପ୍ରତି ଘାତକ ବିପଦ ସଦୃଶ ଛିଡ଼ା ହୋଇଥିଲେ। ସେ ନିହତ ହେବା ନେଇ ଟ୍ରମ୍ପ୍ ଘୋଷଣା କରିଥିଲେ, ବିଶ୍ୱର ନମ୍ବର ୱାନ୍ ଆତଙ୍କବାଦୀଙ୍କୁ ଆମେରିକା ସୈନ୍ୟ ଆକାଶମାର୍ଗରୁ ଆକ୍ରମଣ କରି ମାରିଦେଇଛନ୍ତି। ସେତେବେଳେ ଇରାନ ଏହାର ପ୍ରତିଶୋଧ ନିଆଯିବ ବୋଲି ଧମକ ଦେଇଥିଲା। ସୋଲେମାନିଙ୍କ ମୃତ୍ୟୁର ବାର୍ଷିକୀ ବେଳେ ଇରାନ ଜବାବ ଦେବ ବୋଲି ୱାଶିଂଟନ ଆଶଙ୍କା କରିଥିଲା। ସମ୍ଭାବ୍ୟ ଆକ୍ରମଣକୁ ଏଡ଼ାଇବା ଲାଗି ପାରସ୍ୟ ଉପସାଗରରେ ବହୁ ସଂଖ୍ୟକ ଆମେରିକୀୟ ସୈନ୍ୟଙ୍କୁ ସଶସ୍ତ୍ର ଯୁଦ୍ଧଜାହାଜ ସହ ମୁତୟନ କରାଯାଇଥିଲା। ତେବେ ଶ୍ରାଦ୍ଧବାର୍ଷିକୀ ବେଳେ ଉଭୟ ପକ୍ଷରୁ କୌଣସି ଆକ୍ରମଣାତ୍ମକ କାର୍ଯ୍ୟ ହୋଇ ନ ଥିଲା।

## ଟୁଇଟ୍‌ରେ କ'ଣ ଥିଲା

ତସ୍‌ନିମ ପକ୍ଷରୁ ଟୁଇଟ୍ କରାଯାଇଥିବା ପୋଷ୍ଟରେ ଟ୍ରମ୍ପ୍‌ଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତିଙ୍କ ଫଟୋ ସହ କ୍ୟାପ୍‌ଶନ ଲେଖାଯାଇଥିଲା, ଜେନେରାଲ ସୋଲେମାନିଙ୍କ ହତ୍ୟା ପାଇଁ ନିର୍ଦ୍ଦେଶ ଦେଇଥିବା ଓ ତାକୁ ପାଳନ କରିଥିବା ବ୍ୟକ୍ତିଙ୍କ ଉପରେ ନିଶ୍ଚିତ ଭାବେ ଠିକଣା ବେଳରେ ପ୍ରତିଶୋଧ ନିଆଯିବ। ଏଥିରେ ଜଣେ ବ୍ୟକ୍ତି ପ୍ରତିକ୍ରିୟା ଦେଇ ଲେଖିଥିଲେ, 'ସୋଲେମାନିଙ୍କ ଜୋତା ତାଙ୍କ ହତ୍ୟାକାରୀଙ୍କ ମୁଣ୍ଡଠାରୁ ଅଧିକ ମୂଲ୍ୟବାନ'। ଉକ୍ତ ପୋଷ୍ଟକୁ ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲି ଖାମେନେଇ ରିଟୁଇଟ୍ କରିଥିବା ଖବର ଆସିଥିଲା। ତେବେ ତାହା ସର୍ବୋଚ୍ଚ ନେତାଙ୍କ ନାମରେ ଜାଲ୍ ଆକାଉଣ୍ଟ ଦର୍ଶାଇ ଟୁଇଟର୍ ପକ୍ଷରୁ ତାକୁ ରଦ୍ଦ କରିଦିଆଯାଇଛି। ନ୍ୟୁଜ୍ ଏଜେନ୍ସି ମଧ ମୂଳ ଟୁଇଟ୍‌କୁ ଡିଲିଟ୍ କରିଦେଇଛି।

## ବାପା ହିରୋ, ଟ୍ରମ୍ପ୍ ପରାଜିତ

ତସ୍‌ନିମ୍‌ରେ ଗୁରୁବାର ଏକ ରିପୋର୍ଟ ପ୍ରକାଶ ପାଇଥିଲା। ସେଥିରେ ସୋଲେମାନିଙ୍କ ଝିଅ ଜେଇନାବ ସୋଲେମାନି ବୁଧବାର କରିଥିବା ଏକ ଟୁଇଟ୍ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଜେଇନାବ ବାପାଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ, ତୁମକୁ ହତ୍ୟା ପାଇଁ ଟ୍ରମ୍ପ୍ ନିର୍ଦ୍ଦେଶ ଦେଇଥିଲେ। ତୁମେ ସବୁଦିନ ହିରୋ ହୋଇ ରହିବ। କିନ୍ତୁ ଟ୍ରମ୍ପ୍ ପରାଜିତ, ଏକଘରିକିଆ ହୋଇ ଓ ଭାଙ୍ଗିପଡ଼ି ହ୍ୱାଇଟ୍ ହାଉସ୍ ଛାଡ଼ି ଚାଲିଯାଇଛନ୍ତି।



ଜେଇନାବ ସୋଲେମାନି

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୮୯,୭୦,୧୨୭ | ୨୧,୨୧,୮୮୭ | ୭,୧୧,୧୪,୬୮୭ |
| ଭାରତ | ୧,୦୬,୪୬,୪୧୭ | ୧,୫୩,୩୨୯ | ୧,୦୩,୦୮,୦୭୨ |
| ଓଡ଼ିଶା | ୩,୩୪,୧୫୦ | ୧୯୦୪(+୫୩) | ୩,୩୦,୯୬୨ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ପଥ ଓଗାଳିଛି ଭୟ, ଦୁର୍ବଳ ଭିତ୍ତିଭୂମି

**ଯାଜପୁର ଅଫିସ,୨୩।୧**

## ସାର, କୀଟନାଶକ କିଣାରେ ଡିଜିଟାଲ ପେମେଣ୍ଟ

**ସାର ଓ କୀଟନାଶକ ବିକ୍ରିରେ କଳାବଜାର ହେଉଥିବା ଅଭିଯୋଗ ହୋଇଆସୁଛି। ରାଜ୍ୟ ସରକାର ମାର୍କଫେଡ୍ ଜରିଆରେ ସମବାୟ ସମିତି, ଲ୍ୟାମ୍ପ୍‌ସକୁ ବିପୁଳ ପରିମାଣର ସାର ଯୋଗାଇଦେଉଛନ୍ତି। ଏଥିପାଇଁ ସରକାର ବହୁ କୋଟି ଟଙ୍କା ଅନୁଦାନ ମଞ୍ଜୁର କରାଯାଉଛି। କିନ୍ତୁ ଅଧିକାଂଶ ଚାଷୀ ସରକାରଙ୍କ ନିର୍ଦ୍ଧାରିତ ଦରରେ ସାର ପାଇବାରୁ ବଞ୍ଚିତ ହେଉଛନ୍ତି। ଅବ୍ୟବସ୍ଥା ଦୂର ପାଇଁ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏହାର କାର୍ଯ୍ୟକାରିତା ଅତି ନଗଣ୍ୟ ଥିବାବେଳେ ଆବଶ୍ୟକ ଜ୍ଞାନ ଅଭାବରୁ ଚାଷୀମାନେ ଏହାକୁ ଗ୍ରହଣ କରିପାରୁନାହାନ୍ତି।**

ସାର ଓ କୀଟନାଶକ କଳାବଜାର ରୋକିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଡିଜିଟାଲ ଟ୍ରାଞ୍ଜାକ୍ସନ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ଡିଜିଟାଲ ପେମେଣ୍ଟ ଜରିଆରେ ଚାଷୀମାନଙ୍କୁ ସାର ଓ କୀଟନାଶକ ବିକ୍ରି କରିବାକୁ କେନ୍ଦ୍ର ସରକାରଙ୍କ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର ମନ୍ତ୍ରଣାଳୟ ପକ୍ଷରୁ ୨୦୨୦ ଜୁନରୁ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ପ୍ରତ୍ୟେକ ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ) ଓ ରିଟେଲରଙ୍କୁ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କ୍ୟୁଆର୍ କୋଡ୍ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶରେ ଦର୍ଶାଯାଇଥିଲା। ହେଲେ ଗତ ୧୧ ତାରିଖ ସୁଦ୍ଧା ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ୨୨୫୩ ପ୍ୟାକ୍ସ ମଧ୍ୟରୁ ମାତ୍ର ୨୦୩ ପ୍ୟାକ୍ସରେ(୯%) ୟୁପିଆଇ କ୍ୟୁଆର କୋଡ୍ ବ୍ୟବସ୍ଥା ହୋଇଛି। ଏଥିରେ ଯାଜପୁର, ଅନୁଗୋଳ, ଗଜପତି, ଗଞ୍ଜାମ, କେନ୍ଦୁଝର, ମାଲକାନଗିରି, ନବରଙ୍ଗପୁର, ନୟାଗଡ଼, ନୂଆପଡ଼ା ଓ ସୁବର୍ଣ୍ଣପୁର ଜିଲାରେ ଖାତା ଖୋଲିନି। ସେହିପରି ୭,୧୮୧ ଘରୋଇ ରିଟେଲରଙ୍କ ମଧ୍ୟରୁ ୬,୨୫୦ ରିଟେଲର ପଏଣ୍ଟରେ ଡିଜିଟାଲ ପେମେଣ୍ଟ ସୁବିଧା କରାଯାଇଛି। ଏବେବି ୯୨୮ ଘରୋଇ ରିଟେଲର ପଏଣ୍ଟ ବିନା ଡିଜିଟାଲ ପେମେଣ୍ଟରେ ଚାଲିଛି। ଗୋଟିଏ ପଟେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଉପଲବ୍ଧ କରାଇବାରେ ସରକାରୀ କଳ ଆଣ୍ଠେଇ ପଡ଼ିଥିବାବେଳେ ଅନ୍ୟପଟେ ଏହାର ସଫଳ କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠୁଛି। କାରଣ କୃଷକମାନେ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ସାର ଓ କୀଟନାଶକ କିଣିବା ନିହାତି କାଠିକର ପାଠ ମନେହେଉଛି। ଅନ୍ୟତମ ପ୍ରମୁଖ କାରଣ ହେଲା ଡିଜିଟାଲ ପେମେଣ୍ଟକୁ ନେଇ ରହିଥିବା ଭୟ ଓ ଅଜ୍ଞାନତା ସାଙ୍ଗକୁ ଭିତ୍ତିଭୂମି ଅଭାବ। ରାଜ୍ୟର ବହୁ ଗ୍ରାମାଞ୍ଚଳରେ ମୋବାଇଲ ନେଟ୍‌ୱର୍କ, ଇଣ୍ଟରନେଟ୍ ନ ଥିବାବେଳେ ଅଧିକାଂଶ ସ୍ଥାନରେ ଟେଲିକମ୍ ସେବା ଅତି ଦୁର୍ବଳ। ଏଭଳି ସ୍ଥିତିରେ ସୁଧାର ନ ଆସିବା ଯାଏ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ସଫଳ ରୂପାୟନ ସମ୍ଭବ ନୁହେଁ। ବରଂ ଅଯଥା ସମୟ ଅପଚୟ ସାଙ୍ଗକୁ ଦ୍ୱନ୍ଦ୍ୱ ଏବଂ ଟଙ୍କା କଟିଯିବାର ଭୟ ସୃଷ୍ଟି ହେବ ବୋଲି ମତପ୍ରକାଶ ପାଉଛି।

ଯାଜପୁର ଜିଲା ରସୁଲପୁର ବ୍ଲକ ଭଗୀରଥପୁର ଗ୍ରାମର ଚାଷୀ ରବୀନ୍ଦ୍ର ବେହେରା କହିଛନ୍ତି ଯେ, ସମସ୍ତ ଚାଷୀଙ୍କ ପାଖରେ ସ୍ମାର୍ଟଫୋନ ନାହିଁ। ଏପରି କି ମୋବାଇଲ ବ୍ୟାଙ୍କିଙ୍ଗ୍ କିମ୍ବା ଅନ୍‌ଲାଇନ ପେମେଣ୍ଟ ସମ୍ପର୍କରେ ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କୁ ଜଣାନାହିଁ। ଯେଉଁ ଚାଷୀମାନଙ୍କ ଅନ୍‌ଲାଇନ ପେମେଣ୍ଟ ସମ୍ପର୍କରେ ଜ୍ଞାନ ରହିଛି, ସେମାନେ ଅନ୍‌ଲାଇନରେ ପେମେଣ୍ଟ କରିବାକୁ ଭୟ କରିଥା'ନ୍ତି। କାଳେ ବ୍ୟାଙ୍କ ଖାତାରୁ ଅଧିକ ଟଙ୍କା କଟିଯିବ ଆଶଙ୍କା କରି ନଗଦ କାରବାରକୁ ପ୍ରାଥମିକତା ଦେଉଛନ୍ତି ବୋଲି ରବୀନ୍ଦ୍ର କହିଛନ୍ତି। ଅନ୍ୟ ଜଣେ ଚାଷୀ ଶରତ ଦାସ କହିଛନ୍ତି ଯେ, ସମସ୍ତ ରିଟେଲରଙ୍କ ପାଖରେ ୟୁପିଆଇ କ୍ୟୁଆର କୋଡ୍ ବ୍ୟବସ୍ଥା ଏଯାଏ ହୋଇପାରିନାହିଁ। ତେଣୁ ନଗଦ କାରବାରରେ ସାର କିଣାଯାଉଛି। ବେଳେବେଳେ ଆବଶ୍ୟକ ସାର ନ ଥିବାରୁ ଚାଷୀଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ ଚାଷୀ ଏଯାଏ ସହଜରେ ଗ୍ରହଣ କରି ପାରିନାହାନ୍ତି। ତେଣୁ ସରକାରଙ୍କ ଏହି ବ୍ୟବସ୍ଥା କେବଳ ଉଚ୍ଚ ଶିକ୍ଷିତଙ୍କ ପାଇଁ ଉଦ୍ଦିଷ୍ଟ ହେବ। ଜିଲା କୃଷି ଅଧିକାରୀ ବିମଳକାନ୍ତି ରପ୍ତାନ କହିଛନ୍ତି ଯେ, କେନ୍ଦ୍ର ସରକାର ଡିଜିଟାଲ ପେମେଣ୍ଟ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ତେଣୁ କୃଷି ବିଭାଗ ପକ୍ଷରୁ ମଧ୍ୟ ଏହାକୁ ପାଳନ କରିବାକୁ ସମସ୍ତ ରିଟେଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଚାଷୀମାନେ ଏଯାଏ ଡିଜିଟାଲ ପେମେଣ୍ଟକୁ ଗ୍ରହଣ କରିବାକୁ ନାରାଜ। ସଚେତନତାର ଅଭାବ ସାଙ୍ଗକୁ ଅନ୍‌ଲାଇନ ପେମେଣ୍ଟ ସମ୍ପର୍କରେ ସେତେଟା ଜାଣି ନଥିବାରୁ ଚାଷୀମାନେ ନଗଦ କାରବାରକୁ ପସନ୍ଦ କରୁଛନ୍ତି। ହେଲେ ୟୁରିଆ ସାରରେ ସବ୍‌ସିଡି ଥିବାରୁ ଅନ୍‌ଲାଇନ ପେମେଣ୍ଟ ଚାଷୀଙ୍କୁ ଠକାମିର ଶିକାର ହେବାକୁ ପଡ଼ିବ ନାହିଁ। ଏହାବାଦ୍ କଳାବଜାର ରୋକିବାକୁ ଏହା ସହାୟକ ହୋଇପାରିବ। ତେଣୁ ଜିଲାସ୍ତରରେ ମଧ୍ୟ ଡିଜିଟାଲ ପେମେଣ୍ଟକୁ ଗୁରୁତ୍ୱ ଦିଆଯାଉଛି।




କଟକ ନେତାଜୀ ସେତୁ ପାର୍ଶ୍ୱରେ ଶନିବାର ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ନେଇ ଶିଳ୍ପୀ ସିଦ୍ଧାର୍ଥ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ଟିକାକରଣ: ତୃତୀୟ ସ୍ଥାନରେ ଓଡ଼ିଶା

## କୋଭାକ୍ସିନର ଆଉ ୧,୪୯, ୭୬୦ ଡୋଜ୍ ଆସିଲା

**ଭୁବନେଶ୍ୱର, ୨୩।୧(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ଟିକାକରଣ ଅଭିଯାନ ସଫଳ ଭାବେ ଚାଲିଛି। ସର୍ବଭାରତୀୟ ସ୍ତରରେ ଟିକାକରଣରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ଶନିବାର ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, କର୍ଣାଟକ ଓ ଆନ୍ଧ୍ରପ୍ରଦେଶ ପରେ ତୃତୀୟ ସ୍ଥାନରେ ଓଡ଼ିଶା ରହିଛି। ଗତ ୭ଦିନ ଭିତରେ କର୍ଣାଟକରେ ସର୍ବାଧିକ ୧,୮୨,୫୦୩ ଜଣ ସ୍ୱାସ୍ଥ୍ୟକର୍ମୀ ଟିକା ନେଇଛନ୍ତି। ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୧,୩୦,୦୦୭ ଜଣଙ୍କୁ ଟିକା ଦିଆଗଲାଣି। ପାଣିଗ୍ରାହୀ କହିଛନ୍ତି, ସମସ୍ତଙ୍କର ଟିକାକରଣ କରିବାକୁ ଚେଷ୍ଟା କରାଯିବ। ଶୁକ୍ରବାର ଲକ୍ଷ୍ୟ ଧାର୍ଯ୍ୟଠାରୁ ଅଧିକ ଲୋକଙ୍କୁ ଟିକା ଦିଆଯାଇଛି। ମୋଟ ୧୬,୩୮୪ ଜଣଙ୍କୁ ଟିକା ଦିଆଯାଇଛି। ୨୨୧ ସେସନ ସାଇଟ୍‌ରେ ୨୦,୩୩୦ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ।

ସେପଟେ ରାଜ୍ୟକୁ ତୃତୀୟ ପର୍ଯ୍ୟାୟରେ ଟିକା ଆସି ପହଞ୍ଚିଛି। ତେବେ ଏଥର ଭାରତ ବାୟୋଟେକ୍‌ର 'କୋଭାକ୍ସିନ' ଟିକା ଆସିଛି। ଶନିବାର ସକାଳ ୮ଟା ୧୭ମିନିଟ୍‌ରେ ଏକ ସ୍ୱତନ୍ତ୍ର କାର୍ଗୋ ବିମାନରେ ୧,୪୯,୭୬୦ ଡୋଜ୍ କୋଭାକ୍ସିନ ଅଣାଯାଇଛି। ଏସବୁ ଷ୍ଟେଟ୍ ଭାକ୍ସିନ୍ ଷ୍ଟୋରରୁ ରିଜିଓନାଲ ଷ୍ଟୋରକୁ ପଠାଯିବ। ସେଠାରୁ ପ୍ରତି ଜିଲାକୁ ଯିବ। ସେହିପରି ହିତାଧିକାରୀଙ୍କୁ ଗୋଟିଏ କମ୍ପାନୀର ହିଁ ଟିକା ଦିଆଯିବ। ଅର୍ଥାତ ପ୍ରଥମ ଡୋଜ୍ ଯାହା ଦିଆଯିବ, ଦ୍ୱିତୀୟ ଡୋଜ୍ ମଧ୍ୟ ସେହି ଟିକା ଦିଆଯିବ। ଏପରି ନ କଲେ ଶରୀରର ପ୍ରତିରୋଧକ ଶକ୍ତି ଉପରେ ପ୍ରଭାବ ପଡ଼ିବ ବୋଲି ନିର୍ଦ୍ଦେଶକ ପାଣିଗ୍ରାହୀ କହିଛନ୍ତି।

ରାଜ୍ୟରେ ଶନିବାର ମଧ୍ୟ ଧାର୍ଯ୍ୟ ଟିକାକରଣଠାରୁ ଅଧିକ ହୋଇଛି। ୨୨୪ଟି ସେସନରେ ୨୧,୩୦୪ ଜଣଙ୍କୁ ଟିକା ପ୍ରଦାନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତେବେ ୨୨, ୩୬୪ ଜଣଙ୍କୁ ଟିକାକରଣ କରାଯାଇଛି। ଫଳରେ ୧୦୫ ପ୍ରତିଶତ ଟିକାକରଣ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଏଥିମଧ୍ୟରୁ କୋଭିଶିଲ୍ଡ ୨୦,୭୯୪ ଜଣଙ୍କୁ ଦିଆଯିବାର ଥିବାବେଳେ ୨୧,୮୯୮ ଜଣଙ୍କୁ ଦିଆଯାଇଛି। ସେହିପରି ୫୧୦ ଜଣଙ୍କୁ କୋଭାକ୍ସିନ ଟିକା ଦିଆଯିବାକୁ ଲକ୍ଷ୍ୟ ରହିଥିବା ବେଳେ ୪୬୬ଜଣଙ୍କୁ ଟିକାକରଣ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଶନିବାର କୌଣସି ହିତାଧିକାରୀଙ୍କର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରାଜ୍ୟରେ ସଂକ୍ରମଣ ହାର ଧୀରେ ଧୀରେ ହ୍ରାସ ପାଉଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୧୩୦ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣଙ୍କ ମୃତ୍ୟୁ ହୋଇଛି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩,୩୪,୧୫୦ରେ ପହଞ୍ଚିଥିବାବେଳେ ମୃତ୍ୟୁ ସଂଖ୍ୟା ୧,୯୦୪କୁ ଛୁଇଁଛି।

# ଭାଜପାକୁ ଭରସା ନାହିଁ

## ଆର୍‌ଏସ୍‌ଏସ୍-ଭାଜପା ସହ ଜଡ଼ିତ ବ୍ୟକ୍ତି ବାଇଡେନ ପ୍ରଶାସନରୁ ବାଦ୍

**ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କ ବିଷୟରେ ସମସ୍ତେ ଅବଗତ। ମୋଦିଙ୍କ 'ଅବ୍ କୀ ବାର୍ ଟ୍ରମ୍ପ୍ ସରକାର' ଶ୍ଲୋଗାନ ଓ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମକୁ ନେଇ ପୂର୍ବରୁ ବିବାଦ ସୃଷ୍ଟି ହୋଇଥିଲା। ରିପବ୍ଲିକାନ୍ ନେତା ଟ୍ରମ୍ପଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଖୋଲାଖୋଲି ନିର୍ବାଚନ ପ୍ରଚାରକୁ ସେତେବେଳେ ଅନେକେ ଗ୍ରହଣ କରିପାରି ନ ଥିଲେ। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପଙ୍କ ପରାଜୟ ପରେ କ୍ଷମତା ପରିବର୍ତ୍ତନ ହୋଇଛି। ଡେମୋକ୍ରାଟିକ୍ ପାର୍ଟି ନେତା ଜୋ ବାଇଡେନ୍ ଶାସନ ଭାର ହାତକୁ ନେଇଛନ୍ତି। କ୍ଷମତାକୁ ଆସୁ ଆସୁ ବାଇଡେନ୍ ତାଙ୍କ ଟିମ୍‌ରେ ଭାଜପା-ଆର୍‌ଏସ୍‌ଏସ୍ ସହ ଜଡ଼ିତ ବ୍ୟକ୍ତିମାନଙ୍କୁ ନେଇନାହାନ୍ତି। ମୋଦିଙ୍କ ଟ୍ରମ୍ପ୍ ପ୍ରୀତି ଯୋଗୁ ଭାଜପା ଉପରେ ବାଇଡେନ୍‌ଙ୍କ ଭରସା ନ ଥିବା ତାଙ୍କର ଏହି ପଦକ୍ଷେପରୁ ବୁଝାପଡୁଛି।**



**ୱାଶିଂଟନ୍,୨୩।୧**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ତାଙ୍କ ପ୍ରଶାସନରେ ୨୦ ଭାରତୀୟ ବଂଶୋଦ୍ଭବଙ୍କୁ ସାମିଲ କରିଛନ୍ତି। ତେବେ ତାଙ୍କ ଟିମ୍‌ରେ ଏଭଳି ବ୍ୟକ୍ତିଙ୍କୁ ରଖାଯାଇନାହିଁ, ଯାହାଙ୍କ ଲିଙ୍କ୍ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) କିମ୍ବା ଭାଜପା ସହ ରହିଛି। ବାଇଡେନ୍‌ଙ୍କ ଟିମ୍‌ରୁ ଭାଜପା ଓ ସଂଘ ପରିବାର ସହ ଜଡ଼ିତ ବ୍ୟକ୍ତିମାନଙ୍କୁ ବାଦ୍ ଦିଆଯାଇଥିବା କୁହାଯାଉଛି।

ରିପୋର୍ଟ ଅନୁଯାୟୀ, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ସହ ଥିବା ସୋନାଲ ଶାହା ବାଇଡେନଙ୍କ ପ୍ରଶାସନରେ ସୁଯୋଗ ପାଇନାହାନ୍ତି। ଏଥିସହ ନିର୍ବାଚନ ପ୍ରଚାର ସମୟରେ ନୂଆ ରାଷ୍ଟ୍ରପତିଙ୍କ ସହ କାମ କରିଥିବା ଅମିତ ଜାନିଙ୍କୁ ଟିମ୍‌ରୁ ବାଦ୍ ଦିଆଯାଇଛି। ଆର୍‌ଏସ୍‌ଏସ୍ ଏବଂ ଭାଜପା ସହ ସୋନାଲ ଶାହାଙ୍କ ପିତାଙ୍କ ସମ୍ପର୍କ ବହୁ ପୁରୁଣା। ଅର୍ଥନୀତିଜ୍ଞ ସୋନାଲଙ୍କ ବାପା ରୋମେଶ ଶାହା ହେଉଛନ୍ତି ଆର୍‌ଏସ୍‌ଏସ୍ ଦ୍ୱାରା ପରିଚାଳିତ ଏକଲ ବିଦ୍ୟାଳୟର ପ୍ରତିଷ୍ଠାତା। ସୋନାଲ ମଧ୍ୟ ଏହି ଅନୁଷ୍ଠାନ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ। ସେହିପରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟ ଭାଜପା ନେତାଙ୍କ ସହ ଅମିତ ଜାନିଙ୍କ ପରିବାରର ସମ୍ପର୍କ ରହିଥିବା କୁହାଯାଉଛି। ଭାରତୀୟ-ଆମେରିକୀୟ ଧର୍ମନିରପେକ୍ଷ ସଙ୍ଗଠନଗୁଡ଼ିକ ଏଭଳି ବ୍ୟକ୍ତିଙ୍କୁ ପ୍ରଶାସନର ଗୁରୁଦାୟିତ୍ୱରୁ ଦୂରରେ ରଖାଯିବାକୁ ଅନୁରୋଧ କରିଥିବା ଜଣାପଡିଛି। ସେହିପରି ଏହି ସଂଗଠନଗୁଡ଼ିକର ତୀବ୍ର ବିରୋଧ ପରେ ଟେକ୍ସାସ ନିର୍ବାଚନରେ ଶ୍ରୀନିବାସ ରାଓ ପ୍ରେଷ୍ଟନ୍ କୁଲକର୍ନି ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱୀ ଟ୍ରଏ ନେହଲ୍‌ସଙ୍କଠାରୁ ପରାଜିତ ହୋଇଥିଲେ। ତେବେ ପ୍ରଥମ ଥର ପାଇଁ କଶ୍ମୀର ଜନ୍ମିତ ଦୁଇ ଚେହେରା ଆୟେଶା ଶାହା ଓ ସମୀରା ଫେଜିଲିଙ୍କୁ ଆମେରିକା ସରକାରରେ ସ୍ଥାନ ମିଳିଛି।

# ଗୋଷ୍ଠୀସଂଘର୍ଷ: ୨ ମୃତ, ୪ ଗୁରୁତର

**ବଲାଙ୍ଗୀର ଅଫିସ/ଦେଓଗାଁ,୨୩।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ଗାଁରେ ଶନିବାର ଅପରାହ୍ନରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଜରାସିଂହା ହରିଜନପଡାର ଶ୍ରୀପତି ଭେସ୍ରା ଓ ବାହାରପଡ଼ାର ଧନମତ ରାଉତ। ଏହି ଘଟଣାକୁ ନେଇ ଜରାସିଂହା ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି।



ହିଂସାକାଣ୍ଡ ପରେ ଜରାସିଂହା ଗାଁରେ ପୋଲିସ ଫୋର୍ସ ପଇଁତରା ମାରୁଛନ୍ତି।

ସୂଚନା ଅନୁସାରେ ଶନିବାର ଅପରାହ୍ନରେ ଶ୍ରୀପତି ଭେସ୍ରା ଛେଳି ଚରାଉଥିବା ସମୟରେ ଧନମତ ରାଉତ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ପ୍ରତିହିଂସା ପରାୟଣ ହୋଇ କେତେଜଣ ଲୋକ ମାରଣାସ୍ତ୍ର ଧରି ଜରାସିଂହା ବାହାରପଡାକୁ ଆସି ଧନମତ ରାଉତଙ୍କ ଘରେ ପଶିଥିଲେ। ସଂଘବଦ୍ଧ ଆକ୍ରମଣରେ ଧନମତଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଆହତ ହୋଇଛନ୍ତି। ଏପରିକି ପରିବାରର କେତେଜଣ ସଦସ୍ୟ ଘରୁ ବାହାରି ଅନ୍ୟତ୍ର ପଳାୟନ କରିଥିବା ଖବର ମିଳିଛି। ଗୋଷ୍ଠୀସଂଘର୍ଷରେ ଆହତ ୪ଜଣଙ୍କ ମଧ୍ୟରୁ ବ୍ରହ୍ମ ସୁନା ଓ କର୍ମ ସୁନାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପ୍ରାରମ୍ଭିକ ସୂଚନାରୁ ରାଉତ ପରିବାର ଓ ଭେସ୍ରା ପରିବାର ମଧ୍ୟରେ ପୂର୍ବରୁ ବିବାଦ ଲାଗି ରହିଥିଲା। ଜମିରେ ପାଣିମଡାକୁ ନେଇ କୁହୁଳୁ ଥିବା ଅସନ୍ତୋଷରୁ ଏହି ଗୋଷ୍ଠୀସଂଘର୍ଷ ଓ ହତ୍ୟାକାଣ୍ଡ ଘଟିଥିବା କୁହାଯାଇଛି। ତେବେ ପୋଲିସ ପକ୍ଷରୁ କିଛିବି ଠୋସ୍ ସୂଚନା ଦିଆଯାଇନାହିଁ।










**ଆଜିର ମନ୍ତବ୍ୟ**

ଦେଶର ସାର୍ବଭୌମତ୍ୱକୁ ଚ୍ୟାଲେଞ୍ଜ କରୁଥିବା ଉଦ୍ୟମ ବିରୋଧରେ ଭାରତ ମୁହଁତୋଡ ଜବାବ ଦେଉଛି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଏଲ୍ଓସିରୁ ଏଲ୍ଏସି ...

ଭାରତ ପାଖରେ ଏବେ ଏକ ଶକ୍ତିଶାଳୀ ସେନା ରହିଛି। ସେନା ପାଖରେ ତେଜସ୍ ଓ ରାଫାଲ ଭଳି ଆଧୁନିକ ଯୁଦ୍ଧବିମାନ ରହିଛି। ନେତାଜୀଙ୍କ ସ୍ୱପ୍ନର ଶକ୍ତିଶାଳୀ ଭାରତ କିପରି ଆଗକୁ ବଢୁଛି ତାହା ଦେଖି ସେ ଗର୍ବିତ ହୋଇଥାଆନ୍ତେ। ନେତାଜୀ ଏପରି ଜଣେ ବ୍ୟକ୍ତି ଥିଲେ, ଯିଏ ବିଶ୍ୱର ସର୍ବବୃହତ୍ ସାମ୍ରାଜ୍ୟବାଦୀ ବଳର ମୁକାବିଲା କରି ଘୋଷଣା କରିଥିଲେ ଯେ ସେ ସ୍ୱାଧୀନତା ମାଗିବେ ନାହିଁ, ବରଂ ଏଥିପାଇଁ ସଂଗ୍ରାମ କରିବେ। ତେଣୁ ଦେଶ ତାଙ୍କ ଜନ୍ମଦିନ ଜାନୁୟାରୀ ୨୩କୁ ପରାକ୍ରମ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନେତାଜୀଙ୍କ ଉଦ୍ଦେଶ୍ୟରେ ଏନ୍‌ଡିଏ ସରକାରଙ୍କ ପକ୍ଷରୁ କରାଯାଇଥିବା କିଛି କାର୍ଯ୍ୟକୁ ନେଇ ଉପସ୍ଥିତ ଜନତାଙ୍କୁ ସ୍ମରଣ କରାଇଥିଲେ। ପ୍ରଧାନମନ୍ତ୍ରୀ ଏକ ସ୍ଥାୟୀ ପ୍ରଦର୍ଶନୀ ଓ ପ୍ରୋଜେକ୍ସନ ମ୍ୟାପିଂ ଶୋ ଉଦ୍‌ଘାଟନ କରିଥିଲେ। ଏକ ମୁଦ୍ରା ଓ 'ଲେଟର ଅଫ୍ ନେତାଜୀ' ଶୀର୍ଷକ ପୁସ୍ତକ ମଧ୍ୟ ଉନ୍ମୋଚନ କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ତୈଳ ଦର ...

ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଦର ୮୬.୩୮ ଟଙ୍କା ଏବଂ ଡିଜେଲ ଦର ୮୨.୬୮ ଟଙ୍କାରେ ପହଞ୍ଚିଛି। ସେହିଭଳି ଓଡ଼ିଶାର ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ଦର ଭିନ୍ନ ଭିନ୍ନ ରହିଛି। ତେଲ ଦର ବୃଦ୍ଧି ଓ ପରିବହନ ଖର୍ଚ୍ଚ କାରଣରୁ ରାଜ୍ୟରେ ତୈଳ ଦରର ପରିମାଣ ଅଲଗା ଅଲଗା ରହୁଛି ବୋଲି ୟୁପିଡିଏର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଓଡ଼ିଶାର ମାଲକାନଗିରି ଜିଲାରେ ପେଟ୍ରୋଲ ଦର ୯୧.୪୨ ଟଙ୍କା ଓ ଡିଜେଲ ଦର ୮୭.୫୬ ଟଙ୍କା ରହିଛି। ଏହା ମଧ୍ୟ ଓଡ଼ିଶାର ସର୍ବକାଳୀନ ସର୍ବାଧିକ ତେଲ ଦର ବୋଲି ସୂଚନା ମିଳିଛି। ସେହିପରି ସମ୍ବଲପୁରରେ ପେଟ୍ରୋଲ ଦର ୮୬.୯୭ ଓ ଡିଜେଲ ଦର ୮୩.୨୭ ଟଙ୍କା, ବାଲେଶ୍ୱରରେ ପେଟ୍ରୋଲ ଦର ୮୬.୩୭ ଓ ଡିଜେଲ ଦର ୮୨.୬୯ ଟଙ୍କାରେ ବିକ୍ରି ହେଉଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ଶନିବାର ଉଭୟ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୨୫ ପଇସା ବଢ଼ିଥିବା ସୂଚନା ମିଳିଛି। ଏହି ଦର ବୃଦ୍ଧି ଫଳରେ ଦିଲ୍ଲୀରେ ପେଟ୍ରୋଲ ଦର ଲିଟର ପିଛା ୮୫.୭୦ ଟଙ୍କା ଓ ଡିଜେଲ ଲିଟର ପିଛା ୭୫.୮୮ ଟଙ୍କାକୁ ଛୁଇଁଛି। ଆଜିର ଦର ବୃଦ୍ଧି ଯୋଗୁ ମୁମ୍ବାଇରେ ତେଲ ଦର ଦେଶର ସର୍ବାଧିକ ରହିଛି। ସେଠାରେ ପେଟ୍ରୋଲ ଦର ୯୨.୨୮ ଟଙ୍କା ରହିଥିବା ବେଳେ ଡିଜେଲ ଦର ମଧ୍ୟ ୮୨. ୬୬ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର କୋଲକାତାରେ ପେଟ୍ରୋଲ ଦର ୮୭.୧୧ ଟଙ୍କା ଏବଂ ଡିଜେଲ ଦର ୭୯.୪୮ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ଦର ୮୮.୨୯ ଟଙ୍କା ଏବଂ ଡିଜେଲ ଦର ୮୧.୧୪ ଟଙ୍କାକୁ ବୃଦ୍ଧି ଘଟିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଗତ କିଛିଦିନ ହେବ ବଢ଼ିଚାଲିଛି। ଫଳରେ ଦେଶରେ ତେଲ ଦର ସେହି ଅନୁପାତରେ ବଢୁଛି ବୋଲି ତୈଳ ବିପଣନ କମ୍ପାନୀଗୁଡ଼ିକ ମତ ଦେଇଛନ୍ତି। ଗତ ବର୍ଷ ଯେତେବେଳେ ଅଶୋଧିତ ତେଲ ଦର ହ୍ରାସ ପାଇଥିଲା ସେହି ସମୟରେ ଉଭୟ ସରକାର ଉତ୍ପାଦ ଶୁଳ୍କ ସହ କୋଭିଡ୍ ସେସ୍ ଆଦି ଗ୍ରାହକଙ୍କଠାରୁ ଆଦାୟ କରୁଥିଲେ। ବର୍ତ୍ତମାନ ସମୟରେ ଯେତେବେଳେ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବୃଦ୍ଧି ପାଉଛି ସରକାର ଶୁଳ୍କ ହ୍ରାସ କରନ୍ତୁ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

### ହଡ଼ବଡ଼େଇଲେ ମମତା...

କାର୍ଯ୍ୟକ୍ରମକୁ ଡାକି ଅପମାନିତ କରିବା ଗ୍ରହଣୀୟ ନୁହେଁ। ଏପରି ବ୍ୟବହାର ତୁମକୁ ଶୋଭାପାଉ ନାହିଁ। ଏହାର ପ୍ରତିବାଦ ସ୍ୱରୂପ ମୁଁ କିଛି କହିବି ନାହିଁ। ଜୟ ହିନ୍ଦ୍, ଜୟ ବଙ୍ଗଳା କହି ମମତା ନିଜ ସଂକ୍ଷିପ୍ତ ଅଭିଭାଷଣକୁ ସମାପ୍ତ କରିଥିଲେ।

### ବୀରତ୍ୱର ଗାଥା ଶୁଣାଇବ...

ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ୫-ଟି ସଚିବ ଭି. କେ. ପାଣ୍ଡିୟାନ, ଏମ୍‌ପି ଭର୍ତ୍ତୃହରି ମହତାବ, ଏମ୍‌ପି ସୁବାସ ସିଂ, ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଜେନା, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିସିପି ପ୍ରତୀକ ସିଂ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅବ୍‌ଦୁଲ ଅଖତାର, ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କେବଳ ନିର୍ବାଚନ ଭେଳିକି : ଭାଜପା

ନେତାଜୀ ବସ୍ ଟର୍ମିନାଲ କେବଳ ନିର୍ବାଚନ ଭେଳିକି ବୋଲି ଭାଜପାର କଟକ ଜିଲା ସଭାପତି ପ୍ରକାଶ ବେହେରା ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବେହେରା କହିଛନ୍ତି ଯେ, ୧୦ ବର୍ଷ ପୂର୍ବେ କଟକଠାରେ ନେତାଜୀ ଜୟନ୍ତୀ ଅବସରରେ ଖୋଦ୍ ମୁଖ୍ୟମନ୍ତ୍ରୀ ଐତିହାସିକ ପୁରୁଣା ଜେଲ୍‌ର ନୂଆ ରୂପର ଏକ ସ୍ମାରକୀ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଜେଲ୍‌ର କିଛି ଅଂଶକୁ ମ୍ୟୁଜିୟମ୍ କରିବା, ସ୍ୱାଧୀନତା ସଂଗ୍ରାମର ସ୍ମୃତି ସବୁକୁ ବ୍ୟାଖ୍ୟାନ କେନ୍ଦ୍ରରେ ସ୍ଥାନିତ କରିବାର ଅନେକ ସ୍ୱପ୍ନ ଦେଖାଯାଇଥିଲା। ୧୦ ବର୍ଷ ପରେ ବି ସେହି ପୁରୁଣା ଜେଲ୍ ବୁଲା ଗୋରୁ ଏବଂ ମଦୁଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିପରି ୨୦୧୩ରେ ୪୩ ଏକର ଜାଗାରେ କଟକର ଗୋପାଳପୁର-ବାଲିକୁଦାରେ ପ୍ରସ୍ତାବିତ ବସ୍ ଟର୍ମିନାଲ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରସ୍ତାବିତ ବସ୍ ଟର୍ମିନାଲ ନେଇ କଟକ ଜିଲାପାଳ ୩୦ ଏକର ଜାଗା ସମ୍ପର୍କରେ ସୂଚନା ଦେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି, ବାକି ୧୩ ଏକର ଗଲା କୁଆଡ଼େ। ୧୩ ଏକ ସରକାରୀ ଜମି ହଡ଼ପ କରିଥିବା ଜବରଦଖଲକାରୀଙ୍କୁ ସୁରକ୍ଷା ଦେବା ପାଇଁ ଖାନ୍‌ନଗର ବସ୍ ଟର୍ମିନାଲ ଭିତ୍ତିପ୍ରସ୍ତର କରାଯାଇନି ତ ବୋଲି ବେହେରା ପ୍ରଶ୍ନ କରିଛନ୍ତି। ପୂର୍ବରୁ ହୋଇଥିବା ବସ୍ ଟର୍ମିନାଲର ଭବିଷ୍ୟତ ନେଇ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ଦୁଇ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖନ୍ତୁ। ନଚେତ ଆଗାମୀ ଦିନରେ କଟକବାସୀ ଏହାର ଉଚିତ ଜବାବ ଦେବେ ବୋଲି ବେହେରା ଚେତାବନୀ ଦେଇଛନ୍ତି।


# classifieds Everyday

0674-2580101, 2549302




### BRIDE WANTED

36 , 5'6" Brahmin BE Mechanical groom working as Deputy Manager in reputed automobile company require professional, beautiful bride. Contact: 9437560347/ 9861022788. D-19651

Wanted bride for Khandayat boy, B.Com, MBA, 33, Own Business and house in Bhubaneswar. Contact: 8917250629, 7205420412. D-70218

### GROOM WANTED

Beautiful Bihari (Khetriya) girl 1983/ 5'4", B.Tech Software Engineer Bangalore, 18lakhs require professional, caste no bar. 7205309255, 7749883585. D-69366

Age-25, ବ୍ରାହ୍ମଣ caste divorcee private ଚାକିରିଆ ଗୋଟେ ସନ୍ତାନ ଥିବା ଝିଅଙ୍କୁ any caste ପୁଅ ଦରକାର। 7381460017. D-67967




### SALE

2BR, 2Bath, 2Balcony, Pujaroom flat 1265sqft. near Gudiapokhari Chhaka. 9437562371. D-69477

**2000sft. plot sale at Garage Chhak, Lewis road & 2900sft. plot at Jharpada, Bhubaneswar. Contact- DEEPAK- 9937329999.** D-69963

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। **9437287595, 7978747764.** D-19667

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଚେରି, ଲାଇନ ସହିତ। 9178660666. D-70095

ରବିଟକିଜ ଛକରୁ 6 କିଲୋମିଟର ଦୂର ଶହୀଦନଗର ଥାନା ଅଧୀନ ବଙ୍କୁଆଳ ମୌଜାରେ ରାସ୍ତା, ଇଲେକ୍ଟ୍ରି ସୁବିଧାଥାଇ ଘରବାରି ପ୍ଲଟ୍ ପାଚେରି ସହ ବର୍ଗଫୁଟକୁ ମାତ୍ର 1300/- ଟଙ୍କା। ଯୋଗାଯୋଗ: **9438109040, 8144658008.** D-19649

Boundary land for sale near Murgabadi, Baripada. Contact: 9337016210. D-19660

**Bhubaneswar Chintamaniswar Station ପାଖରେ yellowzone ଘରବାରି plot ବିକ୍ରିହେବ। 9861302460, 6370621085.** D-70159

Flat for sale 2BHK, 1108sqft. at Hemkund Tower, 5floor 100meter of NH-16 near Highway Honda Show Room, Balianta. Interested person Contact: 6371793686, 7438889717. D-19706

**Ready to move Duplex for sale at DHPL Villa One Kalarahanga. Contact 9937059891.** D-19591

ଭୁବନେଶ୍ୱର **Airport** ଠାରୁ ୬କି.ମି. ଦୂର ବୋଡଣ୍ଡାରେ **1406sqft.** ଘରବାରି ପ୍ଲଟ୍ **@ 24,50,000/-, 9040404420, 9777686666.** D-19669

**Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338** D-19563

Developed ଘରବାରି ପ୍ଲଟ୍ କେସୁରା ଛକରୁ 3କି.ମି. ମଧ୍ୟରେ କିଣନ୍ତୁ। 7008492511. D-69365

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ **800mtr 100ft** ପିଚୁରୋଡ୍‌କୁ ଲାଗି **30'**ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ **boundary plot** ବିକ୍ରିହେବ। **9439116553.** D-70147

ଭୁବନେଶ୍ୱର ମଞ୍ଚେଶ୍ୱରରେ ଘରବାରି ପ୍ଲଟ୍ ବର୍ଗଫୁଟ Rs.-530/- ଏବଂ non ଘରବାରି Rs.- 470/-, 9337920820. D-19684

କଟକ **Highcourt**ରୁ **8K.M.** ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ **200mtr** ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **6372930002.** D-70148

ସାଲେପୁର ଶିଶୁ ମନ୍ଦିର ନିକଟରେ ଘରବାରି SC plot 85 ଡିସିମିଲ ବିକ୍ରିହେବ। 8260525897. D-19637

**Ready to move 1BHK at DHPL Villa One Kalarahanga. Cost 2300000/- Contact 9937059891** D-19506

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/- 9937166932. D-69364

**ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1200/- plot ମିଳୁଛି। 9090963952.** D-70154

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

C.V. Raman College ପାଖରେ 27440sqft. ଏବଂ 6,272sqft. plot ବିକ୍ରିହେବ। Contact: 9778928492. D-70217

**Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766.** D-19562

**ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640.** D-70160

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 7894433357. D-70164

**Commercial and residencial use yellowzone 3500sqft. developed plot adjacent to 100ft. BDA road near Hanspal ready for sale. Genuine buyer contact: 7205337726, 9437922726.** D-69679

2Bedroom + study-room flat for sale at Harapriya Apartment, Vivekananda Marg, Bhubaneswar, measuring super built area 1360sqft. for sale. Contact-9938303321. D-19697

**Radhamadhav Nagar Phase-II (GANGAPATANA) Booking Open... 30feet Road with Gated community of 20acres Township on main 100ft. road. Price-1350/- Per sqft. Area-2000, 3000 & 5000sqft. Contact :- Krishna Contech Pvt. Ltd. Mob. 8337900880.** D-69680

Land Sale 2Acres Bhubaneswar, Nalco Chhaka & Kantabada 5Acres. 8018702198. D-19703

**Gharabari plot sale near Pandra Puri, By-pass Rasulgarh immediate registration. Contact: 8455036260, 9778648474.** D-19699

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**For construction only in your plot inside Bhubaneswar area, contact MRC- 9937064680.** D-27287

### GENERAL SALE

New steelracks- 8nos, 6.5'x 3feet New glass counter- 7feet x 3feet x15". 7205405312, 7735339577. D-19672




2BHK available Nageswartangi, Bhubaneswar small Family/ working woman preferred. 9437756994. D-69475

House rooms for girls hostel purposes for College Institute. 8480204021. D-19683

3000sft./ 4000sft. Office space with parking 100mtr. from Lewis road, Hyundai showroom- 9437031324, 9810064588. D-69681

2BHK house 10k, 3BHK 12k near Patia Shreeleather, Bachelor/ Family, 9658197163. D-65909

Two room house, IRC Village, Bhubaneswar. Small Family preferred. 9437011658. D-70503




Refreshing your mind & body with best therapy at Lotus SPA. 8018234866. D-70417

Ayurvedic full body massage by experienced (M/F) therapist. 7008773793, 8018656899. D-59976

Newly open full body massage ladies and gents. 9337349409. D-70412

Revitalize your self with our ayurvedic massage and refreshment, Call: 7381239385. D-70100

Experience full body massage with expert therapists. Call: 7377048581. D-70501

Newly open full body massage ladies and gents. 9861141344, 8658994614. D-70416

Swarna SPA newly open positively health benefits with expert therapist. 9556978408. D-70097

Rejuvenate and Ayurvedic full body massage by smart therapist. 9348123330. D-70098

Get refreshment Body Massage by Expert Therapist. Contact for: 6371537969. D-70099

### EDUCATION

ଏ ବର୍ଷର ଲାଭ ଉଠାନ୍ତୁ ଏବଂ ଘରେ ରହି course କରନ୍ତୁ। (D.Ed/ B.Ed./ M.Ed.), LLB, Ph.D, (BA/MA), ITI/ Polytechnic/ BE/B.Tech), ANM/GNM)Contact: 9617068284. D-70502

### LOST

ମୁଁ ଦାମ ସେଠୀ, ପିତା- ସ୍ୱର୍ଗତ ଗୌରାଙ୍ଗ ସେଠୀ, ନି- ଖୁଡିଆବାହାଲ, ପୋ- ଲୁଲୁଣ୍ଡା, ଜି- ସୁବର୍ଣ୍ଣପୁର। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛି ଯେ, ମୁଁ ଖୁଡିଆବାହାଲରୁ ଡୁଙ୍ଗୁରିପାଲିକୁ ଆସୁଥିବା ସମୟରେ ମୋର ରେଜେଷ୍ଟ୍ରି ଦଲିଲ ହଜିଗଲା, ନଂ.- ୫୭୬/୧୯୯୫, ହଲ୍ ନଂ.- ୭୯, ପ୍ଲଟ୍ ନଂ.-୭୭, ଏରିଆ ଏ.୦.୦୯୦. ଡି, ମୌଜା- ଖୁଡିଆବାହାଲ। ଯେଉଁବ୍ୟକ୍ତି ପାଇବେ ଦୟାକରି ଫୋନ୍ ନଂ.- ୮୬୩୭୨୨୬୧୮୦ରେ ଜଣାଇବାକୁ ଅନୁରୋଧ। ଧ-୬୯୮୩୨

### AFFIDAVIT

By virtue of an affidavit (No.-13AA 254786) at Notary, Puri, I Prasanta Samantaray S/o- Padmacharan Samantaray, At/Po- Badal, Vi-Nirakarpur, Dist-puri changed my name to Prasanta Samanta Mishra for all future purpose. D-19705

I, Suvendu Tripathy, S/o late Dinabandhu Tripathy, permanent resident of Vill/P.O:M.Rampur, P.S.:M.Rampur in the district of Kalahandi, have changed my name to Subhendu Tripathy vide affidavit dated 30/12/2020 sworn before the Executive Magistrate, M. Rampur Kalahandi for all purposes. D-19704


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣ ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧା, ଆଦର ପାଇ ମନର ଦୁଃଖକୁ ମନେପକାଇପାରିବେ ନାହିଁ। ତଥାପି କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କିମ୍ବା ଭାବପ୍ରବଣତାରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି।

**ବୃଷ**
ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ଏହା ସଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିବ।

**ମିଥୁନ**
ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ପିଲାମାନଙ୍କ ସମସ୍ୟାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁଁ ଆଗେଇ ଯିବେ। ଆକସ୍ମିକ ଭାବରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**କର୍କଟ**
ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି କିମ୍ବା ହିତୈଷୀଙ୍କ ସୁନଜରରେ ଆସିବାର ସମ୍ଭାବନା ରହିଛି। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ବଢ଼ିଯିବ।

**ସିଂହ**
ନିଜ ଭବିଷ୍ୟତକୁ ଆଖି ଆଗରେ ଦେଖି ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ ସେପରି କିଛି ହେବନି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆବୃତ୍ତି ଲାଭ କରିବେ। ରାଜନୈତିକ, ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣାରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା**
ଆଜି ସକାଳୁ ସକାଳୁ ବନ୍ଧୁ ମିଳନ ଓ ଆନୁଷ୍ଠାନିକ କାମରୁ ଖୁସୀ ରହିବେ। ଖୋଜୁଥିବା ଲୋକଟିକୁ ଠିକଣା ଜାଗାରେ ନ ପାଇ ବ୍ୟସ୍ତ ହୋଇପାରନ୍ତି। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ।

**ତୁଳା**
ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମ ଗୁଡିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ ହେବେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଅଧସ୍ତନ କର୍ମଚାରୀଙ୍କ ମନମୁଖିଆ ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିବ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ସାମାଜିକ ସ୍ତରରେ ଉତ୍ସୁକତାର ସହ କାମ କରି ପ୍ରଶଂସିତ ହେବେ।

**ଧନୁ**
କାର୍ଯ୍ୟହାନି ଓ ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟକରିବାରେ ସହାୟକ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ।

**ମକର**
ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ କିନ୍ତୁ କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟି କରିପାରେ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସାମୟିକ ସମସ୍ୟା ଲାଗି ରହିଲେ ମଧ୍ୟ ବନ୍ଧୁମାନଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ**
ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରି ଚାଲନ୍ତୁ ଅବଶ୍ୟ ସଫଳତା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିଶେଷ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହା କି ଉଦ୍‌ବେଗର କାରଣ ହୋଇପାରେ। ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ରହିବେ।

**ମୀନ**
ଗତକାଲିର ଘଟଣାବଳୀକୁ ନେଇ ରହିଥିବା ଟେନ୍‌ସନ୍ ଆଜି କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ହସ ଖୁସୀରେ ଅତିବାହିତ ହେବ। ଅଯଥା ଗୁଡାଏ କାଳ୍ପନିକ ବିଷୟବସ୍ତୁକୁ ନେଇ ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ପୌଷ ଶୁକ୍ଳପକ୍ଷର ପୁତ୍ରଦା(ବୈକୁଣ୍ଠ) ଏକାଦଶୀ ରବିବାର, ରବିନାରାୟଣ ବ୍ରତ, ଜାନୁୟାରୀ ୨୪ ତାରିଖ, ଜାତୀୟ କନ୍ୟାସନ୍ତାନ ଦିବସ, ବକ୍ସି ଜଗବନ୍ଧୁଙ୍କ ତିରୋଧାନ ଦିବସ। ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ମେଷ ରାଶିର ଘାତବାର,ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭.୧୧ମି. ଗତେ ଘ.୧୦.୨୮ମି. ମଧ୍ୟେ ଅମୃତବେଳା। ଘ.୦୬.୨୭ମି.ଗତେ ଘ.୦୭.୧୧ମି. ମଧ୍ୟେ, ଘ.୦୧.୦୫ମି. ଗତେ ଘ.୦୧.୪୯ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୦୭ମି. ଗତେ ଘ.୦୫.୩୦ମି. ମଧ୍ୟେ ରାହୁକାଳ।

## ୮ ଜିଲାରେ ଘନ କୁହୁଡ଼ି, ଫୁଲବାଣୀ ୬.୫ ଡିଗ୍ରୀ

ଭୁବନେଶ୍ୱର,୨୩।୧(ବ୍ୟୁରୋ): ରାଜ୍ୟରେ ହାଲୁକା ଶୀତ ଜାରି ରହିଛି। ୩ଟି ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ାରେ ୮.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗବାଡ଼ି ୮ ଏବଂ ଝାରସୁଗୁଡାରେ ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨ ଦିନ କେତେକ ଜିଲାରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରବିବାର ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କନ୍ଧମାଳ, ଅନୁଗୋଳ ଏବଂ କଟକ ଜିଲାର କେତେକ ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି।

### ପିକ୍‌ନିକ୍ ସ୍ପଟ୍

## ୱାଇଲ୍ଡଲାଇଫ୍ ୱାଚ୍ ଟାୱାର



ରାୟଗଡ଼ା ଜିଲାର ଅନେକ ସ୍ଥାନ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏଥିପାଇଁ ବର୍ଷ ତମାମ ଭିଡ଼ ଜମିଥାଏ। ହେଲେ ଜିଲାର ଚନ୍ଦ୍ରପୁର ବ୍ଲକ୍‌ର ଅନ୍ୟତମ ଆକର୍ଷଣ 'ୱାଇଲ୍ଡଲାଇଫ୍ ୱାଚ୍ ଟାୱାର' ଅନେକଙ୍କ ପାଇଁ ଏବେ ବି ଅଜଣା। ଡାଙ୍ଗସୋରଡ଼ା ପଞ୍ଚାୟତଠାରୁ ୫ କି.ମି. ଦୂର ଭାଲୁଗୁଡ଼ା ଡ୍ୟାମ୍ ନିକଟରେ ରହିଛି ବନ ବିଭାଗର ଏହି ନୂତନ ୱାଚ୍ ଟାୱାର।

ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ନଜର ରଖିବା ସହ ସେମାନଙ୍କ ଗଣନା ନିମନ୍ତେ ୫ ବର୍ଷ ତଳେ ଡ୍ୟାମ୍‌କୁ ଲାଗି ନିର୍ମାଣ ହୋଇଥିଲା ଚାରି ମହଲା ବିଶିଷ୍ଟ ଏହି ୱାଚ୍ ଟାୱାର। ଡ୍ୟାମ୍ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ପାହାଡ଼, ଜଙ୍ଗଲ ଘେରା ପ୍ରାକୃତିକ ପରିବେଶ ଏବଂ ସନ୍ଧ୍ୟାରେ ଡ୍ୟାମ୍‌ରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଜଳକ୍ରୀଡ଼ା ଦୃଶ୍ୟ ବେଶ୍ ବିମୋହିତ କରିଥାଏ। ଏହି ସମୟରେ ନିକଟରେ ରହିଥିବା ୱାଚ୍ ଟାୱାର ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରେ। ବନ ବିଭାଗର ଅନୁମତି ନେଇ ପର୍ଯ୍ୟଟକ ଏଠାରେ ବଣଭୋଜିର ଆନନ୍ଦ ନେବା ସହ ଟାୱାର ଉପରେ ଚଢ଼ି ଡ୍ୟାମ୍, ଚାରିପାର୍ଶ୍ୱରେ ରହିଥିବା ସବୁଜ ପରିବେଷ୍ଟନୀ ଏବଂ ପକ୍ଷୀମାନଙ୍କ କିଚିରିମିଚିରି ଶବ୍ଦ ଉପଭୋଗ କରିଥାନ୍ତି।

### କେମିତି ଯିବେ

ରାୟଗଡ଼ା ସହରରୁ ୬୦କି.ମି. ଦୂର ମୁନିଗୁଡ଼ାକୁ ଟ୍ରେନ୍, ବସ୍ କିମ୍ବା ଟ୍ୟାକ୍ସି ଯୋଗେ ଯିବାକୁ ହୁଏ। ସେଠାରୁ ପୁଣି ଟାକ୍ସି ଯୋଗେ ଭାୟା ଡାଙ୍ଗସୋରଡ଼ା ଏବଂ ନାଉଡୁଗୁଡ଼ା ଦେଇ ୨୯କି.ମି. ବାଟ ଗଲେ ଏଠାରେ ପହଞ୍ଚିପାରିବେ।

– ରିପୋର୍ଟ: ବିଜୟ ପ୍ରସାଦ ଉଲାକା, ଚନ୍ଦ୍ରପୁର, ରାୟଗଡ଼ା

## ତୁରନ୍ତ ଟ୍ରେନ ଚଳାଇବାକୁ ଏମ୍‌ପି ଚନ୍ଦ୍ରାଣୀଙ୍କ ଦାବି

କେନ୍ଦୁଝର, ୨୩।୧(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ ପୁରୀ –ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସ ଚଳାଚଳ ପାଇଁ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ କେନ୍ଦ୍ର ରେଳମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି। କରୋନା ମହାମାରୀ ପାଇଁ ଏହି ଟ୍ରେନ ମାର୍ଚ୍ଚ ୨୦୨୦ରୁ ବନ୍ଦ ରହିଥିଲା। ଏବେ ଜୀବନ ଯାତ୍ରା ସ୍ୱାଭାବିକ ହେଉଥିବା ବେଳେ ସ୍କୁଲ, କଲେଜ ଖୋଲିଗଲାଣି। ଏପରିକି ପଡୋଶୀ ମୟୂରଭଞ୍ଜ ଜିଲାକୁ ପୁରୀ–ବାଙ୍ଗିରିପୋଷି ଟ୍ରେନ ଚଳାଚଳ ଆରମ୍ଭ ହୋଇଛି। କେନ୍ଦୁଝର ଜିଲାରୁ ରେଳବାଇ ଦୈନିକ ପନ୍ଦର କୋଟି ରାଜସ୍ୱ ପାଉଥିଲେ ହେଁ ଜିଲାବାସୀଙ୍କ ପ୍ରତି ଅଣଦେଖା କରି ଟ୍ରେନ ଚଳାଚଳ କରାଯାଉନାହିଁ ବୋଲି ସେ କହିଛନ୍ତି। ଗତ ଅକ୍ଟୋବର ମାସରେ ସପ୍ତାହରେ ତିନି ଦିନ ଚାଲିଥିବା ବେଳେ କ୍ଷତି ଦର୍ଶାଇ ବନ୍ଦ କରିଦିଆଯାଇଥିଲା। ଏଣୁ ଟ୍ରେନ ଚଳାଚଳ ହେଲେ ଦୈନିକ ତିନି ହଜାର ଲୋକ ଯାତାୟାତ ସୁବିଧା ପାଇ ପାରିବେ ବୋଲି ଜଣାଇଛନ୍ତି। ତୁରନ୍ତ ପଦକ୍ଷେପ ନେଇ ଟ୍ରେନ ଚଳାଚଳ କରା ନ ଗଲେ ରାଜନୈତିକ ଦଳ ତଥା ସାଧାରଣ ନାଗରିକ ମାଲ୍‌ବାହୀ ଟ୍ରେନ ଅଟକାଇ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି।

# ଛଉ ମୋହରେ ବିଦେଶୀ



କାରୋଲିନା ପ୍ରାଦା

ଭୁବନେଶ୍ୱର,୨୩।୧(ବ୍ୟୁରୋ)

ଓଡ଼ିଶାର ଲୋକନୃତ୍ୟ ମୋହରେ ପଡ଼ିଛନ୍ତି ବିଦେଶୀ। ମୟୂରଭଞ୍ଜର ପ୍ରସିଦ୍ଧ ଛଉନୃତ୍ୟ ରାଜ୍ୟ ଓ ରାଜ୍ୟ ବାହାରେ ବିଶେଷ ଲୋକପ୍ରିୟତା ହାସଲ କରିଛି। ଓଡ଼ିଶୀ ନୃତ୍ୟ ପରେ ଏବେ ଛଉନୃତ୍ୟ ପ୍ରେମରେ ପଡ଼ିଛନ୍ତି ବିଦେଶୀ। ସେଭଳି ଜଣେ ବିଦେଶୀ ହେଲେ କଲମ୍ବିଆର କାରୋଲିନା ପ୍ରାଦା। ବିଶ୍ୱର ବିଭିନ୍ନ ରାଷ୍ଟ୍ର ବୁଲି ସେଠାକାର କଳା, ସଂସ୍କୃତିକୁ ନିକଟରୁ ଦେଖିବା ପରେ ଓଡ଼ିଶାର ଛଉ ମୋହରେ ପଡ଼ିଛନ୍ତି। ପ୍ରସିଦ୍ଧ ମୟୂରଭଞ୍ଜ ଛଉକୁ ଭଲପାଇବା ସହ ଏହାକୁ ବିଦେଶ ମାଟିରେ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ପ୍ରଚାର ପ୍ରସାର କରିଛନ୍ତି। ନିଜେ ଜଣେ ଗୁରୁଭାବେ କଲମ୍ବିଆ ସହ ଅନ୍ୟାନ୍ୟ ରାଷ୍ଟ୍ରରେ ଛଉ ନୃତ୍ୟ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

ଆଇକିଡୋ, କୁଙ୍ଗ୍ ଫୁ, କାପୋଏରା, ବେଲି ଡ୍ୟାନ୍ସ, ମେକ୍ସିକାନ ଆଜ୍‌ଟେକ୍ ଡ୍ୟାନ୍ସ ଓ କଲମ୍ବିଆନ୍ ସୋର୍ଡସ୍ ପ୍ଲେ ଭଳି ନୃତ୍ୟ ଓ ସମରକଳାରେ ପ୍ରଶିକ୍ଷଣ ନେଇଥିବା କାରୋଲିନା ଆଇସିସିଆର୍ ସ୍କଲାରଶିପ୍ ପାଇ ୨୦୦୮ ମସିହାରେ ଭାରତ ଆସିଥିଲେ। ନୂଆଦିଲ୍ଲୀରେ ସେ ପ୍ରଥମେ ଗୁରୁ ପ୍ରିୟମ୍ବଦା ପଟ୍ଟନାୟକଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରିଥିଲେ। ତେବେ ମୟୂରଭଞ୍ଜ ଛଉନୃତ୍ୟ ଓ ତା'ର ଇତିହାସ ସମ୍ପର୍କରେ ଅବଗତ ହେବା ପରେ ସେ ଛଉ ଶିଖିବାକୁ ମନ ବଳାଇଥିଲେ। ଛଉ ନୃତ୍ୟରେ ଥିବା ସମରକଳା ତାଙ୍କୁ ଏହି ନୃତ୍ୟକଳା ପ୍ରତି ଆକର୍ଷିତ କରିଥିଲା। ନୃତ୍ୟ ଓ ସମରକଳାର ଯୁଗଳବନ୍ଦୀକୁ ଭଲ ପାଉଥିବା କାରୋଲିନା କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ନୃତ୍ୟ ଶିଳ୍ପୀ ଜନ୍ମେଜୟ ସାଇବାବୁଙ୍କଠାରୁ ଛଉନୃତ୍ୟ ଶିକ୍ଷା ଆରମ୍ଭ କରିଥିଲେ। ବର୍ତ୍ତମାନ ସେ ଗୁରୁଜୀଙ୍କର ବରିଷ୍ଠ ଛାତ୍ରୀ ହୋଇଥିବାବେଳେ ଜଣେ ବିଦେଶିନୀ ନୁହେଁ, ବରଂ ପୋଖତ ଛଉ ନୃତ୍ୟଶିଳ୍ପୀ ଭଳି ନୃତ୍ୟ ପରିବେଷଣ କରୁଛନ୍ତି। ଛଉ ଏକ ପୁରୁଷକୈନ୍ଦ୍ରିକ ନୃତ୍ୟଶୈଳୀ ନୁହେଁ, ଏହାକୁ ସେ ପ୍ରମାଣିତ କରିପାରିଛନ୍ତି। କଲମ୍ବିଆରେ ରହୁଥିବା କାରୋଲିନା ଅଧିକାଂଶ ସମୟରେ ଭାରତ ଆସିଥାନ୍ତି। ଏହି ସମୟରେ ସେ ନୂଆଦିଲ୍ଲୀ ଓ ମୟୂରଭଞ୍ଜରେ ରହିଥାନ୍ତି। କରୋନା ଯୋଗୁ ଭାରତରେ ଲକ୍‌ଡାଉନ ହୋଇଥିବାବେଳେ ଅନ୍ତର୍ଜାତୀୟ ବିମାନ ଚଳାଚଳ ବନ୍ଦ ରହିଥିଲା। ଏହି ସମୟରେ କାରୋଲିନା କଲମ୍ବିଆରେ ରହିଥିଲେ। ଏବେ ସେ ବାରିପଦା ଆସିଛନ୍ତି। ସେଠାରେ ଛଉ ନୃତ୍ୟର ଶୁଟିଂ କରିବା ସହ ସ୍ୱତନ୍ତ୍ର ଡକ୍ୟୁମେଣ୍ଟାରି ପ୍ରସ୍ତୁତ କରୁଛନ୍ତି। ବେଲଗାଡ଼ିଆ ରାଜପ୍ରାସାଦ ସମେତ ଏହାର ଆଖପାଖ ଅଞ୍ଚଳରେ ଶୁଟିଂ ଚାଲିଛି। ନଟରାଜ ନୃତ୍ୟରେ କାରୋଲିନାଙ୍କ ପ୍ରଦର୍ଶନ ବେଶ ଆକର୍ଷଣୀୟ ଓ ପ୍ରଭାବଶାଳୀ ହୋଇପାରିଛି। ଗତ ୩ ତାରିଖରୁ ୬ଦିନ ଧରି ବାରିପଦାରେ ଚାଲିଥିବା ଛଉନୃତ୍ୟ କର୍ମଶାଳାରେ କାରୋଲିନା ଶାସ୍ତ୍ରୀୟ ଅଙ୍ଗଭଙ୍ଗୀ ଏବଂ ଅଭିନୟ ଉପରେ ଶିକ୍ଷା ପ୍ରଦାନ କରିଥିଲେ।

# ବ୍ରହ୍ମପୁରରେ ଆନ୍ଧ୍ର ବିଧାନ ପରିଷଦ ପ୍ରତିନିଧି

ବ୍ରହ୍ମପୁର ଅଫିସ,୨୩।୧

ଆନ୍ଧ୍ରପ୍ରଦେଶ ବିଧାନ ପରିଷଦର ତେଲୁଗୁ ଭାଷା ଓ ସଂସ୍କୃତି କମିଟିର ପ୍ରତିନିଧି ଦଳ ଶନିବାର ବ୍ରହ୍ମପୁର ଗସ୍ତରେ ଆସିଥିଲେ। ବିଧାନ ପରିଷଦ ଅଧ୍ୟକ୍ଷ ମହମ୍ମଦ ଅହମଦ ସରିଫ ଏହାର ନେତୃତ୍ୱ ନେଇଥିଲେ। କମିଟି ସଦସ୍ୟ ଭି. ବାଲ ସୁବ୍ରମଣ୍ୟମ୍, କେ. ନରସିଂହ ରେଡ୍ଡୀ, ଭି.ପି.ଭି.ଏନ୍ ମାଧବ ଟିମ୍‌ରେ ଥିଲେ। ବିଧାନ ପରିଷଦର ଡେପୁଟି ସେକ୍ରେଟାରୀ ଓ ଅନ୍ୟ ଅଧିକାରୀ ପ୍ରତିନିଧି ଦଳ ସହ ଆସିଥିଲେ। ଅଧିକାଂଶ ତେଲୁଗୁ ଛାତ୍ରୀ ପଢୁଥିବା ସରକାରୀ ବାଳିକା ହାଇସ୍କୁଲ ଓ ସହରର ପୁରାତନ ଶିକ୍ଷାନୁଷ୍ଠାନ ସିଟି ହାଇସ୍କୁଲ ପରିଦର୍ଶନ କରିଥିଲେ ପ୍ରତିନିଧି ଦଳ।



ଆନ୍ଧ୍ର ବିଧାନ ପରିଷଦ ଅଧ୍ୟକ୍ଷ ଓ ପ୍ରତିନିଧି ଦଳ ହାଇସ୍କୁଲ ପରିଦର୍ଶନ କରୁଛନ୍ତି

■ଆନ୍ଧ୍ର ଭାଷା ବିଭର୍ଦ୍ଧନୀ ସମାଜମ୍‌ର ଦାବିପତ୍ର

■ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତେଲୁଗୁ ଚେୟାର ପ୍ରତିଷ୍ଠା ଉପରେ ଗୁରୁତ୍ୱ

ପ୍ରକାଶମ୍ ହଲ୍‌ରେ ସ୍ଥାନୀୟ ଆନ୍ଧ୍ର ଭାଷା ବିଭର୍ଦ୍ଧନୀ ସମାଜମ୍ କର୍ମକର୍ତ୍ତାଙ୍କ ସହ ମହାନଗର ଓ ଆଖପାଖ ଅଞ୍ଚଳର ତେଲୁଗୁ ସଂସ୍କୃତି ଓ ଶିକ୍ଷା ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା କରିଥିଲେ ପ୍ରତିନିଧି ଦଳ। ଓଡ଼ିଶା ସରକାର ସଂଖ୍ୟାଲଘୁ ତେଲୁଗୁ ଲୋକଙ୍କ ପାଇଁ କ'ଣ ବ୍ୟବସ୍ଥା କରୁଛନ୍ତି ସେନେଇ ପଚରା ଯାଇଥିଲା। କି ପ୍ରକାର ସମସ୍ୟା ରହିଛି ସେ ସମ୍ପର୍କରେ ପ୍ରତିନିଧି ଦଳ ସମାଜମ୍ କର୍ମକର୍ତ୍ତାଙ୍କୁ ପ୍ରଶ୍ନ କରିଥିଲେ। ତେଲୁଗୁ ସମାଜମ୍ କର୍ମକର୍ତ୍ତା ପି. ସତ୍ୟ ନାରାୟଣ, ଡ଼ା. ଜୟନ୍ତୀ ରାଓ, ଡା. ନାରାୟଣ ରାଓ, ଏଲ. ରାମକ୍ରିଷ୍ଣା, ଟି. ଗୋପୀ ଓ ବାଳକୃଷ୍ଣ ରାଜୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଟିମ୍ ସହ ବ୍ରହ୍ମପୁର ଉପଜିଲାପାଳଙ୍କ ଅଫିସର ଆସିଷ୍ଟାଣ୍ଟ କଲେକ୍ଟର ଡି. ମାଳେଶ୍ୱର ପାତ୍ର ଥିଲେ। ସିଟି ହାଇସ୍କୁଲ ଓ ବାଳିକା ହାଇସ୍କୁଲ ପରିଦର୍ଶନ ବେଳେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ଉପସ୍ଥିତ ଥିଲେ।

ଆନ୍ଧ୍ରପ୍ରଦେଶ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ପାଇଁ ଓଡ଼ିଶା ସରକାର ପାଠ୍ୟପୁସ୍ତକ ଯୋଗାଉଥିବାରୁ ଗଞ୍ଜାମ ଜିଲାର ତେଲୁଗୁ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆନ୍ଧ୍ର ସରକାର ମାଗଣାରେ ତେଲୁଗୁ ପାଠ୍ୟ ବହି ଯୋଗାଇବାକୁ ସମାଜମ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଗଞ୍ଜାମର ବିଭିନ୍ନ ସ୍ଥାନରେ ତେଲୁଗୁ ସମ୍ପ୍ରଦାୟ ବାସ କରୁଥିବାରୁ ସେମାନଙ୍କ ଶିକ୍ଷାର ବିକାଶ ନିମନ୍ତେ ତେଲୁଗୁ ବିଏଡ୍ କଲେଜ ସ୍ଥାପନ, ଓଡ଼ିଆ–ତେଲୁଗୁ ଟ୍ରାନ୍ସଲେଟର ସେଣ୍ଟର ପ୍ରତିଷ୍ଠା ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ତେଲୁଗୁ ଚେୟାର ପ୍ରତିଷ୍ଠା ଆଦି ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରତିନିଧି ଦଳକୁ ପ୍ରଦାନ ସହ ଏହା କାର୍ଯ୍ୟକାରୀ ନିମନ୍ତେ ଓଡ଼ିଶା ସରକାରଙ୍କ ସହିତ ଆଲୋଚନା କରିବାକୁ ଗୁରୁତ୍ୱ ଦିଆଯାଇଥିଲା।

## କ୍ରୀଡ଼ାବିତ୍ ଗୋପାଳକୃଷ୍ଣ ମହାପାତ୍ରଙ୍କ ପରଲୋକ

ଭଦ୍ରକ ଅଫିସ, ୨୩।୧



ଗୋପାଳକୃଷ୍ଣ ମହାପାତ୍ର

ପ୍ରଖ୍ୟାତ କୁସ୍ତି ଯୋଦ୍ଧା, ମସ୍କୋ ଗୋଲ୍ଡ ବିଜେତା ଭାବେ ଭାରତରେ ଖ୍ୟାତି ଅର୍ଜନ କରିଥିବା ଭଦ୍ରକର ଗୋପାଳକୃଷ୍ଣ ମହାପାତ୍ର(୭୩)ଙ୍କର ଶନିବାର ଭୋରରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କ ମରଶରୀରକୁ ଭଦ୍ରକ ନେହେରୁ ଷ୍ଟାଡିୟମ, କଚେରି ବଜାର ଫୁଲ ମାର୍କେଟ୍ ସ୍ଥିତ ଘର, ପୁରୁଣାବଜାର ଅଞ୍ଚଳକୁ ନିଆଯାଇ ପରେ ପୁରୀ ସ୍ୱର୍ଗଦ୍ୱାରକୁ ଶେଷକୃତ୍ୟ ପାଇଁ ନିଆଯାଇଥିଲା। ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ବିଷ୍ଣୁ ସେଠୀ, ଆଇନଜୀବୀ ଅତିଶ ବେହେରା ଓ ବିଭିନ୍ନ କ୍ରୀଡ଼ା ସଙ୍ଗଠନ ସଦସ୍ୟ ଶେଷ ଦର୍ଶନ କରିଥିଲେ।

ଭଦ୍ରକ ପୁରୁଣାବଜାର ନିକଟସ୍ଥ ବାବୁସାହିର ବୈଷ୍ଣବ ଚରଣ ମହାପାତ୍ର ଓ ଇନ୍ଦୁମତୀ ଦେବୀଙ୍କ ସାନପୁଅ ଗୋପାଳକୃଷ୍ଣ। ସେ ଅନ୍ତର୍ଜାତୀୟ ମଲ୍ଲଯୋଦ୍ଧା ଭାବେ ପରିଚିତ ଥିଲେ। ୧୯୮୪ ଅଲିମ୍ପିକରେ ରେସଲିଂ ପାଇଁ ଗୋଲ୍ଡ ମେଡାଲ ପାଇଥିଲେ। ୧୦ରୁ ଊର୍ଦ୍ଧ୍ୱ ଦେଶରେ ମଲ୍ଲଯୋଦ୍ଧା ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଥିଲେ। ଏହାବ୍ୟତୀତ ନିଜସ୍ୱ ଜ୍ଞାନକୌଶଳରେ ୧୯୮୧ରେ ନିର୍ମାଣ କରିଥିବା ବସ୍ 'ମିରାକଲ୍'ର ବଡ଼ି ନିର୍ମାଣ ଲାଗି ବିଶ୍ୱ ଦରବାରରେ ଅଷ୍ଟ୍ରେଲିଆ ଟ୍ରକ୍ ଆଣ୍ଡ ବସ୍ ଟ୍ରାନ୍ସପୋର୍ଟେଶନ ସଂସ୍ଥା ଦ୍ୱାରା ସେ ପ୍ରଶଂସିତ ହୋଇଥିଲେ।

# ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ

### ଜଳେଶ୍ୱରରେ ଏସ୍‌ଟିଏଫ୍, ଭଦ୍ରକରେ ପୋଲିସ ଚଢ଼ାଉ

ଜଳେଶ୍ୱର/ଭଦ୍ରକ ଅଫିସ, ୨୩।୧(ଡି.ଏନ.ଏ.)

କଟକ, ଭୁବନେଶ୍ୱରରେ ବିଭିନ୍ନ ନକଲି ମସଲା ଓ ଖାଦ୍ୟ ସାମଗ୍ରୀର କାରଖାନା ଠାବ ହେବା ପରେ ଏବେ ବାଲେଶ୍ୱର ଓ ଭଦ୍ରକରେ ବିପୁଳ ପରିମାଣର ନକଲି ଜର୍ଦ୍ଦା ଜବତ ହୋଇଛି। ଶନିବାର ଏସ୍‌ଟିଏଫ୍‌ର ଏକ ଟିମ୍ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରେ ଚଢାଉ କରି ୨ କୁଇଣ୍ଟାଲ ଓଜନର ବିଭିନ୍ନ ବ୍ରାଣ୍ଡର ନକଲି ଜର୍ଦ୍ଦା ଜବତ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେହିପରି ଭଦ୍ରକ ପୁରୁଣାବଜାର ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଛଡ଼ାକମହଲା ଅଞ୍ଚଳରେ ଚଢାଉ କରି ନକଲି ଜର୍ଦ୍ଦା କାରଖାନା ଠାବ କରିଛି।



ଜଳେଶ୍ୱରରେ ଜବତ ନକଲି ଜର୍ଦ୍ଦା।

ଏସ୍‌ଟିଏଫ୍ ଭୁବନେଶ୍ୱର କାର୍ଯ୍ୟାଳୟର ଅତିରିକ୍ତ ଏସ୍‌ପି ତେଜରାଜ ପଟେଲଙ୍କ ନେତୃତ୍ୱରେ ଜଳେଶ୍ୱରର ୨ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ଏହି ଟିମ୍ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ଅଶୋକ ସାହୁ ଓ ଚନ୍ଦନ ଚୌରାସିଆଙ୍କ ଦୋକାନ ଓ ଗୋଦାମଘର ଉପରେ ଚଢ଼ାଉ କରି ପ୍ରାୟ ୨ କୁଇଣ୍ଟାଲ ନକଲି ଜର୍ଦ୍ଦା ଜବତ କରିଥିଲା। ଏଥିରେ ଗୋପାଳ ଜର୍ଦ୍ଦା, କନକ ଜର୍ଦ୍ଦା, ଶିବଦାଦା ଆଦି ନାମୀଦାମୀ ବ୍ରାଣ୍ଡର ନକଲି ଜର୍ଦ୍ଦା ପ୍ୟାକେଟ ସହିତ ବିଭିନ୍ନ କମ୍ପାନୀର ଗୁଟ୍‌ଖା ଏଠାରେ ବିକ୍ରି ହେଉଥିବା ପ୍ରମାଣ ମିଳିଛି। ସେହିପରି ଭଦ୍ରକ ଭଦ୍ରକ ପୁରୁଣାବଜାର ଥାନା ଅଧୀନ ଛଡ଼ାକମହଲା ଅଞ୍ଚଳରେ ପୋଲିସ ଟିମ୍ ଚଢ଼ାଉ କରି ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନକଲି ଜର୍ଦ୍ଦା, ବିଭିନ୍ନ ନାମୀଦାମୀ କମ୍ପାନୀର ଲୋଗୋ, ଯନ୍ତ୍ରାଂଶ ସହ ଏଥିରେ ବ୍ୟବହୃତ ଅନେକ ସାମଗ୍ରୀ ଜବତ କରିଛି।

# ଗୁଟ୍‌ଖା କାରଖାନାରେ ଚଢ଼ାଉ

### ୨୦ଲକ୍ଷର ଗୁଟ୍‌ଖା ଜବତ, ମାଲିକ ଅଟକ

ବ୍ରହ୍ମପୁର ଅଫିସ,୨୩।୧

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ବାଲ୍ୟ ଠାକୁରାଣୀ ମନ୍ଦିର ନିକଟରେ ଥିବା ଏକ ୩ ମହଲା ଘରେ ଚାଲିଥିବା ବେଆଇନ ଗୁଟ୍‌ଖା କାରବାର ପର୍ଦ୍ଦାଫାଶ୍ କରିଛି ପୋଲିସ। ବଡ଼ ବଜାର ଥାନା ପୋଲିସ ସେହି ୩ ମହଲା ଘରୁ ବିପୁଳ ପରିମାଣର ବିଭିନ୍ନ କମ୍ପାନୀର ଗୁଟ୍‌ଖା, କଞ୍ଚାମାଲ ଓ ମେଶିନ୍ ଜବତ କରିଛି। ଏ ସଂକ୍ରାନ୍ତରେ ହାଉସିଂବୋର୍ଡ ଅଞ୍ଚଳର ଜଣେ ବ୍ୟବସାୟୀ ଇ. କାମେଶ୍ୱର ପାତ୍ରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଫାଷ୍ଟଗେଟ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ଘରେ ବେଆଇନ ଗୁଟ୍‌ଖା



ପ୍ରସ୍ତୁତ ହେଉଥିବା ନେଇ ସୂଚନା ମିଳିଥିଲା। ସେ ନେଇ ବଡ଼ ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ବାଲ୍ୟ ଠାକୁରାଣୀ ମନ୍ଦିର ନିକଟରେ ଥିବା ଏକ ୩ମହଲା ଘର ଯାଞ୍ଚ ପରେ ସେଠାରୁ ଗୁଟ୍‌ଖା ଜବତ ହୋଇଥିଲା। ଶିବାଜୀ, ଗୋକୁଳ ମିକ୍ସ ଭଳି ବିଭିନ୍ନ କମ୍ପାନୀର ଗୁଟ୍‌ଖା ସେଠାରେ ପ୍ରସ୍ତୁତ ହେଉଥିବା ଜଣାପଡ଼ିଥିଲା। ଘଟଣାସ୍ଥଳରୁ ପ୍ରାୟ ୧୫ବସ୍ତା ଗୁଟ୍‌ଖା, କଞ୍ଚାମାଲ ଜବତ ହୋଇଥିବା ବେଳେ ବିଭିନ୍ନ କମ୍ପାନୀର ଗୁଟ୍‌ଖା ପଲିଥିନ୍ ପ୍ୟାକେଟ୍ ଜବତ ହୋଇଛି। ସେହିପରି ପ୍ରାୟ ୮ ମିକ୍ସଚର୍ ଓ ପ୍ୟାକିଂ ମେଶିନ୍ ଜବତ ହୋଇଥିବା ଜଣାପଡ଼ିଛି। ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ପୋଲିସ ହାତରୁ ଖସିଗଲେ ନିଶା ବେପାରୀ

### ଧରାହେଲା ୨୫ଲକ୍ଷର ବ୍ରାଉନ୍‌ସୁଗାର

ଜଳେଶ୍ୱର, ୨୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଝାଡେଶ୍ୱରପୁର ବସ୍ତି ଅଞ୍ଚଳ ବ୍ରାଉନସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଏହି ଅଞ୍ଚଳରେ ବାରମ୍ବାର ଚଢାଉ କରାଯାଇ ବ୍ରାଉନସୁଗାର ଜବତ କରାଯାଉଥିଲେ ମଧ୍ୟ ଏହାକୁ ରୋକିବାରେ ପୋଲିସ ସକ୍ଷମ ହୋଇପାରିନାହିଁ। ଅପରପକ୍ଷେ ବେପାରୀମାନେ ନିଶା କାରବାର ଚଳାଇବା ଲାଗି ବିଭିନ୍ନ ଉପାୟ ଆପଣାଇ ପୋଲିସକୁ ଚକ୍‌ମା ଦେବାକୁ ଚେଷ୍ଟା ଚଳାଇଛନ୍ତି। କିଛି ଦିନ ତଳେ ଜଣେ ନାବାଳକଙ୍କ ମାଧ୍ୟମରେ ବ୍ରାଉନସୁଗାର ବିକ୍ରି ଖବର ଚର୍ଚ୍ଚାର ପରିସରକୁ ଆସିଥିଲା। ଶନିବାର ପୁଣି ଏହି ଅଞ୍ଚଳରେ ପୋଲିସ ଚଢ଼ାଉ କରି ନିଶା ବେପାରୀ ନୂଆ ତରିକା ଆପଣେଇଥିବା ଜାଣିବାକୁ ପାଇଛି। ବେପାରୀମାନେ ବାଲିମଧ୍ୟରେ ବ୍ରାଉନସୁଗାର ପୋତି ବିକ୍ରି କରୁଥିବା ବେଳେ ପୋଲିସ ଚଢାଉ କରିଥିଲା। ଚଢାଉ ସମୟରେ ୨୫୦ଗ୍ରାମ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୨୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ହେଲେ ନିଶା ବେପାରୀ କୌଶଳକ୍ରମେ ପୋଲିସ ହାତରୁ ଖସିଯାଇଛନ୍ତି।

ଜଳେଶ୍ୱର ଥାନା ଆଇଆଇସି ମାନସ ଦେଓ ସଦଳବଳେ ଅଚାନକ ବସ୍ତି ଅଞ୍ଚଳରେ ଚଢ଼ାଉ କରିଥିଲେ। ସେଠାରେ ବସିଥିବା ୨ଜଣ ବ୍ୟକ୍ତି ପୋଲିସ୍‌କୁ ଦେଖି ହଡବଡେଇ ଯାଇଥିଲେ। ପୋଲିସ୍ ଟିମ୍ ଦେଖି ସେମାନେ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରେ କିଛି ନ ପାଇ ପୋଲିସ ନିକଟସ୍ଥ ଏକ ବାଲି ଗଦା ଉପରେ ସନ୍ଦେହ କରିଥିଲା। ବାଲି ଗଦାରୁ ଖୋଳିବା ପରେ ବ୍ରାଉନସୁଗାର ମିଳିଥିଲା। ଚମ୍ପଟ ମାରିଥିବା ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ସେହି ଗ୍ରାମର ସେକ୍ କଟାବାବୁ ଥିବା ପୋଲିସ ଜାଣିବାକୁ ପାଇଛି। ସେଠାରେ ଛାଡ଼ିଯାଇଥିବା ମୋବାଇଲ୍, ମନିପର୍ସ ପୋଲିସ ଜବତ କରିଛି।



ଭଗବାନ୍ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି– ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବାଯାଏ। – ଶ୍ରୀଅରବିନ୍ଦ



# ଖାଲି ବାହାନା



ଆକାର ପଟେଲ

ଲଗାତର ମାନ୍ଦାବସ୍ଥା ଦେଇ ଗତି କରୁଥିବା ଭାରତୀୟ ଅର୍ଥ ବ୍ୟବସ୍ଥାର ୧୩ଶ ତ୍ରୈମାସିକରେ ଆମେ ପ୍ରବେଶ କରିଛୁ। ଗ୍ରସ୍ ଡୋମେଷ୍ଟିକ୍ ପ୍ରଡକ୍ଟ ବା ମୋଟ ଘରୋଇ ଉତ୍ପାଦ (ଜିଡିପି) କହିଲେ ଦେଶରେ ଗତ ୧୨ ମାସରେ ସେବା ଓ ଉତ୍ପାଦିତ ସାମଗ୍ରୀର ମୋଟ ମୂଲ୍ୟକୁ ବୁଝାଏ। ଜିଡିପି ୨୦୧୯–୨୦୨୦ ତୁଳନାରେ ୨୦୨୦–୨୦୨୧ରେ ହ୍ରାସ ପାଇଛି। ଜାନୁୟାରୀ ୨୦୨୦ରେ ଯେଉଁସ୍ତରରେ ଥିଲୁ ସେଠାରେ ପହଞ୍ଚିବାକୁ ଆମକୁ ସମ୍ଭବତଃ ଆଉ ବର୍ଷେ ଲାଗିବ। ଆମେ ଜାଣୁନା, ହୁଏତ ଏହାଠାରୁ ଆହୁରି ଅଧିକ ସମୟ ବି ଲାଗିପାରେ। ଏହି ସମସ୍ୟା କୋଭିଡ୍ ଯୋଗୁ ଆରମ୍ଭ ହୋଇ ନାହିଁ, ବରଂ ଏହାର ବହୁ ପୂର୍ବରୁ ହୋଇଛି। ଜାନୁୟାରୀ ୨୦୧୮ରୁ ଅଭିବୃଦ୍ଧି ହ୍ରାସ ପାଇବା ଆରମ୍ଭ ହୋଇଛି। ସେବେଠାରୁ ପ୍ରତ୍ୟେକ ତ୍ରୈମାସିକରେ ଏହା କମିଚାଲିଛି। ସରକାର ଏଥିରେ ସୁଧାର ଆଣିବା ପାଇଁ ଚେଷ୍ଟା କରିଛନ୍ତି, ହେଲେ କୌଣସି ଲାଭ ମିଳିନାହିଁ। ୩ ବର୍ଷ ଧରି ଏହା ପର୍ଯ୍ୟାୟକ୍ରମେ ହ୍ରାସ ପାଇ ଚାଲିଛି। କହିବାକୁ ଗଲେ ଭାରତର ଅଭିବୃଦ୍ଧିର କାହାଣୀ ଶେଷ ହୋଇଛି ଏବଂ ଏବେଠାରୁ ଆଗକୁ ଆଉ କିଛି ବର୍ଷ ପାଇଁ ମଧ୍ୟ ଶେଷ ହୋଇଯାଇଛି। ଏହା ସପକ୍ଷରେ ତୁମେ ଯାହା ଚାହିଁ ତାହା କହିପାର, କିନ୍ତୁ ୩୯ ମାସ ଧରି ଲାଗି ରହିଥିବା ମାନ୍ଦା ଅର୍ଥବ୍ୟବସ୍ଥା ବିରୋଧରେ ଯୁକ୍ତି ବାଢ଼ିପାରିବ ନାହିଁ। ଚାଇନା ଓ ଆମେରିକା ସହ ପ୍ରତିଯୋଗିତା କରୁଛୁ ବୋଲି ଜୋରରେ କହୁଛୁ। କିନ୍ତୁ ମୁଣ୍ଡପିଛା ଜିଡିପିରେ ଆମେ ବାଂଲାଦେଶ ପଛରେ ରହିଛୁ। ପ୍ରକୃତ କଥା ହେଉଛି, ଲକ୍‌ଡାଉନ ନଥିବାବେଳେ ମଧ୍ୟ ଆମେ ସଙ୍କଟରେ ରହିଥିଲୁ। ସଙ୍କଟ କଥାକୁ ହାଲୁକା ଭାବେ ନିଆଯାଉଛି। ଏଠାରେ ପ୍ରକୃତ ସଙ୍କଟ କ'ଣ ତାହା ସମ୍ପର୍କରେ କୁହାଯାଇପାରେ। ଜାନୁୟାରୀ ୨୦୧୮ରୁ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧି କାହିଁକି ଅଟକିଯାଇଛି ତା' ସମ୍ବନ୍ଧରେ ସରକାରଙ୍କ କୌଣସି ଧାରଣା ହିଁ ନାହିଁ। ବାହାରୁ ଅନେକ କଥାଉଠୁଛି, କିନ୍ତୁ ସରକାର ତା' ଉପରେ ଆଲୋଚନା କି ତର୍କ କରୁନାହାନ୍ତି। କିଏ କହିବ ଏହି ଅପାରଗ ସରକାରଙ୍କ ରାଜାଙ୍କୁ। କେହି ନୁହେଁ। ମୁହଁ ଖୋଲିଲେ ନିଜ ପଦ ହରାଇବାର ଭୟରେ କିଛି କହିବେ ନାହିଁ। ଏଣୁ ଆମେ ଦ୍ୱନ୍ଦ୍ୱ ମଧ୍ୟରେ ସେମାନଙ୍କ ରାସ୍ତାରେ ଚାଲିଛେ,ଯାହା ଆମକୁ ଏବେ ଏହି ବିପର୍ଯ୍ୟୟରେ ପହଞ୍ଚାଇଛି। ଆମ ପତନର ସଙ୍କେତ ଆମ ଚାରିପାଖରେ ରହିଛି। ଟ୍ରମ୍ପ୍‌ଙ୍କ ବାଣିଜ୍ୟ ଯୁଦ୍ଧ ଯୋଗୁ ଚାଇନାକୁ ଛାଡିଛୁ। କୋଭିଡ୍ ଭାରତକୁ କେବଳ ଆସିନାହିଁ, ଭିଏତ୍‌ନାମ ଓ ବାଂଲାଦେଶକୁ ବି ଯାଇଛି। ହେଲେ ଆମ ପଡ଼ୋଶୀ ମୁଣ୍ଡ ପିଛା ଜିଡିପିରେ ଆମଠାରୁ ବହୁ ଆଗକୁ ଯାଇପାରିଛି। ବାଂଲାଦେଶର ରପ୍ତାନୀ ଢ଼େର ବଢିଛି। କାରଣ ପୋଷାକ ମାନୁଫାକ୍‌ଚରିଂରେ ଏହା ଅତ୍ୟଧିକ ଶ୍ରମ ବିନିଯୋଗ କରିପାରଛି। ଅପର ପକ୍ଷରେ ୨୦୧୪ରୁ ରପ୍ତାନିରେ ଆମେ ୬ ବର୍ଷ ଧରି କିଛି ବି ଅଭିବୃଦ୍ଧି କରିନାହୁଁ। ବାଂଲାଦେଶର ଶ୍ରମଶକ୍ତିରେ ମହିଳାମାନଙ୍କ ଭାଗୀଦାରି ଭାରତଠାରୁ ଯଥେଷ୍ଟ ବେଶୀ। ମହିଳାମାନଙ୍କ ପାଇଁ ବିଶ୍ୱରେ ସବୁଠୁ ବିପଜ୍ଜନକ ସ୍ଥାନ ହେଉଛି ଭାରତ। ଥମ୍‌ଶନ ର୍ୟୁଟର୍ସ୍ ଫାଉଣ୍ଡେଶନ ୱାର୍ଲ୍ଡସ ମୋଷ୍ଟ ଡେଞ୍ଜରିୟସ କଣ୍ଟ୍ରିଜ୍ ଫର୍ ଓମେନ ଅନୁସାରେ ଆମେ ୨୦୧୧ରେ ଚତୁର୍ଥ ସ୍ଥାନରେ ରହିଥିଲୁ। ପରେ ୨୦୧୮ରେ ପୂରା ଶେଷରେ ରହିଲୁ। ଶ୍ରମଶକ୍ତିରେ ମହିଳାମାନଙ୍କ କମ୍ ଭାଗୀଦାରିର ବହୁ ଜଟିଳ କାରଣ ରହିଛି। କିନ୍ତୁ ଦେଶର ବିଫଳତା ଏବଂ ଏବକାର ସରକାର ଏହି ହ୍ରାସକୁ ରୋକିବାରେ ଅପାରଗତା ମଧ୍ୟ ଏଥିପାଇଁ ଦାୟୀ।

ଆଗକୁ ୨୦୨୧ରେ ସମାନ ସ୍ଥିତି ଦେଖିବାକୁ ମିଳିବ। ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବା ଦେଖିବା ନାହିଁ। କିନ୍ତୁ ସରକାର କେତେ ଭଲ କାମ କରୁଛନ୍ତି, ତା'ଉପରେ ବଡ଼ ବଡ଼ ନିରର୍ଥକ କଥା ଶୁଣିବା। ଲକ୍‌ଡାଉନ କାରଣରୁ ଗତବର୍ଷ ପ୍ରଥମ ତ୍ରୈମାସିକ (ଏପ୍ରିଲ–ଜୁନ)ରେ ଅର୍ଥ ବ୍ୟବସ୍ଥାରେ ହୋଇଥିବା ସଂଖ୍ୟାଧିକ ଖାଲ ଗତ କିଛି ମାସରେ ଭରି ଯାଇଥିବ। ଯେତେବେଳେ ଏହି ତ୍ରୈମାସିକର ଫଳାଫଳ ୨୦୨୧ର ମଧ୍ୟ ଆଡ଼କୁ ଆସିବ ସେତେବେଳେ ମୋଦି ଗଳା ଫଟେଇ କହିବେ, ଆମେ ହେଉଛୁ ପୃଥିବୀର ସବୁଠୁ ଦ୍ରୁତ ଅଭିବୃଦ୍ଧି ସମ୍ପନ୍ନ ଅର୍ଥବ୍ୟବସ୍ଥା। ଭାରତୀୟ ଅର୍ଥବ୍ୟବସ୍ଥାରେ କିଛି ଚମତ୍କାରୀ କାର୍ଯ୍ୟ ଯୋଗୁ ସଫଳତା ମିଳିଛି ବୋଲି ମିଛ ବାହାନା କରିବେ। ଦି' ଇକୋନୋମିଷ୍ଟ ତା' ରିପୋର୍ଟରେ ଦର୍ଶାଇଛି ଯେ, ୨୦୨୦ରେ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ୩୫୦% ଓ ଗୌତମ ଆଦାନୀଙ୍କ ସମ୍ପତ୍ତି ୭୦୦%ରୁ ଅଧିକ ବୃଦ୍ଧି ହୋଇଛି। କିନ୍ତୁ ଆମ ବେରୋଜଗାରି ରେକର୍ଡ ସ୍ତର ପାଖାପାଖି ୯% ରହିଛି। ବେରୋଜଗାରର ସବୁ ଦିଗକୁ ବିଚାର କଲେ ଏହା ପାଖାପାଖି ୧୫% ଛୁଇଁବ ଏବଂ ସମ୍ଭବତଃ ଏହାଠାରୁ ଅଧିକ ବି ହୋଇପାରେ। ବ୍ୟାଙ୍କ କ୍ରେଡିଟ ଗ୍ରୋଥ୍‌ଠାରୁ ଆରମ୍ଭ କରି ଅଟୋମୋବାଇଲ ସେଲ୍ ଭଳି ବିଶ୍ୱାସଯୋଗ୍ୟ ମାପକ କଥା ଯଦି ଭାବିବା ତେବେ ସେଥିରେ କେବଳ ହ୍ରାସ ପାଇବା ହିଁ ଲକ୍ଷ୍ୟ କରିବା, ଯାହା ଆମକୁ କିଛି ବର୍ଷ ନୁହେଁ ସମ୍ଭବତଃ ଏକ ଦଶନ୍ଧି ପଛକୁ ନେଇଯାଇଛି। ତଥାପି ବିଜୟ କଥା କହିଚାଲିଛନ୍ତି ସରକାର। ୨୦୧୯ରେ ସାଧାରଣ ନିର୍ବାଚନରେ ପଶ୍ଚିମବଙ୍ଗରେ ଭାଜପା ପ୍ରାୟ ଅଧା ସିଟ୍ ଜିତିଥିଲା ଏବଂ ଚଳିତବର୍ଷ ବିଧାନସଭା ନିର୍ବାଚନରେ ଯଦି ସେଠାରେ ଭାଜପା ବିଜୟୀ ନ ହୁଏ, ତେବେ ସେଥିରେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ବିପୁଳ ଜନ ସମର୍ଥନକୁ ଆଧାର କରି ମୋଦି କର୍ପୋରେଟ ଇଣ୍ଡିଆରୁ ଇଲେକ୍‌ଟୋରାଲ ବଣ୍ଡ୍ ମାଧ୍ୟମରେ ଯେଉଁ ସମ୍ବଳ ଯୋଗାଡ଼ କରିଛନ୍ତି, ସବୁ ପାର୍ଟିର ଏକାଠି କଲେ ତାହାଠାରୁ ବି ଏହା ଏହା ଅଧିକ। ପଶ୍ଚିମବଙ୍ଗ ଯଦି ଭାଜପା ପଞ୍ଝାକୁ ନ ଆସିବ, ତେବେ ନିଶ୍ଚିତ ଭାବେ ଏହା ପଛକୁ ରହିଯିବ। ଦେଶର ସବୁ ସ୍ଥାନରେ ସମାଜ ବିଭାଜିତ ହୋଇଯାଇଛି। ଉପର ସ୍ତରରୁ ଯେଉଁ ମାତ୍ରାର ବିଷ ଭରିଦିଆଯାଇଛି ତାହାକୁ ବିନା ପ୍ରତିରୋଧରେ ଦୂର କରାଯାଇପାରିବ ନାହିଁ। କିନ୍ତୁ ଏହା ବିରୋଧରେ ପ୍ରତିରୋଧ କରାଯିବା ଦେଖାଯାଉନି। ଆର୍ଥିକ ସ୍ଥିତି ତଳକୁ ଖସିବାଠାରୁ ଆରମ୍ଭ କରି ଜାତୀୟ ସୁରକ୍ଷାରେ ବିଫଳତା, ବେରୋଜଗାରି ଓ ସାମାଜିକ ଅଶାନ୍ତି ଯାଏ ; ପ୍ରତ୍ୟେକ କ୍ଷେତ୍ରରେ ଭାରତ ୨୦୧୪ରୁ ତା'ପାଇଁ ଚୟନ କରିଥିବା ରାସ୍ତାରେ ଚାଲିବା ଜାରି ରଖିବ। ଖାଲି ବାହାନା କରିଚାଲିବେ। ଏବକାର ଶାସନ କାଳ ଅତୀତ ଅପେକ୍ଷା କିଭଳି ଭଲ ରହିଛି, ସେ ସମ୍ପର୍କରେ ଦୈନିକ ଉପଦେଶ ଦେଇ ମୋଦି ମଧ୍ୟ ନିଜର ଲୋକପ୍ରିତା ଜାରି ରଖିବେ।

Email:aakar.patel@gmail.com

# ସରକାରୀ ସ୍କୁଲକୁ ନେଇ ବିତର୍କ



ପ୍ରକାଶ ତ୍ରିପାଠୀ

ଉତ୍ତରପ୍ରଦେଶର ସରକାରୀ ସ୍କୁଲଗୁଡ଼ିକରେ କରାଯାଇଥିବା କାମ ଦେଖିଯିବା ପାଇଁ ଆପଣଙ୍କ ନିମନ୍ତ୍ରଣକୁ ମୁଁ ଗ୍ରହଣ କରୁଛି। ଆପଣ ୧୦ଟି ସ୍କୁଲର ତାଲିକା ପ୍ରସ୍ତୁତ କରନ୍ତୁ, ଯେଉଁଠାରେ ସୁଧାର କାର୍ଯ୍ୟ ସମ୍ପନ୍ନ ହୋଇଛି ଓ ପିଲାମାନେ ପ୍ରତିଯୋଗିତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆପଣ ଉତ୍ତର ପ୍ରଦେଶର ସରକାରୀ ସ୍କୁଲ ଓ ଦିଲ୍ଲୀର ସରକାରୀ ସ୍କୁଲ ଉପରେ ଯେଉଁ ବିତର୍କର ଆହ୍ୱାନ ଦେଇଛନ୍ତି, ତାକୁ ମୁଁ ଗ୍ରହଣ କରୁଛି ଓ ନିବେଦନ କରୁଛି ଯେ ଏବେ ମୁକ୍ତ ବିତର୍କରୁ ଆଉ ପଛକୁ ହଟିବେନି। ମୁଁ ୨୨ ଡିସେମ୍ବରକୁ ଲକ୍ଷ୍ନୌରେ ରହିବି। ଦିଲ୍ଲୀରେ ସରକାରୀ ସ୍କୁଲର ଦୁରବସ୍ଥାର କେତୋଟି ଫଟୋକୁ ଟୁଇଟରରେ ସ୍ଥାନିତ କରି ଉତ୍ତର ପ୍ରଦେଶ ଓ ଦିଲ୍ଲୀର ସରକାରୀ ବିଦ୍ୟାଳୟ ସମ୍ପର୍କରେ ବିତର୍କ କରିବା ପାଇଁ ଉତ୍ତର ପ୍ରଦେଶର ଶିକ୍ଷାମନ୍ତ୍ରୀ ସତିଶ ଦ୍ୱିବେଦୀ ପ୍ରଥମେ ଆହ୍ୱାନ ଦେବା ପରେ ଏହାର ପ୍ରତ୍ୟୁତ୍ତରରେ ଦିଲ୍ଲୀର ଶିକ୍ଷାମନ୍ତ୍ରୀ ମନୀଷ ସିସୋଦିଆ ଉପରୋକ୍ତ ଟୁଇଟ କରିଥିଲେ। ଅବଶ୍ୟ ନିଜ କଥା ରକ୍ଷାକରି ଡିସେମ୍ବର ୨୨ରେ ମନ୍ତ୍ରୀ ସିସୋଦିଆ ଲକ୍ଷ୍ନୌ ଯାଇଥିଲେ ବି ଏଭଳି ବିତର୍କକୁ ପୋଲିସ ସୁଯୋଗ ଦେଇ ନ ଥିଲା।

ସରକାରୀ ସ୍କୁଲର ଦୁରବସ୍ଥା ପ୍ରସଙ୍ଗ କେବଳ ଗୋଟିଏ ବା ଦୁଇଟି ରାଜ୍ୟର ନୁହେଁ, ଏହା ଏକ ଜାତୀୟ ପ୍ରସଙ୍ଗ ହୋଇଗଲାଣି। ସୁଖର କଥା ଯେ ଏବେ ଏହା ଅଭିଭାବକ ମହଲରୁ ନୁହେଁ, ବରଂ ରାଜନୈତିକ ମହଲରୁ ଉତ୍ଥାପନ ହେଉଛି। ଉନ୍ନତମାନର ଶିକ୍ଷାଦାନ, ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଓ ଜାତୀୟ ସ୍ତରରେ ପ୍ରତିଷ୍ଠା ଅର୍ଜନ ବିଭିନ୍ନ ରାଜନୈତିକ ଦଳ ପାଇଁ ନିର୍ବାଚନ ଇସ୍ତାହାର ହେବାକୁ ଯାଉଛି। ଦିଲ୍ଲୀର ସମୁଦାୟ ୧୦୨୪ ସରକାରୀ ସ୍କୁଲ ଓ ଉତ୍ତରପ୍ରଦେଶର ୧.୫୯ ଲକ୍ଷ ସ୍କୁଲ ମଧ୍ୟରେ ତୁଳନାତ୍ମକ ବିକାଶ ସମ୍ପ୍ରତି ଉତ୍ତରପ୍ରଦେଶର ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଆମ୍ ଆଦ୍‌ମୀ ପାର୍ଟି ଓ ଭାରତୀୟ ଜନତା ପାର୍ଟି ମଧ୍ୟରେ ବିତର୍କର ମୂଳଦୁଆ ପକାଇଛି। ଆଗାମୀ ବିଧାନସଭା ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି ଭାଗନେବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଘୋଷଣା କରିବା ପରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଏହି ଦୁଇ ରାଜ୍ୟ ମଧ୍ୟରେ ରାଜନୈତିକ ବିତର୍କ ଆରମ୍ଭ ହୋଇଛି।

ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ ସ୍କୁଲ ଶିକ୍ଷା ମାନ ସୂଚକାଙ୍କ (ସ୍କୁଲ ଏଜୁକେଶନ କ୍ୱାଲିଟି ଇଣ୍ଡେକ୍ସ)ର ତଥ୍ୟକୁ ଏହି ପରିପ୍ରେକ୍ଷୀରେ ଉପସ୍ଥାପିତ କରିବା ଉଚିତ ହେବ। ବୃହତ୍ ରାଜ୍ୟ, କ୍ଷୁଦ୍ର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଶିକ୍ଷା ଭିତ୍ତିଭୂମି ଓ ଶିକ୍ଷାଦାନର ମାନକୁ ଆଧାର କରି ସେଗୁଡ଼ିକର ତାଲିକା ପ୍ରସ୍ତୁତ ହୁଏ। ୨୦୧୯ ପାଇଁ ବୃହତ୍ ରାଜ୍ୟ ତାଲିକାରେ ସ୍ଥାନ ପାଇଥିବା ପାଞ୍ଚଟି ଶ୍ରେଷ୍ଠ ରାଜ୍ୟ ହେଉଛନ୍ତି କେରଳ, ରାଜସ୍ଥାନ, କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, ଗୁଜରାଟ ଓ ସବା ତଳେ ଥିବା ପାଞ୍ଚଟି ରାଜ୍ୟ ହେଉଛନ୍ତି ଝାଡ଼ଖଣ୍ଡ, ବିହାର, ପଞ୍ଜାବ, ଜମ୍ମୁକଶ୍ମୀର ଓ ସର୍ବଶେଷରେ ଉତ୍ତର ପ୍ରଦେଶ। ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ତାଲିକାର ଶୀର୍ଷରେ ଚଣ୍ଡିଗଡ ଥିବାବେଳେ ଦିଲ୍ଲୀର ସ୍ଥାନ ତୃତୀୟ। ଏ ଦୃଷ୍ଟିରୁ ବିଚାର କଲେ ଦିଲ୍ଲୀର ସ୍ଥାନ ନିଶ୍ଚିତ ଉଚ୍ଚରେ। ସ୍ୱୀକାର କରିବାକୁ ପଡ଼ିବ ଯେ, ଦିଲ୍ଲୀର ସାମ୍ପ୍ରତିକ ଶିକ୍ଷାଦାନ ବ୍ୟବସ୍ଥା ଓ ଶୈକ୍ଷିକ ବାତାବରଣରେ ପୂର୍ବାପେକ୍ଷା ଅନେକ ସଂସ୍କାର ଆସିଛି। କେବଳ ଜାତୀୟ ସ୍ତରରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଏହା ଦୃଷ୍ଟି ଆକର୍ଷଣ କରୁଛି। ଏଠାରେ ସ୍ମରଣ କରାଇଦେବା ଉଚିତ ହେବ ଯେ ଉତ୍ତରପ୍ରଦେଶର ନିମ୍ନଗାମୀ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ୨୦୧୫ ଅଗଷ୍ଟ ମାସରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ଡିଭିଜନ ବେଞ୍ଚ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ସରକାରୀ ସ୍କୁଲରେ ଖାଲିପଡ଼ିଥିବା ଅସଂଖ୍ୟ ଜୁନିୟର ସହକାରୀ ଶିକ୍ଷକ ପଦବୀ ପୂରଣ ନିମନ୍ତେ ଆଗତ ଅନେକଗୁଡ଼ିଏ ପିଟିସନର ବିଚାର କରି ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ସମସ୍ତ ସରକାରୀ କର୍ମଚାରୀ ସେମାନଙ୍କ ପିଲାମାନଙ୍କୁ ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ବାଧ୍ୟ। ଏପରି କି ଏହି ନିର୍ଦ୍ଦେଶନାମା ବିଚାର ବିଭାଗ ସମେତ ସମସ୍ତ ସରକାରୀ, ଅର୍ଦ୍ଧ ସରକାରୀ ଓ ଜନପ୍ରତିନିଧିଙ୍କ ପିଲାଙ୍କ ପାଇଁ ଲାଗୁ କରିବାକୁ ନିର୍ଦ୍ଦେଶ ଥିଲା। ଏହାଦ୍ୱାରା ଏହି ସବୁ କର୍ମଚାରୀମାନେ ସରକାରୀ ସ୍କୁଲରେ ଥିବା ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅବଗତ ହେବେ ଓ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ କାର୍ଯ୍ୟ କରିବେ। ରାଜ୍ୟରେ ଏହା ତୃଣମୂଳ ସ୍ତରରୁ ସାମାଜିକ ସମାନତା ସୃଷ୍ଟି କରିବାରେ ସହାୟକ ହେବ। ଏହି ନିର୍ଦ୍ଦେଶନାମା କେତେଦୂର କାର୍ଯ୍ୟକାରୀ ହୋଇଛି ତାହା ଭିନ୍ନ କଥା, ମାତ୍ର ଏହା ଏକ ଯୁଗାନ୍ତକାରୀ ନିର୍ଦ୍ଦେଶନାମା ଓ ସରକାରୀ ଶିକ୍ଷା ବ୍ୟବସ୍ଥା ଉନ୍ନତ କରିବାରେ ଏହା ନିଶ୍ଚିତ ସହାୟକ ହେବ।

ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି, ଶିକ୍ଷାଦାନ ପ୍ରଣାଳୀ, ଶିକ୍ଷକଙ୍କ ଯୋଗ୍ୟତା ଓ ଦକ୍ଷତା, ଶିକ୍ଷା ସହ ଆନୁଷଙ୍ଗିକ କ୍ଷେତ୍ରରେ ଶିକ୍ଷା ଓ ତାଲିମ ପ୍ରଦାନ, କ୍ରୀଡ଼ା ଓ ଛାତ୍ରୀ–ଛାତ୍ରଙ୍କର ସର୍ବାଙ୍ଗୀନ ଉନ୍ନତି ଆଦି ପ୍ରସଙ୍ଗକୁ ଭିତ୍ତିକରି ଏଜୁକେଶନ ୱାର୍ଲ୍ଡ ପକ୍ଷରୁ ୨୦୧୯ରେ କରାଯାଇଥିବା ଦେଶର ଶ୍ରେଷ୍ଠ ଦଶଟି ସରକାରୀ ସ୍କୁଲ ମଧ୍ୟରେ ଦିଲ୍ଲୀର ରାଜକୀୟ ପ୍ରତିଭା ବିକାଶ ବିଦ୍ୟାଳୟ ପ୍ରଥମ ସ୍ଥାନରେ ଥିଲା। ଶିକ୍ଷାବିତ, ଶିକ୍ଷକ ଓ ଅଭିଭାବକଙ୍କୁ ନେଇ ଗଠିତ ଏହି ୱେବ ପୋର୍ଟାଲ ପକ୍ଷରୁ ପ୍ରସ୍ତୁତ ଶ୍ରେଷ୍ଠ ୧୦ ସ୍କୁଲ ମଧ୍ୟରେ ଦିଲ୍ଲୀ ସରକାରଙ୍କ ଦ୍ୱାରା ପରିଚାଳିତ ଅନ୍ୟ ଦୁଇଟି ସ୍କୁଲ ୫ମ ଓ ୭ମ ସ୍ଥାନ ପାଇଥିଲା। ସେ ଦୃଷ୍ଟିରୁ ଦିଲ୍ଲୀ ଶିକ୍ଷାମନ୍ତ୍ରୀଙ୍କ ବକ୍ତବ୍ୟରେ ନିଶ୍ଚିତ ଦମ୍ ରହିଛି।

ଓଡ଼ିଶାରେ ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷା ପାଠ୍ୟକ୍ରମରେ ସରକାରୀ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ସରକାର ସଂରକ୍ଷଣ ଘୋଷଣା କରିବା ପରେ ଏବେ ଏହା ସପକ୍ଷ ଓ ବିପକ୍ଷରେ ବିତର୍କ ଚାଲିଛି। ପ୍ରଥମେ ତାମିଲନାଡୁ ଓ ଏବେ ଓଡ଼ିଶା। ଗତ ଅକ୍ଟୋବର ମାସରେ ତାମିଲନାଡୁ ସରକାର ତାମିଲନାଡୁ ସରକାରୀ ସ୍କୁଲ ଓ କଲେଜରେ ପଢିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଡାକ୍ତରୀ ଶିକ୍ଷାରେ ଶତକଡା ୭.୫ ସ୍ଥାନ ସଂରକ୍ଷଣ ଘୋଷଣା କରିବା ପରେ ଗତ ଡିସେମ୍ବର ୨୮ରେ ଓଡ଼ିଶା ସରକାର ସରକାରୀ ସ୍କୁଲରେ ପଢ଼ିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଉଭୟ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ସଂରକ୍ଷଣ ଘୋଷଣା କରିଛନ୍ତି। ଆଶା ରହିଛି ଯେ, ଏହାଦ୍ୱାରା ସରକାରୀ ସ୍କୁଲଗୁଡ଼ିକ ପ୍ରତି ସାଧାରଣରେ ଆକର୍ଷଣ ବୃଦ୍ଧି ସହ ପଢ଼ା ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଲାଗି ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବ। ସରକାରଙ୍କ ଘୋଷଣାନାମା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ସଂରକ୍ଷଣ ଯୋଗୁ ସେମାନେ ମଧ୍ୟ ସେମାନଙ୍କ ସ୍ୱପ୍ନକୁ ସାର୍ଥକ କରିବେ ଓ ଘରୋଇ ସ୍କୁଲ–ସରକାରୀ ସ୍କୁଲ ଭିତରେ ଥିବା ଅସମାନତାକୁ ଏହା ଅନେକାଂଶରେ ଦୂର କରିବ। ନିଜ ନିଜ ପିଲାମାନଙ୍କୁ ସରକାରୀ ସ୍କୁଲରେ ପଢାଇବା ପାଇଁ ଅଭିଭାବକମାନେ ଆଗ୍ରହ ପ୍ରକାଶ କରିବେ ଓ ଘରୋଇ ସ୍କୁଲରେ ବ୍ୟୟ ବହୁଳ ପାଠପଢା ପାଇଁ ଅଧିକ ମନ ବଳାଇବେ ନାହିଁ। ତେବେ ସରକାରଙ୍କ ଏହି ଆଶା କେତେଦୂର ସଫଳ ହେବ ତାହା ଭବିଷ୍ୟତ ହିଁ କହିବ। ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାପୂର୍ଣ୍ଣ କମିଟି ଗଠିତ ହେବ ଓ କେତେ ପ୍ରତିଶତ ସରଂକ୍ଷଣ କରାଯିବ ତାହା ଉପରେ ରିପୋର୍ଟ ଦେବା ପରେ ତାହା କାର୍ଯ୍ୟକାରୀ ହେବ। ତେବେ ସରକାରଙ୍କ ଏହି ସଂରକ୍ଷଣ ଘୋଷଣା ପ୍ରକାରାନ୍ତରେ ସୂଚନା ଦିଏ ଯେ ସରକାରୀ ସ୍କୁଲ ଘରୋଇ ସ୍କୁଲ ସହ ସମକକ୍ଷ ନୁହେଁ। ପ୍ରକାଶଯୋଗ୍ୟ ଯେ, ନୀତି ଆୟୋଗ ପକ୍ଷରୁ ପ୍ରସ୍ତୁତ ସ୍କୁଲ ଶିକ୍ଷା ମାନ ସୂଚକାଙ୍କ–୨୦୧୯ରେ ଓଡ଼ିଶା ୧୨ତମ ସ୍ଥାନରେ ରହିଛି।

ସରକାରୀ ସ୍କୁଲ ଅପେକ୍ଷା ଘରୋଇ ସ୍କୁଲରେ ପାଠପଢ଼ା ଉନ୍ନତ ଓ ପରବର୍ତ୍ତୀ ଉଚ୍ଚତର ଶିକ୍ଷା ପାଇଁ ହେଉଥିବା ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଘରୋଇ ସ୍କୁଲର ଛାତ୍ରୀଛାତ୍ର ମାନେ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କଠାରୁ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରୁଥିବା କଥା ଆଲୋଚନାର ପ୍ରସଙ୍ଗକୁ ଆସିଥାଏ। ଏହା ସତକଥା ଯେ, ପ୍ରଥମେ ପ୍ରଥମେ ସହରାଞ୍ଚଳରେ ସରକାରୀ ସ୍କୁଲ ଅପେକ୍ଷା ଘରୋଇ ସ୍କୁଲ ପ୍ରତି ଅଭିଭାବକମାନେ ଅଧିକ ଆଗ୍ରହ ସୃଷ୍ଟି କରୁଥିଲେ ଓ ଏବେ ଗ୍ରାମାଞ୍ଚଳରେ ବି ଏହା ଦେଖିବାକୁ ମିଳୁଛି। ଆର୍ଥିକ ଦୃଷ୍ଟିରୁ ଉନ୍ନତ ନ ଥିବା ପରିବାରର ପିଲାମାନେ ହିଁ ଅଧିକାଂଶ ସରକାରୀ ସ୍କୁଲକୁ ପସନ୍ଦ କରୁଥିବା ଦେଖାଯାଉଛି। ଯେଉଁ ସରକାରୀ ବିଦ୍ୟାଳୟ ଦିନେ ଏ ସମାଜକୁ ଉଚ୍ଚ ପ୍ରତିଭାସମ୍ପନ୍ନ, କବି, ଲେଖକ, ଚିତ୍ରକର, ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ଆଇ.ଏ.ଏସ., ଓ.ଏ.ଏସ., ଶିକ୍ଷକ ଓ ରାଜନେତା ଆଦିରେ ଭରପୂର କରୁଥିଲା, ଆଜି କ'ଣ ପାଇଁ ଅଭିଭାବକମାନେ ସେଇ ସ୍କୁଲ ଆଡୁ ମୁହଁ ଫେରାଉଛନ୍ତି। ଏମିତି କି ଶିକ୍ଷା ଖସଡ଼ା ପ୍ରସ୍ତୁତ କରୁଥିବା ଅଧିକାରୀ, ସରକାରୀ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ସେମାନଙ୍କ ପିଲାମାନଙ୍କୁ ସରକାରୀ ସ୍କୁଲ ବଦଳରେ ଘରୋଇ ସ୍କୁଲରେ ପାଠ ପଢ଼ାଉଛନ୍ତି। ଏହାର ଅର୍ଥ ସରକାରୀ ସ୍କୁଲ ଉପରେ ଏମାନଙ୍କର ଭରସା ନାହିଁ ଓ ସରକାରୀ ସ୍କୁଲ ଅପେକ୍ଷା ଘରୋଇ ସ୍କୁଲରେ ଭଲ ପାଠପଢ଼ା ହେଉଛି ଓ ଘରୋଇ ସ୍କୁଲରେ ପିଲାଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେମାନଙ୍କର ଧାରଣା ସୃଷ୍ଟି ହୋଇସାରିଛି।

ଦେଶର ପ୍ରଗତିର ମେରୁଦଣ୍ଡ ହେଉଛି ଦେଶର ଶିକ୍ଷା ବ୍ୟବସ୍ଥା। ଏକ ଉପଯୁକ୍ତ ନାଗରିକ ସମାଜ ଗଢ଼ିଥାଏ ଉନ୍ନତ ଶିକ୍ଷା ବ୍ୟବସ୍ଥା। ଦିଲ୍ଲୀ ସରକାର ଓ ଉତ୍ତରପ୍ରଦେଶ ସରକାରଙ୍କ ମଧ୍ୟରେ ଶିକ୍ଷା ବ୍ୟବସ୍ଥାକୁ ନେଇ ଚାଲିଥିବା ବିତର୍କକୁ ଏକ ସକାରାତ୍ମକ ଢଙ୍ଗରେ ପ୍ରତ୍ୟେକ ରାଜ୍ୟ ଗ୍ରହଣ କରିବା ଉଚିତ। ନିଜ ନିଜ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଶୀର୍ଷକୁ ନେବା ପାଇଁ ହୁଏତ ଏଥିରୁ ସେମାନଙ୍କୁ ପ୍ରେରଣା ମିଳିପାରିବ।

prakas.tripathy୦୯@gmail.com

# ରାଜକୋଷ ସଚିବ

## ବ୍ୟକ୍ତିତ୍ୱ



ଜାନେଟ ୟେଲେନ୍

ଜାନୁୟାରୀ ୨୦ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ପ୍ରଶାସନରେ ବିଭିନ୍ନ କ୍ଷେତ୍ରରେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କୁ ନିଯୁକ୍ତ କରୁଛନ୍ତି। ସରକାର ପରିଚାଳନା କରିବା ଲାଗି ରାଜକୋଷ ବା ଅର୍ଥର ଭୂମିକା ସର୍ବାଗ୍ରେ ରହିଥାଏ। ତେଣୁ ସେହି ବିଭାଗରେ ଜଣେ ଅଭିଜ୍ଞତାସମ୍ପନ୍ନ ତଥା ବିଶ୍ୱସ୍ତ ବ୍ୟକ୍ତି ଭାବେ ଜାନେଟ ୟେଲେନ୍‌ଙ୍କ ଉପରେ ବାଇଡେନ୍ ଭରସା କରିଛନ୍ତି। ଫଳରେ ସେ ପ୍ରଥମ ମହିଳା ଟ୍ରେଜେରି ସେକ୍ରେଟାରୀ ହେବାକୁ ଯାଉଛନ୍ତି।

ୟେଲେନ୍ ଆମେରିକାର ନ୍ୟୁୟର୍କ ସିଟିରେ ୧୩ ଅଗଷ୍ଟ ୧୯୪୬ରେ ଜନ୍ମଗ୍ରହଣ କରିଥିଲେ। ମାତା ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀ ଆନ୍ନା ରୁଥ୍ ଓ ପିତା ଜୁଲିୟସ୍ ୟେଲେନ୍ ଥିଲେ ଡାକ୍ତର। ତାଙ୍କୁ ଓ ତାଙ୍କ ବଡ଼ଭାଇଙ୍କ ଯତ୍ନ ନେବା ପାଇଁ ମା'ଙ୍କୁ ଚାକିରି ଛାଡ଼ିବାକୁ ପଡ଼ିଥିଲା। ଜାନେଟ୍ ୟେଲେନ୍ ୧୯୬୨ରେ ଲୋକାଲ୍ ଫୋର୍ଟ ହାମିଲ୍‌ଟନ୍ ହାଇସ୍କୁଲରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ସେ ବ୍ରାଉନ୍ ୟୁନିଭର୍ସିଟିରୁ ୧୯୬୭ରେ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ବ୍ରାଉନ୍ ୟୁନିଭର୍ସିଟିରେ ଥିବା ବେଳେ ସେ ଦର୍ଶନଶାସ୍ତ୍ରରୁ ଅର୍ଥନୀତି ବିଷୟରେ ପଢ଼ିବା ପାଇଁ ପ୍ରଫେସର ଜର୍ଜ ବୋର୍ଟସ ଓ ହେର୍ସେଲ ଗ୍ରୋସ୍‌ମ୍ୟାନ୍‌ଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ଫଳରେ ସେ ୧୯୭୧ରେ ୟେଲେ ୟୁନିଭର୍ସିଟିରୁ ଅର୍ଥନୀତିରେ ପିଏଚ୍‌ଡି ଡିଗ୍ରୀ ଗ୍ରହଣ କରିଥିଲେ। ନୋବେଲ ପୁରସ୍କାର ବିଜେତା ଜେମ୍ସ ଟୋବିନ୍‌ଙ୍କ ତତ୍ତ୍ୱାବଧାନରେ ତାଙ୍କ ସନ୍ଦର୍ଭ 'ଏମ୍ପ୍ଲୟମେଣ୍ଟ, ଆଉଟ୍‌ପୁଟ୍ ଆଣ୍ଡ୍ କ୍ୟାପିଟାଲ ଆକ୍ୟୁମିଲେଶନ ଇନ୍ ଆନ୍ ଓପନ୍ ଇକୋନମି: ଏ ଡିସ୍‌ଇକ୍ୟୁଲିବ୍ରିୟମ୍ ଆପ୍ରୋଚ୍' ଉଚ୍ଚ ପ୍ରଶଂସା ଲାଭ କରିଥିଲା। ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିବା ପରେ ୟେଲେନ୍ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିର ଆସିଷ୍ଟାଣ୍ଟ ପ୍ରଫେସର ଭାବେ ଯୋଗଦେଇଥିଲେ। ସେଠାରେ ସେ ୧୯୭୧ରୁ ୧୯୭୬ ଯାଏ ଅଧ୍ୟାପନା କରିଥିଲେ। ୧୯୭୭ରେ ସେ ଫେଡେରାଲ ରିଜର୍ଭ ବୋର୍ଡ ଅଫ୍ ଗଭର୍ନାର୍ସରେ ଅର୍ଥନୀତିଜ୍ଞ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଫେଡେରାଲରେ କାର୍ଯ୍ୟ କରୁଥିବା ବେଳେ ଜର୍ଜ ଏକର୍ଲୋଫ୍‌ଙ୍କ ସହ ତାଙ୍କ ଭେଟ ହୋଇଥିଲା। ୧୯୭୮ରେ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେହି ସମୟରେ ଏକର୍ଲୋଫ୍ ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ (ଏଲ୍‌ଏସ୍‌ଇ)ରେ ଫାକଲ୍ଟି ଥିଲେ। ଏହା ପରେ ୟେଲେନ୍ ଫେଡେରାଲ ଛାଡ଼ି ଦେଇ ସ୍ୱାମୀଙ୍କ ସହ କାର୍ଯ୍ୟ କରିବାକୁ ପସନ୍ଦ କରିଥିଲେ ଓ ଅର୍ଥନୀତିରେ ଅଧ୍ୟାପିକା ହୋଇଥିଲେ। ଲଣ୍ଡନରେ ଦୁଇ ବର୍ଷ ରହିବା ପରେ ସେମାନେ ପୁଣି ଆମେରିକା ଫେରି ଆସିଥିଲେ। ୧୯୮୦ରେ ୟେଲେନ୍ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଯୋଗଦେଇ ଏମ୍‌ବିଏ ପିଲାଙ୍କୁ ମାକ୍ରୋଇକୋନମିକ୍ସ ପଢ଼ାଇଥିଲେ। ପରବର୍ତ୍ତୀ ସମୟରେ ସେ ବାର୍କଲେରେ ଅର୍ଥନୀତି ପ୍ରଫେସର ଭାବେ କାର୍ଯ୍ୟ ତୁଲାଇଥିଲେ। ୧୯୯୪ରେ ୟେଲେନ୍ ବାର୍କଲେରୁ ୫ ବର୍ଷ ପାଇଁ ଛୁଟି ଆଣିଥିଲେ। ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍ ତାଙ୍କୁ ଫେଡେରାଲ ରିଜର୍ଭ ବୋର୍ଡ ଅଫ୍ ଗଭର୍ନାନ୍ସରେ ସଦସ୍ୟ ନିଯୁକ୍ତ କରିଥିଲେ। ସେବେଠାରୁ ୟେଲେନ୍‌ଙ୍କ କ୍ୟାରିୟର ନୂଆ ରୂପ ନେଇଥିଲା। ୧୯୯୭ରେ ତାଙ୍କୁ କାଉନ୍‌ସିଲ୍ ଅଫ୍ ଇକୋନମିକ୍ ଆଫାୟାର୍ସର ଅଧ୍ୟକ୍ଷ ଦାୟିତ୍ୱ ମିଳିବା ପରେ ସେ ଫେଡେରାଲ ଛାଡ଼ି ଦେଇଥିଲେ। ୧୯୯୯ରେ ପୁଣି ସେ ଫେଡେରାଲ ରିଜର୍ଭକୁ ଫେରି ୨୦୧୪ରେ ଫେଡେରାଲ ରିଜର୍ଭ ବ୍ୟାଙ୍କ୍ ଅଫ୍ ସାନ୍ ଫ୍ରାନ୍‌ସିସ୍କୋର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ହୋଇଥିଲେ। ଏଭଳି ପଦବୀ ପାଇବାରେ ସେ ପ୍ରଥମ ମହିଳା ହୋଇଥିବାରୁ ଅର୍ଥଜଗତ ସହ ସମ୍ପୃକ୍ତ ନାମକରା ବ୍ୟକ୍ତିଙ୍କ ମଧ୍ୟରେ ଆସି ଯାଇଥିଲେ। ୨୦୧୮ରେ ସେ ଫେଡେରାଲ କର୍ମଚାରୀଙ୍କୁ ବିଦାୟକାଳୀନ ଭାଷଣ ଦେଇଥିଲେ।

ଫେଡେରାଲ୍‌ରୁ ଫେରିବା ପରେ ସେ ବ୍ରୁକିଙ୍ଗସ୍ ଇନ୍‌ଷ୍ଟିଚ୍ୟୁଶନର ଥିଙ୍କ୍ ଟାଙ୍କରେ ଯୋଗ ଦେଇଥିଲେ। ଅର୍ଥନୀତି ଉପରେ ଦୀର୍ଘ ବର୍ଷର ଅଭିଜ୍ଞତାକୁ ପୁଞ୍ଜି କରି ସେ ଗୋଲ୍ଡମ୍ୟାନ୍ ସାସ୍, ସିଟିଗ୍ରୁପ୍ ଓ ବାର୍କଲେଜ୍‌ରେ ପରାମର୍ଶ ଦେଇ ୨୦୨୦ ଶେଷ ଆଡ଼କୁ ଭାଷଣ ବାବଦକୁ ୭ ମିଲିୟନ ଆମେରିକୀୟ ଡଲାର ପାଇବା ତାଙ୍କ ଦକ୍ଷତାକୁ ପ୍ରତିପାଦନ କରିଛି। ଡେମୋକ୍ରାଟ୍ ନେତ୍ରୀ ୟେଲେନ୍‌ଙ୍କୁ ରାଜକୋଷ ସଚିବ କରାଯିବ ବୋଲି ବାଇଡେନ୍ ନଭେମ୍ବର ୨୦୨୦ରେ ଘୋଷଣା କରିଥିଲେ। ସବୁ ଠିକ୍‌ଠାକ୍ ରହିଲେ ସେ ରାଜକୋଷ ସଚିବ ହେବାରେ ପ୍ରଥମ ମହିଳା ହେବେ। କେନିସିଆନ୍ ଅର୍ଥନୀତିର ପ୍ରମୁଖ ପ୍ରବକ୍ତା ଭାବେ ଜଣାଶୁଣା ୟେଲେନ୍ ଅର୍ଥନୀତିରେ ସଙ୍କଟ ଦେଖାଦେଲେ ତାହାକୁ ଟାଳିଦେବାର ଦକ୍ଷତା ରଖିଥିବାରୁ ସେ ବାଇଡେନ୍‌ଙ୍କ ଅନ୍ୟତମ ପସନ୍ଦର ବ୍ୟକ୍ତି ହୋଇପାରିଛନ୍ତି। ବ୍ୟକ୍ତିଗତ ଜୀବନ କହିଲେ ଗୋଟିଏ ସନ୍ତାନ ସହ ଅର୍ଥନୀତିରେ ନୋବେଲ ବିଜେତା ସ୍ୱାମୀ ଏକର୍ଲୋଫ୍‌ଙ୍କୁ ନେଇ ତାଙ୍କ ସଂସାର ଗତିଶୀଳ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବର୍ଜ୍ୟ ପ୍ଲାଷ୍ଟିକର ଉପଯୋଗ କରି କିଏ କେତେ କ'ଣ କରୁଛନ୍ତି କିନ୍ତୁ ଆସାମର ରୂପଜ୍ୟୋତି ସାଇକିଆ ଗୋଗୋଇ ଏ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭିନ୍ନ। କାଜିରଙ୍ଗା ଜାତୀୟ ଉଦ୍ୟାନରେ ପଡିଥିବା ଅଦରକାରୀ ପ୍ଲାଷ୍ଟିକ କଭର୍ ସଂଗ୍ରହ କରି ପାରମ୍ପରିକ ହସ୍ତତନ୍ତରେ ଏଗୁଡ଼ିକୁ ବୁଣି ଆକର୍ଷଣୀୟ ହ୍ୟାଣ୍ଡବ୍ୟାଗ, ଡୋର୍‌ମ୍ୟାଟ, ଟେବୁଲ କ୍ଲଥ୍ ଏବଂ ଅନ୍ୟ ସବୁ ଜିନିଷ ପ୍ରସ୍ତୁତ କରୁଛନ୍ତି। ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ କରାଯିବା ପରେ ତାହାକୁ ଭଲ ଭାବେ ଧୋଇ ଶୁଖାଇ ବ୍ୟବହାର କରାଯାଉଛି। ୨୦୦୪ରୁ ସେ ଏହି କାର୍ଯ୍ୟ ଆରମ୍ଭ କରି ଏଥିରେ ୨୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଜୀବିକା ଯୋଗାଇ ଦେଇଛନ୍ତି। ରୂପଜ୍ୟୋତିଙ୍କ ବୟସ ୪୭। କେବଳ ଏହି କ୍ଷେତ୍ରରେ ନୁହେଁ ବରଂ ଅନ୍ୟ ପ୍ରକାର ବର୍ଜ୍ୟ ପ୍ଲାଷ୍ଟିକର ପୁନଃ ଉପଯୋଗ କରିବା ଉପରେ ସେ ହଜାର ହଜାର ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ରୋଜଗାରକ୍ଷମ କରିପାରିଛନ୍ତି। ୨୦୧୨ରେ ରୂପଜ୍ୟୋତି କାଜିରଙ୍ଗା ହାଟରେ ଏକ ଦୋକାନ ଖୋଲି ସେଠାରେ ଏହି ସବୁ ଜିନିଷ ବିକ୍ରି କରୁଛନ୍ତି। ତାଙ୍କର ଏହି ଅଭିଯାନରେ କାଜିରଙ୍ଗାରେ ପ୍ଲାଷ୍ଟିକ ପ୍ରଦୂଷଣ ଅନେକାଂଶରେ କମିଯାଇଛି। ପର୍ଯ୍ୟଟନ ଋତୁରେ ତାଙ୍କ ନେଟୱର୍କରେ ଯୋଡି ହୋଇଥିବା ମହିଳାମାନେ ମାସକୁ ୨୫,୦୦୦ଟଙ୍କାରୁ ଅଧିକ ରୋଜଗାର କରିବାକୁ ସକ୍ଷମ ହେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜାନୁୟାରୀ ୧୯୯୬

- ବାହାରିନ୍‌ରେ ହିଂସାକାଣ୍ଡ, ସରକାରୀ ବିରୋଧୀ ପ୍ରତିବାଦ ହେଉଥିବାରୁ ବାହାରିନ୍ ସରକାର ୮ ଜଣ ବିରୋଧୀ ନେତାଙ୍କୁ ଅଟକ ରଖିଛନ୍ତି।
- ତାଳଚେରସ୍ଥିତ ତାଳବେଢ଼ା ନିକଟରେ ଏକ ଯାତ୍ରୀବାହୀ ମିନିବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୪ ମୃତ।

## ଚିରନ୍ତନୀ

ସ୍କନ୍ଧେ କର ଭିଡ଼ି ନିବିଡ଼େ
ତନୁରେ ତନୁ ବଜାଇ ଧୀରେ
ନ ଚାହିଁ ଫେରି ଯା'ନ୍ତି ଚଳି
କାନନ ପଥ ଛୁଇଁ,
ଜୀବିତ କରି ନିଦାଘ ବନଭୂଇଁ!
–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 9 | | | | | | E | |
| | 1 | | 8 | | | | | | 6 | | | | | |
| 3 | 4 | | | | | 5 | | | | | B | | 1 | |
| | | | A | | | | | 2 | 8 | D | | | 9 | |
| | | 8 | 0 | | | | | | | 4 | 2 | | | C |
| 9 | 6 | | 1 | | | B | | A | | | 3 | | | |
| | | 7 | 2 | A | | | 8 | | | | | | 4 | |
| | E | | | | C | | | | | 1 | | D | | 7 |
| 2 | | | | 9 | 8 | | | D | | | 5 | C | | |
| 5 | | D | 7 | 4 | | | | | A | | | 6 | | 0 |
| | | | | C | | | 7 | | 1 | B | | E | | 8 |
| 6 | 9 | | | | | 4 | 2 | | | | | | B | 3 |
| | 2 | | | E | 6 | | | | | | 8 | 0 | | |
| B | 0 | A | | | | | 1 | | | E | 9 | | 7 | D |
| | | | 4 | | | | A | | | 6 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | B | 6 | 7 | 1 | 5 | 4 | E | 3 | C | 9 | A | 2 | D | 8 |
| 2 | 1 | 5 | E | 3 | A | 9 | C | D | 8 | 6 | 7 | 4 | B | 0 |
| C | 4 | E | 9 | B | 0 | 5 | 2 | 8 | 1 | D | 3 | 6 | 7 | A |
| 8 | 3 | 7 | 2 | D | C | 0 | 6 | A | B | 5 | 4 | E | 9 | 1 |
| D | A | 9 | 6 | 4 | 8 | 1 | 7 | B | 0 | 2 | E | 3 | C | 5 |
| 5 | 0 | C | A | 2 | 1 | E | B | 4 | 9 | 3 | D | 7 | 8 | 6 |
| A | 2 | 8 | 3 | 9 | 7 | D | 5 | 6 | 4 | E | 0 | C | 1 | B |
| 7 | 9 | D | 5 | E | B | 8 | A | 2 | 6 | 1 | C | 0 | 4 | 3 |
| 1 | 6 | B | 4 | C | D | 3 | 0 | 9 | 2 | 7 | 8 | A | 5 | E |
| 3 | E | 4 | 0 | 8 | 6 | 7 | 1 | C | A | B | 5 | D | 2 | 9 |
| E | D | 1 | B | 6 | 3 | A | 9 | 5 | 7 | 4 | 2 | 8 | 0 | C |
| 4 | 8 | 0 | D | 7 | 9 | B | 3 | E | 5 | C | 6 | 1 | A | 2 |
| 6 | 7 | A | 8 | 5 | 2 | C | D | 1 | 3 | 0 | B | 9 | E | 4 |
| B | C | 3 | 1 | 0 | 4 | 2 | 8 | 7 | E | A | 9 | 5 | 6 | D |
| 9 | 5 | 2 | C | A | E | 6 | 4 | 0 | D | 8 | 1 | B | 3 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାହା ସ୍ୱାର୍ଥରେ କେନ୍ଦ୍ର ସରକାରଙ୍କ ଜିଦ୍

ମହାଶୟ,

ଗଣତନ୍ତ୍ରରେ ସରକାର ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ। ବର୍ତ୍ତମାନ କୃଷକମାନଙ୍କ ଆନ୍ଦୋଳନରୁ ଯାହା ଜଣାପଡୁଛି କେନ୍ଦ୍ର ସରକାର ତାଙ୍କ ନିଜ ହାତରେ ଚଉଦପା। ଯେଉଁ ଆଇନକୁ ବିରୋଧୀ ଦଳଠାରୁ ଆରମ୍ଭ କରି ପ୍ରାୟ ଅନେକ ଦଳର ନେତୃବୃନ୍ଦ ଓ ଖୋଦ୍ କୃଷକ ସମାଜ ବିରୋଧ କରୁଛନ୍ତି କେଉଁ ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ତା' ଉପରେ ତାଙ୍କ ଜିଦ୍‌ରେ ଅଟଳ ଅଛନ୍ତି। କ'ଣ କେବଳ କେନ୍ଦ୍ର ସରକାର ଆଇନ ବିଷୟରେ ଜାଣିଛନ୍ତି, ଆଉ ଅନ୍ୟ କେହି ଏ ଆଇନ ବିଷୟରେ ଜାଣି ନାହାନ୍ତି। ଦୀର୍ଘଦିନ ହେଲା ଆନ୍ଦୋଳନ ଚଳାଇଥିବା କୃଷକଙ୍କ ଭିତରୁ କେତେ ମଲେଣି। କାହା ସ୍ୱାର୍ଥ ପାଇଁ କେନ୍ଦ୍ର ସରକାରଙ୍କର ଏ ଆଇନ। ଏ ଜିଦ୍‌ଖୋର ମନୋବୃତ୍ତି ଆଦୌ ଦେଶ ପାଇଁ ଶୁଭଙ୍କର ନୁହେଁ। ନିଜର ସ୍ୱାର୍ଥ ମନୋବୃତ୍ତି ଆଇନକୁ ତ୍ୟାଗ କରନ୍ତୁ, ନଚେତ୍ ଏହାର ପରିଣାମ ପାଇଁ ନିଜେ ଦାୟୀ ରହିବେ।

–ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ରବିବାର, ୨୪ ଜାନୁୟାରୀ, ୨୦୨୧



**ନାବାଳିକା ବିବାହ ରୋକିଲା ପ୍ରଶାସନ**

**ବାଲେଶ୍ୱର ଅଫିସ:** ବାଲେଶ୍ୱର ଜିଲା ରେମୁଣା ତହସିଲଦାର ଚାର୍ଲସ ନାୟକଙ୍କୁ ଶନିବାର କେତେଜଣ ବାଲି ମାଫିଆ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ସେ ସହଦେବଖୁଣ୍ଟା ଥାନାରେ ଏତଲା ଦେଇଛନ୍ତି। ସକାଳ ପ୍ରାୟ ୮ଟା ବେଳେ ତହସିଲଦାର ନାୟକ ଅନ୍ୟ କେତେଜଣ କର୍ମଚାରୀଙ୍କ ସହ ନହରପାଟଣା ନିକଟକୁ ବେଆଇନ ବାଲି ଚାଲାଣ ସମ୍ପର୍କରେ ଅନୁଧାନ ପାଇଁ ଯାଇଥିଲେ। ସେଠାରେ ସେ ଏକ ଟ୍ରାକ୍ଟରକୁ ଅଟକାଇଥିଲେ। ମାତ୍ର ଚାଳକ ବାଲିକୁ ଢାଳି ଦେଇ ଅନ୍ୟମାନଙ୍କୁ ଡାକ ପକାଇଥିଲେ। ଏଥିରେ ୪୦ରୁ ୫୦ ଜଣ ଲୋକ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ପହଞ୍ଚିଥିଲେ। ସେମାନେ ତହସିଲଦାର ଏବଂ ଅନ୍ୟ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ **କରିଥିଲେ।**

## ସଂକ୍ଷେପରେ

### ଉଚ୍ଚ ପଦବୀରେ ଦୁର୍ନୀତିଗ୍ରସ୍ତଙ୍କ ନିଯୁକ୍ତିକୁ ଓପିଜିସି ଆସୋସିଏଶନର ବିରୋଧ

**ଭୁବନେଶ୍ୱର, ୨୩।୧ (ବ୍ୟୁରୋ):** ଆମେରିକୀୟ କମ୍ପାନୀ ଏଇଏସ୍‌ର ଚରମ ବିଫଳତା ଓ ଏହାର ଭାରତୀୟ ଅଧିକାରୀମାନଙ୍କ ଦୁର୍ନୀତିଖୋର ମନୋଭାବ ଯୋଗୁ ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ(ଓପିଜିସି) ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଛି। ପରିଚାଳନାଗତ ତ୍ରୁଟି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ରାଜ୍ୟ ସରକାରଙ୍କ ଏକମାତ୍ର ତାପଜ ବିଦ୍ୟୁତ୍ କେନ୍ଦ୍ର ସଙ୍କଟ ଭିତରକୁ ଚାଲିଯିବାକୁ ବସିଛି। ଓପିଜିସିର ନୂତନ ପ୍ରକଳ୍ପ ୬୬୦x ୨ ମେଗାୱାଟ ୟୁନିଟ୍ ନିର୍ମାଣରେ ବ୍ୟାପକ ଅବ୍ୟବସ୍ଥା, ଦୁର୍ନୀତି ଓ ଅନିୟମିତତା ଦେଖାଦେବାରୁ ଏଇଏସ୍ କମ୍ପାନୀ ଓପିଜିସିରୁ ନିଜର ଅଂଶଧନ ପ୍ରତ୍ୟାହାର କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟୋପଯୋଗୀ ପଦକ୍ଷେପ ଯୋଗୁ ଉକ୍ତ ଅଂଶଧନକୁ ଓଡ଼ିଶା ସରକାର କ୍ରୟ କରିଛନ୍ତି। କିନ୍ତୁ କେତେକ ଦୁର୍ନୀତିଗ୍ରସ୍ତ ଏଇଏସ୍ ଅଧିକାରୀଙ୍କୁ ନିଜ ପଦବୀ ଛାଡ଼ି ଯିବାର ମୋହ ତୁଟୁ ନାହିଁ। ସେମାନଙ୍କୁ ପୁଣି ଥରେ ଓପିଜିସିର ଏମ୍‌ଡି, ଡାଇରେକ୍ଟର(ଅପରେଶନ) ଏବଂ ଡାଇରେକ୍ଟର (ପ୍ରୋଜେକ୍ଟ) ଭଳି ଉଚ୍ଚ ପଦବୀରେ ନିଯୁକ୍ତି ଦେବାକୁ ମସୁଧା ଚାଲିଥିବା କର୍ମଚାରୀମାନେ ଆଶଙ୍କା କରିଛନ୍ତି। ଉକ୍ତ ପଦବୀ ପାଇଁ ବିଜ୍ଞାପନ ଦିଆଯାଇଛି। ଓପିଜିସିର ଦୁର୍ଗତି ପାଇଁ ଦାୟୀ ବରିଷ୍ଠ ଅଧିକାରୀ ପୁଣି ଥରେ ଡାଇରେକ୍ଟର ପଦବୀ ହାତେଇବାକୁ ଜୋରସୋର ଉଦ୍ୟମ କରୁଛନ୍ତି। ଅନଭିଜ୍ଞ ଜଣେ ଅଧିକାରୀଙ୍କୁ ଏହି ପଦବୀ ପାଇଁ ସାକ୍ଷାତ୍‌କାର ଲାଗି ଓପିଜିସି ଚୟନ କମିଟି ନିଷ୍ପତ୍ତି ନେଉଥିବାରୁ ଓପିଜିସି ଅଧିକାରୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ୧୧ ହଜାର କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ପାୱାର ପ୍ଲାଣ୍ଟର ନିର୍ମାଣଜନିତ ତ୍ରୁଟି ସୁଧାରିବାକୁ ଜଣେ ଦକ୍ଷ ଓ ଅଭିଜ୍ଞ ଯନ୍ତ୍ରୀଙ୍କୁ ନିଯୁକ୍ତି ଦେବାକୁ ଓପିଜିସି ଅଫିସର୍ସ ଆସୋସିଏଶନ ଦାବି କରିଛି। ଏଥିରେ ଆସୋସିଏଶନ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛି।

### ବୋଲେରୋ ଓଲଟି ୨ମୃତ, ୮ ଗୁରୁତର

**ଉମରକୋଟ, ୨୩।୧ (ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ସୀମାନ୍ତ ଛତିଶଗଡ଼ର ଜବଲପୁର ନିକଟରେ ଏକ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରାଇଭରଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୮ଜଣ ଗୁରୁତର ଅଛନ୍ତି। ମୃତକ ହେଲେ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ପଦମଝରି ଅଞ୍ଚଳର ବୋଲେରୋ ଡ୍ରାଇଭର ନିରଞ୍ଜନ ପାତ୍ର ଓ କେରିପଦର ଗ୍ରାମର ଚରଣ ଗୌଡ଼। ପ୍ରକାଶ ଯେ, ଉମରକୋଟ ବ୍ଲକ ଅଞ୍ଚଳର ୧୦ଜଣ ଲୋକେ ଏକ ବୋଲେରୋ(ସିଜି-୦୫ୟୁ-୧୨୮୫)ରେ ଡ୍ରାଇଭିଂ ଲାଇସେନ୍ସ କାମରେ ଛତିଶଗଡ଼ର ଗରିଆବନ୍ଧକୁ ଯାଇଥିଲେ। ଫେରିବା ସମୟରେ ଜବଲପୁର ନିକଟରେ ଗାଡ଼ିଟି ଅନ୍ୟ ଏକ ଗାଡ଼ିକୁ ଓଭର୍‌ଟେକ୍ କରି ଏକ ଗଛରେ ପିଟିହେବା ସହ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣାସ୍ଥଳରେ ଗାଡ଼ି ଡ୍ରାଇଭର ନିରଞ୍ଜନ ଓ ଚରଣଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ଗାଡ଼ିରେ ଥିବା ଅନ୍ୟ ୮ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ରାୟପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

# ଆନ୍ତର୍ଜାତିକ ବିମାନ ବନ୍ଦର ହେବ ଝାରସୁଗୁଡ଼ା: ଧର୍ମେନ୍ଦ୍ର

## ବିମାନ ବନ୍ଦରରେ ସୁରେନ୍ଦ୍ର ସାଏଙ୍କ ବ୍ରୋଞ୍ଜ ମୂର୍ତ୍ତି ଉନ୍ମୋଚନ



ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ଏବଂ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୧୪ଫୁଟ୍ ଉଚ୍ଚର ବ୍ରୋଞ୍ଜ ମୂର୍ତ୍ତି।

**ଲଖନପୁର, ୨୩।୧ (ଡି.ଏନ୍.ଏ.)**

ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୨ତମ ଜୟନ୍ତୀ ଅବସରରେ ଶନିବାର ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନ ବନ୍ଦର ପରିସରରେ ଏମ୍‌ସିଏଲ୍ ତରଫରୁ ୬୦ଲକ୍ଷ ଟଙ୍କା ବ୍ୟୟରେ ସଂଗ୍ରାମୀ ସାଏଙ୍କ ୧୪ଫୁଟ୍ ଉଚ୍ଚତାର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ସୁନ୍ଦରଗଡ଼ ବିଧାୟକ କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ରେଙ୍ଗାଲି ବିଧାୟକ ନାଉରି ନାଏକ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଭିଏସ୍ଏସ୍ ବିମାନ ବନ୍ଦର ନିର୍ଦ୍ଦେଶକ କିଶୋର କୁମାର ସେନାପତି, ଏମ୍‌ସିଏଲ୍ ଡିପି (ପର୍ସନାଲ) କେଶବ ରାଓ, ଡାଇରେକ୍ଟର ଫାଇନାନ୍ସ କେ.ଆର୍. ବାସୁଦେବନ, ଡିପି (ପ୍ରୋଜେକ୍ଟ) ବବନ ସିଂହ ଓ ଚିଫ୍ ଭିଜିଲାନ୍ସ ଅଫିସ୍‌ର ବି.ପି. ଶର୍ମା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଡିପି (ଅପରେଶନ୍) ଓ.ପି. ସିଂହ ମଞ୍ଚ ସଞ୍ଚାଳନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଭର୍ଚୁଆଲ ଜରିଆରେ ଉଦ୍‌ବୋଧନ ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ, ବୀର ସୁରେନ୍ଦ୍ର ସାଏଙ୍କ ଭଳି ଅନେକ ମହାପୁରୁଷ ଦେଶ ସ୍ୱାଧୀନ ପାଇଁ ଲଢ଼େଇ କରିଥିଲେ। ଏମାନଙ୍କ କ୍ଷେତ୍ରରେ ଆତ୍ମନିର୍ଭର, ଆତ୍ମସମ୍ମାନ ଓ ସ୍ୱାଭିମାନ ପରସ୍ପର ପରିପୂରକ ଥିଲା। ଫଳରେ ଦେଶ ସ୍ୱାଧୀନ ହେବାରେ ସହାୟକ ହୋଇଥିଲା। ସେ ଆହୁରି କହିଥିଲେ, ଆଗାମୀ ଦିନରେ ଭିଏସ୍ଏସ୍ ବିମାନ ବନ୍ଦର ଆନ୍ତର୍ଜାତିକ ବିମାନ ବନ୍ଦରରେ ପରିଣତ ହେବ। ଦେଶବିଦେଶରୁ ଏଠାକୁ ବିମାନ ଉଡ଼ିବ। ଏଠାରେ କୋଇଲା, ଆଲୁମିନିୟମ, ଷ୍ଟିଲ୍ ଓ ବିଦ୍ୟୁତ୍ ଉତ୍ପାଦନ ଆଦି ବୃଦ୍ଧିପାଇବ। ଫଳରେ ଝାରସୁଗୁଡା ଦେଶର ଅର୍ଥନୈତିକ ପେଣ୍ଠସ୍ଥଳୀ ହୋଇପାରିବ। ଏହି ସ୍ୱପ୍ନ ପୂରଣ ହେଲେ ଏହା ହେବ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ସେ କ୍ଷୋଭର ସହିତ କହିଥିଲେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଭୂମି ଖିଣ୍ଡା ଗ୍ରାମ ଏବେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ଏହାର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ଉଦ୍ୟମ କରିବା ଦରକାର । ଆଜିର ଏହି ଦିବସ ଝାରସୁଗୁଡା ଜିଲା ଓ ପଶ୍ଚିମ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ଦିବସ ବୋଲି ଅତିଥିମାନେ ମତ ଦେଇଥିଲେ। ମନ୍ତ୍ରୀ ପ୍ରଧାନ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରୁ ବାହାରି ଝାରସୁଗୁଡା ଭିଏସ୍ଏସ୍ ବିମାନ ବନ୍ଦରରେ ପହଞ୍ଚିଥିଲେ। ଏଠାରେ କାର୍ଯ୍ୟକ୍ରମ ଶେଷକରି ସଡ଼କ ପଥରେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଭୂମି ଖିଣ୍ଡା ଅଭିମୁଖେ ଯାଇଥିଲେ ।

# ନିଲମ୍ବିତ ହେଲେ ବାହାନଡ଼ା ଲ୍ୟାମ୍ପସ୍ ଏମ୍‌ଡି

## ଧାନକିଣାରେ ଅନିୟମିତତା ଘଟଣା

**ଖୁଣ୍ଟା, ୨୩।୧ (ଡି.ଏନ୍.ଏ.)**

ଧାନ କିଣାରେ ଅନିୟମିତତା ଅଭିଯୋଗରେ ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ବାହାନଡ଼ା ଲ୍ୟାମ୍ପସ୍ ଏମ୍‌ଡି ମଧୁସ୍ମିତା ଦେ ନିଲମ୍ବିତ ହୋଇଛନ୍ତି। ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଶନିବାର ଲ୍ୟାମ୍ପସ୍ ପରିଚାଳନା କମିଟି ଏକ ଜରୁରୀ ବୈଠକ ଡାକି ତାଙ୍କୁ ନିଲମ୍ବିତ କରିଛି।

ସୂଚନା ଅନୁଯାୟୀ, ବାହାନଡ଼ା ଲ୍ୟାମ୍ପସର ମୁଖ୍ୟ ମଣ୍ଡିରେ ଚାଷୀମାନେ ଗତ ୧୧ ତାରିଖରୁ ଧାନ ପକାଇ ଏମ୍‌ଡିଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ସେ ଧାନ ଉଠାଇବାରେ କୌଣସି ବ୍ୟବସ୍ଥା କରି ନ ଥିଲେ। ଗତ ୨୦ ତାରିଖ ଅପରାହ୍ନରେ ଏହି ଲ୍ୟାମ୍ପସ୍ ଅଧୀନ ଭୋଳାଗଡ଼ିଆ ଉପକେନ୍ଦ୍ରରୁ ଜଣେ ମିଲର ଧାନ ନେଉଥିବା ଚାଷୀମାନେ ଖବର ପାଇଥିଲେ। ଉକ୍ତ ଦିନ ଭୋଳାଗଡ଼ିଆ ମଣ୍ଡିରେ ଧାନ କିଣା ବାରି ନ ଥିବା ବେଳେ କେଉଁ ପରିସ୍ଥିତିରେ ସେଠାରୁ ଧାନ ନିଆଯାଉଛି ସନ୍ଦେହ କରି ଚାଷୀମାନେ ଧାନ ବୋଝେଇ ଟ୍ରକ୍‌ର ପିଛା କରିଥିଲେ। ଲ୍ୟାମ୍ପସ୍ କିମ୍ବା ଆର୍‌ଏମ୍‌ସିର କୌଣସି କର୍ମଚାରୀ ଉପସ୍ଥିତ ନ ଥାଇ ନିଛାଟିଆ ସ୍ଥାନରେ ଥିବା ଏକ ଘରୋଇ ଗୋଦାମରୁ ଧାନ ବୋଝେଇ ହେଉଥିଲା। ଏହା ଜାଣି ଚାଷୀମାନେ ଉକ୍ତ ଟ୍ରକକୁ ଅଟକାଇ ଲ୍ୟାମ୍ପସ୍ ନିକଟକୁ ନେଇଯାଇଥିଲେ। ପରେ ଏମ୍‌ଡି ଦେ ତରବରିଆ ଭାବେ ଏକ ହାତଲେଖା ଟ୍ରାଞ୍ଜିଟ୍ ପାସ୍ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭରଙ୍କୁ ଦେଇ ଦେଇଥିଲେ। ୨୧ ତାରିଖ ସକାଳୁ ଏମ୍‌ଡି ଦେ ଘରକୁ ଘର ବୁଲି ଚାଷୀମାନଙ୍କର ଆଇ ସ୍କାନ୍ କରିଥିଲେ ବୋଲି ଗୁରୁବାର ଲ୍ୟାମ୍ପସ୍ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ଥିବା ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ରଞ୍ଜନ କୁମାର ପଣ୍ଡା, ଉପଖଣ୍ଡ ଏଆର୍‌ସିଏସ୍ ଦୁଃଖିଆ ଟୁଡୁ ଓ ଉପଖଣ୍ଡ ଅତିରିକ୍ତ ଯୋଗାଣ ଅଧିକାରୀ କମଳାକାନ୍ତ ବେହେରା ଓ ଖୁଣ୍ଟା ବ୍ଲକ ଯୋଗାଣ ଅଧିକାରୀ ସସ୍ମିତା ସେଠୀ ପ୍ରମୁଖଙ୍କଠାରେ ଚାଷୀମାନେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଏମ୍‌ଡି ଓ ମିଲରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।

# ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି


ଡକାୟତି ପରେ ଘରେ ଆସବାବପତ୍ର ଇତସ୍ତତଃ ହୋଇ ପଡିଛି।

- ଲୁଟିନେଲେ ସୁନା ଗହଣା. ଲକ୍ଷାଧିକ ଟଙ୍କା
- ପୋଲିସର ଛାନ୍‌ଭିନ ଜାରି

**ଖପ୍ରାଖୋଲ, ୨୩।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଶାନ୍ତିପୁର ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି । ଡକାୟତମାନେ ବ୍ୟବସାୟୀ ଆର୍ତ୍ତ ସାହୁଙ୍କ ଘରେ ପଶି ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଶନିବାର ସକାଳେ ସାଇଣ୍ଟିଫିକ ଟିମ୍ ସହ ପାଟଣାଗଡ ଏସ୍‌ଡିପିଓ ସୁରେଶ ନାଏକ, ବଲାଙ୍ଗୀର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ପାଟଣାଗଡ ଆଇଆଇସି ପ୍ରିୟଙ୍କା ରାଉତରାୟ, ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଥିଲେ। ପରେ ଏସ୍‌ପି ନୀତୀନ କୁଶଲକର ଶାନ୍ତିପୁରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

ବ୍ୟବସାୟୀ ସାହୁଙ୍କ ଅଭିଯୋଗ ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ୧୫ରୁ ୨୦ ଡକାୟତ କବାଟ ଭାଙ୍ଗି ତାଙ୍କ ଘରେ ପଶିଥିଲେ। ଆର୍ତ୍ତଙ୍କ ପୁଅ ସୂର୍ଯ୍ୟକାନ୍ତ ଏବଂ ଚନ୍ଦ୍ରକାନ୍ତଙ୍କୁ ମାରଣାସ୍ତ୍ର ଦେଖାଇ ମାଡ ମାରିଥିଲେ। ସେମାନଙ୍କ ଚିତ୍କାର ଶୁଣି ଆର୍ତ୍ତ ବାହାରକୁ ବାହାରିବା ମାତ୍ରେ ତାଙ୍କୁ ମଧ୍ୟ ସେମାନେ ମାରପିଟ କରିଥିଲେ। ହୋହଲ୍ଲା ମଧ୍ୟରେ ପରିବାରର ଅନ୍ୟ ସଦସ୍ୟମାନେ ଉଠି ପଡିବାରୁ ଡକାୟତମାନେ ପିସ୍ତଲ ଦେଖାଇ , ହାତବୋମା ପିଙ୍ଗି ସେମାନଙ୍କୁ ଭୟଭୀତ କରିଥିଲେ। ଆଲମାରୀରେ ଥିବା ନଗଦ ୬ଲକ୍ଷ ଟଙ୍କା ସହ ୧୮ରୁ ୨୦ଭରି ସୁନା, ରୁପା ଅଳଙ୍କାର କାଢି ନେଇଥିଲେ । ପରିବାର ସଦସ୍ୟଙ୍କ ୪ଟି ମୋବାଇଲ ଓ ଘରେ ଥିବା ଗାଡିର ଚାବି ନେଇ ପଳାଇ ଯାଇଥିଲେ। ବାଟରେ ଗଲାବେଳେ ଗାଁର କେତେକ ଲୋକେ ବିରୋଧ କରିବାରୁ ହାତବୋମା ଫିଙ୍ଗି ସେମାନେ ଖସି ପଳାଇଥିଲେ। ଡକାୟତମାନେ ଓଡିଆ ଏବଂ ହିନ୍ଦୀ ଭାଷାରେ କଥା ହେଉଥିବା ପରିବାର ଲୋକେ କହିଛନ୍ତି । ବ୍ୟବସାୟୀ ସାହୁଙ୍କ ଅଭିଯୋଗ ଭିତ୍ତିରେ ଖପ୍ରାଖୋଲ ଥାନାରେ ଏକ ମାମଲା(ନଂ. ୨୩/୨୧)ରୁଜୁ ହୋଇଛି। ବିଭିନ୍ନ ଦିଗକୁ ଏ ନେଇ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି ଏସ୍‌ପି କୁଶଲକର।

# ଭିତ୍ତିଭୂମି ନାହିଁ, ଚାଷ ଛାଡୁଛନ୍ତି ଚାଷୀ

**କେନ୍ଦ୍ରାପଡ଼ା ଅଫିସ, ୨୩।୧**


କେନାଲରେ ଭର୍ତ୍ତି ହୋଇଥିବା ବିଲାତି ଦଳ।

- ଅର୍ଦ୍ଧାଧିକ ଚାଷ ଜମି ଜଳସେଚନରୁ ବଞ୍ଚିତ
- ପ୍ରକୃତ ସମସ୍ୟାକୁ ଅଣଦେଖା
- ପ୍ରହସନ ପାଲଟିଛି ପାଣି ପଞ୍ଚାୟତ ଗଠନ

କେନ୍ଦ୍ରାପଡ଼ା ଜିଲା ସର୍ଭେ ରିପୋର୍ଟ ଅନୁଯାୟୀ ମଧ୍ୟମ ଓ ବୃହତ୍ ଶିଳ୍ପ ସଂଖ୍ୟା ଶୂନ । ଜିଲାର ଅର୍ଥନୀତି ୭୯ ପ୍ରତିଶତ ଚାଷ ଦ୍ୱାରା ପରିଚାଳିତ। ଜିଲାରେ ୭ ନଦୀ ଓ ୨୭ ଶାଖା ନାଳ ଅଛି । ଏଥିସହିତ ବାର୍ଷିକ ହାରାହାରି ୭୧ ଦିନ ବର୍ଷା ସହିତ ୧୩୪୦ ମିଲିମିଟର ବୃଷ୍ଟିପାତ ହେଉଛି । ସେହିପରି ୧, ୮୨, ୧୮୪ ହେକ୍ଟର ଚାଷ ଜମି ଅଛି । ଏସବୁ ସତ୍ତ୍ୱେ ଭିତ୍ତିଭୂମି ଅଭାବ ଦର୍ଶାଇ ଚାଷୀ ଚାଷ ଛାଡୁଛନ୍ତି । ଅର୍ଦ୍ଧାଧିକ ଜମି ଜଳସେଚନରୁ ବଞ୍ଚିତ ହୋଇଛି। ପାଣି ପଞ୍ଚାୟତ ଗଠନ ଓ ପରିଚାଳନାଗତ ତ୍ରୁଟି ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। କୃଷକଙ୍କ ପ୍ରକୃତ ସମସ୍ୟା ପ୍ରତି ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି।

ଏ ସଂକ୍ରାନ୍ତରେ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡା, କୃଷକ ନେତା ଗୟାଧର ଧଳ କୁହନ୍ତି, ନିର୍ବାଚନ ସମୟ ଆସିଲେ ରାଜନେତାଙ୍କ ଚାଷୀ ସମସ୍ୟା କଥା ମନେପଡେ। ଇସ୍ତାହାର ପତ୍ରରେ ଚାଷୀ ଓ ଚାଷ ସମସ୍ୟାକୁ ଗୁରୁତ୍ୱ ଦିଆଯାଏ। ନିର୍ବାଚନ ପ୍ରକ୍ରିୟା ଶେଷ ପରେ ସେହି ଇସ୍ତାହାରର ଗୁରୁତ୍ୱ ରହେ ନାହିଁ । ଜିଲାର ୩୬,୦୩୮ ହେକ୍ଟର ଉଚ୍ଚ ଜମିକୁ ଜଳସେଚନ ବ୍ୟବସ୍ଥା ନାହିଁ । ସେହିପରି ୭୦,୩୩୩ ହେକ୍ଟର ଜମିରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇ ଠିଆ ହୋଇଛି । ଚାଷୋପଯୋଗୀ ୭୫,୮୧୮ ହେକ୍ଟର ମଧ୍ୟମ ଜମି ମଧ୍ୟରୁ ୬୫,୦୩୨ ହେକ୍ଟର ଜମି ଜଳସେଚିତ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ବାସ୍ତବିକ ତଥ୍ୟ ଏହାଠାରୁ ଭିନ୍ନ। ଜିଲାର ୯ ବ୍ଲକ ମଧ୍ୟରୁ ଆଳି, ରାଜନଗର ଓ ରାଜକନିକାରେ ଆଦୌ କେନାଲ ନାହିଁ । ପ୍ରତି ବ୍ଲକର ଅତିକମ୍‌ରେ ୩୫ ପ୍ରତିଶତ କ୍ଷେତକୁ ଜଳ ଯୋଗାଣ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଇତିମଧ୍ୟରେ ଦୀର୍ଘଦିନ ବିତିଥିଲେ ମଧ୍ୟ ସେହି ଘୋଷଣା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଯୁବବର୍ଗ ଚାଷ ଛାଡ଼ି କର୍ମ ନିଯୁକ୍ତି ପାଇଁ ବିଦେଶମୁହାଁ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

ସୂଚନା ଅଧିକାର କର୍ମୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି, ଏନେଇ କୃଷି ବିଭାଗ ପକ୍ଷରୁ ଏକ ତଥ୍ୟ ମିଳିଛି । ଏହି ତଥ୍ୟ ଅନୁଯାୟୀ, ମହାକାଳପଡା ବ୍ଲକ ଅଞ୍ଚଳରେ ୨୮,୦୭୦ ହେକ୍ଟର ଚାଷ ଜମି ଥିବା ବେଳେ ମାତ୍ର ୬,୮୨୩ ହେକ୍ଟର ଜମିକୁ ଜଳସେଚନର ବ୍ୟବସ୍ଥା ରହିଛି। ଅର୍ଥାତ୍ ୨୪.୩୧ ପ୍ରତିଶତ ଜମି ଜଳସେଚିତ। ସେହିପରି ରାଜନଗରର ମୋଟ ୨୫,୮୯୫ ହେକ୍ଟର ଜମିରୁ ମାତ୍ର ୧୯.୧୬ ପ୍ରତିଶତ ଜମି ଜଳସେଚିତ । ସେହିପରି ରାଜକନିକା ବ୍ଲକ ଅଞ୍ଚଳରେ ୩୩.୬୨ ପ୍ରତିଶତ କ୍ଷେତକୁ ଉଠା ଜଳସେଚନ ଓ ଅନ୍ୟାନ୍ୟ ଉତ୍ସରୁ ଜଳ ମିଳୁଛି । ଜିଲାରେ ୧,୧୧୪ଟି ଲିଫ୍ଟ ଇରିଗେଶନ ଓ ୩,୦୬୩ଟି ସୋଲୋ ଟିଉବ୍‌ୱେଲ ମାଧ୍ୟମରେ ମୋଟ୍ ୩୦,୬୮୧ ହେକ୍ଟରକୁ ଜଳସେଚନ ହେଉଥିବା ଏହି ତଥ୍ୟରେ ଉଲ୍ଲେଖ ଥିବା ବେଳେ ଅନ୍ୟାନ୍ୟ ଉତ୍ସରୁ ମାତ୍ର ୧୦,୬୨୪ ହେକ୍ଟର ପାଣି ମିଳୁଥିବା ଦର୍ଶାଯାଇଛି । ତେବେ ତୃଣମୂଳରେ ଏହାର ତନଖି କଲେ ଏହି ତଥ୍ୟ ଅବାସ୍ତବ ବୋଲି ସେ ପ୍ରକାଶ କରିଛନ୍ତି।

ବୁଦ୍ଧିଜୀବୀ ବାନାମ୍ବର ସାହୁ କହିଛନ୍ତି, ଉଠା ଜଳସେଚନ ବିଭାଗ ପକ୍ଷରୁ ଗଠନ ହୋଇଥିବା ପାଣି ପଞ୍ଚାୟତ ଏବେ ପ୍ରହସନ ପାଲଟିଛି । କେତେକ ପାଣି ପଞ୍ଚାୟତରେ ସଭ୍ୟାସଭ୍ୟଙ୍କ ଅଜାଣତରେ କର୍ମକର୍ତ୍ତାମାନେ ସରକାରୀ ଅନୁଦାନକୁ ଠିକାଦାରି ଆଳରେ ହଡପ କରୁଛନ୍ତି । ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉନାହିଁ । ଗୋବରୀ, ଜମ୍ଭୁ, କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ କେନାଲ ଆଦିରେ ବିଲାତି ଦଳ ଭର୍ତ୍ତି ହୋଇ ରହିଛି । ଫଳରେ ଶେଷ ମୁଣ୍ଡରେ ଜଳ ପହଞ୍ଚି ପାରୁନାହିଁ । ପ୍ରତିବର୍ଷ ବନ୍ୟା ସମୟରେ ଉପାନ୍ତ ଅଞ୍ଚଳର ୫୫ ପଞ୍ଚାୟତରେ ଚାଷ ନଷ୍ଟ ହେଉଛି । ଜଳ ନିଷ୍କାସନ ଓ ଜଳସେଚନ ପାଇଁ ଆବଶ୍ୟକ ଜଳର ଅଭାବ ଚାଷୀଙ୍କୁ ଚାଷଠୁ ଦୂରେଇ ଦେଉଛି। ବିଭିନ୍ନ ନଦୀ ଓ ନାଳରେ ବ୍ୟାରେଜ ଓ କ୍ରୀକ୍ ବନ୍ଧ ଦ୍ୱାରା ମଧୁର ଜଳ ଅଟକାଇ ଚାଷ କ୍ଷେତକୁ ଜଳସେଚନ ହୋଇପାରନ୍ତା । ହେଲେ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ ।

ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରବୋଧ କୁମାର ରାଉତ କହିଛନ୍ତି, ଜଳ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି । କେନାଲର ଉନ୍ନତୀକରଣ ସହ କ୍ରୀକ୍ ବନ୍ଧ ନିର୍ମାଣ କରାଯାଇଛି । ଆଗକୁ ନଦୀରେ ବ୍ୟାରେଜ ଓ ଅଧିକ କ୍ରୀକ୍ ବନ୍ଧ ନିର୍ମାଣ ଯୋଜନା ରହିଛି ।

# ମହିଳାଙ୍କ ଫଟୋ ଉଠାଇ ଛେଚା ଖାଇଲେ

## ବଜାର ମଝିରେ ଯୁବକଙ୍କୁ ମାଡ଼, ଭିଡିଓ ଭାଇରାଲ୍

**ଉଦଳା, ୨୩।୧ (ଡି.ଏନ.ଏ.)**

ଜନୈକା ମହିଳାଙ୍କ ଅଜାଣତରେ ତାଙ୍କ ଫଟୋ ଉଠାଇବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଧରାପଡ଼ିବା ପରେ ଯିଏ ଯେମିତି ପାରିଲା ବାଡ଼େଇ ଚାଲିଲା। ନିସ୍ତୁକ ମାଡ଼ ମାରିସାରିବା ପରେ ଲୋକେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ପରେ ଆପୋଷ ସମାଧାନ ଦ୍ୱାରା ଥାନାରେ ଅଣ୍ଡରଟେକିଂ ଦେଇ ସମ୍ପୃକ୍ତ ଯୁବକ ଛାଡ଼ ପାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ଉଦଳା ମେନ୍ ମାର୍କେଟରେ ଶୁକ୍ରବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିଲା। ବଜାର ମଝିରେ ସ୍ଥାନୀୟ ଲୋକେ ତାଙ୍କୁ ଘେରି ମାଡ଼ ମାରୁଥିବା ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ସୂଚନା ଅନୁଯାୟୀ, ଉଦଳା ମେନ୍ ମାର୍କେଟର ବାସନ୍ତୀ ମଣ୍ଡପ ଛକ ନିକଟସ୍ଥ ଦୋକାନକୁ ଜଣେ ମହିଳା କିଛିଜିନିଷ କିଣିବାକୁ ଯାଇଥିଲେ। ଏହିସମୟରେ ସେଠାରେ ଦୋକାନ କରିଥିବା ଜଣେ ଯୁବକ ମହିଳାଙ୍କ ଅଜାଣତରେ ମୋବାଇଲରେ ତାଙ୍କ ଫଟୋ ଉଠାଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣି ବିରୋଧ କରିଥିଲେ। ପରେ ସମ୍ପୃକ୍ତ ଯୁବକଙ୍କୁ ଲୋକେ ଧରି ନିସ୍ତୁକ ମାଡ଼ ମାରିବା ସହିତ ଘୋଷାରି ଥାନାକୁ ନେଇଥିଲେ। ପୋଲିସ ଉକ୍ତ ଯୁବକଙ୍କ ମୋବାଇଲକୁ ଯାଞ୍ଚ କରିବାରୁ ଅନେକ ମହିଳା ଏବଂ ଯୁବତୀଙ୍କର ଫଟୋ ଉଠାଯାଇଥିବା ଜାଣିବାକୁ ପାଇଥିଲା। ତାଙ୍କ ଦୋକାନକୁ ଆସୁଥିବା କିମ୍ବା ଦୋକାନ ସାମ୍ନାରେ ଯାତାୟାତ କରୁଥିବା ମହିଳା ଏବଂ ଯୁବତୀଙ୍କ ଫଟୋ ଉଠାଇ ସେ ନିଜ ମୋବାଇଲରେ ରଖିଥିବା ଜଣାପଡ଼ିଥିଲା। ଏ ନେଇ ପୋଲିସ୍ ତଦନ୍ତ ଜାରି ରଖିଥିବା କହିଛି।

GOVERNMENT OF ODISHA
RURAL WATER SUPPLY & SANITATION ORGANISATION
OFFICE OF THE EXECUTIVE ENGINEER
RWS&S DIVISION, DHENKANAL
E-mail- eerwss-dkl@nic.in
INVITATIONS FOR BIDS THROUGH e-Procurement
Bid Identification No – 18/E.E/RWSS/2020-21/Dhenkanal/
Dt. 13.01.2021

No.O-943:- The Executive Engineer, RWS&S Division, Dhenkanal on behalf of Governor of Odisha invites Item Rate/Percentage bid through e-procurement in Double cover system from contractors having experience in similar nature of work for the Projects according to norm of e-Procurement system in online mode.
Nature of Work:- Execution of Rural Piped Water Supply Schemes & Const. of ESR in Different Blocks under Dhenkanal District.

| | | |
|---|---|---|
| 1. | No. of tenders | 23 Nos. |
| 2. | Tender paper cost | 6,000/- to 10,000/- (Online Mode) |
| 3. | Value of work | 15.21 lakhs to 150.56 lakhs |
| 4. | Class of contractor | D, C, B & A Class |
| 5. | Date & time of availability of bid document in portal | 28.01.2021 at 11.00 A.M. 10.02.2021 Up to 5.00 P.M. |
| 6. | Date & time of seeking tender clarification | 05.02.2021 up to 05.00 P.M. |
| 7. | Date & time of opening of tender | 11.02.2021 at 11.00 A.M. in the office of the Executive Engineer, RWS&S Division, Dhenkanal. |
| 8. | Time of completion | Four months to Six months |
| 9. | The bidders have to participate in online bidding only. Further details can be seen from the website https://www.tendersorissa.gov.in. | |
| 10. | Corrigendum if any shall be publish in the above website only. | |

Sd./- Executive Engineer, RWS&S Division, Dhenkanal
OIPR-25029/11/0006/2021



## ରେଳଲାଇନ୍‌ରେ କଟି ବୃଦ୍ଧଙ୍କ ମୃତ୍ୟୁ

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ରେଳ ଷ୍ଟେଶନର ଅପ୍‌ଲାଇନରେ କଟି ସ୍ଥାନୀୟ ବାହାଦୁର ପଡାର ଯୁଗଳ କିଶୋର ପାଣ୍ଡବ (୭୫)ଙ୍କ ମୃତ୍ୟୁ ଘଟିଛି। ଯୁଗଳ ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲେ। ଷ୍ଟେଶନର ଗଙ୍ଗାନଗର ସାଇଡ୍‌ରେ ସେ କଟିଯାଇଥିଲେ। ବିଳମ୍ବିତ ରାତିରେ ଜିଆର୍‌ପି ପୋଲିସ ଦେଖିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

### ସଂକ୍ଷେପରେ

## ଦିଲ୍ଲୀ ଗସ୍ତ କରିବେ ପଶ୍ଚିମଓଡ଼ିଶାର ଚାଷୀ

ସମ୍ବଲପୁର, ୨୩।୧(ବ୍ୟୁରୋ): ବିବାଦୀୟ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଚାଷୀମାନେ ପ୍ରାୟ ୨ମାସ ହେଲା ଆନ୍ଦୋଳନ କରିଆସୁଛନ୍ତି। ଏହାକୁ ପଶ୍ଚିମ ଓଡିଶାର କୃଷକ ସଂଗଠନ ପକ୍ଷରୁ ସମର୍ଥନ କରି ଜାତୀୟ ରାଜପଥ ଅବରୋଧ କରିବା ସହ ପ୍ରତିବାଦ ଓ ବିରୋଧ ପ୍ରଦର୍ଶନ କରିଥିଲେ। ଏବେ ସଂଗଠନର ପ୍ରାୟ ୪୦ରୁ ୫୦ଜଣ କର୍ମକର୍ତ୍ତା ଦିଲ୍ଲୀଠାରେ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ହୋଇଛି। ରବିବାର ଟ୍ରେନ ଯୋଗେ ସେମାନେ ଦିଲ୍ଲୀ ଯାତ୍ରା କରିବେ। ଏନେଇ ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ହାଣି ହତ୍ୟା ଉଦ୍ୟମ

କୁଚିଣ୍ଡା, ୨୩।୧ (ଡି.ଏନ.ଏ.): କୁଚିଣ୍ଡା ଥାନା ଗୁଲୁଜିପାଲିଠାରେ ଜଣେ ଯୁବକଙ୍କୁ ହାଣି ହତ୍ୟା ଉଦ୍ୟମ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ହେଲେ ଗୁଲୁଜିପାଲି ଗ୍ରାମର ମନୋରଞ୍ଜନ ଦେହୁରି (୩୬)। ମନୋରଞ୍ଜନ ଏକ ସାଇକେଲ ଦୋକାନ କରି ପରିବାର ଚଳାନ୍ତି। ଶନିବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ସେହି ଗ୍ରାମର ଜଣେ ଯୁବକ ପହଞ୍ଚି କୌଣସି କାରଣରୁ ତାଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଶରୀରର ୫ଟି ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ପରେ ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ବ୍ରଜରାଜନଗର, ୨୩।୧ (ଡି.ଏନ.ଏ.): ସ୍ଥାନୀୟ ଟନେଲ ରୋଡ ପାଖ ଛକଠାରେ ସହରର ବୁଦ୍ଧିଜୀବୀଙ୍କୁ ନେଇ ବ୍ରଜରାଜନଗର ବରିଷ୍ଠ ଖବରଦାତାଙ୍କ ତତ୍ତ୍ୱାବଧାନରେ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସଦାନନ୍ଦ ତ୍ରିପାଠୀ ଓ ଅନ୍ୟ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ ପରେ ତାଙ୍କ ସ୍ମୃତିଚାରଣ କରିଥିଲେ। ଉକ୍ତ ଛକକୁ ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ କରିବା ପାଇଁ ସର୍ବସମ୍ମତିକ୍ରମେ ମତ ପାରିତ ହୋଇଥିଲା। ଉକ୍ତ ରାସ୍ତାକୁ ମଧ ତାଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ପାରିତ କରାଯାଇ ପୌରନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ପ୍ରତାପ କେଶରୀ ସିଂ ଓ ଉପେନ ଚରଣ ସାହୁ ପରିଚାଳନା କରିଥିଲେ। ସଞ୍ଜୟ ବାହୁବଳେନ୍ଦ୍ର, ବିରଞ୍ଚି ସ୍ୱାଇଁ, ବ୍ୟାସଦେବ ପଣ୍ଡା, ଶେଖର ବିଶି, ବିଜୟ ସାହୁ ସହାୟତା କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ପାଇଁ ସାଇକେଲ ରାଲି

ବେଲପାହାଡ଼, ୨୩।୧(ଡି.ଏନ.ଏ.): ସଡ଼କ ସୁରକ୍ଷା ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳରେ ଶନିବାର ଏକ ସାଇକେଲ ରାଲି ଆୟୋଜିତ ହୋଇଯାଇଛି। ଉକ୍ତ ରାଲିକୁ ଝାରସୁଗୁଡା ଆଞ୍ଚଳିକ ପରିବହନ ଅଧିକାରୀ ଦୀନବନ୍ଧୁ ଶୁଣ୍ଡି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ମୋଟର ଯାନ ନିରୀକ୍ଷକ ଜନ୍ମେଜୟ ନାୟକ ଓ ଟିଆରଏଲ କ୍ରୋସାକି ଉପ ମହାପ୍ରବନ୍ଧକ ଏସ.ଏ. ହବିବ ଉପସ୍ଥିତ ଥିଲେ। ବେଲପାହାଡ଼ ଫାଟକରୁ ରାଲି ବାହାରି ଟିଆରଏଲ ମୁଖ୍ୟ ଦ୍ୱାର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଟିଆରଏଲ ସୁରକ୍ଷା ବିଭାଗ କର୍ମଚାରୀ ଯୋଗ ଦେଇଥିଲେ। ଦୁଇଚକିଆ ଯାନ ଦୁଇଜଣଙ୍କ ପାଇଁ, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତ୍ରଣ କରେ ଯମ ଯନ୍ତ୍ରଣା ଆଦି ବିଭିନ୍ନ ସ୍ଲୋଗାନ ଦେଇ ସଚେତନ କରିଥିଲେ।

## ସମ୍ପାଦକ ପଦରୁ ଇସ୍ତଫା ଦେଲେ

ସମ୍ବଲପୁର, ୨୩।୧ (ବ୍ୟୁରୋ): ସମ୍ବଲପୁର ଜିଲା କୃଷକ ସୁରକ୍ଷା ସାଂଗଠନିକ ସମ୍ପାଦକ ପଦରୁ ଚନ୍ଦ୍ରଶେଖର ପଣ୍ଡା ଇସ୍ତଫା ଦେଇଛନ୍ତି। ସଂଗଠନର ସଭାପତି ମୁରାରୀ ପ୍ରସାଦ ପୁରୋହିତଙ୍କୁ ସେ ତାଙ୍କ ଇସ୍ତଫାପତ୍ର ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, କିଛିଦିନ ହେବ ବ୍ୟକ୍ତିଗତ କାରଣରୁ ସାଂଗଠନିକ କାର୍ଯ୍ୟ ତୁଲାଇବାରେ ସମସ୍ୟା ହୋଇଛି। ସଂଗଠନ ପାଇଁ ନେତୃତ୍ୱ ନେବା କଷ୍ଟକର ହୋଇଛି। ତେଣୁ ପଦରୁ ଇସ୍ତଫା ଦେବାକୁ ପଡୁଛି। ଇସ୍ତଫା ପତ୍ର ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ଚାଷୀ ସଂଗଠନର ଜଣେ ସକ୍ରିୟ କର୍ମକର୍ତ୍ତା ଭାବେ ଆଗକୁ କାମ କରିବେ ବୋଲି ଉଲ୍ଲେଖ କରିଛନ୍ତି।

# ନିର୍ମାଣ ହେବ ପ୍ରେରଣାର ମନ୍ଦିର



ଖିଣ୍ଡାସ୍ଥିତ ଜୟନ୍ତୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଓ ଭାଜପା ନେତା ।



ଖିଣ୍ଡାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବିଜେଡି ମନ୍ତ୍ରୀ, ବିଧାୟକ ଓ କର୍ମକର୍ତ୍ତା।

**ଜନ୍ମ ମାଟିରେ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ**

- ଆଦର୍ଶ ଗ୍ରାମ ଘୋଷଣା
- ବିକଶିତ ହେବ ସଂଗ୍ରାମୀ ପୀଠ: ବିଜେଡି

ସମ୍ବଲପୁର/ରେଙ୍ଗାଲି, ୨୩।୧(ବ୍ୟୁରୋ/ଡି.ଏନ.ଏ.)

ସୁରେନ୍ଦ୍ର ସାଏ ଏହି ଅଞ୍ଚଳର ସ୍ୱାଭିମାନ, ମଉଡ଼ମଣି। ସେ ହେଉଛନ୍ତି ୨ଶହ ବର୍ଷ ପୂର୍ବେ ଇଂରେଜମାନଙ୍କ ସହ ଲଢ଼େଇ କରିଥିବା ମାନବ ପ୍ରମାଣ ଇତିହାସ। ତାଙ୍କ ବଳିଦାନ ବ୍ୟର୍ଥ ଯାଇନାହିଁ। ମହାପ୍ରଭୁ ଶ୍ରୀରାମଙ୍କ ଜନ୍ମ ମାଟିରେ ଯେଭଳି ଭବ୍ୟ ମନ୍ଦିର ନିର୍ମାଣ ହେବାକୁ ଯାଉଛି ସେଭଳି ଖିଣ୍ଡାରେ ମଧ ବୀର ସୁରେନ୍ଦ୍ର ସାଏଙ୍କ ସ୍ମୃତିରେ ପ୍ରେରଣାର ମନ୍ଦିର ଖୁବ୍‌ଶୀଘ୍ର ନିର୍ମାଣ ହେବ। ଏଥିପାଇଁ କେନ୍ଦ୍ର ସରକାର ସମସ୍ତ ସହଯୋଗ କରିବେ। ଏହାସହ ଖିଣ୍ଡା ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରାଯାଉଛି। ସୁରେନ୍ଦ୍ର ସାଏଙ୍କ ଜନ୍ମ ମାଟିରେ ଶନିବାର ଆୟୋଜିତ ଜୟନ୍ତୀ ଉତ୍ସବରେ ଯୋଗଦେଇ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଥିଲେ। ଜିଲାରେ ଭାଜପା, ବିଜେଡି, କଂଗ୍ରେସ, ଓକିଲ ସଂଘ ତଥା ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଜେଲ ଛକଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସୁରେନ୍ଦ୍ର ସାଏ ସ୍ମୃତି ସମିତି ପକ୍ଷରୁ ଜନ୍ମ ମାଟି ଖିଣ୍ଡାରେ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ସକାଳେ ବିଜେଡି ପକ୍ଷରୁ ଏକ ବାଇକ୍ ରାଲି ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ସରକାରୀ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି, ସମ୍ବଲପୁର, ଦେବଗଡ ଜିଲା ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାଇକ୍ ରାଲିରେ ଯାଇଥିବା କର୍ମକର୍ତ୍ତା ତାଙ୍କ ଘରେ ଦାୟାଦ ଲାଲଫକିର୍ ସାଏଙ୍କୁ ଭେଟିଥିଲେ। ଗ୍ରାମରେ ଅନୁଷ୍ଠିତ ସଭାରେ ବିଜେଡି ନେତୃବୃନ୍ଦ କହିଥିଲେ, ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀ ପୀଠର ଉନ୍ନତି କରୁଛନ୍ତି। ଖିଣ୍ଡାରେ ଅନେକ ଉନ୍ନୟନମୂଳକ କାମ କରାଯାଇଥିବାବେଳେ ଆଗକୁ ଆହୁରି କରାଯିବ। ସେହିପରି ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ଭାଜପା ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସମେତ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରି ନାଏକ, ଦେବଗଡ଼ ବିଧାୟକ ସୁବାସ ପାଣିଗ୍ରାହୀ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ, ଟଙ୍କଧର ତ୍ରିପାଠୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ତଳସରା ବିଧାୟକ ଭବାନୀ ଭୋଇ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ ପ୍ରମୁଖ ଯୋଗଦେଇଥିଲେ।

## କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର

ସୁନ୍ଦରଗଡ,୨୩।୧(ଡି.ଏନ.ଏ.)

ରାଉରକେଲା ମଜଦୁର ସଭା ବରସୁଆ ଖଣି ଶାଖା ପକ୍ଷରୁ ସଙ୍ଗଠନର ସମ୍ପାଦକ ରାଜେଶ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ସରକାରଙ୍କ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ ସିଂ କୁଲେସ୍ତେଙ୍କୁ ସାକ୍ଷାତକରି ଏକ ସ୍ମାରକପତ୍ର ପ୍ରଦାନକରି ଆଲୋଚନା କରିଥିଲେ। ମୁଖ୍ୟ ଦାବିଗୁଡିକ ହେଲା ବରସୁଆ ଓ ତାଲଡିହି ଖଣିରେ ଉତ୍ପାଦନ ଲକ୍ଷ୍ୟରେ ୧୧୦%ରୁ ଉର୍ଦ୍ଧ୍ୱ ଉତ୍ପାଦନ କରୁଥିବା ଖଣି କର୍ମଚାରୀଙ୍କ ମାସିକ ଇନସେଣ୍ଟିଭ ବୋନସ ରାଶି ବୃଦ୍ଧି ନେଇ ପ୍ରଚଳିତ ଖଣି ଶାଖାର କର୍ମଚାରୀ ଉତ୍ପାଦନ ନେଇ ପ୍ରତ୍ୟକ୍ଷ ଭାଗିଦାରିତା ପାଇଁ ଏହାର ଶ୍ରେୟ ବରସୁଆ ଖଣି ଶାଖାର କର୍ମଚାରୀଙ୍କୁ ନେବା, ଡାଏଲିଂ ଡ୍ରାମ ପାର୍ଶରେ ଥିବା ଫାଇନ୍ସ (ଲୌହ ପଥର ଗୁଣ୍ଡ) ବିକ୍ରିରେ ଶ୍ରମିକ କର୍ମଚାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ, ବରସୁଆ,କାଲଟା ଓ ତାଲଡିହି ମାଇନ୍ସ ଆର୍‌ଏସ୍‌ପିକୁ କଞ୍ଚାମାଲ ଯୋଗାଇ ଦେଉଥିବାରୁ ଏହି ସବୁ ଖଣିଗୁଡ଼ିକର ଆଧୁନିକକରଣ ହେବା ଆଦି ଅନ୍ତର୍ଭୁକ୍ତ। ବଡ଼ବିଲ ରୁ କୋଇଡା ପର୍ଯ୍ୟନ୍ତ ରେଳ ଟ୍ରାକ ଏକ୍ସଷ୍ଟେନସନ କରିବା, ଠିକା ଶ୍ରମିକଙ୍କ ଏବଂ ସେମାନଙ୍କର ପରିବାର ସମସ୍ତଙ୍କୁ ଇଏସ୍‌ଆଇ ସୁବିଧା ଦେବା, ବରସୁଆରେ ନୂତନ ମାର୍କେଟ କମ୍ପ୍ଲେକ୍ସ ଓ କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରିବା ଓ ଅନ୍ୟାନ୍ୟ। ଏହି ଆଲୋଚନାରେ ସଙ୍ଗଠନର ଉପସଭାପତି ପିତବାସ ସେଠୀ, କୃଷ୍ଣଚନ୍ଦ୍ର ରାଉତ,ନନୀ ଗୋପାଳ ପ୍ରଧାନ ଓ ଶେଖ ସିରାଜୁଦ୍ଦିନ ଅଂଶ ଗ୍ରହଣ କରିଥିଲେ।

## ଜିଲା ଯୁବ କଂଗ୍ରେସର ବିକ୍ଷୋଭ

ସମ୍ବଲପୁର, ୨୩।୧ (ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ଜିଲା ଯୁବ କଂଗ୍ରେସ ପକ୍ଷରୁ ଶନିବାର ସନ୍ଧ୍ୟାରେ ଗୋଲବଜାର ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଯୁବ କଂଗ୍ରେସ ସଭାପତି ପ୍ଲାବନ ବହିଦାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ କାର୍ଯ୍ୟାଳୟରୁ ଏକ ରାଲିରେ ବାହାରି ଗୋଲବଜାର ଛକରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଆଶୁତୋଷ ସ୍ୱାଇଁ, ଜିଲା କଂଗ୍ରେସ ଉପସଭାପତି ନିରଞ୍ଜନ ତ୍ରିପାଠୀ, ବିଜୟ ଭୂୟାଁ, ଦୀନବନ୍ଧୁ ପରିଡା, ସୁଧିର ପଣ୍ଡା, ସରଙ୍ଗିନୀ ବାରିକ, ମହମ୍ମଦ ଜୁବେର, କୃଷ୍ଣ ସୁନାର ପ୍ରମୁଖ ଉପସ୍ଥିତ ଥିଲେ।




ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଉଛି।

## ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଦେବଗଡ,୨୩।୧(ଡି.ଏନ୍.ଏ.)

ଦେବଗଡ ଥାନା ଅନ୍ତର୍ଗତ ପଞ୍ଚମହଲା ଗ୍ରାମ ନିକଟ ୪୯ନମ୍ବର ଜାତୀୟ ରାଜପଥରେ ଏକ ମାଲ ବୋଝେଇ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୋଳ ଜିଲା ପାଲଲହଡା ଡାଲ ଗ୍ରାମର କହ୍ନେଇ ସାମାରିଆ(୪୪)। ସୂଚନା ଅନୁଯାୟୀ ଶନିବାର ଅପରାହ୍ନ ପ୍ରାୟ ୩ଟାରେ କହ୍ନେଇ ତାଙ୍କ ଶଶୁରଙ୍କ ଘରକୁ ଆସି ୪୯ନମ୍ବର ଜାତୀୟ ରାଜପଥରେ ଚାଲି କରି ଯାଉଥିଲେ। ଏହି ସମୟରେ ବାରକୋଟ ପଟୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ ତାଙ୍କୁ ଧକ୍କାଦେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଗାଡିକୁ ନେଇ ଫେରାର ହୋଇଯାଇଥିଲେ। କହ୍ନେଇଙ୍କୁ ଗୁରୁତର ଅବସ୍ଥାରେ ବାରକୋଟ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଏନ୍‌ୟୁଏସ୍‌ସି କପ କ୍ରିକେଟ: ପୋଲିସ ଫାଇଟର ଚାମ୍ପିୟନ




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

ନାକଟିଦେଉଳ,୨୩।୧(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରାସାଦ ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଜଗନ୍ନାଥପ୍ରାସାଦ ମିନି ଷ୍ଟାଡ଼ିୟମଠାରେ ଚାଲିଥିବା ଏନ୍‌ୟୁଏସ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ରିଆମାଳ ବ୍ଲକର କାଇଁଶର ଏକାଦଶ ଓ ନାକଟିଦେଉଳ ପୋଲିସ ଫାଇଟର ମଧ୍ୟରେ ଆୟୋଜିତ ହୋଇଥିଲା। ଟସ୍ ଜିଣି କାଇଁସର ଟିମ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପୋଲିସ ଫାଇଟର ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭର ମଧ୍ୟରୁ ୧୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୮୭ରନ ସଂଗ୍ରହ କରିଥିଲା। କାଇଁଶର ଏକାଦଶ ୧୪.୨ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୪ରନ କରିବାକୁ ସକ୍ଷମ ହୋଇଥିଲା। ପୋଲିସ ଫାଇଟର ଦଳର ଲୁଲୁ ମ୍ୟାନ ଅଫ ଦି ମ୍ୟାଚ ଓ ଧର୍ମେନ୍ଦ୍ର ଭୋଇ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ନେତାଜୀ କ୍ରୀଡ଼ା ଓ ସାଂସ୍କୃତିକ ସଂସଦ ସଭାପତି ଅରୁଣ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ନାକଟିଦେଉଳ ତହସିଲଦାର ସୁକାନ୍ତ କୁମାର ନାଏକ ମୁଖ୍ୟଅତିଥି, ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡ଼ା. ଅମୂଲ୍ୟ ରତ୍ନ ମହନ୍ତ ମୁଖ୍ୟବକ୍ତା ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି, ବ୍ଲକ ବିଜେଡ଼ି ସଭାପତି ଧୀରେନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହ ଟ୍ରଫିଦେଇ ପୁରସ୍କୃତ କରିଥିଲେ। ବସନ୍ତ କୁମାର ନାଏକ, ତ୍ରିନାଥ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ବ୍ୟାନର ପୋଷ୍ଟରକୁ ନେଇ ପ୍ରତିଯୋଗିତା

ସମ୍ବଲପୁର,୨୩।୧(ବ୍ୟୁରୋ)

ସମ୍ବଲପୁର ଜିଲାର ଖିଣ୍ଡାଠାରେ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସୁରେନ୍ଦ୍ର ସାଏ ସ୍ମୃତି କମିଟି ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ହେଲେ ସଂଗ୍ରାମୀଙ୍କ ଜୟନ୍ତୀ ସଭାକୁ ନେଇ ରାଜନୀତି କରାଯାଉଥିବା ଆଲୋଚନା ହେଉଛି। ବିଜେଡି ଓ ଭାଜପାର ନେତା ଓ କର୍ମକର୍ତ୍ତାଙ୍କ ଫଟୋ ଥିବା ବ୍ୟାନର ପୋଷ୍ଟର ସବୁଆଡେ ଛାଇଯାଇଥିଲା। ଯେଉଁଠି ଭାଜପା ବ୍ୟାନର ସେଠାରେ ବିଜେଡିର ବ୍ୟାନର ଲଗାଯାଇଥିଲା। ବ୍ୟାନର ସାଇଜକୁ ନେଇ ମଧ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଖିଣ୍ଡା ଗ୍ରାମ ରାସ୍ତା, ଗ୍ରାମ ଛକ, ପ୍ରତିମୂର୍ତ୍ତି ନିକଟ, ଗାଁ ଦାଣ୍ଡ ସବୁଆଡେ ଦଳୀୟ ପତାକା ଓ ବ୍ୟାନର। ଉଭୟ ଦଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନେତୃବୃନ୍ଦ ନିଜ ସରକାରଙ୍କୁ ପ୍ରଶଂସାରେ ପୋତିଦେଉଥିଲେ। ସ୍ଥାନୀୟ ସମସ୍ୟା, ସୁରେନ୍ଦ୍ର ସାଏଙ୍କ ବିଷୟରେ କମ୍ ସମୟ ଉଦ୍‌ବୋଧନ ଦେବାକୁ ଲୋକମାନେ ସମାଲୋଚନା କରୁଥିବା ଦେଖାଯାଇଥିଲା।

## ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର, ଗର୍ଭପାତ ଅଭିଯୋଗ

ବଡଗାଁ, ୨୩।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ଥାନା ଅନ୍ତର୍ଗତ ଦାଣ୍ଡଜମରା ପଞ୍ଚାୟତ ଅଞ୍ଚଳର ଜଣେ ଦିବ୍ୟାଙ୍ଗ ମହିଳା (୩୬)ଙ୍କୁ ବଳାତ୍କାର କରିବା ଓ ଗର୍ଭପାତ କରାଇବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗନୁଯାୟୀ, ପୀଡିତାଙ୍କ ଗାଁ ନିକଟରେ ଜଣେ ବ୍ୟକ୍ତି ବର୍ଷେ ହେଲା ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର କରି ଆସୁଥିଲେ। ଭୟରେ ମହିଳା ଜଣକ ନୀରବ ରହିଥିଲା ବେଳେ ଗର୍ଭବତୀ ହେବାରୁ ଔଷଧ ଖୁଆଇ ଗର୍ଭପାତ କରାଇଥିଲେ। ନିକଟବର୍ତ୍ତି ଆଶାକର୍ମୀ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେ ଗର୍ଭବତୀ ଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ଗୁରୁବାର ଦିନରେ ଥାନାରେ ଲିଖିତ ଜଣାଇଛନ୍ତି।

## ସ୍ତ୍ରୀ ମୃତ୍ୟୁକୁ ନେଇ ଜେଲ ଗଲେ ସ୍ୱାମୀ

କୁତ୍ରା, ୨୩।୧ (ଡି.ଏନ.ଏ)

କୁତ୍ରା ଥାନା ଅନ୍ତର୍ଗତ କୁରୁଙ୍ଗା ହରୋପଡାର ବିନୋଦ ମିଞ୍ଜଙ୍କୁ ଶନିବାର କୁତ୍ରା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାର କାରଣ ନେଇ ପୋଲିସ କହିଛି ଯେ, ଗତ ଅକ୍ଟୋବର ୧୩ ତାରିଖ ବିନୋଦଙ୍କ ସ୍ତ୍ରୀ ସୁନୀତା ମିଞ୍ଜ ନିଆଁରେ ପୋଡି ହୋଇଯାଇଥିଲେ। ଆବଶ୍ୟକ ଚିକିତ୍ସା ସତ୍ତ୍ୱେ ଅକ୍ଟୋବର ୨୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ସୁନୀତାଙ୍କ ମୃତ୍ୟୁ ଘଟଣାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ତାଙ୍କ ବାପଘର ପରିବାର। ସୁନୀତାଙ୍କ ଭାଇ ପୋଲିସରେ ଅଭିଯୋଗ କରିବା ପରେ କୁତ୍ରା ପୋଲିସ ଘଟଣାର ଅନୁସନ୍ଧାନ କରି ଦୀର୍ଘ ତିନି ମାସ ପରେ ଶନିବାର ବିନୋଦଙ୍କୁ କୋର୍ଟ ଚାଲାଣ କରିଛି।

## ଚୋରା ସ୍କ୍ରାପଗାଡ଼ି ସହ ୩ ଗିରଫ

ରାଉରକେଲା ଅଫିସ, ୨୩।୧

କାଂଶବାହାଲରୁ ରାଉରକେଲା ଆସୁଥିବା ଏକ ଚୋରା ସ୍କ୍ରାପ ଗାଡି ସହ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରାଉରକେଲାର ବିସନ ସାହୁ, ଛୋଟୁ ସାହୁ ଓ ଅଜୟ କେରକେଟ୍ଟା। ଏମାନେ ଟାଟା ଏସି (ଓଡ଼ି୧୪ଏସ୍‌୫୬୪୬)ରେ ସ୍କ୍ରାପ ବୋଝେଇ କରି ଆସୁଥିବାବେଳେ ପୋଲିସ ବିଜୁ ହାଇୱେରେ କାବୁ

## ଘର ଭାଙ୍ଗି ଧାନ ଖାଇଲା ହାତୀ

ପଡିଆବାହାଲ, ୨୩।୧ (ଡି.ଏନ.ଏ.)

ଯୁଯୁମୁରା ବ୍ଲକ ଡଙ୍ଗରପଡା ପଞ୍ଚାୟତର ଝରଝରି ଗ୍ରାମର ସନ୍ତୋଷ ଧରୁଆ, ସୁରୁପଡା ଗ୍ରାମର ଦଶରଥ ମିର୍ଦ୍ଧା ଓ କୁଶ ମିର୍ଦ୍ଧାଙ୍କ ଘର ଭାଙ୍ଗି ହାତୀ ଧାନ ଖାଇଦେଇଛି । ବନ ବିଭାଗ କର୍ମଚାରୀଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ଘଉଡାଇବା ଉଦ୍ୟମ କରି ବିଫଳ ହୋଇଥିଲେ । ଏକ ମାଈ ହାତୀ ସହ ଦନ୍ତା ହାତୀ ସନ୍ଧ୍ୟା ହେଲେ ଗାଁମୁହାଁ ହେଉଥିବାରୁ ଲୋକେ ଭୟଭୀତ ହୋଇରହିଛନ୍ତି। ଶନିବାର ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଗୋବିନ୍ଦ ନାରାୟଣ ଅଗ୍ରୱାଲ ଘଟଣାସ୍ଥଳ ପରିଦର୍ଶନ କରି ବିଭାଗୀୟ କର୍ତ୍ତୃପକ୍ଷ ଉପଯୁକ୍ତ କ୍ଷତିପୂରଣ ଦେବାକୁ ପଦକ୍ଷେପ ନେବାକୁ ଦାବି କରିଥିଲେ।



ହାତୀ ଭାଙ୍ଗିଦେଇଥିବା ଘର।

### ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ

## ରାଜନେତା, ଅନୁଷ୍ଠାନର ସଦସ୍ୟ ସାମିଲ

ସମ୍ବଲପୁର,୨୩।୧(ବ୍ୟୁରୋ)

ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଓଡିଶା ସାଂସ୍କୃତିକ ସମାଜ ମିଳିତ ଅନୁକୂଲ୍ୟରେ ଜେଲ ଛକଠାରେ ଥିବା ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଉତ୍ତରାଞ୍ଚଳ ଆର୍‌ଡିସି ନିରଞ୍ଜନ ସାହୁ, ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରି ନାଏକ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଜିଲା ଭାଜପା ସଭାପତି ଗିରିଶ ପଟେଲ, ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ସାଧାରଣ ସମ୍ପାଦକ ରବିରଞ୍ଜନ ପୂଜାରୀ, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ସାମିଲ ହୋଇଥିଲେ। ବିଭିନ୍ନ ରାଜନୈତିକ, ସାମାଜିକ, ଶିକ୍ଷାନୁଷ୍ଠାନ ପକ୍ଷରୁ ପୃଥକ୍ ଭାବେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଅପରାହ୍ନରେ ମଶାଲ ଶୋଭାଯାତ୍ରାକୁ ମ୍ୟୁନିସିପାଲିଟି ଛକରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ସବୁଜ ପତାକା ଦେଖାଇ ଆରମ୍ଭ କରିଥିଲେ। ପରେ ବୀର ପୁରଷଙ୍କ ଫଟୋଚିତ୍ରରେ ସୁସଜ୍ଜିତ ରଥ ସହର ପରିକ୍ରମା କରିଥିଲା। ସନ୍ଧ୍ୟାରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଓଡିଶା ସଂସ୍କୃତି ସମାଜର ସଭାପତି ପ୍ରଫୁଲ୍ଲ ହୋତା ଏଥିରେ ଅଧ୍ୟକ୍ଷତା କରିଥିଲେ। ବୁର୍ଲା ଭୀମସାରରେ ନିର୍ଦ୍ଦେଶକ ଡାକ୍ତର ଲଳିତ ମହେର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରିଥିଲେ। ରକ୍ତତୀର୍ଥ କୁଦୋପାଲି ଗ୍ରାମରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଉପମୁଖ୍ୟ ସଚେତକ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମ ଭୋଇ ଅଧ୍ୟକ୍ଷତା କରିଥିଲେ।



ବୁର୍ଲା ଡିଏଭି ସ୍କୁଲ ପରିସରରେ ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ।

## ଗଡ଼ିଲା ଶାନ୍ଧ ରଥ

କୋକସରା, (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଶୁକ୍ରବାର କୁଷ୍ଠ ନିରାକରଣ ଓ ସଚେତନତା ପାଇଁ ଆରମ୍ଭ ହୋଇଛି ଶାନ୍ଧ ରଥ। ରଥକୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ତତ୍ତ୍ୱଦର୍ଶୀ ଦାସ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୩୦ ତାରିଖ ଯାଏ ଏହି ଅଭିଯାନ ଚାଲିବ ଏବଂ ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରି କୁଷ୍ଠ ରୋଗ ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ଉପଯୁକ୍ତ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ବିପିଏମ୍ ଏମ. ରାଜଶେଖର, ସ୍ୱାସ୍ଥ୍ୟ କର୍ମୀ ନୀଳମଣି ଖମାରୀ ଓ ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଆଇନ ବିରୋଧରେ ଚାଷୀ ଏକଜୁଟ

ବରଗଡ଼ ଅଫିସ୍,୨୩।୧

କେନ୍ଦ୍ର ସରକାରଙ୍କ ୩କୃଷି ଆଇନ କୃଷକମାନଙ୍କ ପାଇଁ ମୃତ୍ୟୁଘଣ୍ଟି। କୃଷିକ୍ଷେତ୍ରରେ ମୁକ୍ତ ବଜାର ପାଇଁ ଏହି ବ୍ୟବସ୍ଥା ବଡ଼ବଡ଼ ଘରୋଇ ଦେଶୀ, ବିଦେଶୀ କମ୍ପାନୀମାନଙ୍କର ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ଏହି ଆଇନ କୃଷିକ୍ଷେତ୍ରର ବଜାର, ବିତରଣ ଓ ଉତ୍ପାଦନ ବ୍ୟବସ୍ଥାରେ ବଡ଼ କମ୍ପାନୀମାନଙ୍କର ଅବାଧ ପ୍ରବେଶର ଆଇନଗତ ଅନୁମତି ଓ ସୁରକ୍ଷା ବ୍ୟବସ୍ଥା ଦେଶର ଚାଷୀକୁଳକୁ ତଳିତଳାନ୍ତ କରିଦେବ। ଏଭଳି କଳା ଆଇନକୁ ବରଦାସ୍ତ କରାଯିବ ନାହିଁ। କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଚାଷୀଙ୍କ ଦୁର୍ବାର ଆନ୍ଦୋଳନ ଜାରି ରହିବ। ଶନିବାର ଜୟ କିଶାନ ଆନ୍ଦୋଳନ ଓ ପଶ୍ଚିମଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆହ୍ୱାନରେ ବରଗଡ଼ ଗାନ୍ଧୀଛକରେ ଅନୁଷ୍ଠିତ କୃଷକ ମୁକ୍ତି ସଂଗ୍ରାମ ପାଇଁ ସଂକଳ୍ପ ସମାବେଶରେ ଚାଷୀନେତାମାନେ ଚେତାବନୀ ଦେଇଛନ୍ତି।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା, ଦେବଗଡ଼ ଆଦି ଜିଲାର ଚାଷୀମାନେ ଗାନ୍ଧୀଛକରେ ସମବେତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସମାବେଶସ୍ଥଳୀକୁ ପହଞ୍ଚିଥିଲେ। ଜୟ କିଶାନ ଆନ୍ଦୋଳନ ବରଗଡ଼ ଜିଲା ସଭାପତି ସୁଶୀଲ କୁମାର ସାହୁ ସ୍ୱାଗତ ଭାଷଣ ଦେବା ପରେ ବିଭିନ୍ନ ଜିଲାରୁ ଆସିଥିବା ଚାଷୀ ପ୍ରତିନିଧିମାନେ ଉଦ୍‌ବୋଧନ ଦେଇଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ତିନି କୃଷି ଆଇନକୁ କଳା ଆଇନ ବୋଲି ଅଭିହିତ କରିଥିଲେ। ଏହି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀସୀମାରେ ୫୮ଦିନ ହେଲା ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ କେନ୍ଦ୍ରର ମୋଦି ସରକାର ସବୁ ପ୍ରକାର ଅପଚେଷ୍ଟା କରି ବିଫଳ ହୋଇଛନ୍ତି। ଆନ୍ଦୋଳନରେ ସାମିଲ ହୋଇ ଅନେକ ଚାଷୀ ବଳିଦାନ ଦେଇଛନ୍ତି। ତଥାପି କେନ୍ଦ୍ର ସରକାର ନୀରବ, ନିର୍ବିକାର ରହିଛନ୍ତି। ୩ ନୂଆ କୃଷି ଆଇନକୁ ସରକାର ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଚାଷୀଙ୍କ ଲଢ଼େଇ ଜାରି ରହିବ। ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନ ତଥା ଆସନ୍ତା ୨୬ତାରିଖ ସେଠାରେ ହେବାକୁ ଥିବା ଟ୍ରାକ୍ଟର ପରେଡ଼୍‌ରେ ସାମିଲ୍ ହେବା ପାଇଁ ପଶ୍ଚିମ ଓଡ଼ିଶାରୁ ମଧ୍ୟ ଏକ ଚାଷୀ ପ୍ରତିନିଧି ଦଳ ସେଠାକୁ ଯିବେ ବୋଲି ସେ କହିଥିଲେ। ସେହିପରି ସାଧାରଣତନ୍ତ୍ର ଦିବସରେ ବଲାଙ୍ଗୀରରେ ମଧ୍ୟ ଚାଷୀଙ୍କ ଏକ ଟ୍ରାକ୍ଟର ପରେଡ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଥିଲେ।

ପଶ୍ଚିମଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଅନ୍ୟତମ ଆବାହକ ଅଶୋକ ପ୍ରଧାନ ଉଦ୍‌ବୋଧନ ଦେଇ ନୂଆ କୃଷି ଆଇନ ଚାଷୀଙ୍କ ପାଇଁ ନୁହେଁ, ଏହା ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ପଶ୍ଚିମଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ସମର୍ଥନ ଜଣାଇ ଆଗକୁ ଦୁର୍ବାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ। ସମାବେଶରେ କଳାହାଣ୍ଡିରୁ ନିରଞ୍ଜନ ପ୍ରଧାନ, ଲକ୍ଷ୍ମଣ ରଣବୀର, ବିଶ୍ୱନାଥ କର, ଝାରସୁଗୁଡ଼ାରୁ ଦିଲୀପ ବରେଇ, ପଞ୍ଚାନନ ପ୍ରଧାନ, ବିରଞ୍ଚି ସାହୁ, ଦେବଗଡ଼ରୁ ପ୍ରମୋଦ ଝାଙ୍କର, ସୋନପୁରରୁ ବୈକୁଣ୍ଠ ଶତପଥୀ, ସମ୍ବଲପୁରରୁ ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ, ସରୋଜ ମହାନ୍ତି, ଜୟ କିଶାନ ଆନ୍ଦୋଳନର ହର ବଣିଆ, ରମେଶ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ସେହିପରି ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ମୃତଚାଷୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କିଶୋର ସାହୁ କ୍ରାନ୍ତିକାରୀ ଗୀତ ଗାଇଥିଲେ।



ସମାବେଶରେ ଯୋଗଦେଇଛନ୍ତି ପଶ୍ଚିମ ଓଡ଼ିଶାର ଚାଷୀ ପ୍ରତିନିଧିବୃନ୍ଦ।

- ବରଗଡ଼ରେ କୃଷକ ମୁକ୍ତି ସଂଗ୍ରାମ ସଂକଳ୍ପ ସମାବେଶ
- ପଶ୍ଚିମ ଓଡ଼ିଶାର ଚାଷୀ ପ୍ରତିନିଧିମାନେ ସାମିଲ
- ପ୍ରତ୍ୟାହାର ଦାବିରେ ଚାଷୀ ଦେଲେ ରଣହୁଙ୍କାର
- ବଲାଙ୍ଗୀରରେ ହେବ ଚାଷୀଙ୍କ ଟ୍ରାକ୍ଟର ପରେଡ୍
- ଦିଲ୍ଲୀ ଯିବେ ପଶ୍ଚିମ ଓଡ଼ିଶା ଚାଷୀ ପ୍ରତିନିଧି

## ଖରିଫ୍ ଧାନ କିଣା ଦୁର୍ନୀତି ସ୍ୱୀକାର କରିଛନ୍ତି ସରକାର: ଭାଜପା

ଭୁବନେଶ୍ୱର,୨୩।୧(ବ୍ୟୁରୋ)

ରାଜ୍ୟରେ ୨୦୨୦-୨୧ ଆର୍ଥିକ ବର୍ଷରେ ଖରିଫ୍ ଧାନକିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ସରକାରୀ ଦଳ ନେତାଙ୍କ ଇଙ୍ଗିତରେ କୃଷି ସମବାୟ ସମିତିର ସମ୍ପାଦକମାନେ କାର୍ଯ୍ୟ କରୁଥିଲେ। ଆଉ ଏବେ ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠା ବୋଳିଲା ଭଳି ସରକାରୀ ନିର୍ଦ୍ଦେଶନାମାର ଉଲ୍ଲଂଘନ ଅଭିଯୋଗରେ ୧୫ଜଣ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଛି। ସାରା ରାଜ୍ୟରେ ଖରିଫ୍ ଧାନ କିଣାରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ହୋଇଛି ବୋଲି ଖୋଦ୍ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ୱୀକାର କରୁଛନ୍ତି। ଚାଷୀଙ୍କୁ ଶୋଷଣ କରିବା ଏବଂ ଚାଷୀଙ୍କ ନାଁରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଧିକାରୀ ଓ ଶାସକ ଦଳ ନେତାଙ୍କ ବିରୋଧରେ କାହିଁକି ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ନାହିଁ ବୋଲି ଭାଜପା ସମବାୟ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ପବିତ୍ର ମୋହନ ଦାସ ପ୍ରଶ୍ନ କରିଛନ୍ତି।

ପୂର୍ବରୁ ଖୋଦ୍ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ବେନାମୀ କୃଷି ଋଣ ଓ ଅନେକ ନିରୀହ ଚାଷୀଙ୍କ ଅଜାଣତରେ ସେମାନଙ୍କ ନାମରେ ଋଣ ଉଠାଇ ଅର୍ଥ ତୋସରପାତ ଭଳି ଘଟଣା ଘଟିଛି। ଏହି ଦୁର୍ନୀତିରେ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହୋଇଥିଲା। ଠିକ୍ ସେହିପରି ରାଜ୍ୟର ୩୫ଟି ମଣ୍ଡିରୁ ୯୦% ମଣ୍ଡିର ଧାନ କିଣାରେ ବ୍ୟାପକ ଦୁର୍ନୀତି ଚାଲୁଥିବା ବେଳେ ମାତ୍ର ୧୫ଜଣ ନିରୀହ ସମ୍ପାଦକଙ୍କୁ ନିଲମ୍ବନ କରି ସରକାର ନିଜ ଉପରୁ ଧୂଳି ଝାଡ଼ିବାକୁ ଉଦ୍ୟମ କରିଛନ୍ତି।

## ସଂକ୍ଷେପରେ

### ଏମ୍ସର ଦ୍ୱିତୀୟ ଶାଖା ଖୋଲିବା ନେଇ ଧର୍ମେନ୍ଦ୍ରଙ୍କୁ ଭେଟିଲେ

ସୁନ୍ଦରଗଡ, ୨୩।୧ (ଡି.ଏନ୍.ଏ) -ସୁନ୍ଦରଗଡ ଠାରେ ନବନିର୍ମିତ ଏନଟିପିସି ମେଡିକାଲ କଲେଜକୁ ଓଡିଶାର ଦ୍ୱିତୀୟ ଏମସ୍ ଶାଖା ଖୋଲାଯିବା ନେଇ ଶନିବାର ସୁନ୍ଦରଗଡ ବିକାଶ ଫୋରମର ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବି ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶନିବାର ଝାରସୁଗୁଡା ଏୟାରପୋର୍ଟ ଠାରେ ବୀରସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଖିଣ୍ଡା ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ସୁନ୍ଦରଗଡ ବିକାଶ ଫୋରମର ଏକପ୍ରତିନିଧି ଦଳ ଏହି ଦାବିନେଇ ଭେଟିଥିଲେ । ଏହା ସହ ସୁନ୍ଦରଗଡର ଇବ୍ ନଦୀ ଉପରେ ବ୍ୟାରେଜ୍ ଓ ରିଂରୋଡ ନିର୍ମାଣ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ୨ଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ବିକାଶ ଫୋରମର ଆବାହକ ଇଂ.ଦିଲୀପ ପଟେଲଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ଟଙ୍କଧର ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ନିମାଇଁ ନାଏକ ,ଡା .ଦିଲ୍ଲୀପ ଷଡଙ୍ଗୀ, ଡା ହିମାଂଶୁ ଷଡଙ୍ଗୀ, ବରିଷ୍ଠ ନାଗରିକ ସଂଘର ସଭାପତି ଡା. ହିମାଂଶୁ ଗୁରୁ, ଜିଲା ଓକିଲ ସଂଘର ସଭାପତି କମଳସେନ୍, ଓଡିଆ ସିନେ ଅଭିନେତା ପ୍ରଦୀପ ଦତ୍ତ, ଅଜୟ ପଟେଲ, ଯଶୋବନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଥିଲେ ।

### ମୁନସିପାଲ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଇକେଲ ରାଲି

ରାଉରକେଲା ଅଫିସ,୨୩।୧: ଏନ୍‌ସିସି ଫିଟ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁସାରେ ସାଇକେଲଥନ ମୁନସିପାଲ କଲେଜ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ହୋଇଛି। ଏହି ରାଲି କଲେଜ ସମ୍ମୁଖରୁ ଆରମ୍ଭ ହୋଇ ସହରର ରିଙ୍ଗରୋଡ଼ ଦେଇ ପ୍ରାୟ ୧୭ କି.ମି ପରିକ୍ରମଣ କରିଥିଲା। ଏହି ରାଲିରେ ୧୫୩ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଏହି ରାଲିକୁ ସୁବାଷ ଚନ୍ଦ୍ର ବୋଷ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଦିନର ପୁଣ୍ୟତିଥିକୁ ସମ୍ମାନ ଦେଇ ଆୟୋଜିତ ହୋଇଥିଲା। ରାଲିକୁ ନବମ ଓଡ଼ିଶା ବାଟାଲିୟନ କମାଣ୍ଡିଙ୍ଗ୍ ଅଫିସର କର୍ଣ୍ଣଲ ଡି.ଏସ୍ ପିଟର ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ କଲେଜର ଅଧ୍ୟକ୍ଷ ପ୍ର. ପରେଶ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଏହି ରାଲିକୁ କ୍ୟାପଟେନ ସତ୍ୟନାରାୟଣ ରାଉତ ପରିଚାଳନା କରିଥିଲେ। କଲେଜର ସମସ୍ତ କର୍ମଚାରୀ ରାଲିକୁ ପରିଚାଳନାରେ ସହଯୋଗ କରିଥିଲେ।

### ବାଉଁଶ କାରିଗରି ପ୍ରଶିକ୍ଷଣ ଶିବିର

ଅମରପାଲି,୨୩।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଠାକୁରପୁର ଗ୍ରାମରେ ବାଉଁଶ କାରିଗରୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଉକ୍ତ ଶିବିର ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

### ଲକ୍ଷେ ଘର ସମାଜ ପକ୍ଷରୁ ଫୁଟବଲ ଟୁର୍ନାମେଣ୍ଟ

ରାଉରକେଲା ଅଫିସ, ୨୩।୧: ସେକ୍ଟର-୧୩ନଂ ପ୍ରଦର୍ଶନୀ ପଡ଼ିଆରେ ଲକ୍ଷେଘର ସମାଜ ପକ୍ଷରୁ ଏକ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ସ୍ୱର୍ଗତ ଡମ୍ବୁରଧର ମହାନନ୍ଦିଆ,ସ୍ୱର୍ଗତ ବିରବଲ ନିଖଣ୍ଡିଆ, ସମାଜସେବୀ ଚୈତନ୍ୟ ତନ୍ତୀ, ଧ୍ରୁବ ନିଖଣ୍ଡିଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏହି ଟୁର୍ନାମେଣ୍ଟକୁ ସଙ୍ଗଠନର ସଭାପତି ରାଜ କିଶୋର ଧାରୁଆ, ତନ୍ତୀପାତ୍ର ସମ୍ବନୟ ମଞ୍ଚର ସଭାପତି ସୁରତ ବାଘ,କାଳିନ୍ଦ୍ର ପାତ୍ର ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ସମାଜର ମାଦରା ଜଗଦଳା, ମହାଦେବ ବଳକି, ସୁକଦେବ ତନ୍ତୀ, ସଙ୍କୀର୍ତ୍ତନ ଜୟପୁରିଆ, ସନ୍ତୋଷ ତନ୍ତୀ, ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ପ୍ରଫୁଲ ସୁନନ୍ୟା ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ରାଉରକେଲା ତଥା ଆଖପାଖରେ ଥିବା ୧୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ହାସଁଦା ବଜର୍ସ ୟଙ୍ଗ ବଦର୍ସ ମଧ୍ୟରେ ହୋଇଥିଲା। ୟଙ୍ଗବଦର୍ସ ବନ୍ଧମୁଣ୍ଡା ଦଳ ୨ଟି ପେନାଲଟିକ ଗୋଲ ମାରି ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟକୁ ରୋହିତ ମହାନନ୍ଦିଆ, ରାମ ବୁଖ୍ରା, ଅଶ୍ୱନି ଶାସନ, ରଥି ସାଗର ତନ୍ତୀ, ରବି ନାରାୟଣ ବାଘ, ଦିଲୀପ କୁମାର ମହାନନ୍ଦିଆ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ଦଶପଲ୍ଲାକୁ ହରାଇ ସମ୍ବଲପୁର ଫାଇନାଲରେ



ଖେଳାଳି ଓ ଅତିଥି।

### ବଘିଆପଡ଼ା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟ

ବଘିଆପଡା,୨୩।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡା ଖେଳପଡିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଦଶପଲା ଓ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶପଲା ଦଳ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ହରଭଙ୍ଗା ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସମ୍ବଲପୁର ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ଦଶପଲା ଓ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୭ ଓଭର ବିଶିଷ୍ଟ ସେମିଫାଇନାଲରେ ସମ୍ବଲପୁର ଦଳ ୪ ଉଇକେଟ ହରାଇ ୯୫ ରନ କରିଥିବା ବେଳେ ଦଶପଲା ଦଳ ୬ ଉଇକେଟ ହରାଇ ୪୯ ରନ କରିଥିଲା। ଖେଳରେ ଦଶପଲ୍ଲାକୁ ହରାଇ ସମ୍ବଲପୁର ଦଳ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ଦିବସ ଖେଳରେ ମୁଖ୍ୟଅତିଥି ଭାବରେ ବଘିଆପଡା ଫାଣ୍ଡି ଅଧିକାରୀ ତପନ ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମେଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱରୂପ କୁମାର ମହାପାତ୍ର, ଗୌଡଦେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଅମାତ, ବଘିଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା ଶିବକଲ୍ୟାଣ ସୁମନ ପ୍ରଧାନ, ବଘିଆପଡା ଓ ଟିକରପଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ଯୁବ ବିଜେଡି ନେତା ଦେବହରି ମହାକୁଡ ଓ କୃଷି ବୈଜ୍ଞାନିକ ଜ୍ୟୋତିରେଖା ମଲ୍ଲିକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବରେ ସୁଶାନ୍ତ କୁମାର ସାହୁ, ରାମଚନ୍ଦ୍ର ଦଳବେହେରା, ତାପସ ରଞ୍ଜନ ବେହେରା ଦାୟିତ୍ୱ ତୁଲାଇଥିଲେ। କେଶବ ରଞ୍ଜନ ବେହେରା ଓ ପ୍ରତୀକ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଏହି ଟୁର୍ନାମେଣ୍ଟର ଫାଇନାଲ ଖେଳ ସମ୍ବଲପୁର ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ପ୍ରିୟବ୍ରତ ସାହୁଠାରୁ ଜଣାଯାଇଛି।

## ଏମ୍‌ଏନ୍‌ସିସି କ୍ରିକେଟ: ଷଣ୍ଢା, ବାଗବର ବିଜୟୀ

ଅମରପାଲି,୨୩।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟସ୍ଥ ଉଫୁଲାଠାରେ ୧୬ତମ ଏମଏନସିସି କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ବିଜୁ ଛାତ୍ର ଜନତା ଦଳର ଉପସଭାପତି ଶୈଳରଞ୍ଜନ ବାଦୀ ମୁଖ୍ୟଅତିଥି ଏବଂ କ୍ରୀଡାବିତ ଭରତ ଭୋଇ, ହରିବେହିରା ଓ ଜନାର୍ଦ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଉଫୁଲା ଓ ଷଣ୍ଢା ମଧ୍ୟରେ ଖେଳା ଯାଇଥିଲା। ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୫୩ ରନ କରିଥିଲା। ଜବାବରେ ଷଣ୍ଢା ଦଳ ୩ ଓଭରରେ କୌଣସି ଉଇକେଟ ନ ହରାଇ ୫୪ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବୀରମହାରାଜପୁର ବାଘାସ ଓ ବାଗବର ମଧ୍ୟରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୫୮ ରନ କରିଥିଲା। ଜବାବରେ ବାଗବର ଦଳ ରିଙ୍କୁଙ୍କ ୪୩ ଓ ସୁମନ୍ତଙ୍କ ୩୯ ରନ ସହାୟତାରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଖେଳଗୁଡିକରେ ଭରତ ଓ ବରୁଣ ଗୁଡୁରିଆ ଅମ୍ପାୟାର, ନୟନ ନାଏକ ସ୍କୋରିଙ୍ଗ ଦାୟିତ୍ୱ ତୁଲାଇଥିଲେ।

## ଏଣିକି ସବୁ ଅଭିଯୋଗ ପାଇଁ '୧୩୯'

ଭୁବନେଶ୍ୱର,୨୩।୧(ବ୍ୟୁରୋ)




ଭାରତୀୟ ରେଳପଥ ପକ୍ଷରୁ ସମସ୍ତ ହେଲ୍ପଲାଇନ ନମ୍ବରକୁ ଗୋଟିଏ ହେଲ୍ପଲାଇନ ନମ୍ବର-୧୩୯ ସହିତ ମିଶ୍ରଣ କରାଯାଇଛି। ଯାତ୍ରୀମାନେ ହେଲ୍ପଲାଇନ ନମ୍ବରକୁ ସହଜରେ ମନେରଖିବା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ଏଣିକି ଏହି ନମ୍ବରକୁ ମନେ ରଖି ରେଲୱେ ସହିତ ଯୋଗାଯୋଗ କରିବା ସୁବିଧା ହେବ। ହେଲ୍ପଲାଇନ ନମ୍ବର ୧୩୯ ସହିତ ସୁରକ୍ଷା, ସାଧାରଣ ଅଭିଯୋଗ, କ୍ୟାଟରିଂ, ଭିଜିଲାନ୍ସ ଭଳି ସମସ୍ତ ହେଲ୍ପଲାଇନ ନମ୍ବରକୁ ମିଶ୍ରଣ କରାଯାଇଛି। ସମସ୍ତ ଅନୁସନ୍ଧାନ ଏବଂ ଅଭିଯୋଗ ପାଇଁ ଏହି ଏକକ ନମ୍ବର ବ୍ୟବହାର ହେବ। ସେହିଭଳି ଜୋନାଲ ରେଲୱେ ୧୩୯ ବ୍ୟତୀତ ଅନ୍ୟ କୌଣସି ନୂତନ ହେଲ୍ପଲାଇନ ନମ୍ବର ଜାରି କରିପାରିବ ନାହିଁ। ପୂର୍ବରୁ ହେଲ୍ପଲାଇନ ନମ୍ବରଗୁଡିକ ନିର୍ଦ୍ଦିଷ୍ଟ ସମସ୍ୟା ଓ ବିଷୟ ପାଇଁ ଉତ୍ସର୍ଗୀକୃତ ଥିଲା। ସାଧାରଣ ଅଭିଯୋଗ ଏବଂ 'କ୍ଲିନ୍ ମାଇଁ କୋଚ୍' ପାଇଁ ୧୩୮, ଦୁର୍ଘଟଣା ଏବଂ ନିରାପତ୍ତା ପାଇଁ ୧୦୭୨, ସୁରକ୍ଷା ଏବଂ ନିରାପତ୍ତା ଭିତ୍ତିକ ସମସ୍ୟା ପାଇଁ ପୂର୍ବରୁ ୧୮୨ ନମ୍ବର ରହିଥିବାବେଳେ ତାହାକୁ ଏବେ ଅପସାରଣ କରାଯିବ। ବର୍ତ୍ତମାନ ଜାରି ହୋଇଥିବା ଇଣ୍ଟିଗ୍ରେଟେଡ୍ ବା ମିଶ୍ରିତ ହେଲ୍ପଲାଇନ ନମ୍ବର ୧୩୯ ବିଭିନ୍ନ ଭାଷାରେ ଉପଲବ୍ଧ ହେବ। ଏହା ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍(ଆଇଭିଆର୍‌ଏସ୍) ଉପରେ ଆଧାରିତ ଏବଂ ସମସ୍ତ ପ୍ରକାର ମୋବାଇଲ୍ ବ୍ୟବହାରକାରୀ ଏହି ନମ୍ବରରେ ସେବା ପାଇପାରିବେ। ଯାତ୍ରା ସମୟରେ ଶୀଘ୍ର ଅଭିଯୋଗ ସମାଧାନ ଏବଂ ଅନୁସନ୍ଧାନକୁ ରେଳପଥ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ୧୩୯ ଡାଏଲ୍ କରିବା ଦ୍ୱାରା ଆଇଭିଆର୍‌ଏସ୍ ବାଛିବା ପାଇଁ ମେନ୍ୟୁ ବିକଳ୍ପଗୁଡ଼ିକ ସହିତ ଉପସ୍ଥାପନ ହେବ ଏବଂ ତାହା ତୁରନ୍ତ କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀମାନଙ୍କୁ ସଂଯୋଗ ହେବ। ଟ୍ରେନ ଚଳାଚଳ ସମ୍ବନ୍ଧୀୟ ଦରକାରୀ ଅନୁସନ୍ଧାନ ତଥା ସଂରକ୍ଷଣ ସମ୍ବନ୍ଧୀୟ ଅନୁସନ୍ଧାନର ପିଏନ୍‌ଆର୍ ସ୍ଥିତି, ଟିକେଟ୍(ଜେନେରାଲ୍ ଓ ତତ୍କାଳ) ଉପଲବ୍ଧତା, ଟ୍ରେନ୍ ଆଗମନ ଓ ପ୍ରସ୍ଥାନ, ମାର୍ଗ ପରିବର୍ତ୍ତନ ଏବଂ ବାତିଲ କାର୍ଯ୍ୟସୂଚୀ, ବର୍ଥ ଉପଲବ୍ଧତା, ଟିକେଟ୍ ବାତିଲ୍, ଭଡ଼ା, ଗନ୍ତବ୍ୟସ୍ଥଳ ଇତ୍ୟାଦି ଜାଣିବା ପାଇଁ ଉପଭୋକ୍ତାମାନେ ଏଥିରେ କଲ୍ ଓ ଏସ୍‌ଏମ୍‌ଏସ୍ କରିପାରିବେ।

## ବୀର ସୁରେନ୍ଦ୍ର ସାଏ, ନେତାଜୀ ଜୟନ୍ତୀ

ବେଦବ୍ୟାସ,୨୩।୧(ଡି.ଏନ.ଏ)

ବୀରସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଶନିବାର ବ୍ୟାସଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଲାୟନ୍ସ କ୍ଲବ ରାଉରକେଲା କଳୁଙ୍ଗା ଗ୍ରେଟର ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଦୁଇ ମହାନ ପୁରୁଷଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଲାୟନ ଓ ପ୍ରଥମ ଉପଜିଲା ତଥା ଗୋଭଣଣ ଲାୟନ ରାକେଶ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ତାଙ୍କ ବକ୍ତବ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀରସୁରେନ୍ଦ୍ର ସାଏଙ୍କ ସମାଜ ପ୍ରତି ଅବଦାନ ଅତୁଳନୀୟ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ଅନିଲ କୁମାର ସିଂହଦେଓ, ଡା. ଭବାନୀଶଙ୍କର ଚୁହାନ ବ୍ୟାସଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକ ଅତିଥି ଭାବେ ଯୋଗଦେଇ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ବୀରପଣିଆ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗୋରଖ ନାଥ ଶ୍ରୀବାସ୍ତବ, କୁଞ୍ଜବିହାରୀ ଦାସ, ବନବିହାରୀ ରଣା ପ୍ରମୁଖଙ୍କ ସମେତ ଶତାଧିକ ଲାୟନ କୋଭିଡ- ୧୯ ପାଳନକାରୀ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ । ଲାୟନ କିରଣ ପ୍ରସାଦ ସଭାପତିତ୍ୱ କରିଥିବା ବେଳେ ଲାୟନ ଗିରିଶ ଚନ୍ଦ୍ର ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



ବୀରସୁରେନ୍ଦ୍ର ସାଏ ଓ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥି।

# କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଇଚ୍ଛାଶକ୍ତି ଲୋଡ଼ା

ବଲାଙ୍ଗୀର ଅଫିସ,୨୩।୧

ଓଡିଶାରେ ଗୋଟିଏ ମାତ୍ର କୃଷି ବିଶ୍ୱବିଦ୍ୟାଳୟ ରହିଛି। ଏଥିରୁ ରାଜ୍ୟ ସରକାରଙ୍କ କୃଷିକ୍ଷେତ୍ର ପ୍ରତି ପ୍ରାଥମିକତା କ୍ଷେତ୍ର ଜଣାପଡିଯାଉଛି। ଭୁବନେଶ୍ୱରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଆଗରୁ ସେଠାରେ କିଛି ବି ଭିତ୍ତିଭୂମି ନଥିଲା। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରଚୁର ଭିତ୍ତିଭୂମି ରହିଛି। କେବଳ ରାଜ୍ୟ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଆଉ କାଳ ବିଳମ୍ବ ନକରି ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରନ୍ତୁ ବୋଲି ସୁଭାଷ ପରବ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି।

ନେତାଜୀ ସଂଗ୍ରାମୀ ପରିଷଦର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନର ଭିତ୍ତିଭୂମି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିବକ୍ତାଭାବେ ପ୍ରାକ୍ତନ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ. ଜୟକୃଷ୍ଣ ଦାଶଶର୍ମା ଏବଂ ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ କେଶବ ଚରଣ ମିଶ୍ର ଯୋଗଦାନ କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାରେ ବିଶିଷ୍ଟ ସାମାଜିକ କର୍ମୀ ଲଳିତ କୁମାର ନାୟକଙ୍କ ବିୟୋଗରେ ନୀରବ ପ୍ରାର୍ଥନ କରାଯାଇଥିଲା। ପ୍ରେରଣା ସମ୍ପାଦକ ରଘୁନନ୍ଦନ ସିଂ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରିଷଦ ସଭ୍ୟ ଆଡ୍‌ଭୋକେଟ ଗୋପାଳ ହୋତା ଅତିଥି ପରିଚୟ ଓ ଆବାହକ ବୀରେନ୍ଦ୍ର ବନଛୋର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧାରଣ ସମ୍ପାଦକ ଜଗନ୍ନାଥ ମହାଣା ଆଲୋଚନାଚକ୍ର ଉପରେ ଆଲୋକପାତ କରିଥିଲେ। ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନସମ୍ପଦରେ ଭରପୁର ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବ୍ୟାପକ ଭିତ୍ତିଭୂମି ରହିଛି ଓ ସରକାର ଶୀଘ୍ର ଏଦିଗରେ ପଦକ୍ଷେପ ନେବା ଉଚିତ୍ ବୋଲି ଦୁଇବକ୍ତା କହିଥିଲେ। ଏହି ଅବସରରେ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଆଜାଦ୍ ହିନ୍ଦ୍ ଫୌଜ୍‌ର ସଂଗ୍ରାମୀ ସାଥୀ ବରଗଡ ଜିଲା ମାଣ୍ଡୋସିଲ ନିବାସୀ ଶେଖ୍ ରାମଜାନ୍ କୁରେସୀଙ୍କୁ ମରଣୋତ୍ତର ସୁଭାଷ ପରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ କ୍ୟୁରେସୀଙ୍କ ପୁତ୍ର ଅଲି ମହମ୍ମଦ କ୍ୟୁରେସୀ ସମ୍ମାନ ଗ୍ରହଣ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ସଦସ୍ୟ ଧୀରେନ୍ ମହାନ୍ତି ସମ୍ମାନ ଉତ୍ତର ରଖିଥିଲେ। ପରିଷଦ ଉପଦେଷ୍ଟା ରାଜେନ୍ଦ୍ର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ସହରର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସକାଳେ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



ସୁଭାଷ ପରବ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଶେଖ୍ ରମ୍‌ଜାନ କ୍ୟୁରେସିଙ୍କୁ ମରଣୋତ୍ତର ସମ୍ମାନକୁ ତାଙ୍କ ପୁଅ ଗ୍ରହଣ କରୁଛନ୍ତି।

- ସୁଭାଷ ପରବରେ ଆଲୋଚନାଚକ୍ର
- ଶେଖ୍ ରମଜାନ୍ କ୍ୟୁରେସିଙ୍କୁ ମରଣୋତ୍ତର ସୁଭାଷ ପରବ ସମ୍ମାନ
- ନେତାଜୀ ସୁଭାଷ, ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

**ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି**

**ଯାଁଳା,(ଡି.ଏନ୍.ଏ.):** ଯାଁଳା ଫାଣ୍ଡି ଅଧୀନ ମୁଣ୍ଡମୁହାଣ ଗ୍ରାମରେ ଥିବା ଗ୍ରାମେଶ୍ୱର ମହାଦେବ ମନ୍ଦିରର ହୁଣ୍ଡି ଭାଙ୍ଗି କେହି ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ଟଙ୍କା ଚୋରି କରିନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ପୂଜକ ମନ୍ଦିର କାମ ସାରି ଘରକୁ ଯାଇଥିଲେ। ଶନିବାର ଭୋର ପ୍ରାୟ ୫ଟାରେ ମନ୍ଦିର ଖୋଲିବାକୁ ଆସିଥିଲେ। ମନ୍ଦିର ବେଢ଼ା ଝାଡୁ କରିବା ସମୟରେ ହୁଣ୍ଡି ଭଙ୍ଗାଯାଇଥିବା ସହ କଏନ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ମନ୍ଦିର ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଖବରପାଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ପହଞ୍ଚିବା ସହ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ନେତାଜୀ ରାଜ୍ୟବାସୀଙ୍କ ପ୍ରିୟ ନେତା

**କଟକ ଅଫିସ, ୨୩।୧**

ଜିଲା ପ୍ରଶାସନ, କଟକ ମହାନଗର ନିଗମ ଓ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟର ମିଳିତ ସହଯୋଗରେ ଶନିବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଜୟନ୍ତୀ ତାଙ୍କ ଜନ୍ମସ୍ଥାନ କଟକ ଓଡ଼ିଆ ବଜାରସ୍ଥିତ ଜାନକୀନାଥ ଭବନଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ନେତାଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିବା ସହ କଳାକାରଙ୍କୁ ପ୍ରୋତ୍ସାହିତ କରିଥିଲେ।

ଏଥିରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ନେତାଜୀ ଅଦ୍ୱିତୀୟ ଓ ରାଜ୍ୟବାସୀଙ୍କର ଅତି ପ୍ରିୟ ନେତା। ନେତାଜୀ ଜୟନ୍ତୀରେ ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ନିଜକୁ ଗର୍ବ ଅନୁଭବ କରୁଛନ୍ତି। ନେତାଜୀ ସଂଗ୍ରହାଳୟର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଆଗାମୀ ଦିନରେ ନେତାଜୀଙ୍କ ଜନ୍ମଭୂମିକୁ ଅଧିକ ଆକର୍ଷିତ କରାଯିବ। ଓଡ଼ିଶାବାସୀ ସବୁବେଳେ ବରପୁତ୍ରମାନଙ୍କୁ ସମ୍ମାନ ଦେଇଆସିଛନ୍ତି। ମୁଖ୍ୟମନ୍ତ୍ରୀ ମଧ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହି ଅବସରରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ଓ ଓଡ଼ିଶା ଲଳିତ କଳା ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ, ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା, ଅଶ୍ୱିନୀ ଶତପଥୀ ପ୍ରମୁଖ ବୁଲି ଦେଖିଥିଲେ।

ଏହି ଅବସରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ, ଡିସିପି ପ୍ରତୀପ ସିଂ, ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ବିଧାୟକ ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଚାଳକ ଜେ.ପି. ଦାସ, ଜେ.ପି. ରାୟ, ମଧୁସୂଦନ ସାହୁଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରତ୍ୟୁଷରୁ ରାମଧୁନ, ଜାତୀୟ ସଙ୍ଗୀତ ପରିବେଷଣ ଓ ସହରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିବାବେଳେ ନେତାଜୀଙ୍କ ଜନ୍ମ କୋଠରିରେ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ହୋମଯଜ୍ଞ ଆୟୋଜନ କରାଯାଇଥିଲା।

**ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମାଲ୍ୟାର୍ପଣ କଲେ**



ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଲୋକଙ୍କ ଗହଳି।


ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଥିବା ତାଙ୍କ ଫଟୋଚିତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।


ମହାରାଷ୍ଟ୍ର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।


ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଭାଜପା ନେତୃବୃନ୍ଦ।


ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଉପସ୍ଥିତ ବିଧାୟକ ଓ କଂଗ୍ରେସ ନେତୃବୃନ୍ଦ।


ନେତାଜୀ ସଂଗ୍ରହାଳୟ ପରିସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ଖୋର୍ଦ୍ଧା ଅଫିସ,୨୩।୧:** ଖୋର୍ଦ୍ଧା ସଦର ଥାନା ଅଧୀନ ଓସିସି ଛକ ନିକଟରେ ଶନିବାର ଅପରାହ୍ନରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ଗଡିଶାଗଡା ଥାନା ଅଧୀନ ଖୁଣ୍ଟିଆବାଣପୁର ଗ୍ରାମର ମୁନା ମଙ୍ଗରାଜ(୨୮)। ଅନ୍ୟ ଜଣେ ଆହତ ହୋଇଥିବା ବେଳେ ପରିଚୟ ମିଳିପାରିନାହିଁ। ସୂଚନା ମୁତାବକ, ମୁନା ତାଙ୍କ ସହଯୋଗୀଙ୍କ ସହିତ ବାଇକରେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଅପରାହ୍ନ ୪ଟାରେ ଓସିସି ଛକଠାରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ପଳାଇଥିଲା। ଖବରପାଇ ପୋଲିସ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ମୁନାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୧୦ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ, ୨ ଗିରଫ

**ପିପିଲି,୨୩।୧(ସ୍ୱ.ପ୍ର.):** ପୁରୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶନିବାର ଭୋରୁ ପୋଲିସର ଏକ ଟିମ୍ ପିପିଲି ଓ ଡେଲାଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ ସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପିପିଲି ଅବକାରୀ ବିଭାଗର ଉପନିରୀକ୍ଷକ ରଙ୍କନିଧି ମଲ୍ଲିକ ଏବଂ କର୍ମଚାରୀମାନେ ମିଳିତ ଭାବେ ପ୍ରଥମେ ପିପିଲି ଥାନା ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ଚଢ଼ାଉ କରିଥିଲେ। ସେଠାରୁ ହରିପୁର ନିବାସୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କଠାରୁ ୩୦ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ଜଣାପଡିଛି। ପରେ ଡେଲାଙ୍ଗ ଥାନା ଅନ୍ତର୍ଗତ ସେବକସାହି ପାଟଣାର ପ୍ରାଇମେରୀ ସ୍କୁଲ ନିକଟରୁ ରାମଚନ୍ଦ୍ର ବେହେରାଙ୍କଠାରୁ ୮୦ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୮ଲକ୍ଷ ଟଙ୍କା ହେବ ବୋଲି ଅଧିକାରୀ କହିଛନ୍ତି। ଚଢ଼ାଉରେ ବିନୋଦ କୁମାର, ଏଏସ୍‌ଆଇ ସୁଶାନ୍ତ ମହାପାତ୍ର, ଏନ୍.ଜେଗିନ ରାଓ, ସନ୍ତୋଷ ନାୟକ, ପ୍ରଦୀପ୍ତ ପଣ୍ଡା, ସଞ୍ଜୀବ ହସ୍ତି ପ୍ରମୁଖ ସାମିଲ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କଟକ ଖାନ୍‌ନଗରଠାରେ ନେତାଜୀ ବସ୍ ଟର୍ମିନାଲର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

## ବିଧାନସଭାରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ଭାରତୀୟ ମୁକ୍ତି ସଂଗ୍ରାମର ଅନନ୍ୟ ଯୋଦ୍ଧା ବୀର ସୁରେନ୍ଦ୍ର ସାଏଙ୍କ ୨୧୨ତମ ଜୟନ୍ତୀ ଓଡ଼ିଶା ବିଧାନସଭା ପରିସରରେ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ଶତପଥୀ ପ୍ରମୁଖ ଯୋଗଦେଇ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ। ଉତ୍ସବରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, ବିଧାନସଭା ସଚିବ ଦାଶରଥି ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସାମାଜିକ ସାଂସ୍କୃତିକ ସଂଗଠନ ଶାଶ୍ୱତୀ ପକ୍ଷରୁ ଦେଶପ୍ରେମ ସଂଗୀତ ପରିବେଷଣ କରାଯାଇଥିଲା।

## ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**– ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ଦକ୍ଷିଣ ମଧ୍ୟ କ୍ଷେତ୍ର ସାଂସ୍କୃତିକ କେନ୍ଦ୍ର ନାଗପୁର ପକ୍ଷରୁ ଏକ ଭାରତ ଶ୍ରେଷ୍ଠ ଭାରତ ଯୋଜନା ଅନ୍ତର୍ଗତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମବାର୍ଷିକୀ ସମାରୋହ ଆୟୋଜିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନେତାଜୀଙ୍କ ଜନ୍ମ ସ୍ଥାନକୁ ଯାଇ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହା ପରେ ସେ ସଂସ୍କୃତି ମନ୍ତ୍ରଣାଳୟ ଅଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିସର ପରିଦର୍ଶନ କରିଥିଲେ। ପୂର୍ବାହ୍ନ ୧୧ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଲା। ଏହି ଅବସରରେ ମହାରାଷ୍ଟ୍ର ନାଗରପୁରର ବହୁଉଦ୍ଦେଶୀୟ ସାମାଜିକ ସଂସ୍ଥା ପ୍ରୟାସ ପକ୍ଷରୁ ନେତାଜୀଙ୍କ ଜୀବନୀ ଉପରେ ପ୍ରସ୍ତୁତ ନାଟକ 'ବୋଷ' ପରିବେଷିତ ହୋଇଥିଲା। ସେହିପରି ଓଡିଆ କଳାକାରଙ୍କ ଦ୍ୱାରା ଆକର୍ଷଣୀୟ ଲୋକ ନୃତ୍ୟ ଏବଂ ଓଡିଆ ସଂଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନେ ଯୋଗ ଦେଇ ନେତାଜୀଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ।

**ନେତାଜୀ ଜୟନ୍ତୀ ଅବସରରେ ସଂସ୍କୃତି ମନ୍ତ୍ରଣାଳୟର ବିଶେଷ କାର୍ଯ୍ୟକ୍ରମ**

## ଜନସାଧାରଣଙ୍କୁ ପରେଡସ୍ଥଳ ମନା

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ କମିଶନରେଟ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରେଡ ସ୍ଥଳ ଗାନ୍ଧୀମାର୍ଗରେ ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଏହାବ୍ୟତୀତ କାଉଣ୍ଟର ଟେରରିଷ୍ଟ ସ୍କ୍ୱାଡ୍ (ସିଟିଏସ୍), ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ (ଏସଟିୟୁ), ସ୍ୱତନ୍ତ୍ର ତାଲିମପ୍ରାପ୍ତ ଏସ୍‌ଓଜି ଯବାନ, ସାଦା ପୋଷାକଧାରୀ ପୋଲିସ, ସନ୍ଧାନୀ କୁକୁର, ବୋମା ନିଷ୍କ୍ରିୟକାରୀ ଦଳ, ରୁଫଟପ୍ ସିକ୍ୟୁରିଟି, ସାର୍ପ ଶୁଟର୍ ମୁତୟନ ରହିବେ। ପରେଡସ୍ଥଳ ଚାରିପଟ ଓ ଆଖପାଖ ଅଞ୍ଚଳ ସିସିଟିଭି ନିୟନ୍ତ୍ରଣରେ ରହିବ। ପରେଡସ୍ଥଳ ନିକଟରେ ସିସିଟିଭି ନିୟନ୍ତ୍ରଣ କକ୍ଷ ସ୍ଥାପନ ହେବ। ଶନିବାରଠାରୁ ଗାନ୍ଧୀମାର୍ଗର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ କମିଶନରେଟ ପୋଲିସର ବରିଷ୍ଠ ଅଧିକାରୀମାନେ ଏ ନେଇ ଯାଞ୍ଚ କରିଛନ୍ତି। ସେହିପରି ରାଜ୍ୟସ୍ତରୀୟ ପରେଡ୍‌ରେ ଭାଗ ନେବାକୁ ଥିବା ଗ୍ରୁପଗୁଡ଼ିକ ରିହର୍ସାଲ ଚଳାଇଛନ୍ତି। ମହିଳା ଆଇପିଏସ୍ ଅଫିସର ଏସ୍. ସୁଶ୍ରୀ ପରେଡ୍ କମାଣ୍ଡର ହୋଇଛନ୍ତି। ଏଥର ପରେଡ୍‌ରେ ଓଡ଼ିଶା ପୋଲିସ ବ୍ୟାଣ୍ଡ, ଓଡ଼ିଶା ପୋଲିସ ସପ୍ତମ ବାଟାଲିଅନ୍, ଏସ୍‌ଓଜି, ସ୍ୱିଫ୍ଟ ଆକ୍ସନ ଫୋର୍ସ, ଆଇଆର୍‌ବି, ଏସ୍‌ଏସ୍‌ବି, ସପ୍ତମ ବାଟାଲିଅନ୍, ଓଡ୍ରାଫ, ଅଗ୍ନିଶମ ବାହିନୀ ସମେତ ୧୮ଟି ଗ୍ରୁପ୍ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ କୋଭିଡ କଟକଣା ଯୋଗୁ ଜନସାଧାରଣଙ୍କୁ ପରେଡ୍‌ସ୍ଥଳକୁ ଯିବା ପାଇଁ ବାରଣ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପରେଡ ଅଭିବାଦନ ଗ୍ରହଣ କରିବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଟ୍ରାଫିକ ପକ୍ଷରୁ ମଧ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରବୀନ୍ଦ୍ର ମଣ୍ଡପ, ଆଇଜି ପାର୍କ ପଟୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ପରେଡ ସ୍ଥଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରିଦିଆଯିବ। ତେବେ ଜନପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ ରହିବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ସୂଚନା ମିଳିଛି।

**ମୁତୟନ ହେବେ ୩୦ ପ୍ଲାଟୁନ ଫୋର୍ସ**
**■ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ କଡ଼ା ସୁରକ୍ଷା**

## 'ଯୁବପିଢ଼ି ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ଆଦର୍ଶ ଜାଣନ୍ତୁ'

**ଭୁବନେଶ୍ୱର, ୨୩।୧(ବ୍ୟୁରୋ)**

ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶନିବାର ସୂଚନା ଭବନଠାରେ ଓଡ଼ିଶା ମାଟିର ୩ ସୁଯୋଗ୍ୟ ସନ୍ତାନ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏ ଏବଂ ବିପ୍ଳବୀ ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଭୟ ମଞ୍ଚ ଓ ଭର୍ଚ୍ଚୁଆଲ ମାଧ୍ୟମରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ କହିଛନ୍ତି ଯେ, ଓଡ଼ିଶାର ଏହି ତିନି ମହାନ୍ ସଂଗ୍ରାମୀଙ୍କ ଅତୁଳନୀୟ ଅବଦାନ ଭାରତର ଇତିହାସକୁ ଋଦ୍ଧିମନ୍ତ କରିଛି। ଆଜିର ଯୁବପିଢ଼ି ଓ ପରପିଢ଼ି ଆମର ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ଆଦର୍ଶ ସମ୍ପର୍କରେ ଅଧିକରୁ ଅଧିକ ଜାଣିବାର ଆବଶ୍ୟକତା ରହିଛି।

ଅନ୍ୟତମ ଅତିଥି ଭାବେ ରାଜ୍ୟ ଯୋଜନା ଓ ସଂଯୋଜନା ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗଦେଇ ଏହି ତିନିଜଣଙ୍କ ସଂଗ୍ରାମ ଓ ବିପ୍ଳବର କାହାଣୀ ଉପରେ ଆଲୋକପାତ କରିଥିଲେ। ଜଳ ସମ୍ପଦ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ନେତାଜୀଙ୍କ ତ୍ୟାଗ ଓ ଆଦର୍ଶ, ବୀର ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ରଣନୀତି ଏବଂ ତତ୍କାଳୀନ ଘୁମୁସର ଅଞ୍ଚଳର ମହାନ୍ ବିପ୍ଳବୀ ଗରିଲା ଯୁଦ୍ଧ ବିଦ୍ୟାରେ ନିପୁଣ ଥିବା ଚକରା ବିଷୋୟୀ ଓ ଦୋରା ବିଶୋୟୀଙ୍କର ସ୍ୱାଧୀନତା ଆନ୍ଦୋଳନରେ ଅବଦାନ ଅବିସ୍ମରଣୀୟ ହୋଇ ରହିଛି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଲେନିନ୍ ମହାନ୍ତି ଯୋଗଦେଇ ଶାନ୍ତି, ଭକ୍ତି, ବିଶ୍ୱାସକୁ ପାଥେୟ କରୁଥିବା ଏହି ମହାମନିଷୀମାନେ ଦେଶ ମାତୃକା ପାଇଁ ବିଦ୍ରୋହ ଓ ବଳିଦାନର ପନ୍ଥା ଆପଣେଇଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ତଥା ସ୍ତମ୍ଭକାର ଡ. ଅଭିରାମ ବିଶ୍ୱାଳ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏହି ସଂଗ୍ରାମୀଙ୍କର ରୋମାଞ୍ଚକର କାହାଣୀ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଏବଂ ଯୁଗ୍ମ ନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସୂଚନା ଅଧିକାରୀ ଦିପ୍ତିମୟୀ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସକାଳେ ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ବିଭାଗୀୟ ପଦାଧିକାରୀ ଓ ଅତିଥିମାନେ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ଭିଏସ୍‌ଏସ୍ ନଗରସ୍ଥ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



ଉତ୍ସବରେ ମନ୍ତ୍ରୀ ଅରୁଣ କୁମାର ସାହୁ ଓ ପଦ୍ମନାଭ ବେହେରାଙ୍କ ସମେତ ଅନ୍ୟମାନେ।

**ସୁଭାଷ ବୋଷ, ବୀର ସୁରେନ୍ଦ୍ର ସାଏ, ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

# କୃଷି ଆଇନର ଅବିକଳ ଅନୁବାଦ

**କେନ୍ଦ୍ର ସରକାର ଆଣିଥିବା ୩ କୃଷି ବିଲ୍ ୨୦୨୦ ସେପ୍ଟେମ୍ବର ୧୭ରେ ଲୋକ ସଭାରେ ଓ ୨୦ ତାରିଖରେ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ସେହି ମାସ ୨୭ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅନୁମୋଦନ ପରେ ଏହା କୃଷି ଆଇନରେ ପରିଣତ ହୋଇଥିଲା। ଏହାର ପ୍ରତ୍ୟାହାର ଦାବିରେ ଅଦ୍ୟାବଧି ଦେଶବ୍ୟାପୀ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ବିରୋଧ ଜାରି ରହିଛି। ତେବେ ଉକ୍ତ ୩ ଆଇନର ଅବିକଳ ଓଡ଼ିଆ ଅନୁବାଦକୁ ଏଠାରେ ଉପସ୍ଥାପନ କରାଯାଉଛି। ଏଥିରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ନାହିଁ।**

## ଦି ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ) ବିଲ୍, ୨୦୨୦

**(ଲୋକ ସଭା ଦ୍ୱାରା ତା୧୭.୯.୨୦୨୦ରେ ଗୃହୀତ ରୂପରେ)**
**୨୦୨୦ର ବିଧେୟକ ସଂଖ୍ୟା ୧୧୩–ସି**

କୃଷି ଉତ୍ପାଦ ବେପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସରଳୀକରଣ) ବିଧେୟକ,୨୦୨୦ ଏପରି ପାରିସ୍ଥିତିକ ତନ୍ତ୍ର ସୃଷ୍ଟି କରିବା, ଯେଉଁଠି କୃଷକ ଓ ବ୍ୟବସାୟୀମାନେ ଏଭଳି କୃଷି ଉତ୍ପାଦକୁ ବିକ୍ରି ଏବଂ କ୍ରୟ ସମ୍ପର୍କିତ ଚୟନର ସ୍ୱାଧୀନତାକୁ ଉପଭୋଗ କରିଥାଆନ୍ତି, ଯାହା ପ୍ରତିଯୋଗିତାମୂଳକ ବୈକଳ୍ପିକ ବାଣିଜ୍ୟିକ ଜରିଆ ମାଧ୍ୟମରେ ଲାଭଦାୟକ ମୂଲ୍ୟକୁ ଅନୁଭୂତ କରିଥାଏ, ଉପବନ୍ଧ ପାଇଁ, ବଜାରଗୁଡ଼ିକର ଭୌତିକ ପରିସର ବା ବିଭିନ୍ନ ରାଜ୍ୟ କୃଷି ଉତ୍ପାଦ ବଜାର ସମ୍ବନ୍ଧୀୟ ନିୟମଗୁଡ଼ିକ ଅଧୀନରେ ବିଜ୍ଞପିତ ମନେ କରାଯାଇଥିବା ବଜାରଗୁଡ଼ିକ ବାହାରେ କୃଷି ଉତ୍ପାଦର ଦକ୍ଷ, ସ୍ୱଚ୍ଛ ଓ ଅବାଧ ବାଣିଜ୍ୟର ଆନ୍ତଃରାଜ୍ୟ ଓ ଅନ୍ତଃରାଜ୍ୟ ବ୍ୟବସାୟ ତଥା ବାଣିଜ୍ୟିକ ପ୍ରୋତ୍ସାହନ ପାଇଁ ଇଲେକ୍ଟ୍ରୋନିକ ବେପାର ପାଇଁ ସୁସାଧ୍ୟ ଢାଞ୍ଚା ଓ ତା' ସମ୍ପର୍କିତ ଅଥବା ଆନୁଷଙ୍ଗିକ ବିଷୟଗୁଡ଼ିକର ଉପବନ୍ଧ କରିବା ପାଇଁ ବିଧେୟକ।
ଭାରତ ସାଧାରଣତନ୍ତ୍ରର ଏକସ୍ତରିତମ ବର୍ଷରେ ସଂସଦ ଦ୍ୱାରା ନିମ୍ନଲିଖିତ ରୂପରେ ଏହା ପ୍ରଣୀତ ହେଉ:–

### ଅଧ୍ୟାୟ –୧
### ପ୍ରାରମ୍ଭିକ

**ସଂକ୍ଷିପ୍ତ ନାମ ଓ ପ୍ରାରମ୍ଭ**

**୧.**(୧) ଏହି ଆଇନର ସଂକ୍ଷିପ୍ତ ନାମ କୃଷି ଉତ୍ପାଦ ବେପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସରଳୀକରଣ) ଆଇନ, ୨୦୨୦ ଅଟେ।

(୨) ଏହା ୨୦୨୦ ଜୁନ୍ ୫ରେ ଲାଗୁ ହୋଇଥିବା ଧରାଯିବ।
ପରିଭାଷା
**୨.** ଏହି ଆଇନରେ ଯେତେବେଳଯାଏ ସନ୍ଦର୍ଭରୁ ଅନ୍ୟଥା ଉପେକ୍ଷିତ ନ ହୋଇଛି,–
(କ) ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଓ କାରବାର ପ୍ଲାଟଫର୍ମରୁ କୃଷି ଉତ୍ପାଦର କୌଣସି ଇଲେକ୍ଟ୍ରୋନିକ୍ସ ଉପକରଣ ଓ ଇଣ୍ଟରନେଟ ପ୍ରୟୋଗର ନେଟ୍ୱର୍କ ମାଧ୍ୟମରେ ବେପାର ଓ ବାଣିଜ୍ୟ ପରିଚାଳନା ହେତୁ ପ୍ରତ୍ୟକ୍ଷ ଓ ଅନ୍‌ଲାଇନ କ୍ରୟ ବିକ୍ରୟକୁ ସୁଗମ କରିବା ଲାଗି ପ୍ରତିଷ୍ଠିତ ଏପରି ପ୍ଲାଟଫର୍ମ ଉଦ୍ଦିଷ୍ଟ, ଯେଉଁଠି ଏପରି ପ୍ରତ୍ୟେକ ପରିଚାଳନାର ପରିଣାମ କୃଷି ଉତ୍ପାଦର ବାସ୍ତବିକ ପ୍ରଦାନ ହୋଇଥାଏ ;
(ଖ) 'କୃଷକ' ଅର୍ଥାତ ଏପରି ଜଣେ ବ୍ୟକ୍ତି ଯିଏ ନିଜେ କିମ୍ବା ଠିକା ଶ୍ରମିକଙ୍କ ଦ୍ୱାରା ଅଥବା କୃଷି ଉତ୍ପାଦର ଉତ୍ପାଦନରେ ନିୟୋଜିତ ହୋଇଥିବେ ଏବଂ ଏହା ଅନ୍ତର୍ଗତ ଉତ୍ପାଦନକାରୀ, କୃଷକ ଉତ୍ପାଦନକାରୀ ସଙ୍ଗଠନ ମଧ୍ୟ ;
(ଗ) 'କୃଷି ଉତ୍ପାଦ' ଅର୍ଥାତ୍,–
(i) ଗହମ, ଧାନ ବା ଅନ୍ୟ ଖାଦ୍ୟଶସ୍ୟ, ଡାଲି, ତୈଳବୀଜ, ପନିପରିବା, ଫଳ, ଚଣା, ମସଲା, ଆଖୁ, କୁକୁଡ଼ା, ଘୁଷୁରି, ଛେଳି, ମତ୍ସ୍ୟ, ଦୁଗ୍ଧଜାତୀୟ ଉତ୍ପାଦ ସମେତ ଏପରି ଖାଦ୍ୟ ସାମଗ୍ରୀ ଯାହା ପ୍ରାକୃତିକ କିମ୍ବା ପ୍ରକ୍ରିୟାକୃତ ଭାବେ ମଣିଷଙ୍କ ଉପଭୋଗ ପାଇଁ ଉଦ୍ଦିଷ୍ଟ
(ii) ପିଡ଼ିଆ ଓ ଅନ୍ୟ ସାନ୍ଦ୍ର ଦ୍ରବ୍ୟ ସମେତ ପଶୁଚାରା ; ଏବଂ
(iii) କଞ୍ଚା କପା, ଯାହାର ମଞ୍ଜି ଛଡ଼ା ଯାଇଥିବ ଅଥବା ଛଡ଼ା ଯାଇ ନ ଥିବ, କପା ବୀଜ ଓ କଞ୍ଚା ଝୋଟ ;
(ଘ) 'କୃଷକ ଉତ୍ପାଦକ ସଙ୍ଗଠନ' ଅର୍ଥାତ୍ କୃଷକମାନଙ୍କୁ ନେଇ ଏକ ସଂଘ ବା ସମୂହ, ତାହା ଯେଉଁ ନାମରେ ପରିଚିତ ହୋଇଥାଉ ନା କାହିଁକି, ଯାହା–
(i) ତତ୍ ସମୟ କାର୍ଯ୍ୟକାରୀ ହେଉଥିବା କୌଣସି ଆଇନ ଅନୁସାରେ ପଞ୍ଜୀକୃତ ହୋଇଥିବେ ; କିମ୍ବା
(ii) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ଦ୍ୱାରା ପ୍ରାୟୋଜିତ କୌଣସି ସ୍କିମ୍ ବା କାର୍ଯ୍ୟକ୍ରମ ଅଧୀନ ପ୍ରୋତ୍ସାହିତ ;
(ଙ) 'ଆନ୍ତଃ–ରାଜ୍ୟ ବାଣିଜ୍ୟ' ଅର୍ଥାତ୍ କୃଷି ଉତ୍ପାଦର କ୍ରୟ ବା ବିକ୍ରୟର ଏଭଳି କାରବାର, ଯେଉଁଠି ଗୋଟିଏ ରାଜ୍ୟର ଜଣେ ବେପାରୀ ଅନ୍ୟ ରାଜ୍ୟର କୃଷକ ବା କୌଣସି ବେପାରୀଙ୍କଠାରୁ ଉତ୍ପାଦିତ ସାମଗ୍ରୀ କ୍ରୟ କରିଥାନ୍ତି ଏବଂ ଏପରି ଉତ୍ପାଦର ପରିବହନ ସେହି ରାଜ୍ୟରୁ ହୋଇଥାଏ, ଯେଉଁଠାରୁ ବେପାରୀ ଏଭଳି କୃଷି ଉତ୍ପାଦ କିଣିଥାନ୍ତି ଅଥବା ଯେଉଁଠି ଏପରି କୃଷି ଉତ୍ପାଦ ଉତ୍ପନ୍ନ ହୋଇଥାଏ, ଭିନ୍ନ ରାଜ୍ୟରେ କରାଯାଇଥାଏ ;
(ଚ) 'ଆନ୍ତଃରାଜ୍ୟ ବାଣିଜ୍ୟ' ଅର୍ଥାତ୍ କୃଷି ଉତ୍ପାଦର କ୍ରୟ ବା ବିକ୍ରୟର ଏଭଳି କାରବାର, ଯେଉଁଠି ଗୋଟିଏ ରାଜ୍ୟର ଜଣେ ବେପାରୀ ସେହି ରାଜ୍ୟର କୌଣସି କୃଷକ ବା ବେପାରୀଙ୍କଠାରୁ ଉତ୍ପାଦିତ ସାମଗ୍ରୀ କ୍ରୟ କରିଥାନ୍ତି, ଯେଉଁଠାରୁ ବେପାରୀ ଏଭଳି କୃଷି ଉତ୍ପାଦ କିଣିଥାନ୍ତି ଅଥବା ଯେଉଁଠି ଏପରି କୃଷି ଉତ୍ପାଦ ଉତ୍ପନ୍ନ ହୋଇଥାଏ,
(ଛ) 'ବିଜ୍ଞପ୍ତି' ଅର୍ଥାତ୍ କେନ୍ଦ୍ର ସରକାର ବା ରାଜ୍ୟ ସରକାରଙ୍କ ଦ୍ୱାରା ରାଜପତ୍ରରେ ପ୍ରକାଶିତ ଅଧିସୂଚନା ଏବଂ ତଦନୁସାରେ 'ବିଜ୍ଞପିତ' ପଦକୁ ସେହି ତାତ୍ପର୍ଯ୍ୟରେ ନିଆଯିବ।
(ଜ) 'ବ୍ୟକ୍ତି'କୁ ଏଭଳି ଭାବେ ବୁଝାଯିବ–
(୧) ଜଣେ ବ୍ୟକ୍ତି ;
(୨) ଏକ ସହଭାଗିତାରେ ଚାଲିଥିବା ଫାର୍ମ ;
(୩) ଏକ କମ୍ପାନୀ ;
(୪) କୌଣସି ସୀମିତ ଦାୟିତ୍ୱ ଭାଗୀଦାରି ;
(୫) ଏକ ସମବାୟ ସମିତି ;
(୬) ଏକ ସୋସାଇଟି ; କିମ୍ବା
(୭) ଏପରି କୌଣସି ସଂଘ ବା ବ୍ୟକ୍ତିଙ୍କ ସଂସ୍ଥା, ଯାହା କେନ୍ଦ୍ର ସରକାର ଅଥବା ରାଜ୍ୟ ସରକାରଙ୍କ ପକ୍ଷରୁ ଜାରୀ କରିଥିବା କାର୍ଯ୍ୟକ୍ରମ ଅଧୀନରେ ସମ୍ୟକ୍ ରୂପେ ଏକ ସମୂହ ଭାବେ ଅନ୍ତର୍ଭୁକ୍ତ ବା ସ୍ୱୀକୃତିପ୍ରାପ୍ତ ହୋଇଥିବ ;
(ଝ) 'ନିର୍ଦ୍ଧାରିତ' ଅର୍ଥାତ୍ ଏହି ଆଇନ ଅଧୀନରେ କେନ୍ଦ୍ର ସରକାର ପକ୍ଷରୁ ଗଢ଼ାଯାଇଥିବା ନିୟମଗୁଡ଼ିକ ଦ୍ୱାରା ବିହିତ ;
(ଞ) 'ଅନୁସୂଚିତ କୃଷକଙ୍କ ଉତ୍ପାଦ' ଅର୍ଥାତ୍ ଯେକୌଣସି ରାଜ୍ୟର ଏପିଏମ୍‌ସି ଆଇନ ଅଧୀନରେ ନିର୍ଦ୍ଦିଷ୍ଟ କୃଷି ଉତ୍ପାଦ ;
(ଟ) 'ରାଜ୍ୟ' କହିଲେ ଏହା ଭିତରେ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ;
(ଠ) 'ରାଜ୍ୟ କୃଷି ଉତ୍ପାଦ ବଜାର କମିଟି' ଅର୍ଥାତ୍ ଭାରତରେ ଲାଗୁ ହେଉଥିବା କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର ଆଇନ, ଯାହା ସେହି ରାଜ୍ୟର କୃଷି ଉତ୍ପାଦ ବଜାରଗୁଡ଼ିକୁ ନିୟନ୍ତ୍ରଣ କରିଥାଏ ;
(ଡ) 'ବାଣିଜ୍ୟ କ୍ଷେତ୍ର' ଅର୍ଥାତ୍–
(୧) ଫାର୍ମ ଗେଟ୍
(୨) କାରଖାନା ପରିସର
(୩) ୱେରହାଉସ୍
(୪) ଗୋଲାକାର ଖାତ
(୫) ଶୀତଳଭଣ୍ଡାର
(୬) ଅନ୍ୟ କୌଣସି ଢାଞ୍ଚା ବା ସ୍ଥାନ,
ସମେତ ଏଭଳି କ୍ଷେତ ବା ଅବସ୍ଥାନ
ଯେଉଁଠୁ କୃଷକଙ୍କ ଉତ୍ପାଦକୁ ଭାରତର ଭୂଖଣ୍ଡକୁ ବେପାର ପାଇଁ ନିଆଯାଇପାରିବ। କିନ୍ତୁ ଏଥିରେ ଏପରି ପରିସର, ଆବଦ୍ଧ ସ୍ଥାନ ଓ ଢାଞ୍ଚାକୁ ସାମିଲ କରାଯିବ ନାହିଁ ଯାହା–
(୧) ଭାରତରେ କାର୍ଯ୍ୟକାରୀ ହେଉଥିବା ପ୍ରତ୍ୟେକ ରାଜ୍ୟର କୃଷି ଉତ୍ପାଦ ବଜାର କମିଟି ଆଇନ ଅଧୀନରେ ଗଠିତ ବଜାର କମିଟିଗୁଡ଼ିକ ଦ୍ୱାରା ବ୍ୟବସ୍ଥିତ ଓ ପରଚାଳିତ ମୁଖ୍ୟ ମାର୍କେଟ ୟାର୍ଡ, ଉପବଜାର ଓ ବଜାର ଉପୟାର୍ଡର ଭୌତିକ ସୀମାଗୁଡ଼ିକ ଏବଂ
(୨) ଲାଇସେନ୍ସଧାରୀ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବସ୍ଥିତ ଘରୋଇ ମାର୍କେଟ ୟାର୍ଡ, ଘରୋଇ ସବ୍‌ୟାର୍ଡ, ପ୍ରତ୍ୟକ୍ଷ ବିପଣନ ସଂଗ୍ରହଣ କେନ୍ଦ୍ର, ଏବଂ ଘରୋଇ କୃଷକ–ଉପଭୋକ୍ତା ମାର୍କେଟ ୟାର୍ଡ ଅଥବା କୌଣସି ଭଣ୍ଡାରଗାର, ଖାତ, ଶୀତଳଭଣ୍ଡାର ଅଥବା ଅନ୍ୟ ଢାଞ୍ଚା, ଯାହା ଭାରତରେ ଲାଗୁ ହୋଇଥିବା ରାଜ୍ୟ ଏପିଏମ୍‌ସି ଆଇନ ଅଧୀନରେ ବଜାର ଭାବେ ନିର୍ଦ୍ଧାରିତ ହୋଇଥିବ ବା ମନେ କରାଯାଇଥିବ
(ଢ) ବେପାରୀ ଅର୍ଥାତ୍ ଜଣେ ବ୍ୟକ୍ତି, ଯିଏ ଆନ୍ତଃରାଜ୍ୟ ବାଣିଜ୍ୟ ବା ଅନ୍ତଃରାଜ୍ୟ ବାଣିଜ୍ୟ ଅଥବା ଏହି ଦୁଇଟିର ମିଳିତ ଦ୍ୱାରା ଥୋକ ବେପାର, ଖୁଚୁରା, ଅନ୍ତ–ଉପଭୋଗ, ମୂଲ୍ୟ ବର୍ଦ୍ଧନ, ପ୍ରକ୍ରିୟାକରଣ, ଉତ୍ପାଦନ, ରପ୍ତାନୀ, ଉପଭୋଗର ପ୍ରୟୋଜନ ପାଇଁ ନିଜ କିମ୍ବା ଅନ୍ୟ ବ୍ୟକ୍ତିମାନଙ୍କ ପକ୍ଷରୁ କୃଷି ଉତ୍ପାଦ କ୍ରୟ କରିଥାନ୍ତି।

### ଅଧ୍ୟାୟ–୨
### କୃଷି ଉତ୍ପାଦର ବେପାର ଓ ବାଣିଜ୍ୟର ପ୍ରୋତ୍ସାହନ ଏବଂ ସରଳୀକରଣ

**କୌଣସି ବେପାର କ୍ଷେତ୍ରରେ ବେପାର ଓ ବାଣିଜ୍ୟର ସ୍ୱାଧୀନତା।**

**୩.** ଏହି ଅଧିନିୟମର ଉପବନ୍ଧ ଅଧୀନରେ ଥାଇ କୌଣସି କୃଷକ ବା ବେପାରୀ ଅଥବା ଇଲେକ୍ଟ୍ରୋନିକ୍ସ ବେପାର ଏବଂ କାରବାର ପ୍ଲାଟଫର୍ମକୁ କୌଣସି ବେପାର କ୍ଷେତ୍ରରେ କୃଷକଙ୍କ ଉତ୍ପାଦରେ ଆନ୍ତଃରାଜ୍ୟ କିମ୍ବା ଅନ୍ତଃରାଜ୍ୟ ବେପାର ଏବଂ ବାଣିଜ୍ୟ କରିବାର ସ୍ୱାଧୀନତା ରହିବ।

**ଅନୁସୂଚିତ କୃଷି ଉତ୍ପାଦର ବେପାର ଓ ବାଣିଜ୍ୟ**

**୪.**(୧) କେହି ବେପାରୀ, କୌଣସି ବେପାର କ୍ଷେତ୍ରରେ କୌଣସି କୃଷକ ବା କୌଣସି କୃଷକ ବା କୌଣସି ଅନ୍ୟ ବେପାରୀଙ୍କ ସହ ଅନୁସୂଚିତ କୃଷକଙ୍କ ଆନ୍ତଃରାଜ୍ୟ ବାଣିଜ୍ୟ ଅଥବା ଅନ୍ତଃରାଜ୍ୟ ବାଣିଜ୍ୟ କରିପାରିବେ:
କିନ୍ତୁ କୌଣସି ବେପାରୀ, କୃଷକ ଉତ୍ପାଦକ ସଙ୍ଗଠନ ଅଥବା କୃଷି ସମବାୟ ସମିତି ବ୍ୟତୀତ କୌଣସି ଅନୁସୂଚିତ କୃଷକଙ୍କ ଉତ୍ପାଦର ସେତେବେଳ ଯାଏ ବେପାର କରିପାରିବେ ନାହିଁ, ଯେତେବେଳ ପର୍ଯ୍ୟନ୍ତ ଏପରି ବେପାରୀଙ୍କୁ ଆୟକର ଆଇନ, ୧୯୬୧ ଅଧୀନରେ ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର (ପାନ୍), ଆବଣ୍ଟିତ କରାଯାଇ ନ ଥିବ ଅଥବା ତାଙ୍କ ପାଖରେ ଏପରି ଅନ୍ୟ ଦସ୍ତାବିଜ ଯାହା କେନ୍ଦ୍ରୀୟ ସରକାରଙ୍କ ଦ୍ୱାରା ଅଧିସୂଚିତ, ନ ଥିବ।
(୨) ଯଦି କେନ୍ଦ୍ର ସରକାର ବିବେଚନା କରୁଥିବେ ଯେ, ଜନହିତରେ ଏପରି କରିବା ଆବଶ୍ୟକ ଓ ସମୀଚୀନ, କୌଣସି ବେପାର କ୍ଷେତ୍ରରେ କୌଣସି ବେପାରୀଙ୍କ ଇଲେକ୍ଟ୍ରୋନିକ୍ସ ରେଜିଷ୍ଟ୍ରେଶନ ପ୍ରଣାଳୀ, ବେପାର କାରବାରର ରୀତିଗୁଡ଼ିକ ଓ ଅନୁସୂଚିତ କୃଷକଙ୍କ ଉତ୍ପାଦର ଦେୟ ପାଇଲେ ପଦ୍ଧତି ନିର୍ଦ୍ଧାରଣ କରିପାରିବେ,
(୩) ପ୍ରତ୍ୟେକ ବେପାରୀ, ଯିଏ କୃଷକଙ୍କ ସହ କାରବାର କରିଥାନ୍ତି, ବେପାର କରାଯାଇଥିବା କୃଷକଙ୍କ ଉତ୍ପାଦର ଦେୟ ପଇଠ ସେହିଦିନ ବା ଯଦି ପ୍ରକ୍ରିୟାତ୍ମକ ରୂପେ ଏଭଳି କରାଯିବା ଆବଶ୍ୟକ ହୋଇଥାଏ, ତେବେ ସର୍ତ୍ତ ଅଧୀନରେ ରହି କୃଷକଙ୍କୁ ଉପଯୁକ୍ତ ଦେୟ ରାଶିରେ ବର୍ଣ୍ଣିତ ପରିଦାନର ରସିଦ୍ ସେହିଦିନ ଦିଆଯିବ, ସର୍ବାଧିକ ୩ କାର୍ଯ୍ୟଦିବସ ମଧ୍ୟରେ ପଇଠ କରିବେ:
କିନ୍ତୁ କେନ୍ଦ୍ରୀୟ ସରକାର ନେତାମାନଙ୍କଠାରୁ ରସିଦ୍ ସହ ଯୋଡି ହୋଇଥିବା ସମ୍ବନ୍ଧ କୃଷକ ଉତ୍ପାଦ ସଙ୍ଗଠନ ବା କୃଷି ସମବାୟ ସମିତି, ଯେଉଁ ନାମରେ ପରିଚିତ ହୋଇଥାଉ ନା କାହିଁକି, ଦ୍ୱାରା ଦେୟ ପଇଠ ଭିନ୍ନ ଭିନ୍ନ ପ୍ରକ୍ରିୟା ନିର୍ଦ୍ଧାରଣ କରିପାରିବେ।

**ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ କାରବାର ପ୍ଲାଟଫର୍ମ**

**୫.**(୧) ଆୟକର ଆଇନ ଅଧୀନରେ ଆବଣ୍ଟିତ ପାନ୍ କାର୍ଡ ବା ଏପରି କୌଣସି ଦସ୍ତାବିଜ, ଯାହା କେନ୍ଦ୍ରୀୟ ସରକାରଙ୍କ ଦ୍ୱାରା ଅଧିସୂଚିତ କରାଯିବ, ଧାରୀ କୌଣସି ବ୍ୟକ୍ତି (ବ୍ୟକ୍ତିଙ୍କଠାରୁ ଭିନ୍ନ) କୌଣସି କୃଷକ ଉତ୍ପାଦନକାରୀ ସଙ୍ଗଠନ ବା କୃଷି ସମବାୟ ସମିତି, କୌଣସି ବେପାର କ୍ଷେତ୍ରରେ ଅନୁସୂଚିତ କୃଷି ଉତ୍ପାଦର ଆନ୍ତଃରାଜ୍ୟ ବା ଅନ୍ତଃରାଜ୍ୟସ୍ତରୀୟ ବେପାରକୁ ସୁଗମ କରିବା ପାଇଁ କୌଣସି ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଏବଂ କାରବାର ପ୍ଲାଟଫର୍ମ ପ୍ରତିଷ୍ଠା କରିପାରିବେ ଓ ତା'ର ପରିଚାଳନା କରିପାରିବେ:
କିନ୍ତୁ ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଏବଂ କାରବାର ପ୍ଲାଟଫର୍ମ ସ୍ଥାପନ ଓ ପରିଚାଳନା କରୁଥିବା ବ୍ୟକ୍ତି, ବେପାରର ରୀତି, ଫିଜ୍, ଅନ୍ୟ ପ୍ଲାଟଫର୍ମଗୁଡ଼ିକ ସହ ଅନ୍ତର ବ୍ୟବହାର୍ଯ୍ୟ ସହିତ କାରିଗରି ମାପଦଣ୍ଡ, ଯୁକ୍ତିସଂଗତ ବ୍ୟବସ୍ଥା, ଗୁଣବତ୍ତାପୂର୍ଣ୍ଣ ନିର୍ଦ୍ଧାରଣ, ଯଥା ସମୟ ଦେୟ ପଇଠ, ପ୍ଲାଟଫର୍ମର ପରିଚାଳନା ସ୍ଥାନୀୟ ଭାଷାରେ ମାର୍ଗଦର୍ଶକ ସିଦ୍ଧାନ୍ତଗୁଡ଼ିକର ପ୍ରସାରଣ ଭଳି ଉଚିତ ବେପାର ପଦ୍ଧତିଗୁଡ଼ିକର ଏବଂ ଏଭଳି ଅନ୍ୟ ବିଷୟଗୁଡ଼ିକ ପାଇଁ ମାର୍ଗଦର୍ଶକ ସିଦ୍ଧାନ୍ତ ପ୍ରସ୍ତୁତ କରିବେ ଏବଂ ତା'ର କ୍ରିୟାନ୍ୱୟନ କରିବେ।
(୨) ଯଦି କେନ୍ଦ୍ରୀୟ ସରକାର ବିବେଚନା କରିବେ ଯେ, ଜନହିତରେ ଏପରି କରାଯିବା ଆବଶ୍ୟକ ଓ ସମୀଚୀନ ତେବେ, ନିୟମଗୁଡ଼ିକ ଦ୍ୱାରା କୌଣସି ବେପାର କ୍ଷେତ୍ରରେ ଅନୁସୂଚିତ କୃଷି ଉତ୍ପାଦର ଉଚିତ ବେପାର ବାଣିଜ୍ୟକୁ ସୁଗମ କରିବା ପାଇଁ ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ମଞ୍ଚଗୁଡ଼ିକ ପାଇଁ–
ପଞ୍ଜୀକରଣର ପ୍ରକ୍ରିୟା, ମାନଦଣ୍ଡ, ରୀତି ନିର୍ଦ୍ଧାରଣ କରିପାରିବେ ;
ଏବଂ
(ଖ) ଆଚରଣ ବିଧି, ଅନ୍ୟ ପ୍ଲାଟଫର୍ମ ସହ ଅନ୍ତର ବ୍ୟବହାର୍ଯ୍ୟ ସହିତ କାରିଗରି ମାପଦଣ୍ଡ ଯାହା ଅନ୍ତର୍ଗତ ଅନୁସୂଚିତ କୃଷି ଉତ୍ପାଦର ଯୁକ୍ତିସଙ୍ଗତ ବ୍ୟବସ୍ଥାଗୁଡ଼ିକ ଏବଂ ସେଗୁଡ଼ିକର ଗୁଣବତ୍ତାପୂର୍ଣ୍ଣ ନିର୍ଦ୍ଧାରଣ ମଧ୍ୟ ରହିଛି, ସ୍ଥିର କରିପାରିବେ।

**ବେପାର କ୍ଷେତ୍ରଗୁଡ଼ିକରେ ରାଜ୍ୟ କୃଷି ଉତ୍ପାଦ ବଜାର ସମିତି ଅଧିନିୟମ ଆଦି ଅଧୀନ ବଜାର**

(୬) କୌଣସି ରାଜ୍ୟ କୃଷି ଉତ୍ପାଦ ବଜାର ସମିତି ଆଇନ ବା ଅନ୍ୟ ରାଜ୍ୟ ଆଇନ ଅଧୀନ କୌଣସି କୃଷକ ଅଥବା ବେପାରୀ ବା ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଓ କାରବାର ପ୍ଲାଟଫର୍ମ ପାଇଁ କୌଣସି ବେପାର କ୍ଷେତ୍ରରେ ଅନୁସୂଚିତ କୃଷକଙ୍କ ଉତ୍ପାଦରେ ବେପାର ଓ ବାଣିଜ୍ୟ ପାଇଁ କୌଣସି ବଜାର ଫିଜ୍ କିମ୍ବା ଉପକର ବା ବାଧ୍ୟତାମୂଳକ ଟିକସ ଯେଉଁ ନାମରେ ପରିଚିତ ହୋଇଥାଉ ନା କାହିଁକି ଆଦାୟ କରାଯିବ ନାହିଁ।

**ମୂଲ୍ୟ ସୂଚନା ଓ ବଜାର ଇଲେକ୍ଟ୍ରୋନିକ୍ସ ପ୍ରଣାଳୀ**

(୭) (କ) କେନ୍ଦ୍ରୀୟ ସରକାର, କୌଣସି କେନ୍ଦ୍ରୀୟ ସରକାର ସଙ୍ଗଠନ ଜରିଆରେ କୃଷକଙ୍କ ଉତ୍ପାଦ ପାଇଁ ମୂଲ୍ୟ ସୂଚନା ଓ ବଜାର ଇଣ୍ଟେଲିଜେନ୍ସ ପ୍ରଣାଳୀ ଓ ତା' ସମ୍ପର୍କିତ ସୂଚନାର ପ୍ରସାରଣ ପାଇଁ ଏକ ରୂପରେଖ ବିକଶିତ କରିପାରିବ।
(ଖ) କେନ୍ଦ୍ରୀୟ ସରକାର, ଏପରି କାରବାର ସମ୍ପର୍କରେ, ଯାହା ନିର୍ଦ୍ଧାରିତ କରାଯିବ, କୌଣସି ବ୍ୟକ୍ତିଙ୍କଠାରୁ ସୂଚନା ଉପଲବ୍ଧ କରାଇବା ପାଇଁ ଏକ ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଓ କାରବାର ପ୍ଲାଟଫର୍ମର ମାଲିକ ହେବା ଏବଂ ତା'ର ପରିଚାଳନା ଆବଶ୍ୟକ କରିପାରିବେ।
**ସ୍ପଷ୍ଟୀକରଣ–** ଏହି ଆଧାର ପ୍ରୟୋଜନଗୁଡ଼ିକ ପାଇଁ 'କେନ୍ଦ୍ରୀୟ ସରକାର ସଙ୍ଗଠନ' ପଦ ଅନ୍ତର୍ଗତ କୌଣସି ଅଧୀନସ୍ଥ ବା ସଂଲଗ୍ନ କାର୍ଯ୍ୟାଳୟ, ସରକାରୀ ମାଲିକାନାରେ କିମ୍ବା ପୃଷ୍ଠପୋଷକତାରେ ଥିବା କମ୍ପାନୀ ବା ସୋସାଇଟି ମଧ୍ୟ।

### ଅଧ୍ୟାୟ – ୩
### ବିବାଦ ସମାଧାନ

**କୃଷକଙ୍କ ପାଇଁ ବିବାଦ ସମାଧାନ ତନ୍ତ୍ର**

(୮)(୧) ଏହି ଆଇନର ଧାରା ୪ ଅଧୀନ କୃଷକ ଓ କୌଣସି ବେପାରୀଙ୍କ ମଧ୍ୟରେ କାରବାରଗତ ବିବାଦ ଦିଗରେ, ପକ୍ଷ, ଆବେଦନ ଫାଇଲ କରି ଉପଖଣ୍ଡ ମାଜିଷ୍ଟ୍ରେଟ ସେଠାରେ ବୁଝାମଣା ଜରିଆରେ ପାରସ୍ପରିକ ଗ୍ରହଣୀୟ ସମାଧାନର ଆଗ୍ରହ କରିପାରିବେ, ଯିଏ ଏପରି ବିବାଦକୁ, ବିବାଦର ମାନ୍ୟ ବନ୍ଦୋବସ୍ତ ଉପଲବ୍ଧ କରାଇବା ପାଇଁ ତାଙ୍କ ଦ୍ୱାରା ସଂଯୁକ୍ତ କନ୍ସିଲିଏସନ ବୋର୍ଡକୁ ରେଫର କରିବେ।
(୨) ଉପଧାରା (୧) ଅଧୀନ ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ଦ୍ୱାରା ନିଯୁକ୍ତ ପ୍ରତ୍ୟେକ କନ୍ସିଲିଏଶନ ବୋର୍ଡ, ଜଣେ ଅଧ୍ୟକ୍ଷ ଓ ଅନ୍ୟୂନ ୨ ଓ ସର୍ବାଧିକ ୪ ଏପରି ସଦସ୍ୟଙ୍କୁ ନେଇ ଗଠନ କରାଯିବ, ଯାହାକୁ ଉପଖଣ୍ଡ ମାଜିଷ୍ଟ୍ରେଟ ଠିକ୍ ମନେକରିବେ।
(୩) ଅଧ୍ୟକ୍ଷ, ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ପର୍ଯ୍ୟବେକ୍ଷଣ ଓ ନିୟନ୍ତ୍ରଣାଧୀନ ଜଣେ କାର୍ଯ୍ୟରତ ଅଧିକାରୀ ହେବେ ଏବଂ ଅନ୍ୟ ସଦସ୍ୟମାନେ ବିବାଦର ପକ୍ଷମାନଙ୍କ ପ୍ରତିନିଧିତ୍ୱ କରିବା ଲାଗି ନିଯୁକ୍ତ କୌଣସି ବ୍ୟକ୍ତିଙ୍କୁ ସେହି ପକ୍ଷଙ୍କ ସୁପାରିସ ଉପରେ ନିଯୁକ୍ତ କରାଯିବ:
କିନ୍ତୁ କୌଣସି ପକ୍ଷ ୭ ଦିନ ମଧ୍ୟରେ ଏପରି ସୁପାରିସ କରିବାରେ ବିଫଳ ହେଲେ ଉପଖଣ୍ଡ ମାଜିଷ୍ଟ୍ରେଟ ଏଭଳି ବ୍ୟକ୍ତିମାନଙ୍କୁ ନିଯୁକ୍ତ କରିବେ, ଯାହାଙ୍କୁ ସେ ପକ୍ଷଙ୍କ ପ୍ରତିନିଧିତ୍ୱ କରିବା ପାଇଁ ଉଚିତ ମଣିବେ।
(୪) ଯେଉଁଠି ବୁଝାମଣା ପ୍ରକ୍ରିୟା ସମୟରେ କୌଣସି ବିବାଦ ସମ୍ପର୍କରେ କୌଣସି ସମାଧାନ ହୋଇଯିବ, ସେଇଠି ତଦନୁସାରେ ସମାଧାନ ସ୍ମାରକ ପ୍ରସ୍ତୁତି କରାଯିବ ଏବଂ ତାହା ଏପରି ବିବାଦର ପକ୍ଷମାନଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ, ଯାହାକୁ ପକ୍ଷମାନେ ମାନିବାକୁ ବାଧ୍ୟ ହେବେ।
(୫) ଯଦି ଉପଧାରା (୧) ଅଧୀନରେ କାରବାରର ପକ୍ଷମାନେ ଏହି ଧାରା ଅଧୀନ ଉପରବର୍ଣ୍ଣିତ ରୀତିରେ ୩ ଦିନ ଭିତରେ ବିବାଦର ସମାଧାନ କରାଯିବାରେ ସମର୍ଥ ନ ହୁଅନ୍ତି ତେବେ ସମ୍ପୃକ୍ତ ଉପଖଣ୍ଡ ମାଜିଷ୍ଟ୍ରେଟଙ୍କୁ ଯୋଗାଯୋଗ କରି ପାରିବେ, ଯିଏ ଏପରି ବିବାଦର ସମାଧାନ ପାଇଁ 'ଉପଖଣ୍ଡସ୍ତରୀୟ କର୍ତ୍ତୃପକ୍ଷ' ହେବେ।
(୬) ଉପଖଣ୍ଡସ୍ତରୀୟ କର୍ତ୍ତୃପକ୍ଷ ନିଜ ଆଡୁ କିମ୍ବା କୌଣସି ଏକ ଆବେଦନ ଆଧାରରେ ବା କୌଣସି ସରକାରୀ ସଂସ୍ଥାର ନିର୍ଦ୍ଦେଶ ଆଧାରରେ ଧାରା ୪ ବା ତା' ଅଧୀନରେ ପ୍ରଣୀତ ନିୟମଗୁଡ଼ିକର ଉପବନ୍ଧଗୁଡ଼ିକରେ କୌଣସି ଉଲ୍ଲଂଘନର ସଂଜ୍ଞାନ ନେବେ ଏବଂ ଉପଧାରା (୭) ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।
(୭) ଉପଖଣ୍ଡସ୍ତରୀୟ କର୍ତ୍ତୃପକ୍ଷ ; ଏହି ଧାରା ଅଧୀନ ବିବାଦ ବା ଉଲ୍ଲଂଘନର ନିଷ୍ପତ୍ତି ତାହା ଫାଇଲ କରାଯିବା ତାରିଖର ୩୦ ଦିନ ମଧ୍ୟରେ ସଂକ୍ଷିପ୍ତ ରୀତିରେ କରିବେ ଏବଂ
(କ) ବିବାଦାଧୀନ ରାଶିର ଅସୁଲି ଆଦେଶ ସ୍ଥଗିତ କରିପାରିବେ, କିମ୍ବା
(ଖ) ଏପରି ଅର୍ଥଦଣ୍ଡ ଧାର୍ଯ୍ୟ କରିପାରିବେ, ଯାହା ଧାରା ୧୧ର ଉପଧାରା (୧) ଅଧୀନରେ ଅନୁବନ୍ଧ ହୋଇଛି, କିମ୍ବା
(ଗ) ଏହି ଆଇନ ଅଧୀନରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଏପରି ଅବଧି ପାଇଁ, ଯାହା ସେ ଉଚିତ ମଣିବେ ଅନୁସୂଚିତ କୃଷି ଉତ୍ପାଦର କୌଣସି ବେପାର ଓ ସମ୍ପର୍କିତ ବାଣିଜ୍ୟିକ କାର୍ଯ୍ୟକୁ କରିବାରେ ବିବାଦଗ୍ରସ୍ତ ବେପାରୀଙ୍କୁ କ୍ଷାନ୍ତ ରହିବା ପାଇଁ ଆଦେଶ ପାରିତ କରିପାରିବେ।
(୮) ଉପଖଣ୍ଡସ୍ତରୀୟ କର୍ତ୍ତୃପକ୍ଷଙ୍କ ଆଦେଶରୁ ବ୍ୟକ୍ତିଙ୍କୁ ପକ୍ଷ, ଏପରି ଆଦେଶର ୩୦ ଦିନ ମଧ୍ୟରେ ଆପିଲେଟ କର୍ତ୍ତୃପକ୍ଷ (ଜିଲାପାଳ ବା ଜିଲାପାଳଙ୍କ ଦ୍ୱାରା ମନୋନୀତ ଅତିରିକ୍ତ ଜିଲାପାଳ)ଙ୍କ ନିକଟରେ ଅପିଲ କରିପାରିବେ, ଯିଏ ଏପରି ଅପିଲ ଫାଇଲ କରାଯିବା ତାରିଖଠାରୁ ୩୦ ଦିନ ଭିତରେ ଅପିଲର ଫଇସଲା କରିବେ।
(୯) ଏହି ଧାରା ଅଧୀନରେ ଉପଖଣ୍ଡସ୍ତରୀୟ କର୍ତ୍ତୃପକ୍ଷ ବା ଆପିଲେଟ କର୍ତ୍ତୃପକ୍ଷଙ୍କ ପ୍ରତ୍ୟେକ ଆଦେଶ କୌଣସି ସିଭିଲ କୋର୍ଟଙ୍କ ଡିଗ୍ରୀର ବଳ ରଖିବ ଓ ସେହି ରୂପେ ପ୍ରବର୍ତ୍ତନୀୟ ହେବ ଏବଂ ଆଦେଶ ରାଶି ଭୂ–ରାଜସ୍ୱର ବକେୟା ଭାବେ ଅସୁଲ କରାଯିବ।
(୧୦) ଉପଖଣ୍ଡସ୍ତରୀୟ କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ଆବେଦନ ବା ଦରଖାସ୍ତ ଏବଂ ଆପିଲେଟ କର୍ତ୍ତୃପକ୍ଷଙ୍କ ଆଗରେ ଅପିଲ ଫାଇଲ କରିବାର ରୀତି ଓ ପ୍ରକ୍ରିୟା ତାହା ହେବ ଯାହା ନିର୍ଦ୍ଧାରିତ କରାଯିବ।

**ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଓ କାରବାର ପ୍ଲାଟଫର୍ମ ପରିଚାଳନା ଅଧିକାରର ନିଲମ୍ବନ ବା ରଦ୍ଦକରଣ**

(୯) (୧) କୃଷି ବିପଣନ ପରାମର୍ଶଦାତା, ବିପଣନ ଓ ନିରୀକ୍ଷଣ ନିର୍ଦ୍ଦେଶାଳୟ, ଭାରତ ସରକାର ବା ରାଜ୍ୟ ସରକାରଙ୍କ ଏପରି କୌଣସି ଅଧିକାରୀ ଯାହାଙ୍କୁ କେନ୍ଦ୍ରୀୟ ସରକାର ଦ୍ୱାରା ରାଜ୍ୟ ସରକାରଙ୍କ ପରାମର୍ଶରେ ଏପରି କ୍ଷମତାଗୁଡ଼ିକ ଅର୍ପଣ କରାଯାଇଛି, ସ୍ୱପ୍ରେରଣାରେ ବା କୌଣସି ଆବେଦନ ଆଧାରରେ ଅଥବା କୌଣସି ସରକାରୀ ସଂସ୍ଥାର ନିର୍ଦ୍ଦେଶ ଆଧାରରେ, ପ୍ରକ୍ରିୟା, ମାନଦଣ୍ଡ, ପଞ୍ଜୀକରଣର ରୀତି ଓ ଆଚରଣ ବିଧିର କୌଣସି ଅଂଶର ବା ଧାରା ୫ ଅଧୀନ ପ୍ରତିଷ୍ଠିତ ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଓ କାରବାର ପ୍ଲାଟଫର୍ମ ଦ୍ୱାରା ଉଚିତ ବେପାର ପଦ୍ଧତିଗୁଡ଼ିକର ମାର୍ଗଦର୍ଶକ ସିଦ୍ଧାନ୍ତଗୁଡ଼ିକର କୌଣସି ଅଂଶକୁ ସଜ୍ଞାନକୁ ନେଇପାରିବେ ଏବଂ ପ୍ରାପ୍ତି ତାରିଖର ୬୦ ଦିନ ଭିତରେ ଆଦେଶ ଦ୍ୱାରା ଏପରି କାରଣ ପାଇଁ ଯାହା ଲିପିବଦ୍ଧ କରାଯିବ,– ସେ
(କ) କୃଷକ ଓ ବେପାରୀମାନଙ୍କୁ ଦେୟ ରାଶି ଅସୁଲିର ଆଦେଶ ପାରିତ କରିପାରିବେ ;
(ଖ) ଏପରି ଅର୍ଥଦଣ୍ଡ ବସାଇପାରିବେ, ଯାହା ଧାରା ୧୧ର ଉପଧାରା (୨)ରେ ସ୍ଥିର କରାଯାଇଛି ; କିମ୍ବା
(ଗ) ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଓ କାରବାର ପ୍ଲାଟଫର୍ମ ରୂପେ ପରିଚାଳନା ଅଧିକାରକୁ ଏପରି ଅବଧି ପାଇଁ, ଯାହା ସେ ଉଚିତ ମଣିବେ ନିଲମ୍ବନ କରିପାରିବେ ବା ତାକୁ ରଦ୍ଦ କରିପାରିବେ:
କିନ୍ତୁ ପରିଣାମ ଅସୁଲି, ଅର୍ଥଦଣ୍ଡ ଧାର୍ଯ୍ୟ କିମ୍ବା ପରିଚାଳନା ଅଧିକାରର ନିଲମ୍ବନ ବା ରଦ୍ଦକରଣର କୌଣସି ଆଦେଶ, ଏପରି ଇଲେକ୍ଟ୍ରୋନିକ୍ସ ବାଣିଜ୍ୟିକ ଓ କାରବାର ପ୍ଲାଟଫର୍ମର ପରିଚାଳକଙ୍କୁ ଶୁଣାଣିର ସୁଯୋଗ ନ ଦେଇ ପାରିତ କରାଯିବ ନାହିଁ।
(୨) ଉପଧାରା (୧) ଅଧୀନରେ କରାଯାଇଥିବା ପ୍ରତ୍ୟେକ ଆଦେଶ ସିଭିଲ କୋର୍ଟଙ୍କ ଡିଗ୍ରୀର ବଳ ରଖିବ ଓ ସେହି ରୂପେ ପ୍ରବର୍ତ୍ତନୀୟ ହେବ ତଥା ଆଦେଶ ରାଶି ଭୂ–ରାଜସ୍ୱର ବେକୟା ଭାବେ ଅସୁଲ କରାଯିବ।

**ପ୍ରବର୍ତ୍ତନ ଅଧିକାରର ରଦ୍ଦକରଣ ବିରୋଧରେ ଅପିଲ।**

**୧୦.** (୧) ଧାରା ୯ ଅଧୀନରେ କୌଣସି ଆଦେଶକୁ ନେଇ ବ୍ୟଥିତ ବ୍ୟକ୍ତି ଏପରି ଆଦେଶ ତାରିଖରୁ ୬୦ ଦିନ ମଧ୍ୟରେ କେନ୍ଦ୍ରୀୟ ସରକାର ଦ୍ୱାରା ଏହି ପ୍ରୟୋଜନ ପାଇଁ ମନୋନୀତ ଏପରି ଅଧିକାରୀଙ୍କ ନିକଟରେ ଅପିଲ କରିପାରିବେ, ଯିଏ ଭାରତ ସରକାରଙ୍କ ଯୁଗ୍ମ ସଚିବ ପାହ୍ୟାରୁ ନିମ୍ନରେ ନ ଥିବେ।
କିନ୍ତୁ କୌଣସି ଅପିଲ ୬୦ ଦିନର ଉକ୍ତ ଅବଧି ଶେଷ ହେବା ପରେ କିନ୍ତୁ ୯୦ ଦିନର ମୋଟ ଅବଧି ଶେଷ ହେବା ପୂର୍ବରୁ ମଧ୍ୟ ଗ୍ରହଣ କରାଯାଇପାରିବ ଯଦି ଅପିଲ କରୁଥିବା ବ୍ୟକ୍ତି ଆପିଲେଟ କର୍ତ୍ତୃପକ୍ଷଙ୍କ ଏହି ସମାଧାନ କରିଦିଅନ୍ତି ତାଙ୍କ ପାଖରେ ଉକ୍ତ ଅବଧି ମଧ୍ୟରେ ଅପିଲ ନ କରିବାର ପର୍ଯ୍ୟାପ୍ତ କାରଣ ଥିବ।
(୨) ଏହି ଧାରା ଅଧୀନରେ କରାଯାଇଥିବା ପ୍ରତ୍ୟେକ ଅପିଲ ଏପରି ଉପାୟ ଓ ରୀତିରେ କରାଯିବ ଏବଂ ତା' ସହ ସେହି ଆଦେଶର ଏକ ନକଲ, ଯାହା ନିର୍ଦ୍ଧାରିତ ହୋଇଥିବ।
(୩) କୌଣସି ଅପିଲର ଫଇସଲାର ପ୍ରକ୍ରିୟା ତାହା ହେବ, ଯାହା ନିର୍ଦ୍ଧାରିତ କରାଯାଇଥିବ।
(୪) ଏହି ଧାରା ଅଧୀନରେ ଫାଇଲ କରାଯାଇଥିବା ଅପିଲର ଶୁଣାଣି ଓ ତା'ର ଫଇସଲା, ଫାଇଲ ତାରିଖରୁ ୯୦ ଦିନ ଭିତରେ କରାଯିବ:
କିନ୍ତୁ କୌଣସି ଅପିଲର ଫଇସଲା ପୂର୍ବରୁ ଅପିଲକାରୀଙ୍କୁ ଶୁଣାଣିର ସୁଯୋଗ ଦିଆଯିବ।

### ଅଧ୍ୟାୟ – ୪
### ଅର୍ଥଦଣ୍ଡ

**ଆଇନ ଓ ନିୟମଗୁଡ଼ିକର ଉଲ୍ଲଂଘନ ପାଇଁ ଦଣ୍ଡ**

**୧୧**(୧) ଯେ କେହି ଧାରା ୪ ବା ତା' ଅଧୀନ ପ୍ରଣିତ ନିୟମଗୁଡ଼ିକର ଉଲ୍ଲଂଘନ କରିବେ, ତାଙ୍କୁ ଏପରି ଅର୍ଥଦଣ୍ଡ କରାଯିବ, ଯାହା ୫ ହଜାର ଟଙ୍କାରୁ କମ୍ ହେବ ନାହିଁ, କିନ୍ତୁ ଏହା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ଏବଂ ଉଲ୍ଲଂଘନ ଜାରି ରହିଲେ ପ୍ରଥମ ଦିନ ପରେ ପ୍ରତ୍ୟେକ ଦିନ ପାଇଁ ଯେଉଁ ଅର୍ଥଦଣ୍ଡ କରାଯିବା ତାହା ଦିନକୁ ୫ ହଜାର ଟଙ୍କାରୁ କମ୍ ରହିବ।
(୨) ଯଦି କୌଣସି ବ୍ୟକ୍ତି, ଯିଏ କୌଣସି ଇଲେକ୍ଟ୍ରୋନିକ୍ ବାଣିଜ୍ୟିକ ଓ କାରବାର ପ୍ଲାଟଫର୍ମର ମାଲିକ ହୋଇଥିବେ, ତା'ର ନିୟନ୍ତ୍ରଣ ବା ପରିଚାଳନା କରୁଥିବେ, ଧାରା ୫ ଓ ଧାରା ୭ ବା ଏହା ଅଧୀନ ଗଢ଼ାଯାଇଥିବା ନିୟମଗୁଡ଼ିକର ଉଲ୍ଲଂଘନ କଲେ ତାଙ୍କୁ ଏପରି ଅର୍ଥଦଣ୍ଡ ଦିଆଯିବ, ଯାହା ୫୦ ହଜାର ଟଙ୍କାରୁ ଅଧିକ ହେବ ନାହିଁ, କିନ୍ତୁ ତାହା ୧୦ ଲକ୍ଷ ଟଙ୍କା ଭିତରେ ହିଁ ରହିବ। ଏବଂ ଉଲ୍ଲଂଘନ ଜାରି ରହିଲେ ପ୍ରଥମ ଦିନ ପରେ ପ୍ରତ୍ୟେକ ଦିନ ପାଇଁ ଯେଉଁ ଅର୍ଥଦଣ୍ଡ କରାଯିବ ତାହା ଦିନକୁ ୧୦ ହଜାର ଟଙ୍କାରୁ କମ୍ ରହିବ।

### ଅଧ୍ୟାୟ –୫
### ବିବିଧ

**କେନ୍ଦ୍ରୀୟ୍ ସରକାରଙ୍କ ଅନୁଦେଶ, ଆଦେଶ, ନିର୍ଦ୍ଦେଶ ଓ ନିର୍ଦ୍ଦେଶାବଳୀ ଜାରି କରିବା କ୍ଷମତା**

**୧୨.** କେନ୍ଦ୍ର ସରକାର ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଏଭଳି ଅନୁଦେଶ, ନିର୍ଦ୍ଦେଶ, ଆଦେଶ ଦେଇପାରିବେ ଅଥବା ନିର୍ଦ୍ଦେଶନାମା ଜାରି କରିପାରିବେ, ଯାହା କେନ୍ଦ୍ରୀୟ ସରକାରଙ୍କ ଅଧୀନ କୌଣସି କର୍ତ୍ତୃପକ୍ଷ ବା ଅଧିକାରୀ ଅଥବା କୌଣସି ଇଲେକ୍ଟ୍ରୋନିକ୍ ବାଣିଜ୍ୟିକ କାରବାର ପ୍ଲାଟଫର୍ମର ମାଲିକ ହୋଇଥିବେ କିମ୍ବା ତା'ର ପରିଚାଳନା କରୁଥିବେ ଅଥବା କୌଣସି ବେପାରୀ ବା ବେପାରୀମାନଙ୍କ ବର୍ଗ ପାଇଁ ଆବଶ୍ୟକ ବିବେଚନା କରିବେ।

**ସଦ୍ଭାବପୂର୍ବକ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନର ସୁରକ୍ଷା**

**(୧୩).** ଏହି ଆଇନ ବା ଏହା ଅଧୀନରେ ଗଢ଼ାଯାଇଥିବା ନିୟମଗୁଡ଼ିକ ଅଥବା ଜାରି କରାଯାଇଥିବା ଆଦେଶଗୁଡ଼ିକ ଅଧୀନରେ ସଦ୍ଭାବପୂର୍ବକ କରାଯାଇଥିବା କିମ୍ବା କରାଯିବାକୁ ଥିବା କୌଣସି ବିଷୟ ସମ୍ପର୍କରେ ଅଭିଯୋଜନ ବା ଅନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ କେନ୍ଦ୍ରୀୟ ସରକାର ବା ରାଜ୍ୟ ସରକାରଙ୍କ କୌଣସି ଅଧିକାରୀ ଅଥବା ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୋଧରେ ହେବ ନାହିଁ।

**ଅଧ୍ୟାଦେଶର ଅଧ୍ୟାରୋହୀ ପ୍ରଭାବ**

**(୧୪)** ଏହି ଆଇନର ଉପବନ୍ଧ, କୌଣସି ରାଜ୍ୟ କୃଷି ଉତ୍ପାଦ ବିପଣନ କମିଟି ବା ସେହି ସମୟରେ ଲାଗୁ ହେଉଥିବା ଅନ୍ୟ କୌଣସି ବିଧି ବା ତତ୍ ସମୟରେ କାର୍ଯ୍ୟକାରୀ କୌଣସି ବିଧି ଯୋଗୁ ପ୍ରଚଳିତ ଚୁକ୍ତିରେ ଉଲ୍ଲିଖିତ ଅସଙ୍ଗତ ବିଷୟ ଥିଲେ ମଧ୍ୟ ପ୍ରଭାବୀ ହେବ।

**ସିଭିଲ କୋର୍ଟଙ୍କ ଅଧିକାର ନ ରହିବା।**

**୧୫.** କୌଣସି ସିଭିଲ କୋର୍ଟଙ୍କୁ, କୌଣସି ଏପରି ବିଷୟ ବାବଦରେ ଯାହାର ଏହି ଆଇନ ବା ତା' ଅଧୀନରେ ଗଢ଼ାଯାଇଥିବା ନିୟମଗୁଡ଼ିକ ଦ୍ୱାରା ଅଥବା ତା' ଅଧୀନରେ କ୍ଷମତାପ୍ରାପ୍ତ କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା ସଜ୍ଞାନ ନିଆଯାଇପାରେ ଏବଂ ତା'ର ଫଇସଲା କରାଯାଇପାରେ ; କୌଣସି ବାଦ୍ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅଧିକାରୀ ରହିବ ନାହିଁ।

**ନିର୍ଦ୍ଦିଷ୍ଟ କାରବାର ପାଇଁ ଅଧ୍ୟାଦେଶ ଲାଗୁ ନ ହେବା।**

**୧୬.** ଏହି ଅଧ୍ୟାଦେଶର କୌଣସି ବିଷୟ ସିକ୍ୟୁରିଟି କଣ୍ଟ୍ରାକ୍ଟସ (ନିୟନ୍ତ୍ରଣ) ଆଇନ, ୧୯୫୬ର ଓ ଏହା ଅଧୀନ ସ୍ୱୀକୃତିପ୍ରାପ୍ତ ଷ୍ଟକ୍ ଏକ୍ସଚେଞ୍ଜ ଏବଂ କ୍ଲିୟରିଂ କର୍ପୋରେଶନ ଓ ତା' ଅଧୀନ କରାଯାଇଥିବା କାରବାର ଲାଗୁ ହେବ ନାହିଁ।

**କେନ୍ଦ୍ରୀୟ୍ ସରକାରଙ୍କ ଆଇନ ପ୍ରଣୟନ ଅଧିକାର**

**୧୭.**(୧) କେନ୍ଦ୍ରୀୟ ସରକାର, ଏହି ଆଇନର ଉପବନ୍ଧଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ବିଜ୍ଞପ୍ତି ଦ୍ୱାରା ନିୟମ ଗଢ଼ିପାରିବେ।
(୨) ପୂର୍ବଗାମୀ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ, ଏଭଳି ନିୟମ ନିମ୍ନଲିଖିତ ସମସ୍ତ ବା କୌଣସି ବିଷୟ ପାଇଁ ଉପବନ୍ଧ କରିପାରିବେ, ଅର୍ଥାତ୍–

(କ) ଧାରା ୪ର ଉପଧାରା (୨) ଅଧୀନ ଅନୁସୂଚିତ କୃଷି ଉତ୍ପାଦର କେହି ବେପାରୀଙ୍କ ପାଇଁ ଇଲେକ୍ଟ୍ରୋନିକ୍ ପଞ୍ଜୀକରଣ ପ୍ରଣାଳୀ ଓ ବେପାର କାରବାର ରୀତିଗୁଡ଼ିକ ;
(ଖ) ଧାରା ୪ର ଉପଧାରା (୩) ଅଧୀନରେ ଦେୟ ପଇଠ ରୀତି
(ଗ) ଧାରା ୮ର ଉପଧାରା ୧୦ ଅଧୀନ ଉପଖଣ୍ଡସ୍ତରୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ ବା ଦରଖାସ୍ତ ଫାଇଲ କରିବା ଓ ଆପିଲେଟ କର୍ତ୍ତୃପକ୍ଷଙ୍କ ଆଗରେ ଫାଇଲ କରିବାର ରୀତି ଓ ପ୍ରକ୍ରିୟା ;
(ଘ) ଧାରା ୯ର ଉପଧାରା (୨) ଅଧୀନ କାରବାରଗୁଡ଼ିକ ସମ୍ପର୍କରେ ସୂଚନା
(ଙ) ଧାରା ୧୦ର ଉପଧାରା (୩) ଅଧୀନ କୌଣସି ଅପିଲର ଫଇସଲା ପ୍ରକ୍ରିୟା ;
(ଚ) କୌଣସି ଅନ୍ୟ ବିଷୟ, ଯାହା ନିର୍ଦ୍ଧାରଣ କରାଯିବ ବା ନିର୍ଦ୍ଧାରିତ ହେବାକୁ ଥିବ।

**ନିୟମଗୁଡ଼ିକୁ ରଖାଯିବା**

**୧୮.** ଏହି ଆଇନ ଅଧୀନରେ କେନ୍ଦ୍ର ସରକାର ଦ୍ୱାରା ପ୍ରଣୀତ ପ୍ରତ୍ୟେକ ନିୟମ, ପ୍ରଣୟନ, ପ୍ରଣୟନ ପରେ ଯଥାଶୀଘ୍ର, ସଂସଦର ପ୍ରତ୍ୟେକ ସଦନ ସମ୍ମୁଖରେ, ଯେତେବେଳେ ଅଧିବେଶନ ଚାଲୁଥିବ, ମୋଟ ୩୦ ଦିନ ଅବଧି ପାଇଁ ରଖାଯିବ। ଏହି ଅବଧି ଗୋଟିଏ ଅଧିବେଶନରେ ଅଥବା ଦୁଇ ବା ଅଧିକ ଆନୁକ୍ରମିକ ଅଧିବେଶନରେ ଠିକ୍ ପର ଅଧିବେଶନ ଶେଷ ହେବାର ପୂର୍ବ ଦିନଗୁଡ଼ିକରେ ସଦନ ସେହି ନିୟମରେ କୌଣସି ପରିବର୍ତ୍ତନ ଆଣିବା ପାଇଁ ସହମତ ହୋଇଗଲେ ତତ୍ ପଶ୍ଚାତ ତାହା ଏପରି ପରିବର୍ତ୍ତିତ ରୂପରେ ହିଁ ପ୍ରଭାବୀ ହେବ।

**ଅସୁବିଧା ଦୂର କରିବାର କ୍ଷମତା**

**୧୯.**(୧) ଯଦି ଏହି ଆଇନର ଉପବନ୍ଧଗୁଡ଼ିକୁ ପ୍ରଭାବକୁ ଆଣିବାରେ କିଛି ଅସୁବିଧା ସୃଷ୍ଟି ହୁଏ ତେବେ କେନ୍ଦ୍ର ସରକାର, ରାଜପତ୍ରରେ ପ୍ରକାଶିତ ଏପରି ଆଦେଶ ଦ୍ୱାରା, ଏପରି ଉପବନ୍ଧ କରିପାରିବେ ଯାହା ଏହି ଆଇନର ଉପବନ୍ଧଗୁଡ଼ିକରୁ ଅସଙ୍ଗତ ହୋଇ ନ ଥିବ ଓ ଯାହା ସେହି ଅସୁବିଧାକୁ ଦୂର କରିବା ପାଇଁ ଆବଶ୍ୟକ ମନେହେଉଥିବ।
କିନ୍ତୁ ଏହି ଧାରା ଅଧୀନ କୌଣସି ଆଦେଶ ଏହି ଆଇନର ପ୍ରାରମ୍ଭ ତାରିଖରୁ ୩ ବର୍ଷର ଅବଧି ପରେ କରାଯିବ ନାହିଁ।
(୨) ଏହି ଧାରା ଅଧୀନରେ କରାଯାଇଥିବା ପ୍ରତ୍ୟେକ ଆଦେଶ, କରାଯିବା ପରେ ଯଥାଶୀଘ୍ର ସଂସଦର ପ୍ରତ୍ୟେକ ସଦନ ସମ୍ମୁଖରେ ରଖାଯିବ।

**ରଦ୍ଦ ଓ ସଂରକ୍ଷଣ**

**୨୦.** (୧) କୃଷି ଉତ୍ପାଦ ବେପାର ଓ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସରଳୀକରଣ) ଅଧ୍ୟାଦେଶ, ୨୦୨୦କୁ ରଦ୍ଦ କରାଯାଉଛି।
(୨) ଏପରି ରଦ୍ଦ ହୋଇଥିଲେ ମଧ୍ୟ ଉକ୍ତ ଅଧ୍ୟାଦେଶ ଅଧୀନ କରାଯାଇଥିବା କୌଣସି ବିଷୟ ବା କାର୍ଯ୍ୟାନୁଷ୍ଠାନ, ଏହି ଆଇନର ତତ୍ସ୍ଥାନରେ ଉପବନ୍ଧଗୁଡ଼ିକ ଅଧୀନରେ କରାଯାଇଥିବା ବୁଝାଯିବ।

**ସୋମବାର ଅତ୍ୟାବଶ୍ୟକ ସାମଗ୍ରୀ (ସଂଶୋଧନ) ଆଇନ, ୨୦୨୦ ପ୍ରକାଶ ପାଇବ।**

# ସେଲ୍ଫି ମାନିଆ



ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କୁ ଘାରିଛି ସେଲ୍ଫି ମାନିଆ। ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରି ନିଜର ବାହାଦୁରି ଦେଖାଇବା ପାଇଁ ହେଉ ଅବା ଫଟୋକୁ ନିଆରା କରିବା ନିଶାରେ, ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ ସେଲ୍ଫି ନେବା ସମୟରେ ଭାରସାମ୍ୟ ହରାଇ ଅନେକେ ଆହତ ହେବା ସହ କେହି କେହି ପ୍ରାଣ ହରାଇଥିବାର ବି ମଧ ନଜିର ରହିଛି। ତଥାପି ମଧ ଏଦିଗରେ ଅନେକେ ସଚେତନ ନୁହନ୍ତି। ତେଣୁ ସେଲ୍ଫି ନିଶାରେ ସୁରକ୍ଷାକୁ ଅଣଦେଖା କରିବା ବୁଦ୍ଧିମତ୍ତା କାର୍ଯ୍ୟ ନୁହେଁ...

ଆଜିର ଯୁବପିଢ଼ିଙ୍କ ସେଲ୍ଫି ଉଠାଇବା ଏବଂ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ ନେଇ କ୍ରେଜ୍ କେତେ ତାହା ନ କହିବା ଭଲ । ଗ୍ରାହକଙ୍କ ଚାହିଦାକୁ ଆଖି ଆଗରେ ରଖି ବିଭିନ୍ନ ମୋବାଇଲ୍ କମ୍ପାନୀଗୁଡ଼ିକ ମଧ ଭଲ ଭଲ କ୍ୟାମେରା ଫିଚର ଥିବା ମୋବାଇଲ୍ ସହିତ ଏକ୍ସଟ୍ରା ଲେନ୍ସ ଆଟାଚ୍‌ମେଣ୍ଟଠାରୁ ଆରମ୍ଭ କରି ସେଲ୍ଫି ଷ୍ଟିକ୍ ପର୍ଯ୍ୟନ୍ତ ବିଭିନ୍ନ ଆସେସରିଜ୍ ପ୍ରସ୍ତୁତ କରୁଛନ୍ତି। କେବଳ ଏତିକି ନୁହେଁ ଦିନକୁ ଦିନ ସେଲ୍ଫି ପ୍ରତି ବଢୁଥିବା କ୍ରେଜ୍‌କୁ ଆଖି ଆଗରେ ରଖି ବର୍ତ୍ତମାନ ଅନେକ ପର୍ଯ୍ୟଟନ ସ୍ଥଳରେ ମଧ ଆକର୍ଷଣୀୟ ଏବଂ ମନଲୋଭା ବ୍ୟାକ୍‌ଗ୍ରାଉଣ୍ଡ ଥିବା ସେଲ୍‌ଫି କର୍ନରମାନ ନିର୍ମାଣ କରାଯାଉଛି। ଏହା ବ୍ୟତୀତ ବଡ଼ ବଡ଼ ଶପିଂ ମଲ୍‌ଠାରୁ ଆରମ୍ଭ କରି ବିବାହ, ବ୍ରତ ଆଦି ଫଙ୍କ୍‌ସନଗୁଡ଼ିକରେ ମଧ ଏକ ସ୍ୱତନ୍ତ୍ର ସେଲ୍‌ଫି କର୍ନର ରଖାଯାଉଛି। ତଥାପି ମଧ ଅନେକ ଯୁବପିଢି ସେଲ୍ଫି ନିଶାରେ ପାହାଡ, ପାଣି, ଡଙ୍ଗା, ଟ୍ରେନ୍‌ଲାଇନ୍ ଭଳି ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ଠିଆ ହୋଇ







ସେଲ୍ଫି ନେଉଛନ୍ତି। ଏହାଦ୍ୱାରା ଅନେକଙ୍କ ପ୍ରାଣହାନି ହେଉଥିବା ଘଟଣା ନଜରକୁ ଆସୁଥିଲେ ସୁଦ୍ଧା ଏଥିପ୍ରତି ଅନେକେ ସଚେତନ ନୁହନ୍ତି। ଅତ୍ୟନ୍ତ ପରିତାପର ବିଷୟ ଯେ, ସାରା ପୃଥିବୀରେ ସେଲ୍ଫିଜନିତ ମୃତ୍ୟୁ ସଂଖ୍ୟାରେ ଆମ ଦେଶ ସର୍ବାଧିକ ସ୍ଥାନରେ ରହିଛି। ଆଉ ଏଥିପାଇଁ ଆମ ଦେଶକୁ 'ୱାର୍ଲ୍ଡ କ୍ୟାପିଟାଲ୍ ଅଫ ସେଲ୍ଫି ଡେଥ୍' ବୋଲି କୁହାଯାଉଛି। ଚଳିତବର୍ଷ ଆରମ୍ଭରୁ ଅନେକ ସେଲ୍ଫି ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି ; ଯାହା ମଧ୍ୟରୁ ନିକଟରେ ପିକ୍‌ନିକ୍ କରିବାକୁ ଯାଇଥିବା ଜଣେ ୨୭ ବର୍ଷୀୟା ଯୁବତୀ ସୁନ୍ଦରଗଡ଼ ଇବ୍ ନଦୀରେ ପଥର ଉପରେ ଠିଆ ହୋଇ ସେଲ୍ଫି ନେବା ସମୟରେ ଗୋଡ଼ ଖସିଯିବା କାରଣରୁ ମୃତ୍ୟୁବରଣ କରିଥିବା ଭଳି ଦୁଃଖଦ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ତଥାପି ଏନେଇ ଯୁବପିଢି ସଚେତନ ହେଉ ନ ଥିବା ସେମାନଙ୍କର ସୋସିଆଲ୍ ସାଇଟ୍‌ରେ ପୋଷ୍ଟ ହେଉଥିବା ବିଭିନ୍ନ ସେଲ୍‌ଫି ଫଟୋରୁ ସ୍ପଷ୍ଟ ଜଣାପଡୁଛି। ତେଣୁ ସେଲ୍ଫି ନେବା ବେଳେ ଆତ୍ମସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ, ଜାଣି ରଖନ୍ତୁ ସେ ସମ୍ପର୍କରେ...

- ଝରଣା ପାଣିରେ ଗାଧୋଇବା, ସମୁଦ୍ରରେ ଲହଡି ଭାଙ୍ଗିବା, ପାହାଡ ଚଢିବା, ନଈରେ ପହରିବା, ଉଚ୍ଚ ବିଲ୍ଡିଂ କିମ୍ବା ଟାୱାର ଉପରେ ହାତଛାଡ଼ି ଠିଆ ହେବା ଭଳି ବିଭିନ୍ନ ଦୁଃସାହସିକ କାର୍ଯ୍ୟର ସେଲ୍ଫି ନେଇ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବା ଏବଂ ସମସ୍ତଙ୍କଠାରୁ କମେଣ୍ଟ ଏବଂ ଲାଇକ୍ ପାଇବାରେ ଅନେକଙ୍କୁ ମଜା ଆସିଥାଏ। ହେଲେ ଏପରି କରିବା ସମୟରେ ସୁରକ୍ଷା ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ। ସେଲ୍ଫି ନିଶାରେ ପାଣିକୁ ନ ଯିବା, ଅସୁରକ୍ଷିତ ସ୍ଥାନରେ ଠିଆ ନ ହେବା ଆଦି ବିଭିନ୍ନ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ।
- ଟ୍ରେନ୍ ଲାଇନ୍‌ରେ ଠିଆ ହୋଇ କିମ୍ବା ଚଳନ୍ତା ଟ୍ରେନ୍ ଭିତରେ ଥାଇ ବାହାରକୁ ଚାହିଁ ସେଲ୍ଫି ନେବା କେତେ ବିପଦପୂର୍ଣ୍ଣ ତାହା କହିବା ବାହୁଲ୍ୟମାତ୍ର। ତଥାପି ଏଭଳି ଦୁଃସାହସିକ କାର୍ଯ୍ୟ କରି ଅନେକଙ୍କର ପ୍ରାଣହାନି ହେଉଥିବାର ଦେଖିବାକୁ ମିଳୁଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଭଳି ପରିସ୍ଥିତିରେ ସେଲ୍‌ଫି ନେବାଠୁ ନିଜକୁ ନିବୃତ୍ତ ରଖନ୍ତୁ।
- ବର୍ତ୍ତମାନ ୱାଇଲ୍ଡ ଲାଇଫ୍ ସେଲ୍ଫି ପ୍ରତି ଅନେକଙ୍କର କ୍ରେଜ୍ ବଢୁଥିବା ଦେଖିବାକୁ ମିଳୁଛି। ହେଲେ ଜଙ୍ଗଲ ଭିତରକୁ ଯିବା ଏବଂ ଦୂରରୁ ହିଂସ୍ର ପଶୁପକ୍ଷୀଙ୍କ ସହ ସେଲ୍ଫି ନେବା ଦ୍ୱାରା ଜୀବନ ପ୍ରତି ବିପଦର ଆଶଙ୍କା ରହିଛି। କାରଣ ଜଙ୍ଗଲରେ ମୁକ୍ତ ଭାବେ ଘୂରି ବୁଲୁଥିବା ଏଭଳି ଜୀବଜନ୍ତୁଙ୍କର ଫଟୋ ଉଠାଇବା ଦ୍ୱାରା ସେମାନେ ଡିଷ୍ଟର୍ବ ହେବା ସହ ଆକ୍ରମଣ ମଧ କରିପାରନ୍ତି।
- କେବଳ ଏତିକି ନୁହେଁ ସେଲ୍ଫି ଯୋଗୁ କେତେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ ଦେଖିବାକୁ ମିଳୁଛି। ଯୁବପିଢି ସୁନ୍ଦର ଦେଖାଯିବା ଲାଗି ବିଭିନ୍ନ ପୋଜ୍‌ରେ ସେଲ୍ଫି ନେଇଥାନ୍ତି। ହେଲେ ଇଚ୍ଛାମୁତାବକ ଲୁକ୍ ନ ମିଳିବା ଅନେକଙ୍କଠାରେ ମାନସିକ ପ୍ରଭାବ ପକାଇଥାଏ, ଯାହାକୁ ସେଲ୍ଫି ଡାଇସ୍ମୋର୍ଫିଆ ବୋଲି କୁହାଯାଇଥାଏ ; ଯାହାକି ବଡି ଡାଇସ୍ମୋର୍ଫିକ୍ ଡିସ୍‌ଅର୍ଡର ନାମକ ଏକ ପ୍ରକାରର ମାନସିକ ରୋଗ। ଲଣ୍ଡନରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଏହି ମାନସିକ ସମସ୍ୟାର ଶିକାର ବର୍ତ୍ତମାନ ଯୁବପିଢି ଅଧିକ ହେଉଛନ୍ତି। ଫଟୋରେ ନିଜର ଆଖି, ନାକ, ଓଠ, କେଶ, ହସ ଆଦି ପରଫେକ୍ଟ ନ ହେବା ଯାଏ ସେମାନେ ବାରମ୍ବାର ସେଲ୍ଫି ନେଇଥାନ୍ତି। ଏହାଦ୍ୱାରା ଅଯଥାରେ ସମୟ ବି ନଷ୍ଟ ହୋଇଥାଏ। ଆଉ ଫଟୋ ଭଲ ନ ହେଲେ ମନରେ ରାଗ ତଥା ବିରକ୍ତି ଭାବ ଆସିଥାଏ। ଏମିତି କି କେତେକ ଯୁବତୀଯୁବକ ବାସ୍ତବରେ ବିଭିନ୍ନ ଫଟୋ ଫିଲ୍ଟର ବ୍ୟବହାର କରି ନେଉଥିବା ସେଲ୍ଫି ଭଳି ଦେଖାଯିବା ଲାଗି କସ୍‌ମେଟିକ୍ ସର୍ଜରି କରିବାକୁ ବି ପଛାଉ ନାହାନ୍ତି।
- ବିଶେଷଜ୍ଞଙ୍କ କହିବା ମୁତାବକ ବାରମ୍ବାର ସେଲ୍ଫି ନେବା ଦ୍ୱାରା ସେଥିରୁ ଆସୁଥିବା ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ରେଡିଏଶନ୍ ତ୍ୱଚାରେ ଥିବା ଡିଏନ୍‌ଏ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହି ରେଡିଏଶନ୍ ଯୋଗୁ ତ୍ୱଚାର ପୁନର୍ଗଠନ କ୍ଷମତା ହ୍ରାସ ପାଇଥାଏ। ଫଳରେ ଅଳ୍ପ ବୟସରୁ ତ୍ୱଚାରେ ରିଙ୍କଲ୍ ମାର୍କ ବା ଏଜ୍‌ଲାଇନ୍ ଦେଖାଯାଇଥାଏ।

– ପୌର୍ଣ୍ଣମାସୀ

## କ'ଣ କୁହନ୍ତି ଏମାନେ...

### ବିଜ୍ଞାନର ଅପବ୍ୟବହାର ଅନୁଚିତ୍



**ସ୍ୱସ୍ତିକ୍ ଷଡ଼ଙ୍ଗୀ**(ଇଞ୍ଜିନିୟର, ୱିପ୍ରୋ, ବାଙ୍ଗାଲୋର)– ପ୍ରତିଟି ବୈଜ୍ଞାନିକ ଉଦ୍ଭାବନ ମଣିଷର ସୁବିଧା ପାଇଁ ହୋଇଛି। ଠିକ୍ ଯେମିତି ଭଲ ଭଲ ଫିଚର୍ସ ଥିବା ମୋବାଇଲ୍ ଫୋନ୍ ଆମ ପାଇଁ ବିଜ୍ଞାନର ଏକ ବରଦାନ। ଏଥିପାଇଁ ଆମେ ବେଶ୍ ଉପକୃତ ହେଉଛେ। ଉଦାହରଣ ସ୍ୱରୂପ ମୋବାଇଲ୍‌ରେ ଫ୍ରଣ୍ଟ କ୍ୟାମେରାକୁ ନେଇପାରିବା, ଏହାଯୋଗୁ ଆମକୁ ନିଜ ଫଟୋ ଉଠାଇବା ଲାଗି ଆଉ ଅନ୍ୟ ଉପରେ ନିର୍ଭର କରିବାକୁ ପଡୁନାହିଁ। ହେଲେ କଥାରେ ଅଛି ଅତି ଲେମ୍ବୁ ଚିପୁଡ଼ିଲେ ପିତା। ଅର୍ଥାତ୍ ବର୍ତ୍ତମାନ ଅନେକେ ସେଲ୍ଫି ଉଠାଇବା ଆଳରେ ନିଜ ଜୀବନକୁ ବି ବିପଦରେ ପକାଇବାକୁ ପଛାଉ ନାହାନ୍ତି। ତେଣୁ ମୋ ମତରେ, ଖୁସି ପାଇଁ ସେଲ୍ଫି ନେବା ଠିକ୍, ହେଲେ ଏହା ଆଳରେ ବିଜ୍ଞାନର ଅପବ୍ୟବହାର କରିବା ଏବଂ ନିଜ ସୁରକ୍ଷାକୁ ଅଣଦେଖା କରିବା ଅନୁଚିତ।

### ସୁରକ୍ଷା ପ୍ରତି ସଜାଗ ହେବା ଗୁରୁତ୍ୱପୂର୍ଣ୍ଣ



**ବିସ୍ମିତା ନନ୍ଦ**( ଯୁକ୍ତ ୩, ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ, କଟକ)– ସେଲ୍ଫି ନେବାକୁ ନିଶ୍ଚିତ ଭାବେ ଭଲ ଲାଗେ। ଭଲ ସେଲ୍ଫି ଦେଖି ସାଙ୍ଗସାଥୀଙ୍କ ପ୍ରଶଂସା ମିଳିଲେ ଖୁସି ଦ୍ୱିଗୁଣିତ ହୋଇଯାଏ। ହେଲେ ଏହାର ଅର୍ଥ ନୁହେଁ, ସେଲ୍ଫି ନିଶାରେ ନିଜ ଜୀବନକୁ ବିପଦମୁଖକୁ ଠେଲି ଦେବା। ବର୍ତ୍ତମାନ ସେଲ୍ଫି ଯୋଗୁ ବିଭିନ୍ନ ଅଘଟଣ ଘଟୁଥିବା ଦେଖିବାକୁ ମିଳୁଛି। ତେଣୁ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହୁଏ, ସେଥିପାଇଁ ସେଲ୍ଫି ନେବା ବେଳେ ଆତ୍ମସୁରକ୍ଷା ପ୍ରତି ସଜାଗ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଁ ଭାବେ।

## ଯୁଥ୍ ଆଲର୍ଟ

# ହ୍ୟାଣ୍ଡ ସାନିଟାଇଜ୍ କରୁଥିଲେ

ବର୍ତ୍ତମାନ କରୋନା ସଂକ୍ରମଣ ଭୟରେ ସମସ୍ତେ ହ୍ୟାଣ୍ଡ ୱାଶ୍ କରିବା କିମ୍ବା ସାନିଟାଇଜ୍ କରିବା ପ୍ରତି ବିଶେଷ ସଜାଗ ରହୁଛନ୍ତି। ହେଲେ ବାରମ୍ବାର ଏସବୁ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଅନେକଙ୍କଠାରେ ସ୍କିନ୍ ଡ୍ରାଏ ହେବା ଭଳି ସମସ୍ୟା ଦେଖିବାକୁ ମିଳୁଛି। ଏମିତିରେ ହାତ ସଫା କରିବା ସହ କିପରି ଡ୍ରାଏନେସ୍ ଦୂର କରିହେବ ଜାଣି ରଖନ୍ତୁ ଟିପ୍ସ...



➔ବାରମ୍ବାର ସାନିଟାଇଜର ଲଗାଇବା କିମ୍ବା ହ୍ୟାଣ୍ଡ ୱାଶ୍ କରିବା ଦ୍ୱାରା ହାତର ଚର୍ମ ଖୁବ୍ ଡ୍ରାଏ ହୋଇଯିବା ସହ ଚର୍ମରେ କୁଞ୍ଚନ ଦେଖାଯାଇଥାଏ। ଏପରି ନ ହେବା ଲାଗି ମଶ୍ଚରାଇଜରଯୁକ୍ତ ସାବୁନ ବା ହାଣ୍ଡ ୱାଶ୍ ବ୍ୟବହାର କରନ୍ତୁ। ହାତ ଧୋଇବା ପରେ ଏହାକୁ ମଶ୍ଚରାଇଜ କରିବାକୁ ଭୁଲନ୍ତୁ ନାହିଁ। ଏଥିପାଇଁ ଆପଣ ଭେସ୍‌ଲିନ, ମଶ୍ଚରାଇଜର୍ ଆଦି ବ୍ୟବହାର କରିପାରିବେ।

➔ଅନେକେ ଭୂତାଣୁ ସଂକ୍ରମଣ ଭୟରେ ହାତକୁ ଗରମ ପାଣିରେ ଧୋଉଥିବା ଦେଖିବାକୁ ମିଳୁଛି। ହେଲେ ଏହା ମଧ ସ୍କିନ୍ ଡ୍ରାଏ ହେବାର ମୁଖ୍ୟ କାରଣ। ତେଣୁ ଗରମ ପାଣି ବଦଳରେ ନଖ ଉଷୁମ ପାଣି ବ୍ୟବହାର କରନ୍ତୁ।

➔ଡ୍ରାଏନେସ୍ ଦୂର କରି ହାତକୁ ନରମ ଏବଂ ମୁଲାୟମ ରଖିବା ଲାଗି ନଡ଼ିଆ ତେଲ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ହାତ ଧୋଇବା ପରେ ଅଳ୍ପ ନଡ଼ିଆ ତେଲ ନେଇ ଦୁଇ ପାପୁଲିରେ ଭଲ ଭାବେ ଘଷନ୍ତୁ। ଏହା ଆପଣଙ୍କ ହାତକୁ ପ୍ରାକୃତିକ



ଉପାୟରେ ମଶ୍ଚରାଇଜ୍ କରି ରଖିବ।

➔ହାତ ବାରମ୍ବାର ନ ଧୋଇବା ଲାଗି ଆପଣ ଗ୍ଲୋଭ୍ସ ବ୍ୟବହାର କରିପାରିବେ।

➔ଯଦି ହାତ ଡ୍ରାଏ ହୋଇ ପ୍ୟାଚେସ୍ ଦେଖାଯାଉଛି ଏବଂ ଏସବୁ ବ୍ୟବହାର ଦ୍ୱାରା ମଧ କୌଣସି ଲାଭ ହେଉ ନାହିଁ ତେବେ ଅବହେଳା ନ କରି ତୁରନ୍ତ କୌଣସି ସ୍କିନ୍ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

## ଏ ସପ୍ତାହର ପ୍ରଶ୍ନ

୧– ସେଣ୍ଟ୍ରାଲ୍ ସଏଲ୍ ଆଣ୍ଡ ମ୍ୟାଟେରିଆଲ୍ସ ରିସର୍ଚ୍ଚ ସେଣ୍ଟର...... ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକାରୀ ହେଉଛି ?
୨– ଭାରତରେ ଜାତୀୟ ସଡ଼କ ସୁରକ୍ଷା ମାସ ପ୍ରଥମ ଥର ଲାଗି ....... ମସିହାରେ ଆରମ୍ଭ କରାଯାଇଛି ?
୩– ଭାରତର ପ୍ରଥମ ଶ୍ରମିକ ଆନ୍ଦୋଳନ ସଂଗ୍ରହାଳୟ ........... ରାଜ୍ୟରେ ପ୍ରତିଷ୍ଠା କରାଯିବ ?
୪– 'ଦି ମେକିଂ ଅଫ୍ ଆଧାର: ୱାର୍ଲ୍ଡସ୍ ଲାର୍ଜେଷ୍ଟ ଆଇଡେଣ୍ଟିଟି ପ୍ଲାଟ୍‌ଫର୍ମ' ପୁସ୍ତକର ଲେଖକ ......... ?
୫– 'ଜିରୋ ଡିସ୍କ୍ରିମିନେଶନ୍ ଡେ' ............ ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ୨୦୧୯
୨ ସୁରେଶ ଚନ୍ଦ୍ର ଶର୍ମା
୩ ମହାକାଶଚାରୀ
୪ କେ. ରାମକ୍ରୀଷ୍ଣ ରାଓ
୫ ନ୍ୟାଶନାଲ୍ ସ୍କିଲ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍

## ଉତ୍ତରଦାତା



ରିତୁରୌମ୍ୟା ସାମଲ,
ବମିଖାଲ, ଭୁବନେଶ୍ୱର



ଶୈଳେନ୍ଦ୍ର ନାରାୟଣ
ଜଗତ୍‌ସିଂହପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଯୁବ ପ୍ରତିଭା

# ଟେରାକୋଟାକୁ ଲୋକପ୍ରିୟ କରାଇବା ଲକ୍ଷ୍ୟ



ଅନିରୁଦ୍ଧ ଦାସ

ବିଭିନ୍ନ ଚିତ୍ରକଳା ଏବଂ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ସ୍ଥାପତ୍ୟ ତାଙ୍କୁ ବେଶ୍ ଆକୃଷ୍ଟ କରେ ପିଲାଦିନୁ। ଯେଉଁଥିପାଇଁ ସେ ରଙ୍ଗିନ ପେନ୍‌ସିଲ୍‌ରେ କାନ୍ଥରେ ଆଙ୍କି ଦିଅନ୍ତି ସୁନ୍ଦର ସୁନ୍ଦର ଚିତ୍ର ଏବଂ ମାଟି ପଥରରେ ଗଢି ତୋଳନ୍ତି ଛୋଟ ଛୋଟ ମୂର୍ତ୍ତି; ଯାହାକୁ ଦେଖି ପରିବାରଠାରୁ ଆରମ୍ଭ କରି ପାଖ ପଡ଼ୋଶୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ମିଳେ ପ୍ରଶଂସା ଏବଂ ତାହା ହିଁ ତାଙ୍କୁ ଯୋଗାଏ ଆଗକୁ ବଢିବାର ପ୍ରେରଣା। ଆଉ ନିଜର କଳା ସାଧନାକୁ ନେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସେ ସଫଳ ହୁଅନ୍ତି। ସେ ହେଉଛନ୍ତି ମୟୂରଭଞ୍ଜ ଜିଲା ପହଣ୍ଡା ଶାସନ ଗ୍ରାମର ମା' ସୁବର୍ଣ୍ଣ ଏବଂ ବାପା ଲକ୍ଷ୍ମୀଧର ଦାସଙ୍କ ପୁଅ ଅନିରୁଦ୍ଧ। ତାଙ୍କ ହାତ ସ୍ପର୍ଶରେ ଜୀବନ୍ତ ହୋଇ ଉଠେ ବିଭିନ୍ନ ଚିତ୍ରକଳା ଆଉ ମୂର୍ତ୍ତି। କାନ୍‌ଭାସ୍ ପେଣ୍ଟିଂଠାରୁ ଆରମ୍ଭ କରି ଟେରାକୋଟା, ବ୍ରୋଞ୍ଜ କାଷ୍ଟିଂରେ ମଧ ସେ ମାହିର। ହେଲେ ବିଶେଷ କରି ବିଭିନ୍ନ ସ୍ଥାପତ୍ୟରେ ରୁଚି ଥିବାରୁ ସେ ଭୁବନେଶ୍ୱର ସ୍ଥିତ ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ନାମଲେଖାଇ ଏଥିରେ କୋର୍ସ କରିଥିଲେ। ପଢ଼ା ସରିବା ପରେ ସେ ଦିଲ୍ଲୀରେ ରହି କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ସୁଦ୍ଧା ସେ ମହୀଶୂର ଆର୍ଟ କଲେଜ, କର୍ନାଟକ, ରାଜସ୍ଥାନ, ମନାଲୀରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା, କୋଣାର୍କ ଫେଷ୍ଟିଭାଲ, ଇଣ୍ଟରନ୍ୟାଶନାଲ ସ୍ୟାଣ୍ଡ ଆର୍ଟ ଫେଷ୍ଟିଭାଲ ଆଦିରେ ନିଜ ହସ୍ତକଳା ପ୍ରଦର୍ଶନର ସୁଯୋଗ ପାଇଛନ୍ତି ଏବଂ ସାଉଁଟିଛନ୍ତି ଅନେକ ପ୍ରଶଂସା ଓ ପୁରସ୍କାର। ତେବେ ଲଳୀତକଳା ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ ଆୟୋଜିତ ୬୧ତମ ନ୍ୟାଶନାଲ ଆର୍ଟ ଏକ୍‌ଜିବିଶନରେ ତାଙ୍କ ସ୍ଥାପତ୍ୟ ସ୍ଥାନ ପାଇବା ତାଙ୍କୁ ବେଶ୍ ଖୁସି ଦେଇଥିଲା ବୋଲି ସେ କହନ୍ତି। ଏହା ବ୍ୟତୀତ ଫଟୋଗ୍ରାଫିରେ ମଧ ସେ ରୁଚି ରଖନ୍ତି। କରୋନା ଲାଗି ଦିଲ୍ଲୀରୁ ନିଜ ଗ୍ରାମକୁ ଫେରି ଆସିବା ପରେ ବର୍ତ୍ତମାନ ସେ, ଥ୍ରୀଡି ୱାଲ୍‌ପେଣ୍ଟିଂକୁ ନେଇ ଏକ ନୂତନ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଧୀରେ ଧୀରେ ଅଲୋଡ଼ା ହୋଇଯାଉଥିବା ନିଜ ଅଞ୍ଚଳର ପ୍ରସିଦ୍ଧ କଳା ଟେରାକୋଟାକୁ ନୂଆ ରୂପ ଦେଇ ଅଧିକରୁ ଅଧିକ ଲୋକପ୍ରିୟ କରାଇବା ତାଙ୍କର ଲକ୍ଷ୍ୟ ବୋଲି ପ୍ରକାଶ କରନ୍ତି ଅନିରୁଦ୍ଧ।



## ଟପ୍ ୧୦

### ସର୍ବାଧିକ ସୁନା ସଂରକ୍ଷିତ ଥିବା ଦେଶ
(ୱାର୍ଲ୍ଡ ଗୋଲ୍ଡ କାଉନ୍ସିଲ୍ ରିପୋର୍ଟ ଅନୁଯାୟୀ)

| | | |
|---|---|---|
| ୧– | ଆମେରିକା | ୮,୧୩୩.୫ ଟନ୍ |
| ୨– | ଜର୍ମାନୀ | ୩୩୬୩.୬ ଟନ୍ |
| ୩– | ଇଟାଲି | ୨୪୫୧.୮ ଟନ୍ |
| ୪– | ଫ୍ରାନ୍ସ | ୨୪୩୬ ଟନ୍ |
| ୫– | ରୁଷିଆ | ୨୨୯୯.୯ ଟନ୍ |
| ୬– | ଚାଇନା | ୧୯୪୮.୩ ଟନ୍ |
| ୭– | ସୁଇଜରଲାଣ୍ଡ | ୧୦୪୦ ଟନ୍ |
| ୮– | ଜାପାନ | ୭୬୫.୨ ଟନ୍ |
| ୯– | ଭାରତ | ୬୫୭.୭ ଟନ୍ |
| ୧୦– | ନେଦରଲାଣ୍ଡ | ୬୧୨.୫ ଟନ୍ |

## ସଂକ୍ଷେପରେ

### ପିଏନ୍‌ବିର ୬ ଶାଖା ଉତ୍ସର୍ଗୀକୃତ

ଭୁବନେଶ୍ୱର,୨୩।୧: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ପକ୍ଷରୁ ଚଳିତ ବର୍ଷର ସେନା ଦିବସ ପୂର୍ବରୁ ବୀର ଯବାନଙ୍କ ସ୍ମୃତିରେ ପାଳନ କରାଯାଉଥିବା ଆର୍ମଡ ଫୋର୍ସସ ଭେଟେରାନ ଡେ’ ଅବସରରେ ବ୍ୟାଙ୍କ ଏହାର ୬ଟି ଶାଖାକୁ ୬ ଜଣ ବୀର ଯବାନଙ୍କ ନାମରେ ନାମିତ କରିବା ସହ ସମସ୍ତ ଓ୍ୱାର ହିରୋଙ୍କ ଉଦ୍ଦେଶ୍ୟରେ ଏହାକୁ ଉତ୍ସର୍ଗୀକୃତ କରାଯାଇଛି। ଦିଲ୍ଲୀ କ୍ୟାଣ୍ଟର ଡିଗିହଟ ଶାଖାର ନବୀକରଣ କରାଯାଇ ତାହାକୁ କ୍ୟାପ୍‌ଟେନ ଅନୁଜ ନାୟାରଙ୍କ ସ୍ମୃତିରେ ଉତ୍ସର୍ଗ କରାଯାଇଛି। ସେହିଭଳି ଜୟପୁର ଝୋଟଓ୍ୱାରା ଶାଖାକୁ ସିଓ ହାବିଲଦାର ମେଜର ପିଗୁ ସିଂ ଶେଖାଓ୍ୱାତ, ଆଗ୍ରା ଶାଖାକୁ ବ୍ରିଗେଡିୟର ମହମ୍ମଦ ଉସ୍‌ମାନ, ଲକ୍ଷ୍ନୌ ସଦର ବଜାର ଶାଖାକୁ କ୍ୟାପ୍‌ଟେନ ମନୋଜ କୁମାର ପାଣ୍ଡେ, ଜମ୍ମୁ କ୍ୟାଣ୍ଟକୁ ନାଏବ ସୁବୋଦାର ବନ ସିଂ ଏବଂ ଜଳନ୍ଧର କ୍ୟାଣ୍ଟକୁ ଫ୍ଲାଇଂ ଅଫିସର ନିର୍ମଳଜିତ ସିଂ ଶେଖୋନଙ୍କ ନାମରେ ନାମିତ କରାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ପିଏନ୍‌ବିର ଦିଲ୍ଲୀ ଶାଖାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

### ଆଗାମୀ ବଜେଟରେ ଶୁଳ୍କ ବୃଦ୍ଧି ପାଇପାରେ

ନୂଆଦିଲ୍ଲୀ,୨୩।୧: ଆସନ୍ତା ଫେବ୍ରୁଆରି ୧ରୁ ଆରମ୍ଭ ହେବାକୁ ଥିବା ସାଧାରଣ ବଜେଟ ଅଧିବେଶନରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ଲୋକସଭାରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ ଆଗତ କରିବେ। ବର୍ତ୍ତମାନ ଦେଶ ଏକ କଷ୍ଟକର ସମୟ ଦେଇ ଗତି କରୁଥିବାରୁ ଏହି ବଜେଟର ଗୁରୁତ୍ୱ ବହୁଳ ଭାବରେ ବଢ଼ିଯାଇଛି। ଦେଶର ଅର୍ଥନୀତିକୁ ପୁଣି ଥରେ ଫେରାଇ ଆଣିବା ସହ ଅର୍ଥନୀତିର ଅଭିବୃଦ୍ଧି ପାଇଁ ଅର୍ଥମନ୍ତ୍ରୀ କେଉଁ ସବୁ ପଦକ୍ଷେପ ନେଉଛନ୍ତି ତାହା ଉପରେ ଦେଶବାସୀଙ୍କ ନଜର ରହିଛି । ଏକ ରିପୋର୍ଟ ଅନୁସାରେ ଅର୍ଥମନ୍ତ୍ରୀ ପ୍ରାୟ ୫୦ ରୁ ଅଧିକ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ୫ ରୁ୧୦% ପର୍ଯ୍ୟନ୍ତ ବୃଦ୍ଧି କରିପାରନ୍ତି।

# ବନ୍ଦ ହୋଇପାରେ ପୁରୁଣା ନୋଟ୍

ନୂଆଦିଲ୍ଲୀ,୨୩।୧



ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏକ ବଡ଼ ନିଷ୍ପତ୍ତି ନେବାକୁ ଯାଉଛି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଥିବା ବେଳେ ଏ ସମ୍ପର୍କରେ ମଧ୍ୟ ଆର୍‌ବିଆଇର ଜଣେ ବରିଷ୍ଠ ପଦାଧିକାରୀ ସୂଚନା ଦେଇଛନ୍ତି। ଦେଶରୁ ଖୁବ୍ ଶୀଘ୍ର ପୁରୁଣା ୫ ଟଙ୍କିଆ, ୧୦ ଟଙ୍କିଆ ଓ ୧୦୦ଟଙ୍କିଆ ନୋଟ୍‌କୁ ବଜାରରୁ ପ୍ରତ୍ୟାହାର କରିବାକୁ ଆର୍‌ବିଆଇ ଯୋଜନା କରୁଥିବା ଜଣାପଡ଼ିଛି। ସେହିଭଳି ଚଳିତବର୍ଷ ମାର୍ଚ୍ଚ ଓ ଏପ୍ରିଲ ସୁଦ୍ଧା ଏହିସବୁ ପୁରୁଣା ନୋଟ୍ ଗୁଡ଼ିକ ପୂରାପୂରି ଅଚଳ ହୋଇଯିବ ବୋଲି ବୋର୍ଡ ପକ୍ଷରୁ ପ୍ରସ୍ତାବ ରହିଛି। ଦେଶର ଶୀର୍ଷ ବ୍ୟାଙ୍କ୍ ଏହିସବୁ ପୁରୁଣା ନୋଟ୍‌ଗୁଡିକୁ ସ୍ଥାୟୀ ଭାବେ ପ୍ରତ୍ୟାହାର କରିବା ପାଇଁ ଯୋଜନା କରୁଛି।

ବିଭିନ୍ନ ଗଣମାଧ୍ୟମ ସଂସ୍ଥାରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁସାରେ ରିଜର୍ଭ ବ୍ୟାଙ୍କର ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (ଏଜିଏମ୍) ବି.ମହେଶ ଜିଲାସ୍ତରୀୟ ସୁରକ୍ଷା କମିଟି ଏବଂ ଜିଲାସ୍ତରୀୟ ମୁଦ୍ରା ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏ ସମ୍ପର୍କରେ ମତ ଦେଇଥିବା ଜଣାପଡିଛି। ଚଳିତ ବର୍ଷ ମାର୍ଚ୍ଚ ଓ ଏପ୍ରିଲ ଶେଷ ସୁଦ୍ଧା ପୁରୁଣା ୫ଟଙ୍କିଆ, ୧୦ ଟଙ୍କିଆ ଓ ୧୦୦ ଟଙ୍କିଆ ନୋଟ୍ ସବୁ ବଜାରରୁ ପ୍ରତ୍ୟାହାର କରିବାକୁ ଆର୍‌ବିଆଇ ପକ୍ଷରୁ ଯୋଜନା କରାଯାଉଥିବା ବିଷୟରେ ସେ ମତ ପ୍ରକାଶ କରିଛନ୍ତି। ବିମୁଦ୍ରୀକରଣ ସମୟରେ ଟଙ୍କାର ଅଭାବ ଦୂର କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୧୯ରେ ନୂଆ ୫, ୧୦ ଓ ୧୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଆରମ୍ଭ କରିଥିଲା। ଏହାର କୌଣସି ପ୍ରକାର ଅସୁବିଧା ନ ଆସୁ ବୋଲି ଚିନ୍ତାକରି ରିଜର୍ଭ ବ୍ୟାଙ୍କ ପୁରୁଣା ନୋଟ୍‌ଗୁଡିକୁ ସ୍ଥାୟୀ ଭାବେ ପ୍ରତ୍ୟାହାର କରିବା ନିଷ୍ପତ୍ତି ନେବା ପୂର୍ବରୁ ପ୍ରଥମେ ନୂଆ ନୋଟ୍‌ର ପ୍ରଚଳନକରି ବଜାର ଆବଶ୍ୟକତା ପୂରଣ କରିଥିଲା ବୋଲି ସୂଚନା ମିଳିଛି। ୨୦୧୬ ନଭେମ୍ବର ୮ ତାରିଖ ରାତି ୮ ଘଟିକା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ପାଇଁ ପୁରୁଣା ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ର ପ୍ରଚଳନକୁ ଅଚଳକରି ବିମୁଦ୍ରୀକରଣ ସମ୍ପର୍କରେ ଘୋଷଣା କରିଥିଲେ। ସେହିଭଳି ନୋଟ୍ ବନ୍ଦୀ ପରଠାରୁ ଦେଶରେ ଏ ପର୍ଯ୍ୟନ୍ତ ଆର୍‌ବିଆଇ ଭିନ୍ନ ଭିନ୍ନ ମୂଲ୍ୟର ୭ଟି ନୋଟ୍ ଜାରି କରି ସାରିଛି। ଫଳରେ ୨୦୦୦, ୫୦୦, ୨୦୦, ୧୦୦, ୫୦, ୨୦ ଓ ୧୦ ଟଙ୍କିଆ ନୋଟ୍ ସାମିଲ ହୋଇଛି। ଏହିସବୁ ମହାତ୍ମା ଗାନ୍ଧୀଙ୍କ ସିରିଜ ନୋଟ୍ ପଛରେ ଐତିହାସିକ ସ୍ଥାନର ଫଟୋକୁ ସ୍ଥାନ ଦିଆଯାଇଛି।

## ହୋଣ୍ଡା ୨ହ୍ୱିଲର୍ସର ସଡ଼କ ସୁରକ୍ଷା ମାସ

SAFETY-INDIA HONDA

ଭୁବନେଶ୍ୱର,୨୩।୧

ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ୩୨ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ଧାର୍ଯ୍ୟ ବିଷୟବସ୍ତୁ ‘ସଡ଼କ ସୁରକ୍ଷା ଜୀବନ ରକ୍ଷା’ ଉପରେ ଏହା ପର୍ଯ୍ୟବସିତ। ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ହୋଣ୍ଡା ସଡ଼କ ସୁରକ୍ଷା ଇ-ଗୁରୁକୁଳ ଓ ଅଫ୍‌ଲାଇନରେ ସାରା ଦେଶରେ ନାଗରିକମାନଙ୍କୁ ସଚେତନ କରାଯିବା ନେଇ ଯୋଜନା ରଖାଯାଇଛି। ଭୁବନେଶ୍ୱରରେ ହୋଣ୍ଡା ପକ୍ଷରୁ ୧.୭୩ ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ଓ ବୟସ୍କ ଲୋକଙ୍କୁ ସଚେତନ କରାଯାଇଥିବା ବେଳେ ଚନ୍ଦ୍ରଶେଖରପୁରଠାରେ ଥିବା ଚିଲ୍‌ଡ୍ରେନ୍ସ ଟ୍ରାଫିକ୍ ଟ୍ରେନିଂ ପାର୍କରେ ନିୟମିତ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସେହିଭଳି କଟକର ସିଡିଏ ଛକଠାରେ ଥିବା ଚିଲ୍‌ଡ୍ରେନ୍ସ ଟ୍ରାଫିକ୍ ଟ୍ରେନିଂ ପାର୍କ ଜରିଆରେ ହୋଣ୍ଡା ପକ୍ଷରୁ କଟକର ୯୪,୦୦୦ରୁ ଅଧିକ ଶିଶୁ ଓ ପ୍ରାପ୍ତବୟସ୍କଙ୍କୁ ସଚେତନ କରାଯାଇଛି। କୋଭିଡ୍-୧୯ର ନୂଆ ସ୍ୱାଭାବିକତା ଭିତରେ କମ୍ପାନୀ ପକ୍ଷରୁ ୨୦୨୦ ମେ’ ପରଠାରୁ କଟକର ୯୮୦୦ରୁ ଅଧିକ ପିଲାଙ୍କୁ ସଡ଼କ ସୁରକ୍ଷା ବିଷୟରେ ଡିଜିଟାଲ ମାଧ୍ୟମରେ ସଚେତନ କରାଯାଇଛି। ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ବରିଷ୍ଠ ଉପସଭାପତି (ବ୍ରାଣ୍ଡ ଓ ଯୋଗାଯୋଗ) ପ୍ରଭୁ ନାଗରାଜ କହିଛନ୍ତି, ସଡ଼କରେ ସମସ୍ତଙ୍କ ପାଇଁ ସୁରକ୍ଷା ଲକ୍ଷ୍ୟ ନେଇ ଦୀର୍ଘ ୨୦ ବର୍ଷ ଧରି ହୋଣ୍ଡା ଉତ୍ସାହର ସହ ଏହି କାର୍ଯ୍ୟ କରୁଛି।

## ଗ୍ରାହକଙ୍କୁ ଶୁଭେଚ୍ଛା ଜଣାଇଲା ବିଗ୍ ବଜାର

ଭୁବନେଶ୍ୱର,୨୩।୧

ଗତ ବର୍ଷ କରୋନା ମହାମାରୀ ସଭିଙ୍କ ପାଇଁ ଆହ୍ୱାନ ଭରା ରହିଥିବା ବେଳେ ବିଗ୍‌ବଜାର ପ୍ରତ୍ୟେକଟି ପରିବାର ତଥା ଏହାର ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ପୂରା କରିବା ପାଇଁ ଅନେକ ପ୍ରକାର ପଦକ୍ଷେପ ଗ୍ରହଣ କରିଆସିଛି । ଏହି ଯାତ୍ରାର ପ୍ରତିଟି ପର୍ଯ୍ୟାୟରେ ବିଗ୍‌ବଜାର ନିଜ ଗ୍ରାହକଙ୍କଠାରୁ କ୍ରମାଗତ ସମର୍ଥନ ଏବଂ ପ୍ରୋତ୍ସାହନ ଗ୍ରହଣ କରିଛି । ଏଭଳି କଷ୍ଟ ମୁହୂର୍ତ୍ତରେ ସେମାନଙ୍କର ଏହି ସମର୍ଥନ ପାଇଁ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ବିଗ୍‌ବଜାର ପକ୍ଷରୁ ଆଭାର ଡେ ମାଧ୍ୟମରେ ଏକ ଛୋଟ ପ୍ରୟାସ କରାଯାଇଛି ।

ଦେଶରେ ଥିବା ସମସ୍ତ ବିଗ୍‌ବଜାର ଷ୍ଟୋରରେ ଆଭାର ଡେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଉପଭୋକ୍ତାଙ୍କ ଏହି ଭାବନାକୁ ପାଳନ କରିବା ପାଇଁ ବିଗ୍‌ବଜାର ଆସନ୍ତା ଜାନୁୟାରୀ ୨୬ରୁ ୩୧ପର୍ଯ୍ୟନ୍ତ ଏହାର ‘ସବ୍‌ସେ ଶସ୍ତେ ୬ ଦିନ୍’(ଏସ୍‌ଏସ୍‌୬ଡି) ପାଇଁ ସୁପର ସେଭର ଅଫର ନେଇ ଆସିଛି, ଯେଉଁଠାରେ ସୁଲଭ ମୂଲ୍ୟରେ ପ୍ରତ୍ୟେକ ଗ୍ରାହକ ସେମାନଙ୍କର ସମସ୍ତ ଆବଶ୍ୟକ ସାମଗ୍ରୀ କିଣିପାରିବେ । ଆଉ ପାଦେ ଆଗକୁ ବଢି ବିଗ୍ ବଜାର ଶପିଙ୍ଗ୍‌ରେ ପ୍ରି-ପେ ଉପରେ ଏକ୍ସଟ୍ରା ସେଭିଂ ପ୍ରଦାନ କରୁଛି । ଏହି ପରିପ୍ରେକ୍ଷୀରେ




ନିଜର କୃତଜ୍ଞତା ବ୍ୟକ୍ତକରି ସୁଦୀପ୍ତ ମହାନ୍ତି ଏବଂ ବିଶ୍ୱଜିତ ଦାସ କହିଛନ୍ତି, ଆଭାର ଡେ ହେଉଛି ଆମର ଗ୍ରାହକଙ୍କୁ ସେମାନଙ୍କ ସମର୍ଥନ ପାଇଁ କୃତଜ୍ଞତା ଜଣାଇବାର ଏକ ଛୋଟ ପ୍ରୟାସ । ଦେଶରେ ଥିବା ୩୦୦ରୁ ଅଧିକ ବିଗ୍‌ବାଜର ଷ୍ଟୋରରେ ‘ସବ୍‌ସେ ଶସ୍ତେ ୬ ଦିନ୍’ ଅବଧିରେ ଆଭାର ଡେ ପାଳନ କରାଯିବ । ଆମେ ଆମ ଗ୍ରାହକଙ୍କ ପ୍ରତି କୃତଜ୍ଞ ଯେଉଁମାନେ କି ଆମକୁ ମଜଭୁତ ରଖିଛନ୍ତି ଏବଂ ଆଗକୁ ମଧ୍ୟ ଆମେ ସେମାନଙ୍କୁ ଅଧିକରୁ ଅଧିକ ସେବା ଯୋଗାଇବା ଜାରି ରଖିବୁ ବୋଲି ସେମାନେ ମତ ଦେଇଛନ୍ତି।

## ଇଣ୍ଡିଆନ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର,୨୩।୧

ଇଣ୍ଡିଆନ ବ୍ୟାଙ୍କ ଓ ଆଲ୍ଲାହାବାଦ ବ୍ୟାଙ୍କର ସମ୍ମିଶ୍ରଣ ପରେ ଉଭୟ ବ୍ୟାଙ୍କର କାରବାର ସମ୍ପର୍କିତ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ବିଷୟରେ ଘୋଷଣା କରାଯାଇଛି। ୩୧ ଡିସେମ୍ବର ୨୦୧୯ରୁ ୩୧ ମାର୍ଚ୍ଚ ୨୦୨୦ ମଧ୍ୟରେ କାରବାର ସମ୍ପର୍କରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ପଦ୍ମଜା ଚୁନ୍ଦୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଉଭୟ ବ୍ୟାଙ୍କର ଅଡିଟ୍ ରିପୋର୍ଟ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି ସମୟ ମଧ୍ୟରେ ବ୍ୟାଙ୍କ ପ୍ରାୟ ୫୧୪ କୋଟି ଟଙ୍କାର ନେଟ୍ ପ୍ରଫିଟ୍ ହାସଲ କରିପାରିଛି। ସେହିଭଳି ବ୍ୟାଙ୍କର ବୋର୍ଡ ଅଫ୍ ଡାଇରେକ୍ଟର୍ସର ସ୍ୱୀକୃତି ଅନୁସାରେ ଏହାର ଲାଭ ଓ କ୍ଷତିର ଏକ ବାଲାନ୍ସ ଶିଟ୍ ପ୍ରଦାନ କରାଯାଇଛି। ଏହି ଅନୁସାରେ ବ୍ୟାଙ୍କର ନେଟ୍ ସୁଧ ଜନିତ ଆୟ ପ୍ରାୟ ୩୧% ବୃଦ୍ଧି ପାଇଛି। ସେହିପରି ଅଣ ସୁଧ ଜନିତ ଆୟ ୧୭% ହ୍ରାସ ପାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ୮% ମୋଟ ଜମା ବୃଦ୍ଧି ପାଇଥିବା ବେଳେ ଋଣ ଖାତାରେ ମଧ୍ୟ ୭% କାରବାର ବଢ଼ିଛି।

## ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ହୀରା କଲେକ୍ସନ

ଭୁବନେଶ୍ୱର,୨୩।୧

ରିଲାଏନ୍ସ ଜୁଏଲ୍ସ ଭାରତର ଅଗ୍ରଣୀ ଓ ସବୁଠାରୁ ବିଶ୍ୱସନୀୟ ଜୁଏଲେରି ବ୍ରାଣ୍ଡର ନୂତନତା କ୍ଷେତ୍ରରେ ସର୍ବଦା ଆଗରେ ରହିଆସିଛି। ଚଳିତ ନୂତନ ବର୍ଷର ଆରମ୍ଭ ସହିତ ରିଲାଏନ୍ସ ଜୁଏଲ୍ସ ହୀରା ଅଳଙ୍କାରର ଏକ ନୂଆ ଓ ଟ୍ରେଣ୍ଡି ସମ୍ଭାର ନେଇ ଆସିଛି। ସେହିଭଳି ପାରମ୍ପରିକ ଗହଣା ପରିବର୍ତ୍ତେ ଏହି ଗହଣାକୁ ଆପଣାଇବାର ସମୟ ଆସିଯାଇଛି ଯେଉଁଥିରେ ରହିଛି ଷ୍ଟାଇଲିଶ୍ ଇୟରିଂ, ରିଙ୍ଗ୍, ବ୍ରେସ୍‌ଲେଟ୍, ପେଣ୍ଡେଟ ଓ ନେକ୍‌ଲେସ୍ ସମ୍ଭାର ଇତ୍ୟାଦି। ଏହି କଲେକ୍ସନ ଓଡ଼ିଶାର ଭୁବନେଶ୍ୱର, କଟକ, ରାଉରକେଲା, ଅନଗୋଳ ଓ ବ୍ରହ୍ମପୁର ସହର ସମେତ ଦେଶର ସମସ୍ତ ରିଲାଏନ୍ସ ଜୁଏଲ୍ସ ଆଉଟଲେଟରେ ଉପଲବ୍ଧ ହେଉଛି। ଗ୍ରାହକମାନେ ରିଲାଏନ୍ସ ଜୁଏଲ୍ସ ଶୋ’ରୁମ୍‌ରୁ କିଣାକିଣି କରି ସୁନାଗହଣାର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତି ପାଇପାରିବେ। ସେହିପରି ହୀରା ଗହଣା ଉପରେ ମଧ୍ୟ ୩୦% ରିହାତି ଉପଲବ୍ଧ ରହିଛି। ଏହି ରିହାତି ଅଫର ସୀମିତ ସମୟ ପାଇଁ ଉପଲବ୍ଧ ଓ ଏଥିରେ କିଛି ସର୍ତ୍ତ ଓ ବ୍ୟବସ୍ଥାବଳୀ ଲାଗୁ ରହିଛି ବୋଲି ରିଲାଏନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

Reliance Jewels

# ବ୍ରହ୍ମପୁରରେ ନକଲି ସସ୍ କାରଖାନା

- ୨୨୦ ପେଟି ସସ୍ ଜବତ
- ନକଲି କାରବାର ପେଣ୍ଠସ୍ଥଳ ପାଲଟିଛି ବ୍ରହ୍ମପୁର

ବ୍ରହ୍ମପୁର ଅଫିସ,୨୩।୧

ବ୍ରହ୍ମପୁର ସହରତଳି ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ନକଲି କାରଖାନା ଠାବ କରୁଛି ପୋଲିସ। ବଡବଜାର ଥାନା ଫାଷ୍ଟଗେଟ୍ ଗଣପତିନଗରରୁ ଶନିବାର ରାତିରେ ଠାବ ହୋଇଛି ଏକ ନକଲି ସସ୍ କାରଖାନା। ସକାଳେ ବେଆଇନ ଗୁଟ୍‌ଖା କାରଖାନା ପରେ ରାତିରେ ନକଲି ସସ୍ କାରଖାନା ଠାବ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗଣପତିନଗରରେ ଥିବା ଉକ୍ତ ସସ୍ କାରଖାନା ଓ ଗୋଦାମକୁ ସିଲ୍ କରାଯାଇଥିବା ଓ ଜଣେ ମହିଳା ଏହି କାରବାର ଚଳାଉଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଉକ୍ତ କାରଖାନା ଗୋଦାମରୁ ୨୨୦ ପେଟି ଫ୍ୟାମିଲି ବ୍ରାଣ୍ଡର ଟମାଟୋ, ଚିଲି ଓ ସୋୟା ସସ୍ ଜବତ ହୋଇଛି। ସେଠାରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀରୁ ସସ୍ ତିଆରି କରି ବଜାରକୁ ଛଡା ଯାଉଥିଲା। ଯାହାକି ବ୍ରହ୍ମପୁର ସହରର ବିଭିନ୍ନ ହୋଟେଲ, ଫାଷ୍ଟଫୁଡ ଦୋକାନରେ ବ୍ୟବହାର ହେଉଥିଲା। ଏଥିରେ ଆଉ କାହାର ହାତ ରହିଛି କି ନାହିଁ ସେ ନେଇ ପୋଲିସ ତଦନ୍ତ ଚଳାଇଛି। ଟାଉନ ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବଡବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ପ୍ରମୁଖ ଚଢାଉରେ ସାମିଲ ଥିଲେ।



ଗୋଦାମରେ ମହଜୁଦ ଥିବା ନକଲି ସସ୍‌ପେଟି।

## ନାବାଳିକାକୁ ବଳାତ୍କାର: ଅଭିଯୁକ୍ତ ଗିରଫ

ନିଶ୍ଚିନ୍ତକୋଇଲି,୨୨।୧(ସ୍ୱ.ପ୍ର.)

କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯିବା ସହ ହତ୍ୟା ଧମକ ଦିଆଯାଇଛି। ଶୁକ୍ରବାର ରାତିରେ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ଶନିବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚୁରା ଚଳାଇଛି। ସେ ହେଲେ ଥାନା ଅନ୍ତର୍ଗତ ସାଧକାନଗର ଗ୍ରାମର ସନାତନ ସାହୁ (୩୨)। ଏନେଇ ଥାନାରେ ମାମଲା (ନଂ.୬/୨୧) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ବୁଧବାର ଅପରାହ୍ନରେ ସମ୍ପୃକ୍ତ ନାବାଳିକା ଗ୍ରାମ ନିକଟ କେନ୍ଦ୍ରାପଡ଼ା ସଦର କେନାଲକୁ ଶୌଚହେବାକୁ ଯାଇଥିଲେ। ଏହି ସମୟରେ ନାବାଳିକାକୁ ଏକୁଟିଆ ପାଇ ସନାତନ ବଳାତ୍କାର କରିଥିଲେ। ଏହି ଘଟଣା ପ୍ରକାଶ କଲେ ପରିବାର ସଦସ୍ୟ ହତ୍ୟା କରିଦେବେ ବୋଲି ନାବାଳିକାଙ୍କୁ ଧମକ ଦେଇଥିଲେ।

# କଶ୍ମୀର ସୀମାରେ ଦ୍ୱିତୀୟ ସୁଡ଼ଙ୍ଗ ଠାବ

ନୂଆଦିଲ୍ଲୀ, ୨୩।୧

ଜମ୍ମୁ-କଶ୍ମୀରର କଠୁଆ ଜିଲା ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଶନିବାର ଆଉ ଏକ ଭୂତଳ ସୁଡ଼ଙ୍ଗ ଠାବ କରିଛି। ପାକିସ୍ତାନ ପଟୁ ନିର୍ମାଣ ହୋଇଥିବା ଏହି ସୁଡ଼ଙ୍ଗର ଲମ୍ବ ୧୫୦ ମିଟର, ଗଭୀରତା ୩୦ ଫୁଟ ଏବଂ ଓସାର ୩ ଫୁଟ ରହିଥିବା ବିଏସ୍‌ଏଫ୍‌ର ଜଣେ ଅଧିକାରୀ କହିଛନ୍ତି। ପାକିସ୍ତାନୀ ଆତଙ୍କବାଦୀଙ୍କୁ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରାଇବାରେ ଉକ୍ତ ସୁଡ଼ଙ୍ଗକୁ ବ୍ୟବହାର କରାଯାଉଥିବା ବିଶ୍ୱାସ କରାଯାଉଛି। ହୀରାନଗର ସେକ୍ଟରର ପାନ୍‌ସର ଅଞ୍ଚଳରେ ଥିବା ସୀମା ଆଉଟପୋଷ୍ଟରେ ଆଣ୍ଟି-ଟନେଲିଂ ଅଭିଯାନ ବେଳେ ଉକ୍ତ ସୁଡ଼ଙ୍ଗ ଠାବ କରାଯାଇଛି। ସୂଚନାଯୋଗ୍ୟ, ୧୦ ଦିନ ପୂର୍ବରୁ ଅନୁରୂପ ଏକ ଟନେଲ ଠାବ ହୋଇଥିଲା। ଉକ୍ତ ଅଞ୍ଚଳକୁ ଅବରୋଧ କରିଦିଆଯାଇଛି। ଗତବର୍ଷ ଜୁନ୍‌ରେ ପାକିସ୍ତାନୀ ହେକ୍ସାକପ୍ଟର ଉକ୍ତ ଅଞ୍ଚଳକୁ ଅସ୍ତ୍ର ଓ ଗୁଳିଗୋଳା ଆଣି ଆସିଥିବାବେଳେ ବିଏସ୍‌ଏଫ୍ ଯବାନମାନେ ତାକୁ ଗୁଳିକରି ଖସାଇଦେଇଥିଲେ।



ଠାବ ହୋଇଥିବା ସୁଡ଼ଙ୍ଗ।

### ଆତଙ୍କବାଦୀ ଆଡ୍ଡାରୁ ଅସ୍ତ୍ର ଜବତ

ଜମ୍ମୁ, ୨୩।୧: ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲାରେ ଆତଙ୍କବାଦୀଙ୍କ ଗୁପ୍ତ ଆଡ୍ଡାସ୍ଥଳକୁ ବିଏସ୍‌ଏଫ୍ ଯବାନମାନେ ଶନିବାର ଠାବ କରିଛନ୍ତି। ସେଠାରୁ ବିପୁଳ ପରିମାଣର ଅସ୍ତ୍ର ଓ ଗୁଳିଗୋଳା ଠାବ ହୋଇଛି। ଗୋଇନ୍ଦା ସୂଚନା କ୍ରମେ ମଣ୍ଡି ସହରଠାରୁ ୧୦ କି.ମି. ଦୂର ଡୋବା ମୋହଲ୍ଲା ଜଙ୍ଗଲ ଅଞ୍ଚଳରେ ତଲାସି ଅଭିଯାନ ଚାଲିଥିବାବେଳେ ଏହି ଆଡ୍ଡାସ୍ଥଳ ସମ୍ପର୍କରେ ଜଣାପଡ଼ିଥିଲା। ସେଠାରୁ ଗୋଟିଏ ଏକେ-୪୭ ରାଇଫଲ, ୩ ମାଗାଜିନ୍, ୮୨ ରାଉଣ୍ଡ ଗୁଳି, ୩ ଚାଇନା ନିର୍ମିତ ପିସ୍ତଲ ସହ ୫ ମାଗାଜିନ ଓ ୩୩ ରାଉଣ୍ଡ ଗୁଳି ଏବଂ ୪ ହ୍ୟାଣ୍ଡଗ୍ରେନେଡ୍ ଜବତ ହୋଇଛି। ଏଥିସହିତ ଏକ ଅଣ୍ଡରବ୍ୟାରେଲ୍ ଗ୍ରେନେଡ୍ ଲଞ୍ଚର ଏବଂ ୱେୟାରଲେସ୍ ସେଟ୍ ମଧ୍ୟ ଉକ୍ତ ଆଡ୍ଡାରୁ ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଶୁ ଦୁର୍ଦ୍ଦାନ୍ତ, ନଣନ୍ଦ ଖର,**
**ଖୋଜୁଥାଇ ବୋହୂ ପଡ଼ିଶା ଘର।**

ଅନେକ ସମୟରେ ବୋହୂ ଶାଶୁଘରେ ନାନା ଗଞ୍ଜଣା ଶୁଣି ପଡି ରହିଥାଏ। ପରନ୍ତୁ ଏଥିରେ ଅତିଷ୍ଠ ହୋଇପଡିଲେ ବା ସହିବାର ସୀମା ଟପିଗଲେ ସେ ଅନ୍ୟ ବିକଳ୍ପକୁ ଆପଣେଇନେଇଥାଏ। ଫଳସ୍ୱରୂପ ଶାନ୍ତିରେ ରହିବା ପାଇଁ ସେ ଅନ୍ୟ ଏକ ସ୍ଥାନ ଅନ୍ୱେଷଣ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶାଶୁ ଅନ୍ଧୁଣୀ ବୋହୂ କାଣୀ,**
**ନଣନ୍ଦ ଆଖିରେ ଫୁଲା;**
**ଘର ଚାରିପାଖେ ଖୋଜି ଅଇଲେ,**
**ନ ପାଇଲେ ଚୂନା କୁଲା।**

ସାଧାରଣତଃ ପ୍ରତ୍ୟେକ ଜିନିଷକୁ ଦେଖିବା ଲାଗି ଦୃଷ୍ଟିଶକ୍ତି ରହିବା ଜରୁରୀ ହୋଇଥିବା ବେଳେ ଦୃଷ୍ଟିହୀନ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଥାନ୍ତି। ଏଭଳି ବ୍ୟକ୍ତି ନିଜର ଦୈନନ୍ଦିନ କାର୍ଯ୍ୟ କରିବାରେ ନିଜକୁ ଅସହାୟ ମନେକରୁଥିବା ବେଳେ ସର୍ବଦା ପର ଉପରେ ନିର୍ଭର କରିଥାନ୍ତି। ଆଖି ଦୋଷରୁ ଜିନିଷ ଦେଖା ନ ଯିବାର ପରିଣତିକୁ ଏଠାରେ ବର୍ଣ୍ଣନା କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## କଅଁରପୁରରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ

କୋଣାର୍କ,୨୩।୧(ଡି.ଏନ୍.ଏ.)

କୋଣାର୍କ ସମୁଦ୍ର ଉପକୂଳ କଅଁରପୁର ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୩୪ଟି ଅଣ୍ଡା ସଂଗୃହୀତ କରାଯାଇ ପ୍ରଜନନ କେନ୍ଦ୍ରରେ ରଖାଯାଇଛି। ଏହି ଅଲିଭ ରିଡ୍‌ଲେଙ୍କର ନିରାପଦ ଓ ସମୂହ ଅଣ୍ଡାଦାନ ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ନିୟମ କଡ଼ାକଡ଼ି କରାଯିବା ପାଇଁ ବନ ବିଭାଗ ତତ୍ପର ହୋଇଉଠିଛି। ପ୍ରଥମ କରି ଗତ ୨୨ ତାରିଖ ରାତିରେ ୧୩୪ଟି ଅଣ୍ଡା ଦେଖିବାକୁ ମିଳିଥିଲା। ଆସନ୍ତା ୪୫ ରୁ ୫୫ ଦିନ ମଧ୍ୟରେ ଏହି ଅଣ୍ଡାରୁ ଛୁଆ ଫୁଟିବା ପରେ ସୁରକ୍ଷିତ ଭାବେ କଇଁଛଙ୍କୁ ଗଭୀର ସମୁଦ୍ରକୁ ଛଡ଼ାଯିବ। ଚଳିତବର୍ଷ ଅଣ୍ଡାଦାନ ପ୍ରକ୍ରିୟା ବିଳମ୍ବରେ ଜାନୁୟାରୀ ମାସ ଶେଷ ସପ୍ତାହରେ ହୋଇଥିବା ଜଣାପଡିଛି।



ଏହି ବିରଳ କଇଁଛଙ୍କ ଅଣ୍ଡାଦାନ ସୁରକ୍ଷା ପାଇଁ ଚନ୍ଦ୍ରଭାଗା ନୋଳିଆ ବସ୍ତି ଓ କଅଁରପୁର ନିକଟରେ ୨ଟି ଅସ୍ଥାୟୀ ପ୍ରଜନନ କେନ୍ଦ୍ର ଖୋଲାଯାଇଥିବାବେଳେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପରେ ଅଣ୍ଡାଗୁଡ଼ିକ ବିଲୁଆ, କୁକୁରଙ୍କ ଠାରୁ ରକ୍ଷା କରିବା ପାଇଁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିବା କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରା ସୂଚନା ଦେଇଛନ୍ତି।

## ଦିଲ୍ଲୀ ଏମ୍ସ ସ୍ଥାନାନ୍ତର ହେଲେ ଲାଲୁ

ନୂଆଦିଲ୍ଲୀ, ୨୩।୧

ଗୁରୁତର ଅସୁସ୍ଥ ଥିବା ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବଙ୍କୁ ଶନିବାର ରାଞ୍ଚିରୁ ଦିଲ୍ଲୀସ୍ଥିତ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଝାଡ଼ଖଣ୍ଡ ରାଜ୍ୟ ମେଡିକାଲ ବୋର୍ଡର ସୁପାରିସ୍ କ୍ରମେ ଭଲ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ନିଆଯାଇଥିବା ଜଣାପଡ଼ିଛି। ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (ଆର୍‌ଆଇଏମ୍‌ଏସ୍)ର ସଦ୍ୟତମ ବୁଲେଟିନ୍ ଅନୁଯାୟୀ ଲାଲୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଦୁଇଦିନ ହେଲା ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥିଲା। ପରୀକ୍ଷାରୁ ତାଙ୍କୁ ନିମୋନିଆ ହୋଇଥିବା ଶୁକ୍ରବାର ଜଣାପଡ଼ିଥିଲା। ତାଙ୍କର କୋଭିଡ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଥିଲା।

## ଭାଜପା-ଟିଏମ୍‌ସି କର୍ମୀ ସଂଘର୍ଷ

### ବହୁ ଆହତ, ଅନେକ ଗାଡ଼ି ଭଙ୍ଗାରୁଜା

ହାଓଡ଼ା, ୨୩।୧(ପି.ଟି.)

ପଶ୍ଚିମବଙ୍ଗର ହାଓଡ଼ା ଜିଲା ଅନ୍ତର୍ଗତ ବାଲିଠାରେ ଶନିବାର ଭାଜପା ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ଅନେକେ ଆହତ ହୋଇଥିବାବେଳେ କେତେକ ଗାଡ଼ି ଭାଙ୍ଗିରୁଜି ଯାଇଛି। ଜଣେ ଭାଜପା କର୍ମୀଙ୍କୁ ଗୁଳି କରାଯିବା ସହ ଅନ୍ୟମାନଙ୍କ ଉପରେ ଲୁହା ରଡ୍ ଓ ଠେଙ୍ଗାରେ ଆକ୍ରମଣ ହୋଇଥିଲା ବୋଲି ଦଳ ଅଭିଯୋଗ କରିଛି। ସଂଘର୍ଷ ବେଳେ ବୋମା ଫିଙ୍ଗାଯାଇଥିଲା। କେତେକ ବାଇକ୍ ସମେତ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରାଯାଇଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ସଂଘର୍ଷ ବେଳେ ଗୁଳିମାଡ଼ ହୋଇଥିଲା କି ନାହିଁ ସ୍ପଷ୍ଟ ହୋଇ ନ ଥିବାବେଳେ ଭାଜପା କର୍ମୀ ପ୍ରମୋଦ ଦୁବେଙ୍କ ଦେହରେ ଗୁଳିଚୋଟ ଲାଗିଥିବା ଦଳ କହିଛି। ତାଙ୍କୁ ହାଓଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ଉକ୍ତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ଦୋକାନରୁ ଭାଜପା କର୍ମୀମାନେ ଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ ବୋଲି ସ୍ଥାନୀୟ ଟିଏମ୍‌ସି ନେତା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଦଳ ବିରୋଧୀ କାର୍ଯ୍ୟ ପାଇଁ ବାଲି ବିଧାୟକ ବୈଶାଖି ଡାଲ୍‌ମିଆଙ୍କୁ ଶୁକ୍ରବାର ଟିଏମ୍‌ସିରୁ ନିଲମ୍ବନ କରାଯାଇଥିଲା।

## ଘର ଆଗରେ ବସିଲା ବାଘ

ଉତ୍ତରପ୍ରଦେଶର ଏକ ଗ୍ରାମରେ ଏକ ବାଘ ଆସି ଘର ବାହାରେ ବସିଯିବାରୁ ପରିବାର ଲୋକେ ଭୟରେ ଥରି ଉଠିଛନ୍ତି। ବନବିଭାଗକୁ ଖବର ଦେବାରୁ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଘର ଚାରିପଟ ଜାଲ ଘେରାଇଛନ୍ତି। ଶୁକ୍ରବାର ବାଘଟି କେଶପୁର ଗାଁରେ ଶାନ୍ତି ସ୍ୱରୂପ ନାମକ ଜଣେ ବ୍ୟକ୍ତିଙ୍କ ଆଗରେ ବସି ରହିଥିଲା। ବନରକ୍ଷକ ଅଜମେର ସିଂ କୁହନ୍ତି, ଏହି ଘର ଚାରିପଟ ଖୋଲା। ତେଣୁ ବାହାରେ ବାଘ ବୁଲୁଛି। ଏହି କାରଣରୁ ସେଠାରେ ଜାଲ ଦିଆଯାଇଛି। ଏହା ଦ୍ୱାରା ବାଘ ଘର ଭିତରକୁ ପ୍ରବେଶ କରିପାରିବ ନାହିଁ।

# ଆଫ୍ରିକୀୟ ହାତୀଙ୍କୁ ଜଗିବ ସାଟେଲାଇଟ୍

**ଶିକାରୀଙ୍କ ଲୋଲୁପ ଦୃଷ୍ଟି ଆଫ୍ରିକୀୟ ହାତୀବଂଶକୁ ବିପଦରେ ପକାଇଛି। ଏହି ପ୍ରଜାତିର ହାତୀଙ୍କ ଦାନ୍ତ, ଚମଡ଼ାର ତସ୍କରୀ ବଢ଼ିବାରେ ଲାଗିଛି। ଏହି ଧାରା ଜାରି ରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ଆଫ୍ରିକୀୟ ହାତୀ ଇତିହାସ ପାଲଟିଯିବେ। ସେମାନଙ୍କୁ ବଞ୍ଚାଇବା ଲାଗି ସାଟେଲାଇଟ୍ ଚିତ୍ର, ମଶିନ ଲର୍ନିଂ ଏବଂ ଅଲ୍‌ଗାରିଦମ୍‌କୁ ମିଶାଇ ଏକ ନୂଆ କୌଶଳ ବିକାଶିତ କରାଯାଇଛି, ଯାହା ଏହି ହାତୀବଂଶକୁ ସୁରକ୍ଷା ଦେବ।**



**ଗୁଏନା:** ଆଫ୍ରିକୀୟ ହାତୀ ସଙ୍କଟରେ। ସେମାନଙ୍କ ସଂଖ୍ୟା ଦ୍ରୁତ ଗତିରେ କମିବାରେ ଲାଗିଛି। ସେମାନଙ୍କ ସଂରକ୍ଷଣ ଲାଗି କରାଯାଉଥିବା ସମସ୍ତ ପ୍ରୟାସ ବିଫଳ ହେଉଛି। ତେବେ ମହାକାଶ ବିଜ୍ଞାନ ଆଶୀର୍ବାଦ ସାବ୍ୟସ୍ତ ହୋଇପାରିବ। ସାଟେଲାଇଟ୍ ଚିତ୍ର ମାଧ୍ୟମରେ ସେମାନଙ୍କୁ ସୁରକ୍ଷା ଦିଆଯାଇପାରିବ। ସାଟେଲାଇଟ୍ ବ୍ୟତୀତ ଅଲ୍‌ଗାରିଦମ୍ ଏବଂ ମେଶିନ ଲର୍ନିଂ କୌଶଳର ଉପଯୋଗ ମଧ୍ୟ କରାଯିବ। ଏହି ଟେକ୍‌ନିକ୍ ଜୈବ ବିବିଧତା ସଂରକ୍ଷଣରେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ବ୍ରିଟିଶ ବିଶେଷଜ୍ଞମାନେ ଦାବି କରିଛନ୍ତି।

ହାତୀ ବଂଶର ସୁରକ୍ଷା ଲାଗି ସେମାନଙ୍କ ନିର୍ଭୁଲ ଗଣନା ନିହାତି ଜରୁରୀ। ଏବେ ପାରମ୍ପରିକ ଭାବେ ହାତୀ ଗଣନା ହେଉଛି, ଯେଉଁଥିରେ ଭୁଲ୍‌ଭଟକା ରହିବା ସ୍ୱାଭାବିକ। ନିକଟରେ ବିକଶିତ କରାଯାଇଥିବା ନୂଆ ସାଟେଲାଇଟ୍ କୌଶଳରେ ଏହା ଆହୁରି ସହଜ ଏବଂ ନିର୍ଭୁଲ ହେବ ବୋଲି ଅକ୍ସଫୋର୍ଡ ୟୁନିଭର୍ସିଟିର ବିଶେଷଜ୍ଞଦଳ କହିଛନ୍ତି। ଭାରତ ଭଳି ଆଫ୍ରିକାରେ ମଧ୍ୟ ଅବାଧ ହାତୀ ଶିକାର ହେଉଛି। ହାତୀ ଦାନ୍ତ, ଚମଡ଼ା ସମେତ ଅନ୍ୟ ଅଙ୍ଗ ଲକ୍ଷାଧିକ ଟଙ୍କାରେ ବିକ୍ରି ହେଉଥିବାରୁ ସେମାନଙ୍କୁ ଶିକାର କରାଯାଉଛି। ଜୈବ ବିବିଧତା ଧ୍ୱଂସ ହେଉଥିବାରୁ ହାତୀମାନେ ଜନବସତି ମୁହାଁ ହେଉଛନ୍ତି। ଫସଲ ଉଜାଡ଼ି ଦେଉଛନ୍ତି। ଚାଷୀମାନେ ପ୍ରତିକ୍ରିୟାଶୀଳ ହୋଇ ଉଦ୍ଦେଶ୍ୟମୂଳକ ଭାବେ ହାତୀଙ୍କୁ ମାରି ଦେଉଛନ୍ତି। ସେହିପରି ହାତୀଙ୍କ ପ୍ରାକୃତିକ ଆବାସରେ ପ୍ରବେଶ କରିବା ମଧ୍ୟ ଏହି ବିଶାଳ ପ୍ରାଣୀଙ୍କ ଜୀବନକୁ ବିପଦରେ ପକାଉଛି।

ଅକ୍ସଫୋର୍ଡ ବିଶେଷଜ୍ଞଙ୍କ ମତରେ, ଏକ ନିର୍ଦ୍ଦିଷ୍ଟ ସମୟରେ ହାତୀପଲ କେଉଁସ୍ଥାନରେ ଏବଂ କେତେ ସଂଖ୍ୟାରେ ଅଛନ୍ତି ତାହା ଜାଣିବା ନିହାତି ଜରୁରୀ। ଫଳରେ ସେମାନଙ୍କ ଉପରେ ନଜର ରଖାଯାଇପାରିବ। ବିସ୍ତୀର୍ଣ୍ଣ ସାଭାନା ମରୁଭୂମିରେ ହାତୀଙ୍କ ଗଣନା ଲାଗି ହେଲିକପ୍ଟର, ଡ୍ରୋନ୍‌ର ସହାୟତା ନିଆଯାଉଛି। ହେଲେ ଆକାଶମାର୍ଗରେ ଏହି ସର୍ବେକ୍ଷଣ ବେଶ୍ କଷ୍ଟକର ତଥା ସମୟସାପେକ୍ଷ। ଖରାପ ପାଣିପାଗରେ ଏହିକାର୍ଯ୍ୟ ପ୍ରଭାବିତ ହେବା ଆଶଙ୍କା ଅଧିକ। ତେବେ ସାଟେଲାଇଟ୍ ସର୍ବେକ୍ଷଣ ଏସବୁ ସମସ୍ୟାରୁ ମୁକ୍ତି ଦେବ। ମାତ୍ର କିଛି ଘଣ୍ଟା ଭିତରେ ତ୍ରୁଟିରହିତ ତଥ୍ୟ ମିଳିପାରିବ। ଦକ୍ଷିଣ ଆଫ୍ରିକାର ଏଡୋ ଜାତୀୟ ହସ୍ତୀ ଅଭୟାରଣ୍ୟରେ ଏହାର ସଫଳ ପ୍ରୟୋଗ କରାଯାଇଛି। ପୃଥିବୀ ପୃଷ୍ଠରୁ ୬୦୦ କିମି ଦୂରରେ ଅବସ୍ଥାପିତ ସାଟେଲାଇଟ୍ ୫୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ମାତ୍ର କେଇ ମିନିଟ୍ ମଧ୍ୟରେ ସର୍ଭେ କରିପାରିବ। ସାଟେଲାଇଟ୍ ସହିତ ଅଲ୍‌ଗାରିଦମ ଗଣନ ପ୍ରକ୍ରିୟାକୁ ଯୋଡ଼ିବା ଦ୍ୱାରା ହାତୀ ପଲରେ ବୟସ୍କ ହାତୀ, ଛୁଆ ହାତୀଙ୍କ ସଂଖ୍ୟା ମଧ୍ୟ ସହଜରେ ଜାଣିହେବ। ହାତୀବଂଶର ସୁରକ୍ଷା ଲାଗି ସରକାର ଏହି କୌଶଳ ଖୁବ୍‌ଶୀଘ୍ର ଆପଣାଇବା ଜରୁରୀ ବୋଲି ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି।

## ବଡ଼ ଏଜେନ୍ସି ସହ ସାଇନ୍ କଲେ ଦୀପିକା



**ମୁମ୍ବାଇ:** ବଲିଉଡ ନାୟିକା ଦୀପିକା ପାଦୁକୋନ ଜଣେ ସଫଳ ଅଭିନେତ୍ରୀ। ବଲିଉଡ୍‌ରେ ହାଇଲି ପେଡ୍ ଅଭିନେତ୍ରୀ ମଧ୍ୟ। ନିକଟରେ ଦୀପିକା ହଲିଉଡ୍ ଟ୍ୟାଲେଣ୍ଟ ଏଜେନ୍ସି ଆଇସିଏମ ସହ ହାତ ମିଳାଇଛନ୍ତି । ଆଇସିଏମ ସୂଚିରେ ବଡ ବଡ ହଲିଉଡ କଳାକାରଙ୍କ ନାମ ସାମିଲ ରହିଛି । ଦୀପିକା ୨୦୧୭ରେ ଡିଜେ ଜେ କାରୁସୋଙ୍କ ନିର୍ଦ୍ଦେଶନାରେ ନିର୍ମାଣ କରାଯାଇଥିବା ହଲିଉଡ୍ ମୁଭି 'ଟ୍ରିପଲ୍ ଏକ୍ସ- ରିଟର୍ଣ୍ଣ ଅଫ ଜେଣ୍ଡର କେଜ'ରୁ ନିଜର ହଲିଉଡ କ୍ୟାରିୟର ଆରମ୍ଭ କରିଥିଲେ । ଆଜି ଦୀପିକା ବଲିଉଡ୍‌ର ସବୁଠାରୁ ଟ୍ୟାଲେଣ୍ଟେଡ ସେଲିବ୍ରିଟିଙ୍କ ମଧ୍ୟରେ ଜଣେ। ହଲିଉଡ୍‌ର ଏକ ବଡ଼ ଟ୍ୟାଲେଣ୍ଟ ଏଜେନ୍ସି ସହ ଯୋଡ଼ି ହୋଇଥିବାରୁ ଏହାକୁ ନେଇ ସେ ଖୁବ୍ ଖୁସି ଥିବାବେଳେ ଉତ୍ସାହିତ ବି ଅଛନ୍ତି। ବଲିଉଡ୍ କଥା ଆଲୋଚନା କଲେ ଦୀପିକା ଏବେ ମୁଭି '୮୩'ରେ ନଜର ଆସିବେ । ଏହା ୧୯୮୩ରେ ଭାରତ ବିଶ୍ୱକପ କ୍ରିକେଟ ମ୍ୟାଚ ଜିତି ଯେଉଁ ଐତିହାସିକ ରେକର୍ଡ କରିଥିଲା ସେହି କାହାଣୀ ଉପରେ ଆଧାରିତ ହୋଇଛି ଫିଲ୍ମ। ଏଥିରେ ରଣବୀର ସିଂ ତାଙ୍କ ଅପୋଜିଟ୍‌ରେ ମୁଖ୍ୟ ଭୂମିକାରେ ନଜର ଆସିବେ।

# ମା' କୁକୁଡ଼ାର ମମତା



**ନୂଆଦିଲ୍ଲୀ:** ମା' ତ କେବଳ ମା' ହୋଇଥାଏ। ସେ ମନୁଷ୍ୟ ହେଉ କି ପକ୍ଷୀ, ପଶୁ ନିଜ ପିଲାଙ୍କ ପାଇଁ ମା'ର ମମତା ସମାନ। ସନ୍ତାନଙ୍କ ସୁରକ୍ଷା ପାଇଁ ମା' ନିଜ ଜୀବନ ବି ତ୍ୟାଗ କରିପାରେ। ଏଭଳି ଜଣେ ମା' କୁକୁଡ଼ାର ମମତାଭରା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପ୍ରବଳ ବର୍ଷାରେ ଛୁଆମାନଙ୍କୁ ଭିଜିବାରୁ ସୁରକ୍ଷା ଦେବାକୁ ଯାଇ ମା' କୁକୁଡ଼ା ନିଜର ଦୁଇ ଡେଣା ତଳେ ସେମାନଙ୍କୁ ଘୋଡ଼ାଇ ସୁରକ୍ଷିତ ରଖିଥିବା ଭିଡିଓରେ ଦେଖିବାକୁ ମିଳିଛି। ଛୁଆଙ୍କ ପ୍ରତି ଯେପରି କୌଣସି ବିପଦ ନ ଆସେ, ସେଥିପାଇଁ ସେ ନିଜର ଡେଣା ମେଲାଇଦେଇଛି। ଏହି ଭିଡିଓଟିକୁ ଆଇଏଫ୍‌ଏସ୍ ଅଧିକାରୀ ସୁଧା ରମନ୍ ଟୁଇଟରରେ ଶେୟାର କରିଛନ୍ତି। ଏଥିରେ ସେ କ୍ୟାପ୍‌ଶନ ଲେଖିଛନ୍ତି, କାରଣ ସେ ଜଣେ ମା'। ଭିଡିଓଟିକୁ ୩୨ହଜାରୁ ଊର୍ଦ୍ଧ୍ୱ ଲୋକ ପସନ୍ଦ କରିଛନ୍ତି। ସେହିପରି ୪ହଜାରରୁ ଊର୍ଦ୍ଧ୍ୱ ଲୋକ ମା'ର ସ୍ନେହକୁ ନେଇ ସୁନ୍ଦର କମେଣ୍ଟ ରଖିଛନ୍ତି। ସେହିପରି ଅନେକ ଲୋକ ଭାବବିହ୍ୱଳ ହୋଇ କମେଣ୍ଟ କରିଥିବା ଦେଖିବାକୁ ମିଳିଛି।

## ୪୦ ଲକ୍ଷ ଲଟେରି ଜିତିଲେ ଯୁବ ଇଞ୍ଜିନିୟର

**ଦୁବାଇ:** ଦୁବାଇରେ ରହୁଥିବା ଜଣେ ଭାରତୀୟ ଯୁବ ଇଞ୍ଜିନିୟରଙ୍କ ଭାଗ୍ୟ ଚମକିଛି। ଶିଭିନ ୱିଲସନ ନାମକ ଜଣେ ଇଞ୍ଜିନିୟର ଏକ ସାପ୍ତାହିକ ଲକି ଡ୍ରରେ ୪୦ ଲକ୍ଷ ଟଙ୍କାର ଲଟେରି ଜିତିଛନ୍ତି। କେରଳର ଏହି ଯୁବ ଇଞ୍ଜିନିୟର ୧୬ ଜାନୁୟାରୀରେ ଆୟୋଜିତ ଏକ ଲକି ଡ୍ର କୁପନ କିଣିଥିଲେ। ତା' ପରଦିନ ସେ ଲକି ଡ୍ର ଜିତିଥିବା ଜାଣିବାକୁ ପାଇଲେ। ୱିଲସନ କୁହନ୍ତି, ଯେଉଁଦିନ ସେ କୁପନ ଆଣିଥିଲେ ସେଦିନ ଖୁବ ଉତ୍ସାହିତ ଥିଲେ। ପରଦିନ ସେ ଲକି ଡ୍ର ଜିତିଥିବାରୁ ତାଙ୍କ ଖୁସିର ସୀମା ନାହିଁ। ସେ କହିଛନ୍ତି, ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ଏହି ଟଙ୍କାରେ ସେ ତାଙ୍କ କ୍ୟାରିୟର ଗଢ଼ିବେ। ବଳକା ପଇସାରେ ମାତାପିତାଙ୍କୁ ସାହାଯ୍ୟ କରିବେ। ସେ କହିଛନ୍ତି, ପ୍ରଥମ ଥର ପାଇଁ ସେ ଏତେ ଟଙ୍କାର ଲଟେରି ଜିତିଛନ୍ତି। ଦୁନିଆରେ ସବୁ ସମ୍ଭବ, କେବଳ ନିଜ ଉପରେ ବିଶ୍ୱାସ ରଖିବା ଆବଶ୍ୟକ ବୋଲି ଶିଭିନ କୁହନ୍ତି।



## ୨ ସପ୍ତାହରେ ସୁସ୍ଥ ହେଲା ପକ୍ଷାଘାତ ମୂଷା



**ବର୍ଲିନ:** ପକ୍ଷାଘାତ ରୋଗ ଚିକିତ୍ସା କ୍ଷେତ୍ରରେ ବୈଜ୍ଞାନିକଙ୍କୁ ବଡ଼ ସଫଳତା ମିଳିଛି। ମୂଷାଙ୍କ ଉପରେ ହୋଇଥିବା ଗବେଷଣାରେ ପକ୍ଷାଘାତ ମୂଷା ୨ ସପ୍ତାହ ମଧ୍ୟରେ ଚାଲିବାକୁ ସକ୍ଷମ ହୋଇଛି। ଜର୍ମାନୀର ରୁର୍ ୟୁନିଭରସିଟି ବୋକେମ୍‌ର ଗବେଷକ ମୂଷା ମସ୍ତିଷ୍କରେ ଏକ ପ୍ରକାର ଡିଜାଇନର ପ୍ରୋଟିନ ଇଞ୍ଜେକଶନ ବ୍ୟବହାର କରିଥିଲେ। ଏହା ଦ୍ୱାରା ନର୍ଭ ସେଲ ପୁଣିଥରେ ତିଆରି ହୋଇ ମୂଷାର ସ୍ଥିତିରେ ଉନ୍ନତି ଘଟିଥିଲା। ଏହାପରେ ମୂଷା ଚାଲିବାକୁ ସକ୍ଷମ ହୋଇପାରିଥିଲା ବୋଲି ଗବେଷଣାର ନେତୃତ୍ୱ ନେଇଥିବା ଡାଏଟ୍‌ମାର ଫିସର ସୂଚନା ଦେଇଛନ୍ତି। ଏହି ସଫଳତା ଯୋଗୁ ପୃଥିବୀର ୫୪ ଲକ୍ଷ ପକ୍ଷାଘାତ ରୋଗୀଙ୍କ ଚିକିତ୍ସା ପାଇଁ ନୂଆ ଆଶା ଜାଗିଛି।

# ବିଜ୍ଞାପନରେ ଏକାଠି ଆଲିଆ-ରଣବୀର



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ଏବଂ ଅଭିନେତା ରଣବୀର କପୁର ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜର ଆସିବେ। ମାତ୍ର ଏହି ଫିଲ୍ମ ପୂର୍ବରୁ ତାଙ୍କୁ ଏକ ଚିପ୍ସ କମ୍ପାନୀର ବିଜ୍ଞାପନରେ ଦେଖିବାକୁ ମିଳିଛି। ଦୁଇଜଣ ଏକ ଇ-ରିକ୍ସାରେ ସାମ୍ନାସାମ୍ନି ବସିଥିବା ନଜର ଆସିଛନ୍ତି। ତାଙ୍କ ସହିତ ଅନ୍ୟ କଳାକାରମାନେ ମଧ୍ୟ ସେଲ୍ଫି ନେଉଥିବା ଦେଖିବାକୁ ମିଳିଛି। ଏହି ସମୟରେ ସେମାନେ ଖୁବ ଖୁସି ଜଣାପଡୁଛନ୍ତି। ଆଲିଆ ଏକ ଗ୍ରୀନ ଏବଂ ପିଙ୍କ କଲରର ଡ୍ରେସ ପିନ୍ଧିଥିବା ବେଳେ ରଣବୀର ଧଳାରଙ୍ଗର ଟି-ଶର୍ଟ ପିନ୍ଧିଛନ୍ତି। ଏହି ଯୋଡ଼ିଙ୍କ ଫଟୋକୁ ଲୋକେ ଖୁବ ପସନ୍ଦ କରିଛନ୍ତି। ଦୀର୍ଘଦିନ ଧରି ଦୁହେଁ ରିଲେସନଶିପ୍ରେ ରହି ଆସୁଛନ୍ତି। ଉଭୟଙ୍କ ପରିବାର ବିବାହ ପାଇଁ ରାଜି ଅଛନ୍ତି। ରଣବୀର ସୋସିଆଲ ମିଡିଆଠାରୁ ଦୂରେଇ ଯାଇଥିବା ବେଳେ ଆଲିଆ ଆକ୍ଟିଭ ଥାଇ ମଧ୍ୟ କୌଣସି ଫଟୋ ରଣବୀରଙ୍କ ସହ ଶେୟାର କରନ୍ତି ନାହିଁ। କୁହାଯାଉଛି, ଏହି ବର୍ଷ ଦୁଇଜଣ ଯାକ ବିବାହ ବନ୍ଧନରେ ବାନ୍ଧିହେବେ।

## ଛାତ୍ରୀଙ୍କୁ ପୂଜା କରନ୍ତି ଶିକ୍ଷକ

**ଭୋପାଳ:** ମଧ୍ୟପ୍ରଦେଶର କଟନୀ ଜିଲାରେ ଜଣେ ଶିକ୍ଷକ ମହିଳା ଏବଂ ବାଳିକାମାନଙ୍କୁ ସମ୍ମାନ ଦେବା ପାଇଁ ଏକ ନିଆରା ପ୍ରୟାସ ଆରମ୍ଭ କରିଛନ୍ତି। ଏହି ଶିକ୍ଷକ ଦୀର୍ଘ ୨୩ ବର୍ଷ ହେବ ସ୍କୁଲରେ ଛାତ୍ରୀମାନଙ୍କ ପାଦପୂଜା କରିଆସୁଛନ୍ତି। ପ୍ରଥମେ ଛାତ୍ରୀମାନଙ୍କୁ ପୂଜା କରିବା ପରେ ସେ ତାଙ୍କର ଅଧ୍ୟାପନା ଆରମ୍ଭ କରନ୍ତି। କଟନୀ ଜିଲାର ଲୋହରବାରାରେ ଏକ ପ୍ରାଥମିକ ସ୍କୁଲ ରହିଛି। ଏଠାରେ ପଢୁଥିବା ଛାତ୍ରୀମାନଙ୍କୁ ଭୟାଲାଲ ସୋନି ପ୍ରାର୍ଥନା କରନ୍ତି। ଛାତ୍ରୀମାନଙ୍କ ପାଦ ପ୍ରଥମେ ଗଙ୍ଗାଜଳରେ ଧୋଇ ଦିଅନ୍ତି। ପରେ ପୂଜାର୍ଚ୍ଚନା ସାରି ଶ୍ରେଣୀରେ ପାଠ ପଢ଼ାନ୍ତି। କରୋନା ମହାମାରୀ ଯୋଗୁ ସ୍କୁଲ ବନ୍ଦ ରହିଥିବାରୁ ସେ ତାଙ୍କ ଘରେ ଛାତ୍ରୀମାନଙ୍କୁ ପୂଜା କରି ଆସୁଛନ୍ତି।

# ସୁଶାନ୍ତଙ୍କ ନାମରେ ନାମିତ ହେବ ଦିଲ୍ଲୀ ରୋଡ୍



**ନୂଆଦିଲ୍ଲୀ:** ଦକ୍ଷିଣ ଦିଲ୍ଲୀର ଆଣ୍ଡ୍ରିୟୁ ଗଞ୍ଜର ଏକ ରୋଡ୍‌ର ନାମ ଦିବଂଗତ ବଲିଉଡ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ନାମରେ ରଖାଯିବ। ଏ ନେଇ ଦିଆଯାଇଥିବା ପ୍ରସ୍ତାବକୁ ସୁଶାନ୍ତଙ୍କ ଜୟନ୍ତୀ ଅବସରରେ ଗୁରୁବାର ମଞ୍ଜୁରୀ ମିଳିଛି। ଗତବର୍ଷ ଜୁନ ୧୪ ତାରିଖରେ ବାନ୍ଦ୍ରାସ୍ଥିତ ଫ୍ଲାଟରେ ମିଳିଥିଲା ସୁଶାନ୍ତଙ୍କ ମରଶରୀର। ତାଙ୍କ ମୃତ୍ୟୁ ପଛର କାରଣ ଏପର୍ଯ୍ୟନ୍ତ ପଦାକୁ ଆସିପାରି ନାହିଁ। ଏହି ଅଭିନେତାଙ୍କ ଜୟନ୍ତୀ ଅବସରରେ ସୋସିଆଲ ମିଡିଆରେ ତାଙ୍କ ଫ୍ୟାନମାନେ ଦୁଃଖ ପ୍ରକାଶ କରିଛନ୍ତି। ଏସ୍‌ଡିଏମ୍‌ସିର କଂଗ୍ରେସ କାଉନସିଲର ଅଭିଷେକ ଦତ୍ତ ଗତବର୍ଷ ସେପ୍ଟେମ୍ବରରେ ସୁଶାନ୍ତଙ୍କ ନାମରେ ରୋଡ୍ ନାମିତ କରିବାକୁ ପ୍ରସ୍ତାବ ଦେଇଥିଲେ। ପରେ ଆଣ୍ଡ୍ରିୟୁ ଗଞ୍ଜ କାଉନ୍ସିଲର ରୋଡ ନେମିଂ ଓ ରିନେମିଂ କମିଟି ନିକଟକୁ ପଠାଇଥିଲେ ଏହି ପ୍ରସ୍ତାବ। ଲିଖିତ ପ୍ରସ୍ତାବରେ ଦତ୍ତ ଲେଖିଥିଲେ, ଉକ୍ତ ରୋଡ୍‌ରେ ବିହାରର ବହୁ ଲୋକ ବସବାସ କରୁଛନ୍ତି। ସେମାନେ ଏହି ରୋଡ୍‌କୁ 'ସୁଶାନ୍ତ ସିଂ ରାଜପୁତ ମାର୍ଗ' ନାମରେ ନାମିତ କରିବାକୁ ଦାବି କରିଛନ୍ତି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NAB (REGD.)
NAB (Regd.) ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ସମସ୍ତ ସମସ୍ୟାର ଉପାୟ
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396011863

ଋଣ ପାଆନ୍ତୁ
ଉମ୍ମୀଦ ଫାଇନାନ୍ସ
ଦ୍ୱାରା ଋଣ ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, କୃଷି, ଶିକ୍ଷା, ବ୍ୟବସାୟ, ଗ୍ରୁପ୍ ଋଣ, ମହିଳାଙ୍କ ପାଇଁ 24 ଘଣ୍ଟାରେ ବିନା ଫାଇଲ୍ ଚାର୍ଜରେ ।
2% ସୁଧ, 40% ସବ୍‌ସିଡି
New Ashok Nagar, East Delhi, Delhi
9821043617

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଏଁ ଅଣ୍ଡାରାମ ବଢ଼ାଇ
ଆବିର୍ଭାବ: ୧୫.୦୯.୧୯୨୨
ତିରୋଧାନ: ୨୪.୦୧.୨୦୨୦
ବାପା ଚାହୁଁ ଚାହୁଁ ଏକ ବର୍ଷ ହୋଇଗଲା, ତୁମେ ଯିବାପରେ ତୁମର ଅନୁପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ । ତୁମେ ଯେଉଁଠି ଥାଅ ତୁମର ଆଶୀର୍ବାଦ ଆମ ଉପରେ ଥାଉ, ତୁମର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମର ଅମରଆତ୍ମାର ଶାନ୍ତି ସଦଗତି ପାଇଁ ଭଗବାନଙ୍କଠାରେ ଆମର ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
କଳ୍ପନା, ଭୋଜରାଜ, ବୀଣାପାଣି, ପ୍ରଶାନ୍ତ, ସୁବର୍ଣ୍ଣ, ଅସୀତ, ଦୀପକ, ରିକି, ତନ୍ମୟ, କଲ୍ୟାଣୀ, ଅମ୍ରୀଣ, ମୋନିକା, ଶ୍ୱାସ୍ୱତ, ସୌମ୍ୟା ଓ ପରିବାର ବର୍ଗ ।
ଧ-୬୯୮୩୩

### ଦଶାହ ଉପଲକ୍ଷେ



ସ୍ୱର୍ଗତା ଆଶାମଣୀ ଦେବ୍ୟା
ମୁକ୍ତାଦେଈପୁର ଶାସନ, ଢେଙ୍କାନାଳ
ତିରୋଧାନ: ୧୫।୦୧।୨୦୨୧
ତୁମେ ଆମ ପରିବାରର ସବୁ ଝଡ଼ଝଞ୍ଜା ଅଭାବକୁ ପଛରେ ପକାଇ ଆମକୁ ଆଗକୁ ବଢ଼ିବାର ସାହସ ଦେଇଛ। ନୀଳକଣ୍ଠ ପରି ସବୁ ଜଞ୍ଜାଳକୁ ପାନ କରିଛ ଆମ ପାଇଁ। ଆପଣଙ୍କ ଅମଳିନ ସ୍ମୃତି ସବୁଦିନ ଅଭୁଲା ରହିବ। ଆପଣଙ୍କ ଅମରାତ୍ମା ଶାନ୍ତି ପାଉ ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ବାମଦେବ, ବୋହୂ, ପୁତୁରା, ପୁତୁରା ବୋହୂ, ଝିଆରୀ, ଝିଆରୀ ଜ୍ୱାଇଁ, ନାତି, ନାତୁଣୀ ବୋହୂ, ଅଣନାତି, ଅଣନାତୁଣୀ ଓ ରଥ ପରିବାରବର୍ଗ ।
ଧ-୭୦୩୦୯

# ସୂର୍ଯ୍ୟ, ରାଜୀବ, ଆଶୁତୋଷ, ଦୀନେଶଙ୍କ ଶତକ

ଭୁବନେଶ୍ୱର,୨୩।୧(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଗଜପତି, ଭଦ୍ରକ, ଜଗତ୍‌ସିଂହପୁର, ବାଲେଶ୍ୱର, କୋରାପୁଟ, ଭୁବନେଶ୍ୱର - ବି ବିଜୟ ହାସଲ କରିଛନ୍ତି। ଶନିବାର ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭଦ୍ରକର ସୂର୍ଯ୍ୟ ମହାପାତ୍ର

**ଓସିଏ ଆନ୍ତଃଜିଲା ୧୯ ବର୍ଷରୁ କମ୍ କ୍ରିକେଟ**

■ ସୁଦୀପ, ଶୁଭାଶିଷଙ୍କୁ ୫ ଉଇକେଟ

୧୦୦ ରନ, ବାଲେଶ୍ୱରର ରାଜୀବ ଏଏଲ୍ ସାହୁ ୧୧୦ ରନ ଓ ଆଶୁତୋଷ ମାରାଣ୍ଡି ୧୦୮ ରନ, କଳାହାଣ୍ଡିର ଦୀନେଶ କୁମାର ୧୬୮ ରନର ଶତକୀୟ ପାଳି ଖେଳିଥିବା ବେଳେ ଗଜପତିର ବ୍ରେନ୍ ସିଂ ୫୩ ରନ ଓ କୋରାପୁଟର ଅର୍ଣଦା କିରନ ୮୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଦୃଷ୍ଟି ଆକର୍ଷଣ କରିଛନ୍ତି। ସେହିପରି କନ୍ଧମାଳର ଶୁଭାଶିଷ ପାଲୋ ଓ ଜଗତସିଂହପୁର ସୁଦୀପ ସ୍ୱାଇଁ ୫ ଉଇକେଟ ସଫଳତା ପାଇଛନ୍ତି।

**ଭୁବନେଶ୍ୱର ୮ ଉଇକେଟରେ ବିଜୟୀ**

କଟକର ନିମ୍ପୁର କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୮ ଉଇକେଟରେ ବରଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ବରଗଡ଼ ପ୍ରଥମେ ବ୍ୟାଟିଂ କରି ୪୪.୫ ଓଭରରେ ୯୭ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ସ୍ୱରାଜ ନାଗ ୧୯, ସୌରଭ କୁମାର ସାହୁ ୧୭ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭୁବନେଶ୍ୱର ତରଫରୁ ବିକାଶ ନାଏକ ଓ ସୁଶିଲ ବାରିକ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭୁବନେଶ୍ୱର ୨୧.୪ ଓଭରରେ ୨ ଉଇକେଟ ହରାଇ ୧୦୧ ରନ କରି ବିଜୟୀ ହୋଇଛି। ଦଳ ତରଫରୁ ସାରାଂଶ କୁମାର ଅପରାଜିତ ୪୮, ଅନ୍ୱେଶ ତ୍ରିପାଠୀ ୨୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ବରଗଡ଼ ତରଫରୁ ବେଦାନ୍ତ ସାହୁ ଓ ପ୍ରଶାନ୍ତ ପାଇଁକରା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**କୋରାପୁଟ୍ ୨ ଉଇକେଟ ଜିତିଲା**

ରେଭେନଶା ଗ୍ରାଉଣ୍ଡ-୨ରେ କୋରାପୁଟ ୨ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଟସ୍ ଜିତି କଳାହାଣ୍ଡି ପ୍ରଥମେ ବ୍ୟାଟିଂ କରି ୩୪.୪ ଓଭରରେ ୨୦୫ ରନ କରି ଅଲଆଉଟ୍ ହୋଇଥିଲା। ଦଳ ତରଫରୁ ଦୀନେଶ କୁମାର ମାଝି ୧୪୪ଟି ବଲ ଖେଳି ୧୬୮ ରନର ବୃହତ୍ ଶତକୀୟ ପାଳି ଖେଳିଥିଲେ। ବୋଲିଂରେ କୋରାପୁଟ୍‌ର ଆଦିତ୍ୟ ଶତପଥୀ ଓ ନିରଞ୍ଜନ ଗୌଡ଼ ୩ଟି ଲେଖାଏ, ଗୌରୀ ଏସ୍ ଦାଶ ୨ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କୋରାପୁଟ୍ ୪୫.୫ ଓଭରରେ ୮ ଉଇକେଟ ହରାଇ ୨୦୯ ରନକରି ବିଜୟୀ ହୋଇଛି। ଦଳ ପକ୍ଷରୁ ଅର୍ଣଦା କିରନ ୮୩ ବଲରୁ ୮୫ ରନ, ଶୁଭମ୍ ସିଂ ୪୨ ରନ ସଂଗ୍ରହ କରିଥିଲେ। ବୋଲିଂରେ କଳାହାଣ୍ଡି ପକ୍ଷରୁ ଅଭିଷେକ ଗହୀର ଓ ଉମେଶ ସରାଫ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।


ସୂର୍ଯ୍ୟ ମହାପାତ୍ର


ରାଜୀବ ଏଲ୍ ସାହୁ


ଦିନେଶ କୁମାର ମାଝି


ଆର୍‌ସଦ କିରନ


ଶୁଭାଶିଷ ପାଲୋ


ବିକାଶ ନାୟକ


ସୁଦୀପ ସ୍ୱାଇଁ

**ବାଲେଶ୍ୱରର ବୃହତ୍ ବିଜୟ**

କଟକର ବୋଷ ଗ୍ରାଉଣ୍ଡରେ ବାଲେଶ୍ୱର ୧୧୧ ରନ୍‌ରେ ପୁରୀକୁ ହରାଇଛି। ଟସ୍ ଜିତି ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୭ ଉଇକେଟ ହରାଇ ୩୩୩ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ରାଜୀବ ଏଏଲ୍ ସାହୁ ୮୦ ବଲରୁ ୧୧୦, ଆଶୁତୋଷ ମାରାଣ୍ଡି ୧୦୮ ରନର ଶତକୀୟ ପାଳି ଖେଳିଥିଲେ। ପୁରୀର ପବିତ୍ର ବିଶୋୟୀ ୪ ଓ ସ୍ମୃତି ପି. ସ୍ୱାଇଁ ୨ ଉଇକେଟ ନେଇଥିଲେ। ଜବାବରେ ପୁରୀ ୪୩.୧ ଓଭରରେ ୨୨୨ ରନକରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଦଳ ତରଫରୁ ନିଶାନ୍ତ ନାୟକ ୪୨ ଓ ନିଶାନ ଦାସ ୪୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ବାଲେଶ୍ୱର ତରଫରୁ ଶୁଭ ବାରିକ ଓ ରାଜୀବ ଏଲ୍. ସାହୁ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ଜଗତସିଂହପୁର ୧୦୩ ରନରେ ବିଜୟୀ**

ଡ୍ରିମ୍ସ ଗ୍ରାଉଣ୍ଡରେ ଜଗତ୍‌ସିଂହପୁର ୧୦୩ ରନରେ କନ୍ଧମାଳକୁ ହରାଇଛି। ଟସ ହାରି ଜଗତ୍‌ସିଂହପୁର ପ୍ରଥମେ ବ୍ୟାଟିଂ କରି ୩୬.୩ ଓଭରରେ ୧୪୭ ରନ କରି ଅଲଆଉଟ ହୋଇଥିଲା। ବୋଲିଂରେ କନ୍ଧମାଳର ଶୁଭାଶିଷ ପାଲୋ ସର୍ବାଧିକ ୫, ଦିବ୍ୟ ସାହୁ ୩ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କନ୍ଧମାଳ ୧୪.୩ ଓଭରରେ ୪୪ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଛି। ଜଗତ୍‌ସିଂପୁରର ସୁଦୀପ ସ୍ୱାଇଁ ୫ ଓ ସନ୍ନ୍ୟାସୀ ପଟ୍ଟନାୟକ ୩ ଉଇକେଟ ନେଇଥିଲେ।

**ଯାଜପୁରକୁ ହରାଇଲା ଭଦ୍ରକ**

ରେଭେନ୍ସା ଗ୍ରାଉଣ୍ଡ-୧ରେ ଯାଜପୁରକୁ ଭଦ୍ରକ ୫ ଉଇକେଟରେ ପରାସ୍ତ କରିଛି। ଟସ୍ ହାରି ଯାଜପୁର ପ୍ରଥମେ ବ୍ୟାଟିଂ କରି ୪୪.୨ ଓଭରରେ ୧୭୧ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ମହମ୍ମଦ ସୋହେଲ ୭୯ ରନ କରିଥିଲେ। ବୋଲିଂରେ ଭଦ୍ରକର ମୀର କାଫିରୁଦ୍ଦିନ ୩ ଓ ଆଶୁତୋଷ ସାମ ୨ ଉଇକେଟ ନେଇଥିଲେ। ଜବାବରେ ଭଦ୍ରକ ୪୪.୫ ଓଭରରେ ୫ ଉଇକେଟ ହରାଇ ୧୭୬ ରନ କରି ବିଜୟୀ ହୋଇଥିଲା। ଦଳର ସୂର୍ଯ୍ୟ ମହାପାତ୍ର ୧୦୦ ରନର ଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଯାଜପୁରର ଶୁଭମ ୨ ଉଇକେଟ ନେଇଥିଲେ।

**ଗଜପତି ୫୪ ରନରେ ବିଜୟୀ**

ବିଡାନାସୀ ଗ୍ରାଉଣ୍ଡରେ ଗଜପତି ୫୪ ରନରେ ନବରଙ୍ଗପୁରକୁ ହରାଇଛି। ଟସ୍ ଜିତି ଗଜପତି ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୧୯୮ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ବ୍ରେନ୍ ସିଂ ୫୩, କଡ଼ଗଲା ଚାଣ୍ଡୁ ୪୮ ରନ ସଂଗ୍ରହ କରିଥିଲେ। ନବରଙ୍ଗପୁରର ଦୀନେଶ ଶ୍ରୀବାସ୍ତବ ଓ ଦିଲୀପ ବିଶୋଇ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନବରଙ୍ଗପୁର ୩୧.୩ ଓଭରରେ ୧୪୪ ରନକରି ଆଲଆଉଟ ହୋଇଥିଲା। ଦଳର ଜି. ଆର୍ଯ୍ୟନ ୪୩ ଓ ଗୋପବନ୍ଧୁ ସମ୍ରାଟ ୨୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ଗଜପତିର ବ୍ରେନ ୪ ଓ ପ୍ରୀତମ ପ୍ରଧାନ ୩ ଉଇକେଟ ନେଇଥିଲେ।

## ସୁପର ଓଭରରେ ରଘୁନାଥପୁର ଜିତିଲା

ବାଲିଆ,୨୩।୧

ବିରିଡି ବ୍ଲକ ଦଣ୍ଡିଲୋ ଶଢେଇଶାସନର ସାଇଶ୍ରୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ୭ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଅଳକା କଲେଜ ଖେଳ ପଡ଼ିଆରେ ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରଘୁନାଥପୁର ଓ ପୁରୁଣାବସନ୍ତ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ପୁରୁଣାବସନ୍ତ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ଦଳ ୧୨ ଓଭରରେ ୯୪ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ରଘୁନାଥପୁର ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ସମାନ ରନ୍ ସଂଗ୍ରହ କରିଥିଲା। ଫଳରେ ସୁପର ଓଭର ହୋଇଥିଲା। ଏଥିରେ ପ୍ରଥମେ ରଘୁନାଥପୁର ଦଳ ବ୍ୟାଟିଂ କରି ଗୋଟିଏ ଓଭରରେ ୧୧ ରନ୍ କରିଥିଲା। ପୁରୁଣା ବସନ୍ତଦଳ ବିଜୟ ଲକ୍ଷ୍ୟ ହାସଲ କରି ନ ପାରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅଳକା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟ, ଶଢେଇ ଶାସନ ସରପଞ୍ଚ ଅମିତ ରାଉଳ, ପଞ୍ଚାୟତ ବିଜେଡି ସଭାପତି ଗୋପାଳ ଓଝା, ସଭାନେତ୍ରୀ ମମତା ଦାଶ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜୟୀ ଟିମ୍ ରଘୁନାଥପୁରକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର୍ସ ଅପ୍ ଟିମ ପୁରୁଣା ବସନ୍ତକୁ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ସିରିଜ ଭାବେ ସିପାଙ୍କୁ ହିରୋ ସାଇକେଲ ଓ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ତୋଫାନଙ୍କୁ ମୋବାଇଲ ଫୋନ ପୁରସ୍କାର ଦିଆଯାଇଥିଲା। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ତପନ ବେହେରା, ଶୁଭମ ବିଶ୍ୱାଳ, ସତ୍ୟ ପ୍ରକାଶ ଓ ସୁନିଲ ପରିଡା ପ୍ରମୁଖ ଏହାକୁ ପରିଚାଳନା କରୁଥିଲେ।

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ, ୨୩।୧(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡିଆଠାରେ ଚତୁର୍ଦ୍ଦଶତମ ଆନ୍ତଃ ଜିଲା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗୋପୀନାଥ ନାୟକ ଓ ଶକୁନ୍ତଳା ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ପୂର୍ବାହ୍ନରେ ଇଲେଭେନ ଷ୍ଟାର ଯାଜପୁର ସହିତ ସୂର୍ଯ୍ୟଶିଖା ଟିମ୍ ଭଦ୍ରକ ମଧ୍ୟରେ ପ୍ରଥମ କ୍ୱାର୍ଟର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟଶିଖା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୨୦୪ ରନ୍ କରିଥିଲା। ଜବାବରେ ଇଲେଭେନ ଷ୍ଟାର ୨୦ ଓଭରରେ ୫ ଉଇକେଟ ବିନିମୟରେ ୨୦୬ ରନ୍ କରି ବିଜୟୀ ହୋଇଥିଲା।

ଅପରାହ୍ନରେ ଦ୍ୱିତୀୟ କ୍ୱାର୍ଟର ମ୍ୟାଚ୍‌ରେ ଏମ୍‌ସିସି ଯାଜପୁରକୁ ୭ ଉଇକେଟରେ ହରାଇ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ବିଜୟୀ ହୋଇଛି। ଏମ୍‌ସିସି ଟସ୍ ଜିତି ୧୭.୧ ଓଭରରେ ୧୪୭ ରନ୍ କରି ଅଲଆଉଟ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ୧୬ ଓଭରରେ ୩ ଉଇକେଟ ହରାଇ ୧୪୮ ରନ୍ କରିଥିଲା। ଲଲାଟ କେଶରୀ ନନ୍ଦ, ରଞ୍ଜନ ମହାନ୍ତି ଅମ୍ପାୟର, ଜୟନ୍ତ ନାୟକ, ଚିନ୍ମୟ ରାଉତରାୟ ଓ ରାକେଶ ବୋଇତାଇ ସ୍କୋରର ଥିଲେ। ପ୍ରଦୀପ୍ତ ନାୟକ ଓ ଗୋପବନ୍ଧୁ ମାଝି ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଦ୍ୱିତୀୟ ଦିବସରେ ବିଏମ୍‌ସି ଗୋଲକୁଣ୍ଡ ସହିତ ରେଲୱେ ଭଦ୍ରକ ଏବଂ ୟୁ ଆଣ୍ଡ ମି ବାଲେଶ୍ୱର ସହିତ ୟୁନିକ ଇଲେଭେନ ଭଦ୍ରକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## କଣ୍ଟିପୁର ଚାମ୍ପିୟନ

**ସିଂହପୁର ୨୩।୧:** ବିଞ୍ଝାରପୁର ବ୍ଲକ ଅଧୀନ ଧୋୟା କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଚାଲିଥିବା ପ୍ରିମିୟର ଲିଗର୍ ଫାଇନାଲ ମ୍ୟାଚରେ ମାନପୁର କ୍ରିକେଟ ଟିମ୍‌କୁ ହରାଇ ୟଙ୍ଗଷ୍ଟାର ଇଲେଭେନ୍ କଣ୍ଟିପୁର ଚାମ୍ପିୟନ ହୋଇଛି। ପ୍ରଥମେ କଣ୍ଟିପୁର ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୫୫ ରନ ସଂଗ୍ରହ କରିଥିଲା। ମାନପୁର ଟିମ ୧୦ ଓଭରରେ ୭୯ରନ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ଅଧ୍ୟାପକ ମଣ୍ଟୁ ବଳବନ୍ତରାୟ, ପ୍ରମୋଦ ସାମଲ, କଣ୍ଟିପୁର ସରପଞ୍ଚ ଅଟଳ ନାୟକ, ଅଙ୍ଗାଲୋ ସରପଞ୍ଚ ହର୍ଷବର୍ଦ୍ଧନ ସାମଲ, ଶିକ୍ଷକ ସଂଗ୍ରାମ ସାମଲ, ଆବାସ ରଞ୍ଜନ ପ୍ରଧାନ, ସୁବୋଧ ଜେନା ଓ ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟକୁ ଆସୋସିଏଶନ୍ ପକ୍ଷରୁ ପ୍ରକାଶ ମିଶ୍ର, ସୁନୀଲ ପରିଡ଼ା, ବିକାଶ ପାତ୍ର, ରଞ୍ଜିତ ସାମଲ, ବିଶ୍ୱରଞ୍ଜନ ପୁହାଣ, ପ୍ରଭାତ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଆୟୋଜନ କରିଥିଲେ।

## ଅଶୋକ ଦାସ ମେମୋରିଆଲ କ୍ରିକେଟ ୩୧ରୁ


ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟର ଆୟୋଜକ କମିଟିର ସଦସ୍ୟମାନେ।

ଯାଜପୁର ଟାଉନ,୨୩।୧(ଡି.ଏନ.ଏ.)

ଆସନ୍ତା ୩୧ରୁ ଯାଜପୁର ଜିଲା ସଦର ମହକୁମାସ୍ଥ ଅଶୋକ ମଇଦାନ(ବାଳାଶ୍ରମ ପଡ଼ିଆ)ରେ ଜାତୀୟସ୍ତରୀୟ ୯ମ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ସ୍ଥାନୀୟ ସର୍କିଟ୍ ହାଉସ୍ ସମ୍ମିଳନୀ କକ୍ଷରେ ଶନିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରିକେଟ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ଜ୍ଞାନଚାନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଶ୍ରୀଜୟ ମହାପାତ୍ର, ଧର୍ମେନ୍ଦ୍ର ସାହୁ, ଅୟସକାନ୍ତ ଧଳ ଓ ସ୍ୱସ୍ତିକ ପହି ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ଟୁର୍ନାମେଣ୍ଟରେ ଚଳିତ ବର୍ଷ ୮ ଟିମ୍ ଅଂଶଗ୍ରହଣ କରିବେ। ସେଥିରୁ ଓଡ଼ିଶାର ୬ ଏବଂ ଛତିଶଗଡ଼ ଓ ଝାଡ଼ଖଣ୍ଡର ଗୋଟିଏ ଲେଖାଏ ଟିମ୍ ଭାଗ ନେବେ। ଟୁର୍ନାମେଣ୍ଟର ଗ୍ରାଣ୍ଡଫାଇନାଲ୍ ଫେବୃୟାରୀ ୬ରେ ଅନୁଷ୍ଠିତ ହେବ। ୭ରେ ଏକ ପ୍ରଦର୍ଶନୀ ମ୍ୟାଚ୍ ହେବ ବୋଲି ସୂଚନା ଦିଆଯାଇଛି। ଏଥିସହିତ ଫେବୃୟାରୀ ୮ରେ ବିଗତ ବର୍ଷର ବାକିଥିବା ଫାଇନାଲ୍ ମ୍ୟାଚ୍ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅଶୋକ ଦାସ ଫାଉଣ୍ଡେସନ୍ ଦ୍ୱାରା ପ୍ରାୟୋଜିତ ଓ ମେଲ୍‌ବୋର୍ନ କ୍ରିକେଟ୍ କ୍ଲବ ଯାଜପୁର ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟକୁ ଜିଲା କ୍ରିକେଟ୍ ଆସୋସିଏଶନ୍ ସହଯୋଗ କରୁଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା।

## ଉଦ୍‌ଘାଟନୀରେ ୟଙ୍ଗଷ୍ଟାର ବିଜୟୀ


ଅତିଥିଙ୍କ ଦ୍ୱାରା ଖେଳ ଉଦ୍‌ଘାଟନ କରାଯାଉଛି।

ଖଇରା, ୨୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମିନିଷ୍ଟାଡିୟମରେ ଶନିବାର ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନର ମ୍ୟାଚରେ କଟକର ଆରସି ୟଙ୍ଗଷ୍ଟାର ଭଦ୍ରକର ଉତ୍କଳିକା ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୨୦ଓଭରରେ ୨୪୨ରନ ସଂଗ୍ରହ କରିଥିଲା। ଜବାବରେ କଟକ ୧୬ ଓଭରରେ ୬ ଉଇକେଟ ବିନିମୟରେ ଆବଶ୍ୟକ ରନ କରି ବିଜୟ ଲାଭ କରିଥିଲା। ପ୍ରଦୀପ ଘଡେଇ ଓ ଏସ୍ ମାଝି ମ୍ୟାଚ ପରିଚାଳନା କରିଥିଲେ। ଗୋଳିହା ସରପଞ୍ଚ ପୁଷ୍ପଲତା ଘଡେଇ, ଡୁଙ୍ଗୁରା ସମିତିସଭ୍ୟ ପ୍ରକାଶ ଲେଙ୍କା, କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଆକାଂକ୍ଷା ପାୱାର ଓ ଚଣ୍ଡିମାତା ୟୁଥ କ୍ଲବର ମିଳିତ ସହଯୋଗରେ ଆୟୋଜିତ ଟୁର୍ନାମେଣ୍ଟରେ କୈଳାସ ମାଝି, ଶିବସୁନ୍ଦର ମହାନ୍ତି, ଅସିତ କୁମାର ନାୟକ ଓ ଗୌତମ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଭାରତୀୟ ଗେଟ୍‌ବଲ୍ ସଂଘର ସାଧାରଣ ବୈଠକ

**ଭୁବନେଶ୍ୱର,୨୩।୧(ସ୍ପୋର୍ଟ୍ସ ବ୍ୟୁରୋ):** ଆଇଆରସି ଭିଲେଜଠାରେ ଶୁକ୍ରବାର ଭାରତୀୟ ଗେଟ୍ ବଲ୍ ସଂଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ଦ୍ୱୈପାୟନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ସ୍କୁଲ ଓ କ୍ଲବର ସଦସ୍ୟମାନେ ଯୋଗ ଦେଇଥିଲେ। ଏଥିରେ ଆଗାମୀ ଦୁଇବର୍ଷ ପର୍ଯ୍ୟନ୍ତ ସଂଘରେ ବର୍ତ୍ତମାନ ଥିବା ସଦସ୍ୟମାନେ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଦ୍ୱୈପାୟନ ପୁନର୍ବାର ସଂଘର ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି। ଦିଲୀପ ଦାସ ସଚିବ, ବିଶ୍ୱରଞ୍ଜନ ମିଶ୍ର କୋଷାଧ୍ୟକ୍ଷ ଓ ଅନ୍ୟ ସଦସ୍ୟମାନେ ପୁନଃ ନିର୍ବାଚିତ ହୋଇଛନ୍ତି। ଏସିଆ ପାସିଫିକ୍ ଗେଟ୍‌ବଲ୍ ୟୁନିୟନ ଉପାଧ୍ୟକ୍ଷ ଭାବେ ଭାରତୀୟ ଗେଟ୍‌ବଲ ସଂଘର ଟ୍ରଷ୍ଟି ସଞ୍ଜୟ ପଟ୍ଟନାୟକ ଓ ସଂଘର ଅଧ୍ୟକ୍ଷ ଦ୍ୱୈପାୟନଙ୍କୁ ନିର୍ଦ୍ଦେଶକଭାବେ ମନୋନୀତ କରାଯାଇଛି।

## ଭିଭି କରାଟେ ସ୍କୁଲର ସଫଳତା

ଭୁବନେଶ୍ୱର,୨୩।୧ (ସ୍ପୋର୍ଟ୍ସ ବ୍ୟୁରୋ)

**ଅନ୍‌ଲାଇନ୍ ଟୁର୍ନାମେଣ୍ଟ**

■ ପ୍ରତିଯୋଗୀଙ୍କୁ ୧୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୩ ବ୍ରୋଞ୍ଜ୍

ମା।ଓ୍ୱା।ଟେ-କା-ଶି ଟୋ-ରି ୟୁ- କରାଟେ- ଡୁ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍- ୨୦୨୧ ଅନ୍‌ଲାଇନ ଟୁର୍ନାମେଣ୍ଟରେ ଭି.ଭି. (ଭାଲେନା ଭାଲେଣ୍ଟିନା) କରାଟେ୍ ସ୍କୁଲର ଛାତ୍ରମାନେ ଉଲ୍ଲେଖନୀୟ ସଫଳତ ପ୍ରଦର୍ଶନ କରିଛନ୍ତି। ଜଣାଶୁଣା ମହିଳା କରାଟେକା ଭାଲେନା ଭାଲେଣ୍ଟିନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ସ୍କୁଲର ଛାତ୍ରମାନେ ୧୧ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଏହି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳାଳିମାନେ ହେଲେ ଭାଲେନା ଭାଲେଣ୍ଟିନା (ବ୍ଲାକ ବେଲ୍ଟ) ମହିଳା କାଟାରେ, ଅଙ୍କିତା ସାହୁ (ବ୍ଲାକ ବେଲ୍ଟ ) ୧୮+ ବର୍ଷ ମହିଳା କାଟାରେ, ଜ୍ୟୋତିରଞ୍ଜନ ରାଉତ (କଲର ବେଲ୍ଟ) ୧୮+ ପୁରୁଷ କାଟାରେ, ଆଫା ପରୱେଜ(ବ୍ଲାକ ବେଲ୍ଟ) ୧୬-୧୭ ମହିଳା କାଟାରେ , ସ୍ୱାମିତା ସିହ୍ନା (ବ୍ଲାକ ବେଲ୍ଟ) ୧୬-୧୭ ବର୍ଷ ମହିଳା କାଟାରେ,


ପଦକ ସହ କୃତୀ ପ୍ରତିଯୋଗୀମାନେ।

ବେଦାନ୍ତ ଦାସ (ବ୍ଲାକ ବେଲ୍ଟ) ୧୬-୧୭ ବର୍ଷ ପୁରୁଷ କାଟାରେ , ରୁଦ୍ର ପ୍ରସାଦ (ବ୍ଲାକ ବେଲ୍ଟ)୧୪-୧୫ ବର୍ଷ ବାଳକା କାଟାରେ, ନିଗମାନନ୍ଦ ଦାସ (କଲର ବେଲ୍ଟ) ୧୪-୧୫ ବର୍ଷ ବାଳକ କାଟାରେ, ସୁଶ୍ରୀ କ୍ରିଷ୍ଣା ସାହୁ (କଲର ବେଲ୍ଟ) ୧୪-୧୫ ବର୍ଷ ବାଳିକା କାଟାରେ, ଫାତିମା ପରୱେଜ (ବ୍ଲାକ ବେଲ୍ଟ) ୧୨- ୧୩ ବର୍ଷ ବାଳିକା କାଟାରେ, ଆଲିସା ସୁବିଦ୍ଧି (ବ୍ଲାକ ବେଲ୍ଟ ) ୧୦-୧୧ ବର୍ଷ ବାଳିକା କାଟାରେ, ସମ୍ଭବୀ ସମ୍ପଦ ପଣ୍ଡା (କଲର ବେଲ୍ଟ) ୧୦-୧୧ ବର୍ଷ ବାଳିକା କାଟାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ରାଜଲକ୍ଷ୍ମୀ ମହାରଣା (କଲର ବେଲ୍ଟ) ୭ ବର୍ଷରୁ କମ୍ ବର୍ଗ ବାଳିକା କାଟାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ସେହିପରି ନିଶାଙ୍କ ପଟ୍ଟନାୟକ (କଲର ବେଲ୍ଟ) ୧୦ ବର୍ଷ ବାଳକ କାଟାରେ ଓ କୌଭବ ପଟ୍ଟନାୟକ (କଲର ବେଲ୍ଟ) ୭ ବର୍ଷରୁ କମ୍ ବାଳକ କାଟାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପଟେ ଆୟୁଷ କୁମାର ଦାସ (କଲର ବେଲ୍ଟ) ୧୦-୧୧ ବର୍ଷ ବାଳକ କାଟାରେ ଓ ସୌମ୍ୟାକ ପାନୀ (କଲର ବେଲ୍ଟ) ୧୨- ୧୩ ବର୍ଷ ବାଳକ କାଟାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅନ୍ୟ ଖେଳାଳିମାନେ ହେଲେ ଆଶିକା ଦେବା ଦେବାଙ୍ଗି ୧୨-୧୩ ବର୍ଷ ବାଳିକା କାଟାରେ, ବୈଷ୍ଣବୀ ମହାପାତ୍ର ୧୦-୧୧ ବର୍ଷ ବାଳିକା କାଟାରେ ଓ ସାଇକ୍ରିଷ୍ଣା ପଣ୍ଡା ୧୦ ବର୍ଷ ବାଳକ କାଟାରେ ଅଂଶଗ୍ରଣ କରିଥିଲେ।

# କେରଳ-ଗୋଆ ମ୍ୟାଚ୍ ଡ୍ର

**ବାମ୍ବୋଲିମ୍,୨୩।୧**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶନିବାର କେରଳ ବ୍ଲାଷ୍ଟର୍ସ ଓ ଏଫ୍ସି ଗୋଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏଥିସହ କେରଳ ଏପର୍ଯ୍ୟନ୍ତ ୧୩ଟି ମ୍ୟାଚ୍ ଖେଳି ୩ ବିଜୟ, ୫ ଡ୍ର ଓ ୫ ପରାଜୟ ସହ ୧୪ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଛି। ସେହିପରି ଗୋଆ ୧୩ଟି ମ୍ୟାଚ୍ ଖେଳି ୫ଟି ଲେଖାଏ ବିଜୟ ଓ ଡ୍ର, ୩ ପରାଜୟ ସହ ୨୦ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ସ୍ଥାନୀୟ ଜିଏମ୍ସି ଷ୍ଟାଡିୟମରେ ଅନୁଷ୍ଠିତ ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଗୋଆ ତରଫରୁ ପ୍ରଥମାର୍ଦ୍ଧରେ ଜର୍ଜ ଓର୍ଟିଜ ମେଣ୍ଡୋଜା ୨୫ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ରାହୁଲ କାନୋଲି ପ୍ରବୀଣ

**ଇଣ୍ଡିଆନ ସୁପର ଲିଗ୍**

୫୭ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ଏହାପରେ ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା। ଗୋଆ ପ୍ରଭାବ ବିସ୍ତାର କରି ଖେଳିଥିଲେ ମଧ୍ୟ ବିଜୟୀ ହୋଇପାରି ନ ଥିଲା। ବଲ ପଜେଶନ, ପାସ, ପାସ୍ ଆକ୍ୟୁରେସିରେ ଗୋଆ କେରଳଠାରୁ ଯଥେଷ୍ଟ ଆଗରେ ଥିଲା।



କେରଳ ବ୍ଲାଷ୍ଟର୍ସ ଓ ଏଫ୍ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଓଡ଼ିଶା ଆଜି ବେଙ୍ଗାଲୁରୁକୁ ଭେଟିବ

ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ)ର ରବିବାର ଖେଳାଯିବାକୁଥିବା ଏକ ମ୍ୟାଚରେ ପୂର୍ବତନ ଚାମ୍ପିୟନ ଏଥର ପ୍ରତିଯୋଗିତାରେ ସଂଘର୍ଷ ଚଳାଇଥିବା ଓଡ଼ିଶା ଏଫ୍ସିକୁ ଭେଟିବ। ବେଙ୍ଗାଲୁରୁ ଦଳ ଏହାର ଗତ ୬ଟି ମ୍ୟାଚ ମଧ୍ୟରୁ ଗୋଟିକରେ ବିଜୟ ହାସଲ କରିବାରେ ସମର୍ଥ ହୋଇପାରି ନାହିଁ। ତନ୍ମଧ୍ୟରୁ ୫ଟିରେ ପରାଜୟବରଣ କରିଛି। କାର୍ଲେସ କାଡ୍ରାଟ୍‌ଙ୍କ ପ୍ରସ୍ଥାନ ପରେ କାମଚଳା କୋଚ୍ ନେସସାଦ ମୁଷା ଦଳର ଭାଗ୍ୟ ବଦଳାଇପାରି ନାହାନ୍ତି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍ସି ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିଛି। ଏହି ଦଳ ବିପକ୍ଷରେ କିଛି ଚମତ୍କାରିତା ଦେଖାଇବାକୁ ଚେଷ୍ଟା କରିପାରେ ବେଙ୍ଗାଲୁରୁ ଏଫ୍ସି। ବିଜୟ ହାସଲ କରିପାରିଲେ ଦଳ ୩ ପଏଣ୍ଟ ଅର୍ଜନ କରିବା ଟେବୁଲରେ ଉପରକୁ ଉଠିପାରେ ବୋଲି ମୁଷା ପ୍ରକାଶ କରିଛନ୍ତି। ବେଙ୍ଗାଲୁରୁ ୭ମ ସ୍ଥାନରେ ରହିଛି। ତଥାପି ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ସୁଯୋଗ ରହିଛି। ମୁଷା କହିଛନ୍ତି, ବର୍ତ୍ତମାନ ସେମାନେ ପଏଣ୍ଟ ଟେବୁଲର ପୋଜିଶନ ପାଇଁ ନୁହେଁ ଆଗକୁ ପ୍ରତିଟି ମ୍ୟାଚରେ ଯେପରି ଭଲ ପ୍ରଦର୍ଶନ କରିପାରବେ ସେ ଦିଗରେ ଧ୍ୟାନ ଦେବେ। ଟପ୍ ଦୁଇ ଦଳକୁ ଛାଡ଼ିଦେଲେ ଅନ୍ୟ ଦଳଗୁଡ଼ିକ ପଏଣ୍ଟ ବ୍ୟବଧାନରେ ପାଖାପାଖି ରହିଛନ୍ତି। ବେଙ୍ଗାଲୁରୁ କେରଳ ବିପକ୍ଷରେ ଭଲ ଖେଳିଥିଲା। କିନ୍ତୁ ଫଳାଫଳ ସପକ୍ଷରେ ଯାଇ ନ ଥିଲା। ଓଡ଼ିଶା ବିପକ୍ଷରେ ତାଙ୍କ ଦଳ ବିଜୟ ଲାଭ କରିବ ବୋଲି ମୁଷା ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାକୁ ଯଦି ପଚରାଯାଏ ତେବେ ଏହି ଦଳ କହିବ ବେଙ୍ଗାଲୁରୁ ଏଫ୍ସି ଏବେ ଭଲ ଫର୍ମରେ ନାହିଁ। କିନ୍ତୁ ଆମେ ଓଡ଼ିଶା ଏଫ୍ସି ବିପକ୍ଷରେ ବିଜୟ ହାସଲ କରିପାରିବୁ। ଏହି ଦଳକୁ ଆମେ କୌଣସି ସୁଯୋଗ ଦେବୁନାହିଁ। ଅନ୍ୟପକ୍ଷରେ ଓଡ଼ିଶା ଏଫ୍ସି ଏପର୍ଯ୍ୟନ୍ତ କେବଳ ଗୋଟିଏ ମ୍ୟାଚ ଜିତିପାରିଛି। ଦଳ ପ୍ରତିଯୋଗିତାରେ ଦ୍ୱିତୀୟ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଥିବା କୋଚ୍ ଷ୍ଟୁଆର୍ଟ ବକ୍ସଟର କହିଛନ୍ତି। ଏପରି ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ରଖିବା ଲାଗି ତାଙ୍କ ଦଳ ଉଦ୍ୟମ କରିବ ବୋଲି ସେ କହିଛନ୍ତି। ତାଙ୍କ ଦଳ ଏଟିକେମୋହନବାଗାନ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରିବାର ସାମର୍ଥ୍ୟ ରଖିଥିବା ବକ୍ସଟର କହିଛନ୍ତି।

# ଓଡ଼ିଶା ଭାଓଲେଟ, ଗ୍ରୀନ୍ ବିଜୟୀ

**ଭୁବନେଶ୍ୱର,୨୩।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ମହିଳା ଟି୨୦ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ଭାଓଲେଟ୍ ୩୪ ରନରେ ଓଡ଼ିଶା ରେଡ୍‌କୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ଗ୍ରୀନ୍ ୪ଟି ବଲ ବାକି ରଖି ୩ ଉଇକେଟରେ ଓଡ଼ିଶା ୟେଲୋକୁ ପରାସ୍ତ କରିଛି।

**ଏମ୍‌ଜିଏମ୍ ମହିଳା ଟି୨୦ ଲିଗ୍**

ଟୁର୍ନାମେଣ୍ଟର ଏହି ତୃତୀୟ ମ୍ୟାଚ୍‌ରେ ଭାଓଲେଟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୯.୫ ଓଭରରେ ୯୬ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଅଦ୍ୱିତୀ ଏସ୍‌ଦେଓ ୧୮, ରଶ୍ମିତା ଚିନ୍ନାରା ୧୫, କୁନି ବଦରା ୧୪ ରନ ସଂଗ୍ରହ କରିଥିଲେ। ବୋଲିଂରେ ରେଡ୍ ତରଫରୁ ତନ୍ମୟୀ ବେହେରା, ରାଜଶ୍ରୀ ସ୍ୱାଇଁ ଓ ସୋନାଲି ହେମ୍ବ୍ରମ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ରେଡ୍ ୨୦ ଓଭରରେ ୮ ଉଇକେଟ ହରାଇ ୬୨ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ଶିଳ୍ପା ସ୍ୱାଇଁ ୧୬ ଓ ମାଧୁରୀ ମେହେଟା ୧୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାଓଲେଟ ତରଫରୁ ଅଞ୍ଜଳୀ ସିଂ ୩, କଳ୍ପନା ନାୟକ ୨ ଓ ସୁଶ୍ରୀ ଦିବ୍ୟଦର୍ଶନୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଓସିଏ ସଦସ୍ୟ ସୌମିତ୍ର ଚୌଧୁରୀ ଅଞ୍ଜଳୀ ସିଂଙ୍କୁ ଓମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅଞ୍ଜଳୀ ୪ ଓଭର ବୋଲିଂ କରି ଗୋଟିଏ ମେଡେନ ନେବା ସହ ୧୦ ରନ ବ୍ୟୟ କରି ମୂଲ୍ୟମାନ ୩ ଉଇକେଟ ଅକ୍ତିଆର କରିଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ୟେଲୋ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଜବାବରେ ଗ୍ରୀନ ୧୯.୨ ଓଭରରେ ୭ ଉଇକେଟ ହରାଇ ୧୧୧ ରନ କରି ବିଜୟୀ ହୋଇଥିଲା।




ଅଞ୍ଜଳୀ ସିଂଙ୍କୁ ଓମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି ଓସିଏ ସଦସ୍ୟ ସୌମିତ୍ର ଚୌଧୁରୀ।

# ମହିଳା ହକି ଦଳର ପ୍ରଥମ ପରାଜୟ

**ବୁଏନସ୍‌ଏୟାର୍ସ, ୨୩।୧ (ପି.ଟି.):** ଆର୍ଜେଣ୍ଟିନା ଟୁର୍‌ରେ ଥିବା ଭାରତୀୟ ସିନିୟର ମହିଳା ହକି ଦଳ ପ୍ରଥମ ପରାଜୟ ବରଣ କରିଛି। ଆର୍ଜେଣ୍ଟିନାର ବି' ଦଳଠାରୁ ୧-୨ରେ ପରାସ୍ତ ହୋଇଛି। ଏହି ମ୍ୟାଚରେ ସୋଲ୍ ପାଗେଲା ୧୧ତମ ମିନିଟ୍‌ରେ ଗୋଲ ସ୍କୋର କରି ଘରୋଇ ଦଳକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ଭାରତୀୟ ଫରୱାର୍ଡ ସାଲିମା ଟେଟ୍ ଫାଇନାଲ କ୍ୱାର୍ଟରରେ ଅର୍ଥାତ ୫୪ତମ ମିନିଟ୍‌ରେ ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ତରକୁ ନେଇ ଆସିଥିଲେ। ମାତ୍ର ଏହାର ୩ ମିନିଟ୍ ପରେ ଅଗଷ୍ଟିନା ଗୋର୍ଜେଲାନିଙ୍କ ଗୋଲ ଯୋଗୁ ଆର୍ଜେଣ୍ଟିନା ଦଳ ୨-୧ରେ ବିଜୟ ହାସଲ କରି ନେଇଥିଲା। ଆର୍ଜେଣ୍ଟିନା ଜୁନିୟର ଦଳ ବିପକ୍ଷ ପୂର୍ବ ଦୁଇ ମ୍ୟାଚ ଭାରତ ଯଥାକ୍ରମେ ୨-୨ ଏବଂ ୧-୧ରେ ଡ୍ର ରଖିଥିଲା। ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ କହିଛନ୍ତି, ଶନିବାର ମ୍ୟାଚରେ ଶକ୍ତିଶାଳୀ ଆର୍ଜେଣ୍ଟିନା ଦଳରେ କେତେଜଣ ସିନିୟର ଖେଳାଳି

**ଆର୍ଜେଣ୍ଟିନା ଟୁର୍**

ଖେଳିଥିଲେ। କହିବାକୁ ଗଲେ ଆମେ ସିନିୟର ଦଳ ବିପକ୍ଷରେ ଖେଳିଥିଲୁ। ନିର୍ଦ୍ଧାରିତ ସମୟ ଖେଳ ଶେଷ ହେବାକୁ ଆଉ ମାତ୍ର କେତେ ମିନିଟ୍ ବାକି ଥିବାବେଳେ ଏକ ପେନାଲ୍ଟି କର୍ନର ଜରିଆରେ ଗୋଲ ବରଣ କରିଥିଲୁ। ସତର୍କ ରହିଥିଲେ ହୁଏତ ଏହାକୁ ଏଡାଇ ଦିଆଯାଇ ପାରିଥାନ୍ତା। ଆର୍ଜେଣ୍ଟିନା ବି' ବିପକ୍ଷ ପରବର୍ତ୍ତୀ ମ୍ୟାଚ ଭାରତ ରବିବାର ଖେଳିବ।

## ସାତ୍ୱିକ-ଚିରାଗଙ୍କ ସେମିଫାଇନାଲରୁ ବିଦାୟ

**ବ୍ୟାଙ୍କକ୍, ୨୩।୧(ପି.ଟି.):** ଟୋୟୋଟା ଥାଇଲାଣ୍ଡ ଓପନ୍ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଟୋକିଓ ଅଲିମ୍ପିକ୍ସ ପଦକ ଦାବିଦାର ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଅଭିଯାନ ଶେଷ ହୋଇଛି। ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରି ଆସିଥିବା ଏହି ଯୋଡ଼ି ସେମିଫାଇନାଲରେ ବିଶ୍ୱର ୯ ନମ୍ବର ମାନ୍ୟତାପ୍ରାପ୍ତ ଯୋଡ଼ି ମାଲେସିଆର ଆରୋନଚିଆ ଓ ସୋ ଉଇ ୟିକ୍‌ଙ୍କଠାରୁ ୧୮-୨୧, ୧୮-୨୧ରେ ହାରିଯାଇଥିଲେ। ସୂଚନାଯୋଗ୍ୟ, ବିଶ୍ୱର ୧୦ ନମ୍ବର ଏହି ଭାରତୀୟ ଯୋଡ଼ି ୨୦୧୯ରେ ଫ୍ରେଞ୍ଚ ଓପନ୍ ସୁପର ୭୫୦ ଇଭେଣ୍ଟ ଫାଇନାଲରେ ପ୍ରବେଶ କରିପାରିଥିଲେ ଏବଂ ଥାଇଲାଣ୍ଡରେ ପ୍ରଥମ ସୁପର ୫୦୦ ଟାଇଟଲ ଜିତିଥିଲେ। ସୁପର ୧୦୦୦ ଇଭେଣ୍ଟରେ ଏହି ଯୋଡ଼ି ୨୦୧୮ ଓ ୨୦୧୯ରେ ଭାଗ ନେଇଥିଲେ ମଧ୍ୟ ଏଥର ପ୍ରଥମଥର ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସାତ୍ୱିକ ଓ ଚିରାଗ ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ବିଫଳ ରହିଥିଲେ।

# ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀଗଣ।

**ଭୁବନେଶ୍ୱର, ୨୩।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଖୋର୍ଦ୍ଧା ଜିଲା ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଜଟଣୀ ବିଧାୟକ ବିଭୂତି ବଳବନ୍ତ ରାୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟ ଶକ୍ତି ଉତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଜିଲା ସଂଘ ସଭାପତି ରାଜେଶ କୁମାର ପରିଡ଼ା ଓ ସମ୍ପାଦକ ସମରେନ୍ଦ୍ର ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଉତ୍କଳ କରାଟେ ସ୍କୁଲର ସମ୍ପାଦକ ଡଃ ହରିପ୍ରସାଦ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ସିନିୟର ମହିଳା ୫୨ କେଜି ଶ୍ରେଣୀରେ ଖୋର୍ଦ୍ଧାର ଅନୁପମା ସ୍ୱାଇଁ ଓ ୫୭କେଜିରେ ଗାୟତ୍ରୀ ମୁର୍ମୁ ସ୍ୱର୍ଣ୍ଣ ଜିତିଥିବାବେଳେ ସିନିୟର ପୁରୁଷ ୮୩ କେଜି ଶ୍ରେଣୀରେ ଖୋର୍ଦ୍ଧାର ବିଶ୍ୱଜିତ ଜେନା ୭୪ କେଜିରେ ବାଦଲ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## ୨୭ରୁ ଏଆଇଏଫ୍ଏଫ୍ 'ଇ' ଲାଇସେନ୍ସ କୋଚିଂ ପ୍ରୋଗ୍ରାମ

**ଭୁବନେଶ୍ୱର, ୨୩।୧(ସ୍ପୋର୍ଟ୍ସ ବ୍ୟୁରୋ):** ରାଜ୍ୟର ଫୁଟବଲ କୋଚ୍‌ମାନଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସହଯୋଗରେ ଏକ ସ୍ୱତନ୍ତ୍ର କୋଚିଂ କୋର୍ସ ଆରମ୍ଭ କରିବାକୁ ଯାଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୭ରୁ ଫେବୃୟାରୀ ୧୧ ତାରଖ ମଧ୍ୟରେ କୋଚ୍‌ମାନଙ୍କ ପାଇଁ ଅଲଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍) 'ଇ' ଲାଇସେନ୍ସ କୋର୍ସ ପ୍ରଦାନ କରାଯିବ। ପ୍ରତ୍ୟେକ ଜିଲାରୁ ୨ଟି ଲେଖାଏ କୋଚ୍ ଏହି କୋର୍ସରେ ଭାଗ ନେବେ। ରାଜ୍ୟର ମୋଟ ୭୨ ଜଣ କୋଚ୍ ଏହି କୋର୍ସରେ ଶିକ୍ଷା ଗ୍ରହଣ କରିବେ। ୩ ଟି ପର୍ଯ୍ୟାୟରେ କୋର୍ସ ପ୍ରଦାନ କରାଯିବ। ରାଜ୍ୟର ଓ ଜିଲାଗୁଡ଼ିକର ପୂର୍ବତନ ଖେଳାଳିଙ୍କ ପାଇଁ ଏହି ସ୍ୱତନ୍ତ୍ର କୋର୍ସର ବ୍ୟବସ୍ଥା କରାଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ଏହି କୋର୍ସ ନିମନ୍ତେ ସବୁ ଖର୍ଚ୍ଚ ବହନ କରିବ। ସ୍ୱତନ୍ତ୍ର କୋର୍ସ ପ୍ରଦାନ କାର୍ଯ୍ୟକ୍ରମ ପାଇଁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା କ୍ରୀଡ଼ା ଓ ଯୁବସେବା ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, କ୍ରୀଡ଼ା ସ୍ୱତନ୍ତ୍ର ସଚିବ ଆର. ଭିନିଲ କ୍ରିଷ୍ଣାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଶ୍ରୀଲଙ୍କା ୩୮୧ରେ ଅଲ୍‌ଆଉଟ

**ଗାଲେ,୨୩।୧(ଏପି)**

ସ୍ଥାନୀୟ ଗାଲେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମ ଇନିଂସରେ ୧୩୯.୩ ଓଭରରେ ୩୮୧ ରନକରି ଅଲଆଉଟ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଇଂଲଣ୍ଡ ଦୁଇ ଓପନରଙ୍କୁ ହରାଇ ପ୍ରାରମ୍ଭିକ ଝଟକା ଖାଇଥିଲା। ତେବେ ଅଧିନାୟକ ଜୋ ରୁଟ୍ ଓ ଜନୀ ବେୟାରଷ୍ଟୋଙ୍କ ଲଢୁଆ ବ୍ୟାଟିଂ ବଳରେ ସ୍ଥିତି ସମ୍ଭାଳିଛନ୍ତି। ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଇଂଲଣ୍ଡ ପ୍ରଥମ ଇନିଂସରେ ୩୦ ଓଭରରେ ୨ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଛି। ଫଳରେ ଇଂଲଣ୍ଡ ୮ ଉଇକେଟ ହାତରେ ଥାଇ ୨୮୩ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ରୁଟ୍ ୬୭ (୭୭ ବଲ, ୧୦ ଚୌକା) ଓ ବେୟାରଷ୍ଟୋ ୨୪ ରନକରି ଅପରାଜିତ ରହିଛନ୍ତି। ଦୁଇ ଓପନର ଜ୍ୟାକ କ୍ରଲି ୫ ଓ ଡୋମ୍ ସିବ୍‌ଲି ଖାତା ଖୋଲିବା ପୂର୍ବରୁ ସ୍ଲୋ ବାମହାତୀ ଅର୍ଥୋଡକ୍ସ ବୋଲର ଲାସିଥ ଏମ୍ବୁଲଡେନିୟାଙ୍କ ଦ୍ୱାରା ଆଉଟ ହୋଇଛନ୍ତି। କ୍ରଲି ଲାହିରୁ ଥିରିମାନେଙ୍କୁ କ୍ୟାଚ୍ ଦେଇଥିବା ବେଳେ ସିବ୍‌ଲି ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୨୯/୪ ରୁ ଖେଳ ଆରମ୍ଭ କରି ଶ୍ରୀଲଙ୍କା ଶନିବାର ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଆଞ୍ଜେଲୋ ମାଥ୍ୟୁସ ୧୦୭ ରନରୁ ଖେଳ ଆରମ୍ଭ କରି ଆଉ ମାତ୍ର ୩ ରନ ଅଧିକ ସଂଗ୍ରହ କରି ୧୧୦ ରନ କରି ଆଉଟ ହୋଇଥିଲେ। ତେବେ ଉଇକେଟକିପର ବ୍ୟାଟ୍ସମ୍ୟାନ ନିରୋଶାନ ଡିକ୍‌ୱେଲା ୧୯ ରନରୁ ଖେଳ ଆରମ୍ଭ କରି ୯୨ ରନର ଲଢୁଆ ଇନିଂସ ଖେଳି ଆଉଟ ହୋଇଥିଲେ। ଦିଲରୁୱାନ ପେରେରା ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ରମେଶ ମେଣ୍ଡିସ୍ ଓ ସୁରଙ୍ଗା ଲାକମଲ ଖାତା ଖୋଲିପାରି ନ ଥିଲେ। ଅସିଥା ଫର୍ଣ୍ଣାଣ୍ଡୋ ବିନା ସ୍କୋରରେ ଅପରାଜିତ ରହିଥିଲେ। ସେହିପରି ଏମ୍ବୁଲଡେନିୟା ୭ ରନ କରି ଆଉଟ ହୋଇଥିଲେ। ପୂର୍ବରୁ ଅଧିନାୟକ ଦୀନେଶ ଚାଣ୍ଡିମଲ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ଓପନର ଲାହିରୁ ଥିରିମାନେ ଆଉଟ ହେବା ପୂର୍ବରୁ ୪୩ ରନ ସଂଗ୍ରହ କରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ଜେମ୍ସ ଆଣ୍ଡରସନ ସର୍ବାଧିକ ୬, ମାର୍କ ଉଡ୍ ୩, ସାମ କୁରାନ ୧ ଉଇକେଟ ଅକ୍ତିଆର କରିଥିଲେ।




ଜୋ ରୁଟ୍

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ- ୧୩୯.୩ ଓଭରରେ ୩୮୧ରେ ଅଲଆଉଟ (ମାଥ୍ୟୁସ୍- ୧୧୦, ଡିକ୍‌ୱେଲା- ୯୨, ଚାଣ୍ଡିମଲ- ୫୨, ପେରେରା- ୬୭, ଆଣ୍ଡରସନ- ୬/୪୦, ଉଡ- ୩/୮୪, ସାମ କୁରାନ- ୧/୬୦)।

ଇଂଲଣ୍ଡ ପ୍ରଥମ ଇନିଂସ- ୩୦ ଓଭରରେ ୯୮/୨ (ରୁଟ୍- ୬୭*, ବେୟାରଷ୍ଟୋ- ୨୪, ଏମ୍ବୁଲଡେନିୟା- ୨/୩୩)।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ମଶାରି ବଣ୍ଟନ ଆରମ୍ଭ

ଖପ୍ରାଖୋଲ, (ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଜିଲାପାଳ ସୋମନାଥ ପଧାନ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଡିଓ ତରଣୀ ସୁନା, ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବସ୍ତ କୁମୁରା, ଡାକ୍ତର ରାଜନାରାୟଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ କୀଟନାଶକ ଉପଚାରିତ ମଶାରିର ବ୍ୟବହାର ଉପରେ କହିଥିଲେ। ପରେ ମଶାରି ବଣ୍ଟନ କରାଯାଇଥିଲା। ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୩୭ଟି ଗାଁର ୫୦ଟି ବିତରଣ କେନ୍ଦ୍ରରେ ଲୋକଙ୍କୁ ମଶାରି ବଣ୍ଟନ କରାଯାଇଛି।



# ସଂକ୍ଷେପରେ

## ନେତାଜୀ, ସୁରେନ୍ଦ୍ର ସାଏ ଜୟନ୍ତୀ

ପଦ୍ମପୁର, ୨୩।୧ (ଡି.ଏନ.ଏ.): ପଦ୍ମପୁର ସୈନିକ କଲ୍ୟାଣ ସଂଘ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସ୍ଥାନୀୟ ରିକ୍ରିଏସନ ସେଣ୍ଟରରେ ପାଳିତ ହୋଇଯାଇଛି। ସଂଘ ସଭାପତି ରାସବିହାରୀ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ରାମନାରାୟଣ ପାଣିଗ୍ରାହୀ ଯୋଗଦାନ କରି ଦୀପ ପ୍ରଜ୍ୱଳନ ପୂର୍ବକ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାମାଜିକ କର୍ମୀ ନିରୋଜ ଦୋରା, ଭାଷ୍କର ଦାଶ, ସୁରେଶ ପତି, ସୀତାନାଥ ସାହୁ, ମହେଶ୍ୱର ସାହୁ, ଲଳିତ ପ୍ରଧାନ, ପଞ୍ଚାନନ ସାହୁ, ଆନନ୍ଦ କୁମାର ସିଂ ପ୍ରମୁଖ ଯୋଗଦେଇ ସଂଗ୍ରାମୀଙ୍କ ଅମର ଜୀବନର ସ୍ମୃତିଚାରଣ କରିଥିଲେ।

## ଗୁଟ୍‌ଖା ଦୋକାନ ଉପରେ ଚଢ଼ାଉ

ଜୁନାଗଡ, ୨୩।୧ (ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ସହରର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବିକ୍ରି କରୁଥିବା ଗୁଟଖା, ତମାଖୁ, ବିଡି, ସିଗାରେଟ, ଖଇନୀ ଦୋକାନ ଉପରେ ଶୁକ୍ରବାର ଅତର୍କିତ ଭାବେ ଖାଦ୍ୟ ବିଭାଗ, ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ସହରର ନୂଆବସଷ୍ଟାଣ୍ଡ, କଲମପୁର ଛକ, ଡେଲି ମାର୍କେଟ ଓ ସହରର ଶିକ୍ଷାନୁଷ୍ଠାନର ୨ ଶହ ମିଟର ପରିସରରେ ଏହି କାରବାର କରୁଥିବା ଦୋକାନ ଉପରେ ଚଢାଉ କରାଯାଇଥିଲା। ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯିବ ସହ ଉକ୍ତ ସାମଗ୍ରୀ ଗୁଡିକୁ ଜବତ କରାଯାଇଥିଲା। ଚଢାଉରେ ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ, ଧର୍ମଗଡ ରେଞ୍ଜ ଅବକାରୀ ଇନ୍ସପେକ୍ଟର ଲଳିତ ମୋହନ ମିଶ୍ର, ଜୁନାଗଡ ଅବକାରୀ ଉପନିରୀକ୍ଷକ ହିରାବତୀ ଥାଟି, ଖାଦୀ ନିରୀକ୍ଷକ ତପସ୍ୱିନୀ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ, ପ୍ରଥମେ ସଚେତନତା ନ କରି ଛୋଟ ଦୋକାନୀଙ୍କ ଉପରେ ଏପରି ଚଢାଉ କରିବା ଗରୀବଙ୍କୁ ଲାତ ମାରିବା ସଦୃଶ୍ୟ ହୋଇଛି। ଆଗାମୀ ଦିନରେ ପୂର୍ବରୁ ସଚେତନ ନ କରି ଚଢାଉ କଲେ ସହରର ଦୋକାନ ବଜାର ବନ୍ଦ କରାଯିବ ବୋଲି ଜୁନାଗଡ ବଣିକ ସଂଘର ସଭାପତି ମୁକେଶ ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ପରାକ୍ରମ ଦିବସରେ ଚିତ୍ରାଙ୍କନ ପ୍ରତିଯୋଗିତା

ତରବୋଡ/ନୂଆପଡା ଅଫିସ, ୨୩।୧ (ଡି.ଏନ.ଏ.): ନେହେରୁ ଯୁବ କେନ୍ଦ୍ର ନୂଆପଡା ଓ ସମାଜ ଦର୍ପଣ ଯୁବକ ସଂଘ ମାନିଗୁଡାଙ୍କ ମିଳିତ ଆନୁକୂଲ୍ୟରେ ପରାକ୍ରମ ଦିବସ ବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମାନିଗୁଡାଠାରେ ଯୁବକ/ଯବତୀମାନଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମ ସ୍ଥାନ ଜ୍ୟୋତିମୟୀ ବାଗ, ଦ୍ୱିତୀୟ ଜୀତେନ୍ଦ୍ର ଦୀପ, ତୃତୀୟ ସ୍ଥାନରେ ଅନଙ୍ଗ ସିଂଠାକୁର ଓ ମୁସ୍କାନ ବାଗଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ରର ଟିକେଶ୍ୱର ହଂସ ପରିଚାଳନା କରିଥିଲେ।

## ବିଧାୟକ ଓ ତାଙ୍କ କାକାଙ୍କ ବିରୋଧରେ ଥାନାରେ ଅଭିଯୋଗ

ଲୋଇସିଂହା, ୨୩।୧ (ଡି.ଏନ୍.ଏ.): ସାମାଜିକ ଗଣମାଧମରେ ଏକ ପୋଷ୍ଟରେ ପ୍ରତିକ୍ରିୟାକୁ କେନ୍ଦ୍ର କରି ଲୋଇସିଂହା ବିଧାୟକ ଓ ତାଙ୍କ କକାଙ୍କ ବିରୋଧରେ ଲୋଇସିଂହା ଥାନାରେ ଅଭିଯୋଗ ହୋଇଛି। ଝସକେତନ ମହାନନ୍ଦ ନାମକ ଜଣେ ଯୁବକ ଥାନାରେ ଏ ନେଇ ଅଭିଯୋଗପତ୍ର ଦାଖଲ କରିଛନ୍ତି। ସାମାଜିକ ଗଣମାଧମରେ ବିଧାୟକଙ୍କ ଏକ ପୋଷ୍ଟରରେ ପ୍ରତିକ୍ରିୟାକୁ କେନ୍ଦ୍ର କରି ବିଧାୟକଙ୍କ କକା ମହାନନ୍ଦଙ୍କ ଘର ସମ୍ମୁଖରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ଜୀବନରେ ମାରି ଦେବାର ଧମକ ଦିଆଯାଇଥିବା ଅଭିଯୋଗ କରାଯାଇଛି। ଏ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ପୋଲିସ ଅଧିକାରୀ କହିଥିବା ଜଣାପଡିଛି। ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ପଚାରିବାରୁ ଅଭିଯୋଗର କୌଣସି ସତ୍ୟତା ନାହିଁ। ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ଭିତ୍ତିହୀନ ଅଭିଯୋଗ କରାଯାଉଛି ବୋଲି କହିଛନ୍ତି।

# ଟୋକନ ଅବଧି ଶେଷ, ବିକି ପାରିଲେନି ଧାନ

ଜୁନାଗଡ, ୨୩।୧ (ଡି.ଏନ୍.ଏ)

**ନୂଆଗୁଡ଼ା ମଣ୍ଡି**
- ପ୍ୟାକ୍ସ କର୍ମଚାରୀଙ୍କ ଦାୟିତ୍ୱହୀନତା
- ଫୋନ ଉଠାଇଲେନି ଆରଏମସି ସମ୍ପାଦକ, ଯୋଗାଣ ନିରୀକ୍ଷକ
- ଧାନ କିଣା ବାଟବଣା

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପ୍ୟାକ୍ସ ଅନ୍ତର୍ଗତ ନୂଆଗୁଡା ମଣ୍ଡିରେ ମାସେ ପର୍ଯ୍ୟନ୍ତ ଜଣେ ମହିଳା ଚାଷୀ ଧାନ ବିକ୍ରି କରି ନ ପାରିବାରୁ ଶେଷରେ ଶୁକ୍ରବାର ତାଙ୍କ ଟୋକନ ଅବଧି ଶେଷ ହୋଇଥିବା ଜଣାପଡିଛି। ସ୍ଥାନୀୟ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ତଥା ପାତରଅନ୍ତର ଯୋଗୁ ଏପରି ହୋଇଥିବା ସାଧାରଣରେ ଆଲୋଚନା ହେଉଛି।

ସୂଚନାରୁ ପ୍ରକାଶ ଯେ, ନୂଆଗୁଡା ଗ୍ରାମର ଜଣେ ମହିଳା ଚାଷୀ ଗତ ଡିସେମ୍ବର ୨୨ରେ ସ୍ଥାନୀୟ ମଣ୍ଡିରେ ୬୦ କୁଇଣ୍ଟାଲ ଧାନବିକ୍ରି ପାଇଁ ଟୋକନ ପାଇଥିଲେ। ଟାର୍ଗେଟ ଅଭାବ ଦେଖାଇ ଚିଚୈଗୁଡା ଧାନକ୍ରୟ ଅଧିକାରୀ ବିଭିନ୍ନ ଦିନରେ ତାଙ୍କ ଧାନ ଉଠାଇ ନ ଥିଲେ। ମାସେ ପରେ ୨୨ ତାରିଖରେ ତାଙ୍କ ଟୋକନ ଅବଧି ଶେଷ ହୋଇଛି। ସରକାର ଟୋକନ ପାଇଁ କେନ୍ଦ୍ରୀୟ ବ୍ୟବସ୍ଥା ଲାଗୁ କରିଥିବାରୁ ପୁଣି ଥରେ ଟୋକନ ଇସ୍ୟୁ କରିବା ସହଜ ନୁହେଁ। ଏଥିପାଇଁ ଧାନ ବିକ୍ରି କରିବାକୁ ଚାଷୀଙ୍କୁ ମାସେ ସମୟ ଦିଆଯାଉଛି। ଏହି ସମୟ ମଧ୍ୟରେ ଚାଷୀଙ୍କ ଧାନ ଉଠାଣ ପାଇଁ ସ୍ଥାନୀୟ ଧାନ କ୍ରୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିବା ବେଳେ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି।

ପୂର୍ବରୁ ଚିଚୈଗୁଡା ମଣ୍ଡିରେ ନୂଆଗୁଡା ଗ୍ରାମବାସୀ ଧାନ ବିକ୍ରି କରୁଥିଲେ। ସେଠାରେ ବିଭିନ୍ନ ସମସ୍ୟା ହେତୁ ନୂଆଗୁଡା ଚାଷୀମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଥିଲେ। ନୂଆଗୁଡା ଗ୍ରାମବାସୀ ନିଜ ଗାଁରେ ଗୋଟିଏ ମଣ୍ଡି ଖୋଲିବାକୁ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କୁ ଗତ କିଛିମାସ ତଳେ ଦାବିପତ୍ର ପ୍ରଦାନ କରିଥିଲେ। ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଚଳିତବର୍ଷ ପ୍ରଶାସନ ପକ୍ଷରୁ ନୂଆଗୁଡାରେ ଏକ ମଣ୍ଡି ଖୋଲାଯାଇଥିଲା। ଏହି ମଣ୍ଡି ସପ୍ତାହର ଶନିବାର ଓ ରବିବାର ୨ଦିନ ଚାଲିବ ବୋଲି ସ୍ଥାନୀୟ ଧାନକ୍ରୟ ଅଧିକାରୀ ବସନ୍ତ ମେହେର ଉଦ୍‌ଘାଟନ ବେଳେ କହିଥିଲେ। ଟାର୍ଗେଟ ଅଭାବ ଦେଖାଇ ପ୍ରଥମରୁ ଧାନ ଉଠାଣ କରାଯାଇ ନ ଥିଲା। ଫଳରେ ନୂଆଗୁଡା ଚାଷୀଙ୍କ ଧାନ ବିକ୍ରି ହେବା ବିଳମ୍ବ ହୋଇଥିଲା। ଅନ୍ୟପକ୍ଷରେ ଚିଚୈଗୁଡା ମଣ୍ଡିକୁ ଧାନ କ୍ରୟ ଅଧିକାରୀ ବିଶେଷ ଧ୍ୟାନ ଦେଇଥିଲେ। ଯାହାକି ଧାନ କ୍ରୟ ଅଧିକାରୀ ମେହେରଙ୍କ ଏକ ରିପୋର୍ଟରୁ ଜଣାପଡେ। ବର୍ତ୍ତମାନ ସୁଦ୍ଧା ଚିଚୈଗୁଡା ମଣ୍ଡିରେ ୪୯୬ଜଣ ଚାଷୀଙ୍କ ପ୍ରାୟ ୩୦ ହଜାର କୁଇଣ୍ଟାଲ ଧାନ ଉଠାଣ କରାଯାଇଥିବା ବେଳେ ନୂଆଗୁଡା ମଣ୍ଡିରେ ୧୧୧ଜଣ ଚାଷୀଙ୍କ ୬୨୮୧ କୁଇଣ୍ଟାଲ ଧାନ ଉଠାଣ କରାଯାଇଛି। ସେହିପରି ଚିଚୈଗୁଡା ମଣ୍ଡିରେ ଜାନୁୟାରୀର ଧାନ ଉଠାଣ କରାଯାଇଥିବା ବେଳେ ନୂଆଗୁଡା ମଣ୍ଡିରେ ଏବେ ବି ଡିସେମ୍ବରର ଧାନ ପଡିରହିଛି। ଫଳରେ ଧାନ କ୍ରୟ ଅଧିକାରୀଙ୍କ ପାତରଅନ୍ତର ମନୋଭାବ ଦେଖାଯାଉଥିବାରୁ ନୂଆଗୁଡା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନୂଆଗୁଡା ମଣ୍ଡିରେ ବର୍ତ୍ତମାନ ୧୮ଜଣ ଚାଷୀଙ୍କ ୯୭୦ କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। ଏ ନେଇ ଚିଚୈଗୁଡା ଧାନ କ୍ରୟ ଅଧିକାରୀ ବସନ୍ତ ମେହେରଙ୍କୁ ଟୋକନ କଟିବା ବିଷୟରେ ପଚାରିବାରୁ ସିଧାସଳଖ ଟାର୍ଗେଟକୁ ଦାୟି କରିଥିଲେ। ଚିଚୈଗୁଡା ମଣ୍ଡି ପ୍ରାୟ ସମୟରେ ଚାଲୁଥିବା ଓ ନୂଆଗୁଡା ମଣ୍ଡି ଧାର୍ଯ୍ୟ ଦିନରେ ବି ଚାଲୁ ନ ଥିବା ବିଷୟରେ ପଚାରିବାରୁ ପୁନଶ୍ଚ ଟାର୍ଗେଟକୁ ଦାୟି କରିଥିଲେ। ଏ ନେଇ ଜୁନାଗଡ ଆରଏମସି ସମ୍ପାଦକ ଟଙ୍କଧର ନାଏକଙ୍କ ମୋବାଇଲ ନଂ. ୭୦୦୮୩୯୨୩୪୯ ଓ ବ୍ଲକ ଯୋଗାଣ ନିରୀକ୍ଷକ ଦେବଧର ଧରୁଆଙ୍କ ମୋ ନଂ. ୮୨୪୯୧୦୨୭୨୨କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ଫୋନ ଉଠାଇ ନ ଥିଲେ। ତହସିଲଦାର ବେଦବ୍ୟାସ ଭୋଇଙ୍କୁ ପଚାରିବାରୁ ସ୍ଥାନୀୟ ଧାନ କ୍ରୟ ଅଧିକାରୀଙ୍କୁ ଏ ବିଷୟରେ ପଚାରୁଛି ବୋଲି କହିଥିଲେ। ମାସେ ପରେ ମଧ ଜଣେ ଚାଷୀଙ୍କ ଧାନ ଉଠାଣ ନ ହେବାରୁ ଟୋକନ କଟିଯାଇଛି। ଏହି ଘଟଣାରେ ଯେଉଁମାନେ ବି ସମ୍ପୃକ୍ତ ଅଛନ୍ତି, ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି।

# କାୟାକଳ୍ପ ଟିମ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ



କାୟାକଳ୍ପ ଟିମ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

କେସିଙ୍ଗା, ୨୩।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଶୁକ୍ରବାର ପରିଦର୍ଶନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ୱାର୍ଡ, ପ୍ରସୂତୀ ଓ ଶିଶୁରୋଗ କେନ୍ଦ୍ର ଆଦି ବୁଲି ଦେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। କାୟାକଳ୍ପ ଦଳରେ ଯୁଗ୍ମ ନିର୍ଦ୍ଦେଶକ ଡା. ଶୁଭେନ୍ଦୁ ନାଏକ, ଆୟୁଷ ପରାମର୍ଶଦାତା ଡା. ପିୟୁଷ ମହାନ୍ତି, ଶୁଭ୍ରଭାନୁ ପଣ୍ଡାଙ୍କ ସମେତ ଜିଲାରୁ ଆସିଥିବା ଗାଁ କଲ୍ୟାଣ ସମିତି ସଂଯୋଜିକା ରିତା ନାୟକ, ନିହାର ଠାକୁର ପ୍ରମୁଖ ସାମିଲ ଥିଲେ। ପରିଦର୍ଶନ ସମୟରେ ମେଡିକାଲ ଅଧକ୍ଷକ ସୁବାଷ ଚନ୍ଦ୍ର ବେହେରା, ଫର୍ମାସିଷ୍ଟ ଗୋପାଳ କୃଷ୍ଣ ପାଣିଗ୍ରାହୀ, ହିସାବ ରକ୍ଷକ ବିଶ୍ୱଭୂଷଣ ପ୍ରଧାନୀ, ଗୋଷ୍ଠୀ କେନ୍ଦ୍ର ସମସ୍ତ କର୍ମଚାରୀ ପରିଦର୍ଶନ ସମୟରେ ଉପସ୍ଥିତ ରହିଥିଲେ।

# ଜନ୍ମତିଥିରେ ନେତାଜୀ, ସୁରେନ୍ଦ୍ର ସାଏଙ୍କ ସ୍ମୃତିଚାରଣ

ବରଗଡ଼ ଅଫିସ୍, ୨୩।୧


ପ୍ରତିମୂର୍ତ୍ତି ତଳେ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

ବରଗଡ଼ର ବିଭିନ୍ନ ସ୍ଥାନରେ ଶନିବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ସମାରୋହରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ପଦ୍ମିନୀ ସାହୁ ପ୍ରମୁଖ ଯୋଗ ଦେଇ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସିମେଣ୍ଟ ନଗରସ୍ଥିତ ଏସିସି ବିକାଶରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲର ଅନ୍ୱିତା ଷଡ଼ଙ୍ଗୀ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରବୀଣ ସାହୁ କବିତା ଆବୃତ୍ତି କରିଥିଲେ। ଅଧ୍ୟକ୍ଷ ସନାତନ ମହାପାତ୍ର ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବିକାଶ ଲ କଲେଜରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲର କୋଅର୍ଡ଼ିନେଟର ଶିବାନନ୍ଦ ସାହୁ ପରିଚାଳନା କରିଥିଲେ। ରାଣାପ୍ରତାପ ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଅତାବିରା ବ୍ଲକ ପାଇଁ ଗୌରବ ଆଣିଲେ ମାଧବୀ

କାମଟିକ୍ରା, ୨୩।୧ (ଡି.ଏନ.ଏ.)



ବରଗଡ଼ ଜିଲା ଅତାବିରା ବ୍ଲକ ପାଇଁ ଗୌରବ ଆଣିଲେ ଗମ୍ଭାରିପାଲି ଗ୍ରାମର ବୋହୁ ମାଧବୀ ମହାକୁର (୨୧)। ମନରେ ଦୃଢ଼ ଇଚ୍ଛାଶକ୍ତି ଥିଲେ ସବୁ କିଛି ସମ୍ଭବ ହୋଇପାରେ। ମାଧବୀ ଏହା କରି ଦେଖାଇଛନ୍ତି। ଦେଶସେବା କରିବା ପାଇଁ ଇଚ୍ଛା ଏବଂ ଦୃଢ଼ ବିଶ୍ୱାସ ଯୋଗୁ ସୀମା ସୁରକ୍ଷା ବାହିନୀରେ ଯୋଗଦେବେ ପାଇଁ ଦେଇଥିବା ପରୀକ୍ଷାରେ ସେ ସଫଳ ହୋଇଛନ୍ତି। ଏବେ ସାଜିଛନ୍ତି ଅତାବିରା ଅଞ୍ଚଳ ପାଇଁ ପ୍ରେରଣାର ଉତ୍ସ। ବିବାହର ୨ ବର୍ଷ ପରେ ସେ ଏସଏସସିରେ ପରୀକ୍ଷା ଦେଇଥିଲେ। ଏସଏସସିର ପରୀକ୍ଷା ଫଳ କୋଭିଡ୍– ୧୯ ପାଇଁ ସ୍ଥଗିତ ରହିଲା ଗୋଟିଏ ବର୍ଷ। ୩ ବର୍ଷ ପରେ ଏସଏସସିର ପରୀକ୍ଷା ଫଳ ପ୍ରକାଶ ପାଇଲା ଏବଂ ମାଧବୀ ଏସଏସବି ସୀମା ସୁରକ୍ଷା ବାହିନୀରେ ଉତ୍ତିର୍ଣ୍ଣ ହୋଇଛନ୍ତି ଏବଂ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସେ କାମରେ ଯୋଗଦେବେ ବୋଲି ଜଣାପଡ଼ିଛି। ମାଧବୀ ସୀମା ସୁରକ୍ଷା ବାହିନୀରେ ଯୋଗଦେବା କଥା ଶୁଣି ମାଧବୀଙ୍କ ପରିବାର ଓ ଶାଶୁଘର ପରିବାର ଖୁସି ବ୍ୟକ୍ତ କରିଛନ୍ତି। ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବାଗବାହାଲି ଗ୍ରାମର ମାଧବୀ ୨୦୧୭ରେ ଅତାବିରା ବ୍ଲକ ଗମ୍ଭାରିପାଲି ଗ୍ରାମର ମନୋରଞ୍ଜନ ପ୍ରଧାନଙ୍କୁ ବିବାହ କରିଥିଲେ। ନିଜ ଲକ୍ଷ୍ୟ ଏବଂ ସ୍ୱପ୍ନକୁ ସାକାର କରିବା ପାଇଁ ମାଧବୀଙ୍କୁ ଏସଏସସିରେ ପରୀକ୍ଷା ଦେବା ପାଇଁ ମନୋରଞ୍ଜନ କହିଥିଲେ। ଘରର ଆର୍ଥିକ ସ୍ଥିତି ଠିକ ନ ଥିବାରୁ ସ୍ୱାମୀ ମନୋରଞ୍ଜନ ବାଙ୍ଗାଲୋରରେ ଏକ କମ୍ପାନୀରେ କାମ କରୁଥିଲେ। ମାଧବୀଙ୍କୁ ସବୁ କ୍ଷେତ୍ରରେ ସାହାର୍ଯ୍ୟ କରୁଥିଲେ ମନୋରଞ୍ଜନ।

## ପ୍ରାତଃ ଭ୍ରମଣରେ ଯାଇ ନିଖୋଜ

ବୌଦ୍ଧ, ୨୩।୧ (ସ୍ୱ.ପ୍ର.)

ବୌଦ୍ଧ ସହରର ମୁସଲିମ୍‌ପଡାର ମତିନ ଖାଁ (୫୦) ପ୍ରାତଃଭ୍ରମଣରେ ଯାଇ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ବୌଦ୍ଧ ଥାନାରେ ଶନିବାର ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁଯାୟୀ, ମତିନ ଗତ କିଛି ଦିନ ତଳେ ପ୍ରାତଃଭ୍ରମଣରେ ଘରୁ ଯାଇଥିଲେ। ସେ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଫଳରେ ମତିନଙ୍କ ପୁଅ ଅବଦୁଲ ମହସିନ ଖାଁ ବାପା ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କଲଭର୍ଟ ଭାଙ୍ଗି ରାସ୍ତା ଉପରେ ଗର୍ତ୍ତ

ତରବୋଡ/ନୂଆପଡା ଅଫିସ, ୨୩।୧ (ଡି.ଏନ.ଏ.)

ନୂଆପଡା ଜିଲା ତରବୋଡ ଜଗନ୍ନାଥ ପଡା, ବେହେରା ମୁଣ୍ଡାଠାରୁ ୩୫୩ ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା କଲଭର୍ଟ ଭାଙ୍ଗି ଯାଇଥିବାରୁ ଯାତାୟାତ ବ୍ୟାହତ ହୋଇଯାଇଛି। କଲଭର୍ଟ ଗତବର୍ଷ ନିର୍ମାଣ ହୋଇଥିଲା। ନିମ୍ନମାନର କାର୍ଯ୍ୟ ହୋଇଥିବାରୁ କଲଭର୍ଟ ଉପର ଛାତ ଭାଙ୍ଗି ପଡିବାରୁ ବଡଗର୍ତ୍ତ ହୋଇଯାଇଛି। ଫଳରେ ଜଗନ୍ନାଥ ପଡା ଓ ବେହେରା ମୁଣ୍ଡାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ କଲଭର୍ଟ ଶୀଘ୍ର ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ସୋନପୁର/ଲୋଇସିଂହା, ୨୩।୧ (ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ତିଲେଇମାଲ–ଲଛିପୁର ରାସ୍ତାରେ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ସହଁରାପାଲିର କ୍ଷୀରସିନ୍ଧୁ ଭୋଇ (୪୫)। ସେହିପରି ବିଶାଳପାଲି ଗାଁର କବି କର୍ମୀ (୪୫) ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର କ୍ଷୀରସିନ୍ଧୁ ଓ କବି ବାଇକ୍‌ରେ ଲଛିପୁର ଅଭିମୁଖେ ଯାଉଥିଲେ। ସମ୍ମୁଖ ପଟୁ ତରଭା ଅଭିମୁଖେ ଯାଉଥିବା ଏକ ବସ୍ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର କ୍ଷୀରସିନ୍ଧୁଙ୍କୁ ମୃତ ଘୋଷଣା କରିଥିଲେ।

# ନେତାଜୀ, ବୀରସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ

ଖଡିଆଳ/ବୌଦ୍ଧ, ୨୩।୧ (ଡି.ଏନ.ଏ./ ସ୍ୱ.ପ୍ର.)

ନୂଆପଡା ଜିଲା ଖଡିଆଳସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଡିଆଳ ଯୁବା ମୋର୍ଚ୍ଚା ଏବଂ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ନେତାଜୀ ଓ ବୀରସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସଭାପତି ମେଜର ଡ. ରାମଚନ୍ଦ୍ର ମିଶ୍ର ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୀବନି, ବ୍ୟକ୍ତିତ୍ୱ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଏଥିରେ ଉପସଭାପତି ଶ୍ରୀବତ୍ସ ବାରିକ, ସମ୍ପାଦକ ସଚିତା ବେହେରା, ଅଧକ୍ଷ ବେଣୁଧର ବାଗ, ଚନ୍ଦ୍ର ତାଣ୍ଡି, ରିତିକା ବନଛୋର ଯୋଗଦେଇଥିଲେ। ଖଡିଆଳ ଯୁବମୋର୍ଚ୍ଚା ଓ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମୁକ୍ତାପୁର ସଭାଗୃହରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଆଇନଜୀବୀ ଚିତ୍ତରଞ୍ଜନ ସିଂଦେଓ, ସମ୍ମାନିତ ଅତିଥି ତପନ ରଞ୍ଜନ ଦାସ, ମୁଖ୍ୟବକ୍ତା ମେଜର ଡ. ରାମଚନ୍ଦ୍ର ମିଶ୍ର ଯୋଗଦେଇଥିବା ବେଳେ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ସିଂଦେଓ ସଭାପତିତ୍ୱ କରିଥିଲେ। ରଶ୍ମିରଞ୍ଜନ ପାଣିଗ୍ରାହୀ, ପ୍ରେମମୋହନ ପଟ୍ଟନାୟକ, ପଞ୍ଚାନନ ସେଠୀ, ଶିବପ୍ରକାଶ ଝା ପ୍ରମୁଖ ଉପସ୍ଥିତ ଥିବା ବେଳେ ରିତେଶ ବାଗୁ ଧନ୍ୟବାଦ ଅର୍ପଣ କରିଥିଲେ।

ବୌଦ୍ଧ ଜିଲା ଭାଜପା କାର୍ଯ୍ୟାଳୟଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗ ଦେଇଥିବା ଦଳୀୟ ନେତାମାନେ ନେତାଜୀଙ୍କ ସଂଗ୍ରାମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ଶ୍ୟାମସୁନ୍ଦର ପୁରୋହିତ, ସତ୍ୟାନନ୍ଦ ପାଣ୍ଡେ, ତାପସ କୁମାର ପଟ୍ଟନାୟକ, ପ୍ରେମାନନ୍ଦ ମିଶ୍ର, ମନୋରଞ୍ଜନ ଦାଶ, ଅରୁଣ କୁମାର ସେଠୀ, ନିରଞ୍ଜନ ଦାନୀ ଓ ଶିବ କ୍ଷେତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ବୋର୍ଡା ଚାମ୍ପିୟନ


ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

ଭବାନୀପାଟଣା, ୨୩।୧ (ସ୍ୱ.ପ୍ର./ଡି.ଏନ.ଏ.)

ଭବାନୀପଟାଣା ସଦର ବ୍ଲକ ପଲନା ପଞ୍ଚାୟତ ଖରସଲଠାରେ ଚାଲିଥିବା ପଞ୍ଚମ ବାର୍ଷିକ ମା' ମାଉଳି ଆଞ୍ଚଳିକ ଫୁଟବଲ ଟୁର୍ନମେଣ୍ଟ ଶୁକ୍ରବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଜାରିଙ୍ଗ ଓ ବୋର୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜାରିଙ୍ଗ ଦଳକୁ ୩–୦ ଗୋଲରେ ପରାସ୍ତ କରି ବୋର୍ଡା ଦଳ ଚାମ୍ପିୟନ ହୋଇଥିଲା। ଖେଳକୁ ମନୋଜ ରଥ ପରିଚାଳନା କରିଥିଲେ। ତୁଳସିରାମ ମାଝି, ଅଙ୍ଗିରା ମହାନନ୍ଦ ଓ ଲାଲବାହାଦୁର ବାଗ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅନାମ ନାଏକ, ସମ୍ମାନିତ ଅତିଥି ସରପଞ୍ଚ ଦୁର୍ଯ୍ୟୋଧନ ବାଗ, ସମିତି ସଭ୍ୟ ଖମାରୀ ବାଗ, ବିଶ୍ୱାମିତ୍ର କନ୍ଧପାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଉନ୍ନତମାନର ଖେଳ ପ୍ରଦର୍ଶନ କରିଥିବା ଭୋଲେଶଙ୍କର ମାଝିଙ୍କୁ ଶ୍ରେଷ୍ଠ ଖେଳାଳି ଓ ବେଷ୍ଟ ଗୋଲ କିପର ଭାବେ ଦେବାଶିଷ ଦୁରିଆ ଓ ଘାଟୁ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ ଡ.ଆମ୍ବେଡକର କ୍ଲବ ସମ୍ପାଦକ ବିଶିକେସନ ନାଏକ, ସହ ସମ୍ପାଦକ ବିଜୟ ମହାନନ୍ଦ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିବା ବେଳେ ସଭ୍ୟ କଳକୀ ମାଝି, ପ୍ରହ୍ଲାଦ ମହାନନ୍ଦ, ବିଘ୍ନରାଜ ମାଝି, ରୋମାଞ୍ଚଳ ସାହୁ, ପ୍ରଶାନ୍ତ ଜାଲ, ବରୁଣ ମହାନନ୍ଦ, ପାର୍ଥବ, ବିରଞ୍ଚି, ତରଣୀ, ମାରୁତ, ଅନାମ ଓ କ୍ଲବର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ବିନିକାରେ ସଚେତନତା ରାଲି

ବିନିକା, ୨୩।୧ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ସହରରେ ଜିଲା ପରିବହନ ବିଭାଗର ତରଫରୁ ୩୨ତମ ଜାତୀୟ ସଡକ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ବିନିକା ତହସିଲଦାର ଅଲେଖ ଘୁଟା ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏନେଇ ବିନିକା ଅଟୋ ସଂଘ ପକ୍ଷରୁ ସହରରେ ସଡକ ସୁରକ୍ଷା ଜୀବନ ରକ୍ଷା ନେଇ ସଚେତନତା ର୍‍ୟାଲି ହୋଇଥିଲା। ଏଥିରେ ଜିଲା ପରିବହନ ବିଭାଗ, ବିନିକା ଏନ୍‌ଏସିର କର୍ମଚାରୀମାନେ ସାମିଲ ହୋଇଥିଲେ। ରାଲି ପରେ ସଡକ ସୁରକ୍ଷା ସଚେତନତା ରଥ ସାରା ସହର ବୁଲି ସଚେତନତା ବାର୍ତ୍ତା ଦେଇଥିଲା। ଏନେଇ ବିନିକା ସହରସ୍ଥିତ ବିଜୁ ମାର୍କେଟ କମ୍ପ୍ଲେକ୍ସଠାରେ ଏକ ସଭା ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବରେ ବିନିକା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାୟକ, ସମ୍ମାନିତ ଅତିଥି ଭାବରେ ବିନିକା ଥାନା ଏସ୍‌ଆଇ ସୂର୍ଯ୍ୟକାନ୍ତ ସେଠୀ, ବିନିକା ବ୍ଲକ ସାମାଜିକ କର୍ମୀ ଅଶ୍ୱିନୀ ପାଣ୍ଡେ ଯୋଗ ଦେଇଥିଲେ। ଜିଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଏବଂ ଜୁନିୟର ପରିବହନ ଅଧିକାରୀ ଜୟ ପ୍ରକାଶ କୁଲୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କ୍ରିକେଟ: ବିରାମୁଣ୍ଡା ଚାମ୍ପିୟନ

ରିଷିଡା, ୨୩।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଉପକଣ୍ଠ ବଡଡୁଙ୍ଗୁରିଗୁଡାଠାରେ ଚାଲିଥିବା ସୁଧିର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବିରାମୁଣ୍ଡା (ବଲାଙ୍ଗୀର) ଦଳ ଡିକେ, ଲୁଙ୍ଗିବାହାଲ (ବଲାଙ୍ଗୀର) ଦଳକୁ ପରାସ୍ତ କରି ଚଳିତବର୍ଷର ଟାଇଟେଲ ହାସଲ କରିଛି। ବିରାମୁଣ୍ଡା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୯୫ ରନ ସଂଗ୍ରହ କରିଥିଲା। ଜବାବରେ ଡିକେ ଲୁଙ୍ଗିବାହାଲ ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟରେ ମାତ୍ର ୧୩୪ ରନ ସଂଗ୍ରହ କରିଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସମେତ ୧୫ ହଜାର ଟଙ୍କା ଓ ରର୍ନସ ଅପ୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜପୁର ପଞ୍ଚାୟତ ସରପଞ୍ଚ ମହେନ୍ଦ୍ର ରଣା ଏବଂ ଆୟୋଜକ ସମୀର କୁମାର ମିଶ୍ରଙ୍କ ସମେତ ଗ୍ରାମ୍ୟ କମିଟି ମୁଖିଆମାନେ ଯୋଗଦେଇଥିଲେ। ମ୍ୟାନ ଅଫ୍ ଦି ସିରିଜ ଦିଲୀପ, ମ୍ୟାନ ଅଫ୍ ଦି ମ୍ୟାଚ ନିଳକଣ୍ଠ, ବେଷ୍ଟ ବୋଲର ରୋହନ, ବେଷ୍ଟ ସିକ୍ସର ବୁଲୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁନୀଲ କୁମାର ସାହୁ, ପ୍ରଦୀପ କୁମାର ଭୋଇ ଖେଳ ପରିଚାଳନା କରିଥିଲେ। ବିବେକ ମିଶ୍ର, ସୁମନ୍ତ ବଡ଼େଇ ଓ ସଚିକାନ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍କୋରର ଶିବ ପୁଟେଲ ଥିବା ବେଳେ ପୀତାମ୍ବର ମଟାଲି, ସୌମ୍ୟରଞ୍ଜନ ଗହିର, ତପନ ପୁଟେଲ, ଦ୍ୟୁତି ପ୍ରକାଶ ମିଶ୍ର ଓ କେଶୁଲାଲ ଗହିର ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପୁରସ୍କାର ଓ ଅର୍ଥ ପ୍ରଦାନ କରାଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୪ ଜାନୁୟାରୀ, ୨୦୨୧

## ଗଡ଼ିଲା ଶାନ୍ଧ ରଥ

କୋକସରା, (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଶୁକ୍ରବାର କୁଷ୍ଠ ନିରାକରଣ ଓ ସଚେତନତା ପାଇଁ ଆରମ୍ଭ ହୋଇଛି ଶାନ୍ଧ ରଥ । ରଥକୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ା. ତତ୍ତ୍ୱଦର୍ଶୀ ଦାସ ଉଦ୍‌ଘାଟନ କରିଛନ୍ତି । ଆସନ୍ତା ୩୦ ତାରିଖ ଯାଏ ଏହି ଅଭିଯାନ ଚାଲିବ ଏବଂ ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରି କୁଷ୍ଠ ରୋଗ ଲକ୍ଷଣ ଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ଉପଯୁକ୍ତ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି । ଏହି ଅବସରରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଚିଦାନନ୍ଦ ପଣ୍ଡା, ବିପିଏମ୍ ଏମ. ରାଜଶେଖର, ସ୍ୱାସ୍ଥ୍ୟ କର୍ମୀ ନୀଳମଣି ଖମାରୀ ଓ ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ବ୍ଲକସ୍ତରୀୟ ଶିଶୁ ସମ୍ପର୍କ ଯାତ୍ରା

ସୋନପୁର,୨୩।୧(ନି.ପ୍ର.): ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର, ସଖୀ ଓ ଚାଇଲ୍ଡ ଲାଇନର ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଶିଶୁ ସମ୍ପର୍କ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ସୋନପୁର ବ୍ଲକର ଲଛିପୁରସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଓ ଶୁକ୍ରବାର ଖଲିଆପାଲିସ୍ଥ ଏକ କଲ୍ୟାଣ ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ହିମାଂଶୁ ନାୟକ, ସଭ୍ୟା ରଞ୍ଜିତା ସାହୁ, ସଭ୍ୟ ମଧୁସୂଦନ ପ୍ରଧାନ, ଦିଲୀପ କୁମାର ମୁଖି, ବରୁଣ ମହାନ୍ତି, ରେଆରର କାର୍ଯ୍ୟକ୍ରମ ସଂଯୋଜକ ବିକାଶ କୁମାର ମେହେର, ସୁଶାନ୍ତ କୁମାର ସା ଓ ଝରଣା ପଟ୍ଟନାୟକ ଯୋଗ ଦେଇଥିଲେ । ଏହାଛଡା ସଖୀର ସଂଯୋଜକ ଗୁଲସାନାରା ବେଗମ ଓ ଶାନ୍ତି ଫୁଲରା, ଚାଇଲ୍ଡ ଲାଇନ୍‌ର ରୋଜି ସା, ଶିଲ୍ପାଞ୍ଜଳୀ ତିର୍କୀ, ଗାୟତ୍ରୀ ବହିଦାର ଓ ଆନନ୍ଦିନୀ ଷାଣ୍ଡ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଥବିର କାଲସେ ଯୋଗଦାନ କରିଥିଲେ । ଦୁଇଦିନିଆ କାର୍ଯ୍ୟକ୍ରମରେ ୫ଟି ପରିବାର ଓ ୧୩୦ ଶିଶୁଙ୍କ ସହ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ ।

### ବଣ୍ଟନ ହେଲା ୧୫,୪୫୭ ମଶାରି

ଲୋଇସିଂହା,୨୩।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଲୋଇସିଂହା, ହୀରାପୁର, କନ୍ଦାଜୁରୀ ଓ କୁଟେନପାଲି ୪ଟି ସବ୍‌ସେଣ୍ଟରର ଅଙ୍ଗନୱାଡି କେନ୍ଦ୍ରରେ ଉକ୍ତ ମଶାରି ବଣ୍ଟନ କରାଯାଇଥିଲା । ଉପରୋକ୍ତ କେନ୍ଦ୍ରଗୁଡିକରେ ମୋଟ ୧୫୪୫୭ଟି ମଶାରି ବଣ୍ଟନ କରାଯାଇଛି । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ୪ଟି ସବ୍‌ସେଣ୍ଟର ଗସ୍ତ କରି ମଶାରି ବଣ୍ଟନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ବିଡିଓ ରାମଚନ୍ଦ୍ର ଖାଡିଆ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଓ ଷ୍ଟାଫ୍ କେନ୍ଦ୍ର ପରିଦର୍ଶନ କରିଥିଲେ ।

### ବାଉଁଶ କାରିଗରି ପ୍ରଶିକ୍ଷଣ ଶିବିର

ଅମରପାଲି,୨୩।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଠାକୁରପୁର ଗ୍ରାମରେ ବାଉଁଶ କାରିଗରୀ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ଉକ୍ତ ଶିବିର ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ନାବାର୍ଡ ସୋନପୁର ଓ ସ୍ୱେଚ୍ଛାସେବୀ ସଂଗଠନ ସ୍ୱୋରର ଆନୁକୂଲ୍ୟରେ ହେଉଥିବା ଉକ୍ତ ପ୍ରଶିକ୍ଷଣ ଶିବିରରେ ନାବାର୍ଡର ଏଜିଏମ ତାପସ ଶଙ୍କର ରାଉତ, ଏଲଡିଏମ ସରୋଜ କୁମାର ଦାଶ, ନାବାର୍ଡ ଇ-ଶକ୍ତି ପ୍ରକଳ୍ପର ସୀମା ବେହେରା ପ୍ରମୁଖ ଯୋଗଦେଇ ବାଉଁଶ କାରିଗରଙ୍କ ଦକ୍ଷତା ଉପରେ ଆଲୋଚନା କରିଥିଲେ । ଆଶିଷ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପିତାମହୁଲର ଏମବିକେ ମଲ୍ଲି ସାହୁ ଧନ୍ୟବାଦ ଦେଇଥିଲେ । ନାରାୟଣ ଛତ୍ରିଆ, ଲଳିତା ସାହୁ ଓ ସାନିନୀ ବଘାର ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ ।

### ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

ଅମରପାଲି,୨୩।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଶନିବାର ଜିଲା ପରିବହନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଜାତୀୟ ସଡକ ସୁରକ୍ଷା ମାସ ପାଳିତ ହୋଇଯାଇଛି । ଏହି ଅବସରରେ ବୀରମହାରାଜପୁର ଆଦର୍ଶ ଥାନା ପରିସରରୁ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ଆରଟିଓ ରବୀନ ପଟ୍ଟନାୟକ, ସ୍ଥାନୀୟ ଏସ୍‌ଡିପିଓ ଧୃରୋଜ ଚୌପଦାର ସଡକ ସୁରକ୍ଷା ରଥକୁ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ସ୍ଥାନୀୟ ପୋଲିସ, ଆରଟିଓ କର୍ମଚାରୀ, ବୀରମହାରାଜପୁର ଅଟୋ ଆସୋସିଏଶନ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ଶୋଭାଯାତ୍ରା ଥାନାରୁ ବାହାରି ଚାରିଛକରେ ପହଞ୍ଚିଥିଲା । ସେଠାରେ ଏକ ସଚେତନତା ସଭା କରାଯାଇଥିଲା। ସଭାରେ ଆରଟିଓ, ଏସ୍‌ଡିପିଓ ଏବଂ ସ୍ଥାନୀୟ ଥାନା ଅଧିକାରୀ ପ୍ରଭାଧନ ଲୋକଙ୍କୁ ଟ୍ରାଫିକ ନିମୟ ମାନି ଗାଡି ଚଳାଇବାକୁ କହିବା ସହିତ ସଡକ ଦୁର୍ଘଟଣା ହ୍ରାସ ପାଇଁ ଆଗକୁ ପଦକ୍ଷେପ ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ଏମଭିଆଇ ଜୋନ ପ୍ରତାପ କୁଲୁ ସଭା ପରିଚାଳନା କରିଥିଲେ ।

# କୃଷି ଆଇନ ବିରୋଧରେ ଚାଷୀ ଏକଜୁଟ

ବରଗଡ଼ ଅଫିସ୍,୨୩।୧


ସମାବେଶରେ ଯୋଗଦେଇଛନ୍ତି ପଶ୍ଚିମ ଓଡ଼ିଶାର ଚାଷୀ ପ୍ରତିନିଧିବୃନ୍ଦ ।

- ବରଗଡ଼ରେ କୃଷକ ମୁକ୍ତି ସଂଗ୍ରାମ ସଂକଳ୍ପ ସମାବେଶ
- ପଶ୍ଚିମ ଓଡ଼ିଶାର ଚାଷୀ ପ୍ରତିନିଧିମାନେ ସାମିଲ
- ପ୍ରତ୍ୟାହାର ଦାବିରେ ଚାଷୀ ଦେଲେ ରଣହୁଙ୍କାର
- ବଲାଙ୍ଗୀରରେ ହେବ ଚାଷୀଙ୍କ ଟ୍ରାକ୍ଟର ପରେଡ୍
- ଦିଲ୍ଲୀ ଯିବେ ପଶ୍ଚିମ ଓଡ଼ିଶା ଚାଷୀ ପ୍ରତିନିଧି

କେନ୍ଦ୍ର ସରକାରଙ୍କ ୩କୃଷି ଆଇନ କୃଷକମାନଙ୍କ ପାଇଁ ମୃତ୍ୟୁଘଣ୍ଟି। କୃଷିକ୍ଷେତ୍ରରେ ମୁକ୍ତ ବଜାର ପାଇଁ ଏହି ବ୍ୟବସ୍ଥା ବଡ଼ବଡ଼ ଘରୋଇ ଦେଶୀ, ବିଦେଶୀ କମ୍ପାନୀମାନଙ୍କର ସୁରକ୍ଷା ପାଇଁ ଉଦ୍ଦିଷ୍ଟ । ଏହି ଆଇନ କୃଷିକ୍ଷେତ୍ରର ବଜାର, ବିତରଣ ଓ ଉତ୍ପାଦନ ବ୍ୟବସ୍ଥାରେ ବଡ଼ କମ୍ପାନୀମାନଙ୍କର ଅବାଧ ପ୍ରବେଶର ଅଇନଗତ ଅନୁମତି ଓ ସୁରକ୍ଷା ବ୍ୟବସ୍ଥା ଦେଶର ଚାଷୀକୁଳକୁ ତଳିତଳାନ୍ତ କରିଦେବ। ଏଭଳି କଳା ଆଇନକୁ ବରଦାସ୍ତ କରାଯିବ ନାହିଁ। କେନ୍ଦ୍ର ସରକାର ଏହାକୁ ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଚାଷୀଙ୍କ ଦୁର୍ବାର ଆନ୍ଦୋଳନ ଜାରି ରହିବ। ଶନିବାର ଜୟ କିଶାନ ଆନ୍ଦୋଳନ ଓ ପଶ୍ଚିମଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆହ୍ୱାନରେ ବରଗଡ଼ ଗାନ୍ଧୀଛକରେ ଅନୁଷ୍ଠିତ କୃଷକ ମୁକ୍ତି ସଂଗ୍ରାମ ପାଇଁ ସଂକଳ୍ପ ସମାବେଶରେ ଚାଷୀନେତାମାନେ ଚେତାବନୀ ଦେଇଛନ୍ତି।

ପୂର୍ବ ନିର୍ଦ୍ଧାରୀତ କାର୍ଯ୍ୟକ୍ରମ ଅନୁଯାୟୀ ପଶ୍ଚିମ ଓଡ଼ିଶାର ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା, ଦେବଗଡ଼ ଆଦି ଜିଲାର ଚାଷୀମାନେ ଗାନ୍ଧୀଛକରେ ସମବେତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସମାବେଶସ୍ଥଳୀକୁ ପହଞ୍ଚିଥିଲେ। ଜୟ କିଶାନ ଆନ୍ଦୋଳନ ବରଗଡ଼ ଜିଲା ସଭାପତି ସୁଶୀଲ କୁମାର ସାହୁ ସ୍ୱାଗତ ଭାଷଣ ଦେବା ପରେ ବିଭିନ୍ନ ଜିଲାରୁ ଆସିଥିବା ଚାଷୀ ପ୍ରତିନିଧିମାନେ ଉଦ୍‌ବୋଧନ ଦେଇଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ଉଦ୍‌ବୋଧନ ଦେଇ କେନ୍ଦ୍ର ସରକାରଙ୍କ ତିନି କୃଷି ଆଇନକୁ କଳା ଆଇନ ବୋଲି ଅଭିହିତ କରିଥିଲେ। ଏହି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀସୀମାରେ ୫୮ଦିନ ହେଲା ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ଏହାକୁ ପ୍ରତିହତ କରିବା ପାଇଁ କେନ୍ଦ୍ରର ମୋଦି ସରକାର ସବୁ ପ୍ରକାର ଅପଚେଷ୍ଟା କରି ବିଫଳ ହୋଇଛନ୍ତି। ଆନ୍ଦୋଳନରେ ସାମିଲ ହୋଇ ଅନେକ ଚାଷୀ ବଳିଦାନ ଦେଇଛନ୍ତି। ତଥାପି କେନ୍ଦ୍ର ସରକାର ନୀରବ, ନିର୍ବିକାର ରହିଛନ୍ତି। ୩ ନୂଆ କୃଷି ଆଇନକୁ ସରକାର ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଚାଷୀଙ୍କ ଲଢ଼େଇ ଜାରି ରହିବ। ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନ ତଥା ଆସନ୍ତା ୨୬ତାରିଖ ସେଠାରେ ହେବାକୁ ଥିବା ଟ୍ରାକ୍ଟର ପରେଡ୍‌ରେ ସାମିଲ୍ ହେବା ପାଇଁ ପଶ୍ଚିମ ଓଡ଼ିଶାରୁ ମଧ୍ୟ ଏକ ଚାଷୀ ପ୍ରତିନିଧି ଦଳ ସେଠାକୁ ଯିବେ ବୋଲି ସେ କହିଥିଲେ। ସେହିପରି ସାଧାରଣତନ୍ତ୍ର ଦିବସରେ ବଲାଙ୍ଗୀରରେ ମଧ୍ୟ ଚାଷୀଙ୍କ ଏକ ଟ୍ରାକ୍ଟର ପରେଡ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସେ ସୂଚନା ଦେଇଥିଲେ।

ପଶ୍ଚିମଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଅନ୍ୟତମ ଆବାହକ ଅଶୋକ ପ୍ରଧାନ ଉଦ୍‌ବୋଧନ ଦେଇ ନୂଆ କୃଷି ଆଇନ ଚାଷୀଙ୍କ ପାଇଁ ନୁହେଁ, ଏହା ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଦିଲ୍ଲୀରେ ଚାଲିଥିବା ଚାଷୀ ଆନ୍ଦୋଳନକୁ ପଶ୍ଚିମଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତି ସମର୍ଥନ ଜଣାଇ ଆଗକୁ ଦୁର୍ବାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଥିଲେ। ସମାବେଶରେ କଳାହାଣ୍ଡିରୁ ନିରଞ୍ଜନ ପ୍ରଧାନ, ଲକ୍ଷ୍ମଣ ରଣବୀର, ବିଶ୍ୱନାଥ କର, ଝାରସୁଗୁଡ଼ାରୁ ଦିଲୀପ ବରେଇ, ପଞ୍ଚାନନ ପ୍ରଧାନ, ବିରଞ୍ଚି ସାହୁ, ଦେବଗଡ଼ରୁ ପ୍ରମୋଦ ଝାଙ୍କର, ସୋନପୁରରୁ ବୈକୁଣ୍ଠ ଶତପଥୀ, ସମ୍ବଲପୁରରୁ ମୁରାରୀ ପୁରୋହିତ, ହରିଶଙ୍କର ପୁରୋହିତ, ସରୋଜ ମହାନ୍ତି, ଜୟ କିଶାନ ଆନ୍ଦୋଳନର ହର ବଣିଆ, ରମେଶ ମହାପାତ୍ର ପ୍ରମୁଖ ଉଦବୋଧନ ଦେଇଥିଲେ। ସେହିପରି ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ମୃତଚାଷୀଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କିଶୋର ସାହୁ କ୍ରାନ୍ତିକାରୀ ଗୀତ ଗାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତବେଳେ କୋଭିଡ୍ ନିୟମ ଉଲ୍ଲଂଘନ

କୋକସରା, ୨୩।୧ (ଡି.ଏନ.ଏ.)

କୋଭିଡ୍ ନିୟମ ନେଇ ରାଜ୍ୟ ସରକାର କଟକଣା ଜାରି କରିଥିବା ବେଳେ ବିଜେଡି ସରକାର ସବୁ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରିଥିବା ନେଇ କୋକସରା ବ୍ଲକ ଅଖିଳ ଭାରତୀୟ କଂଗ୍ରେସ କର୍ମୀ ଅଭିଯୋଗ କରିଛନ୍ତି। ଶନିବାର ବ୍ଲକ ସଭାପତି ରାଜେନ୍ଦ୍ର ନାଏକଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ କୋକସରା ଥାନାରେ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଗତ ୧୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ସମୟରେ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ମାଳମାଳ ମନ୍ତ୍ରୀ, ବିଧାୟକ ୧୩ ତାରିଖରେ କୋକସରା ବ୍ଲକ ବିଭିନ୍ନ ପଞ୍ଚାୟତରେ ସଭା ସମିତି କରି ଶହ ଶହ ଲୋକଙ୍କୁ ଠୁଳ କରିବା ସହ ବିନା ଅନୁମତିରେ ବିଜେଡିର ପୋଷ୍ଟର, ବ୍ୟାନର, ବାଜା ସାଂସ୍କୃତିକ ଦଳ ଆଣି ସଭା ସମିତି କରିଥିଲେ । ପୁଣି ମୁଖ୍ୟମନ୍ତ୍ରୀଙ୍କ ମେଗାଲିଫ୍ଟ ଉଠା ଜଳସେଚନ ଉଦ୍‌ଘାଟନ ଅବସରରେ ବସ ଲଗାଇ ଶହ ଶହ ଲୋକଙ୍କୁ ସମାବେଶକୁ ନିଆଯାଇଥିଲା ଯାହାକି କୋଭିଡ୍ ନିୟମ ଉଲ୍ଲଂଘନ ବୋଲି ଅଭିଯୋଗ କରି ଏକ ଏଫଆଇଆର ଥାନା ଅଧିକାରୀଙ୍କୁ ଦେଇଛନ୍ତି। ଏହି ସମୟରେ କଂଗ୍ରେସର ତ୍ରିଭୁବନ ନାଏକ, ଧନେଶ୍ୱର ମହାନନ୍ଦ, ଦେବରାଜ ମାଝି, ପରମାନନ୍ଦ ଶଗଡ଼ିଆ, ଦିଗାମ୍ବର ବେମାଲ, କାର୍ତ୍ତିକ ନାଗ, ବସନ୍ତ ସରାବୁ ଓ ଅନ୍ୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦଶପଲ୍ଲାକୁ ହରାଇ ସମ୍ବଲପୁର ଫାଇନାଲରେ


ଖେଳାଳି ଓ ଅତିଥି ।

ବଘିଆପଡ଼ା ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ବଘିଆପଡା,୨୩।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ଅନ୍ତର୍ଗତ ବଘିଆପଡା ଖେଳପଡିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ଦଶପଲା ଓ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶପଲା ଦଳ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ହରଭଙ୍ଗା ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସମ୍ବଲପୁର ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା। ଦଶପଲା ଓ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୭ ଓଭର ବିଶିଷ୍ଟ ସେମିଫାଇନାଲରେ ସମ୍ବଲପୁର ଦଳ ୪ ଉଇକେଟ ହରାଇ ୯୫ ରନ କରିଥିବା ବେଳେ ଦଶପଲା ଦଳ ୬ ଉଇକେଟ ହରାଇ ୪୯ ରନ କରିଥିଲା। ଖେଳରେ ଦଶପଲ୍ଲାକୁ ହରାଇ ସମ୍ବଲପୁର ଦଳ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ଦିବସ ଖେଳରେ ମୁଖ୍ୟଅତିଥି ଭାବରେ ବଘିଆପଡା ଫାଣ୍ଡି ଅଧିକାରୀ ତପନ ସ୍ୱାଇଁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମେଣ୍ଡିମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସ୍ୱରୁପ କୁମାର ମହାପାତ୍ର, ଗୌଡଦେଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଅମାତ, ବଘିଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା ଶିବକଲ୍ୟାଣ ସୁମନ ପ୍ରଧାନ, ବଘିଆପଡା ଓ ଟିକରପଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ଯୁବ ବିଜେଡି ନେତା ଦେବହରିମହାକୁଡ ଓ କୃଷିବୈଜ୍ଞାନିକ ଜ୍ୟୋତିରେଖା ମଲ୍ଲିକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟାର ଭାବରେ ସୁଶାନ୍ତ କୁମାର ସାହୁ, ରାମଚନ୍ଦ୍ର ଦଳବେହେରା, ତାପସ ରଞ୍ଜନ ବେହେରା ଦାୟିତ୍ୱ ତୁଲାଇଥିଲେ। କେଶବ ରଞ୍ଜନ ବେହେରା ଓ ପ୍ରତୀକ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ରବିବାର ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ସମ୍ବଲପୁର ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ପ୍ରିୟବ୍ରତ ସାହୁଠାରୁ ଜଣାଯାଇଛି।

## ଏମ୍‌ଏନ୍‌ସିସି କ୍ରିକେଟ: ଷଣ୍ଢା, ବାଗବର ବିଜୟୀ

ଅମରପାଲି,୨୩।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟସ୍ଥ ଉଫୁଲାଠାରେ ୧୬ତମ ଏମଏନସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ବିଜୁ ଛାତ୍ର ଜନତା ଦଳର ଉପସଭାପତି ଶୈଳରଞ୍ଜନ ବାଦୀ ମୁଖ୍ୟଅତିଥି ଏବଂ କ୍ରୀଡାବିତ ଭରତ ଭୋଇ, ହରିବେହିଡ଼ା ଓ ଜନାର୍ଦ୍ଦନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚ ଉଫୁଲା ଓ ଷଣ୍ଢା ମଧ୍ୟରେ ଖେଳା ଯାଇଥିଲା। ଉଫୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୫୩ ରନ କରିଥିଲା। ଜବାବରେ ଷଣ୍ଢା ଦଳ ୩ ଓଭରରେ କୌଣସି ଉଇକେଟ ନ ହରାଇ ୫୪ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବୀରମହାରାଜପୁର ବାଘାସ ଓ ବାଗବର ମଧ୍ୟରେ ହୋଇଥିଲା। ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୫୮ ରନ କରିଥିଲା। ଜବାବରେ ବାଗବର ଦଳ ରିଙ୍କୁଙ୍କ ୪୩ ଓ ସୁମନ୍ତଙ୍କ ୩୯ ରନ ସହାୟତାରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଖେଳଗୁଡିକରେ ଭରତ ଓ ବରୁଣ ଗୁଦୁରିଆ ଅମ୍ପାୟାର, ନୟନ ନାଏକ ସ୍କୋରିଙ୍ଗ ଦାୟିତ୍ୱ ତୁଲାଇଥିଲେ।

## ବୋଲେରୋ ଧକ୍କାରେ ବୃଦ୍ଧ ମୃତ, ରାସ୍ତାରୋକୋ


ମୃତଦେହ ରଖି ଲୋକେ ରାସ୍ତା ଅବରୋଧ କରିଛନ୍ତି।

ସଇଁତଲା, ୨୩।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ଥାନା ଅନ୍ତର୍ଗତ ଜଳିଆଦରହ ଗ୍ରାମ ଛକରେ ଶନିବାର ବୋଲେରୋ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜଳିଆଦରହ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ (୬୩)। ଖବର ପ୍ରଚାରିତ ହେବା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ୬ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ସଇଁତଲା ତହସିଲଦାର ତଥା ମାଜିଷ୍ଟ୍ରେଟ ସୁମନ କିଶୋର ଡୁଙ୍ଗଡୁଙ୍ଗ, ଥାନାଧିକାରୀ ବାରିଣୀ ଦାସ, ଏସଆଇ ପ୍ରସନ୍ନ ନାଏକ, ଏଏସଆଇ ପ୍ରସନ୍ନ ଭୋଇ, ମାନଭୟ ନନ୍ଦ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଅପରାହ୍ନ ୪ଟାରେ ବୋଲେରୋ ମାଲିକ ଅନ୍ୟଜଣଙ୍କୁ ଘଟଣାସ୍ଥଳକୁ ପଠାଇ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ବାବଦକୁ ୩ଲକ୍ଷ ଟଙ୍କା ଦେବାପରେ ରାସ୍ତା ଅବରୋଧ ହଟିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏ ନେଇ ସଇଁତଲା ଥାନାରେ ଏକ ମାମଲା(ନଂ.୩୧/୨୧) ରୁଜୁ ହୋଇଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶନିବାର ପୂର୍ବାହ୍ନ ୧୦ଟାରେ କୃଷ୍ଣଚନ୍ଦ୍ର ସାଇକେଲରେ ରାସ୍ତାର ଅପରପାର୍ଶ୍ୱରେ ଥିବା ନିଜ ବିଲକୁ ଯିବା ପାଇଁ ଜାତୀୟ ରାଜପଥ-୨୬ ଅତିକ୍ରମ କରୁଥିଲେ। ଏହି ସମୟରେ ବଲାଙ୍ଗୀର ପଟରୁ ଆସୁଥିବା ଏକ ବୋଲେରୋ (ନଂ.ଓଡ଼ି୦୩-ଜେ-୮୯୫୮) ତାଙ୍କୁ ଧକ୍କାଦେଇ ରାସ୍ତାକଡ଼କୁ ପଶି ଯାଇଥିଲା। ଘଟଣାସ୍ଥଳରେ କୃଷ୍ଣଚନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡି ଡ୍ରାଇଭର ଓ ମାଲିକ ଫେରାର ହୋଇଯାଇଥିଲେ।

## ମଣ୍ଡି ସ୍ଥିତି ଅନୁଧ୍ୟାନ କଲେ ଅଧିକାରୀ

ଲୋଇସିଂହା,୨୩।୧(ଡି.ଏନ.ଏ)

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ମଣ୍ଡିରେ ଧାନକିଣା ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଶନିବାର ଲୋଇସିଂହା ଅତିରିକ୍ତ ତହସିଲଦାର ଅଶୋକ କୁମାର ମିଶ୍ର ଓ ବ୍ଲକ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ ବ୍ଲକର ଲୋଇସିଂହା, କନ୍ଦାଜୁରୀ, କୁଶଙ୍ଗ, ବୁର୍ଡା ଓ ଯୋଗୀସର୍ଡା ମଣ୍ଡିକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ମଣ୍ଡିରେ ରେଜିଷ୍ଟର ଯାଞ୍ଚ କରିଥିଲେ। ପ୍ରତ୍ୟେକ ମଣ୍ଡିରେ ଟୋକନ ପାଇଥିବା ଚାଷୀଙ୍କ ଧାନ ଗଚ୍ଛିତ ଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ଆଗୁଆ ଟୋକନ ପାଇଥିବା ଚାଷୀଙ୍କ ଧାନ ପଡି ରହିଥିବାବେଳେ ପଛରେ ଟୋକନ ପାଇଥିବା ଚାଷୀଙ୍କ ଧାନ ଆଗୁଆ ଉଠିଯାଇଥିବା ଚାଷୀମାନେ ଅଧିକାରୀଙ୍କୁ ଜଣାଇଥିଲେ। ମଣ୍ଡିରେ ସମସ୍ୟା ନେଇ ଚାଷୀଙ୍କଠାରୁ ଅଭିଯୋଗ ମିଳିଥିବା ଅତିରିକ୍ତ ତହସିଲଦାର ମିଶ୍ର କହିଛନ୍ତି। ବ୍ଲକ ଯୋଗାଣ ଅଧିକାରୀ ମହାନନ୍ଦ କହିଛନ୍ତି ଯେ, ଆରଆଇ, ଗ୍ରାମ୍ୟ କୃଷି କର୍ମଚାରୀ ଓ ସମବାୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଭାଗଚାଷୀଙ୍କ ଚାଷ କରିଥିବା କ୍ଷେତ୍ର ପରିଦର୍ଶନ କରିବେ। ସେଥିରେ ପ୍ରକୃତରେ ଧାନ ଚାଷ ହୋଇଥିଲା କି ନାହିଁ ଦେଖିବେ ବୋଲି ପ୍ରକାଶ କରିଥିଲେ। ନକଲି ଭାଗ ଚାଷୀ ହୋଇ ଧାନ ବିକ୍ରି କରିଥିବା ପ୍ରମାଣ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।


ଅଧିକାରୀମାନେ ଲୋଇସିଂହା କୃଷି ସମବାୟ ସମିତି ଗୋଦାମ ଗୃହ ଯାଞ୍ଚ କରୁଛନ୍ତି।

# କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଇଚ୍ଛାଶକ୍ତି ଲୋଡ଼ା

ବଲାଙ୍ଗୀର ଅଫିସ,୨୩।୧



ସୁଭାଷ ପରବ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଶେଖ୍ ରମ୍‌ଜାନ କ୍ୟୁରେସିଙ୍କୁ ମରଣୋତ୍ତର ସମ୍ମାନକୁ ତାଙ୍କ ପୁଅ ଗ୍ରହଣ କରୁଛନ୍ତି ।

- ସୁଭାଷ ପରବରେ ଆଲୋଚନାଚକ୍ର
- ଶେଖ୍ ରମଜାନ୍ କ୍ୟୁରେସିଙ୍କୁ ମରଣୋତ୍ତର ସୁଭାଷ ପରବ ସମ୍ମାନ
- ନେତାଜୀ ସୁଭାଷ, ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

ଓଡିଶାରେ ଗୋଟିଏ ମାତ୍ର କୃଷି ବିଶ୍ୱବିଦ୍ୟାଳୟ ରହିଛି। ଏଥିରୁ ରାଜ୍ୟ ସରକାରଙ୍କ କୃଷିକ୍ଷେତ୍ର ପ୍ରତି ପ୍ରାଥମିକତା କ୍ଷେତ୍ର ଜଣାପଡିଯାଉଛି। ଭୁବନେଶ୍ୱରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଆଗରୁ ସେଠାରେ କିଛି ବି ଭିତ୍ତିଭୂମି ନଥିଲା। ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରଚୁର ଭିତ୍ତିଭୂମି ରହିଛି। କେବଳ ରାଜ୍ୟ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ରାଜ୍ୟ ସରକାର ଆଉ କାଳ ବିଳମ୍ବ ନକରି ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରନ୍ତୁ ବୋଲି ସୁଭାଷ ପରବ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି।

ନେତାଜୀ ସଂଗ୍ରାମୀ ପରିଷଦର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବଲାଙ୍ଗୀରରେ ରାଜ୍ୟର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନର ଭିତ୍ତିଭୂମି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିବକ୍ତାଭାବେ ପ୍ରାକ୍ତନ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ. ଜୟକୃଷ୍ଣ ଦାଶଶର୍ମା ଏବଂ ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ କେଶବ ଚରଣ ମିଶ୍ର ଯୋଗଦାନ କରିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଭାରେ ବିଶିଷ୍ଟ ସାମାଜିକ କର୍ମୀ ଲଳିତ କୁମାର ନାୟକଙ୍କ ବିୟୋଗରେ ନୀରବ ପ୍ରାର୍ଥନ କରାଯାଇଥିଲା। ପ୍ରେରଣା ସମ୍ପାଦକ ରଘୁନନ୍ଦନ ସିଂ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପରିଷଦ ସଭ୍ୟ ଆଡ୍‌ଭୋକେଟ ଗୋପାଳ ହୋତା ଅତିଥି ପରିଚୟ ଓ ଆବାହକ ବୀରେନ୍ଦ୍ର ବନଛୋର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାଧାରଣ ସମ୍ପାଦକ ଜଗନ୍ନାଥ ମହାଣା ଆଲୋଚନାଚକ୍ର ଉପରେ ଆଲୋକପାତ କରିଥିଲେ। ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନସମ୍ପଦରେ ଭରପୁର ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବ୍ୟାପକ ଭିତ୍ତିଭୂମି ରହିଛି ଓ ସରକାର ଶୀଘ୍ର ଏଦିଗରେ ପଦକ୍ଷେପ ନେବା ଉଚିତ୍ ବୋଲି ଦୁଇବକ୍ତା କହିଥିଲେ। ଏହି ଅବସରରେ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଆଜାଦ୍ ହିନ୍ଦ୍ ଫୌଜ୍‌ର ସଂଗ୍ରାମୀ ସାଥୀ ବରଗଡ ଜିଲା ମାଣ୍ଡୋସିଲ ନିବାସୀ ଶେଖ୍ ରାମଜାନ୍ କୁରେସୀଙ୍କୁ ମରଣୋତ୍ତର ସୁଭାଷ ପରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ କ୍ୟୁରେସୀଙ୍କ ପୁତ୍ର ଅଲି ମହମ୍ମଦ କ୍ୟୁରେସୀ ସମ୍ମାନ ଗ୍ରହଣ କରିଥିଲେ। ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ସଦସ୍ୟ ଧୀରେନ୍ ମହାନ୍ତି ସମ୍ମାନ ଉତ୍ତର ରଖିଥିଲେ। ପରିଷଦ ଉପଦେଷ୍ଟା ରାଜେନ୍ଦ୍ର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ସହରର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସକାଳେ ନେତାଜୀ ସଂଗ୍ରାମୀ ପରିଷଦ ପକ୍ଷରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟସ୍ଥ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।